

ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଖାରଜ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 346 ଭାଗ ୩୩ | ସଂଖ୍ୟା ୩୪୬ | Thursday 12 March 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର ୧୨ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ମଧ୍ୟପ୍ରାଚ୍ୟରେ ଫସିଛନ୍ତି ଓଡ଼ିଆ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ)ଃ ମଧ୍ୟପ୍ରାଚ୍ୟରେ ସମ୍ପ୍ରତି ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ସେଠାରେ ଅନେକ ଓଡ଼ିଆ ଲୋକ ଅଟକି ରହିଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ ଏହି ଘଟଣା ଉପରେ ନଜର ରଖିବାକୁ ଏବଂ ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



**ପରିସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ**

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗତ ୨ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଧ୍ୟପ୍ରାଚ୍ୟ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ (ଓଏସଡି) ପ୍ରୀତୀଶ ପଣ୍ଡାଙ୍କୁ ଏହାର ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି।

ବର୍ତ୍ତମାନ ସୁଦ୍ଧା ଓଡ଼ିଶା ପରିବାରକୁ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଓଡ଼ିଆ ଲୋକମାନଙ୍କ ପକ୍ଷରୁ ପ୍ରାୟ ୨୦୦ ଟେଲିଫୋନ ଆସିଛି ଏବଂ ନିର୍ଦ୍ଦେଶାଳୟ ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ କରାଯାଇ ସେମାନଙ୍କ ଫେରିବା ସମ୍ପର୍କରେ ସହାୟତା କରାଯାଉଛି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲରୁମ୍ କରାଯାଇ ଟୋଲ ଫ୍ରି ନମ୍ବର ୧୮୦୦-୧୧୮-୭୯୭ ଜାରି କରାଯାଇଛି।

ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁବାଇ, ଆବୁଧାବୀ ଓ ବାହରିନ୍‌ରେ ଥିବା ଓଡ଼ିଆ ଆସୋସିଏସନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇ ସେଠାକାର ବାସ୍ତବ ପରିସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ସୂଚନାଯୋଗ୍ୟ ଯେ ଦୁବାଇରେ ୩୫ ଜଣ ଓଡ଼ିଆ ପର୍ଯ୍ୟଟକ ଫସି ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣ କେରଳର କୋଚି ଦେଇ ଗତ ୭ ତାରିଖରେ ଭୁବନେଶ୍ୱର ଫେରିଛନ୍ତି। ବାକି ପର୍ଯ୍ୟଟକମାନେ ମୁମ୍ବାଇ ଦେଇ ଏକ ସ୍ୱତନ୍ତ୍ର ଏୟାର ଇଣ୍ଡିଆ ଏକ୍ସପ୍ରେସ ଫ୍ଲାଇଟ ଜରିଆରେ ୮ ତାରିଖ ଦିନ ଭୁବନେଶ୍ୱର ଫେରିଛନ୍ତି।

ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମଧ୍ୟପ୍ରାଚ୍ୟରୁ ବର୍ତ୍ତମାନ ସୁଦ୍ଧା ୬୫ ହଜାର ଭାରତୀୟ ସ୍ୱତନ୍ତ୍ର ଫ୍ଲାଇଟ ଜରିଆରେ ନିରାପଦରେ ଭାରତକୁ ଫେରିଆସିଛନ୍ତି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ପାଇଁ ଯୋଗାଯୋଗ କରିବାକୁ ଟେଲିଫୋନ ନମ୍ବର ଜାରି କରାଯାଇଛି। ଏହି ➩ପୃଷ୍ଠା-୬

## ୩ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ




ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଚାଲିଥିବା ଅସ୍ଥିର ପରିସ୍ଥିତିରେ ପ୍ରବାସୀ ଓଡ଼ିଆମାନଙ୍କର ସୁରକ୍ଷା ସମ୍ପର୍କରେ ସଦ୍ୟ ସ୍ଥିତି ଅନୁଧ୍ୟାନ ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି। ବୈଠକରେ ନୂଆଦିଲ୍ଲୀସ୍ଥିତ ପ୍ରମୁଖ ଆବାସିକ କମିଶନର ବିଶାଳ ଗଗନ, ଅତିରିକ୍ତ ପ୍ରମୁଖ ଆବାସିକ କମିଶନର ସୁଚରିତା ଷଡ଼ଙ୍ଗୀ ଆଭାସୀ ମାଧ୍ୟମରେ ଯୋଗଦେଇଥିବା ବେଳେ ଲୋକସେବା ଭବନରୁ ଓଡ଼ିଶା ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ତଥା ଓଡ଼ିଶା ପରିବାରର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ବିଜୟ କେତନ ଉପାଧ୍ୟାୟ ଏବଂ ମଧ୍ୟପ୍ରାଚ୍ୟରୁ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ବିଭାଗ ତରଫରୁ ନିୟୋଜିତ ନୋଡାଲ ଅଧିକାରୀ ପ୍ରୀତୀଶ ପଣ୍ଡା ଯୋଗଦେଇଥିଲେ। ➩ପୃଷ୍ଠା-୬

## ଦେଶରେ ପ୍ରଥମଃ ଇଚ୍ଛାମୃତ୍ୟୁକୁ ସୁପ୍ରିମକୋର୍ଟଙ୍କ ଅନୁମତି



### ପୁଅ ପାଇଁ ବାପା କରିଥିଲେ ଆବେଦନ

ନୂଆଦିଲ୍ଲୀ,୧୧।୩ଃ ପାସିଭ୍ ୟୁଥନେସିଆ ମାମଲାରେ ସୁପ୍ରିମକୋର୍ଟ ଆଜି ଏକ ବଡ଼ ରାୟ ଦେଇଛନ୍ତି। ୧୨ ବର୍ଷରୁ ଅଧିକ ସମୟ ଧରି କୋମାରେ ଥିବା ଜଣେ ୩୧ ବର୍ଷୀୟ ଯୁବକଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ କୃତ୍ରିମ ଜୀବନ ସହାୟକକୁ କାଢ଼ି ଦେବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ପାସିଭ୍ ୟୁଥନେସିଆ ହେଉଛି ଏକ ପ୍ରକ୍ରିୟା, ଯେଉଁଥିରେ ଜଣେ ରୋଗୀଙ୍କୁ ଜୀବିତ ରଖିବା ପାଇଁ ଜୀବନ ସହାୟକ କିମ୍ବା ଅନ୍ୟାନ୍ୟ ଆବଶ୍ୟକ ଚିକିତ୍ସାକୁ ପ୍ରତ୍ୟାହାର କରି ଜାଣିଶୁଣି ମୃତ୍ୟୁବରଣ କରିବାକୁ ଅନୁମତି ଦିଆଯାଏ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଗାଜିଆବାଦର ୩୨ ବର୍ଷୀୟ ହରିଶ ରାଣାଙ୍କୁ ନିଷ୍କ୍ରିୟ ➩ପୃଷ୍ଠା-୬

## ୧୨ ବର୍ଷ ପରେ ରବୀନ୍ଦ୍ରଙ୍କ ଚୈତନ୍ୟ ଉଦୟ

**ଘାରିଲା ନବୀନଙ୍କ ଉତ୍ତରାଧିକାରୀ ଚିନ୍ତା**

**କାଲି ଶଙ୍ଖ ଛାଡ଼ିଲେ, ଆଜି ପଦ୍ମ ଧରିଲେ**

**ଉଚିତ ସମୟରେ ଉପଯୁକ୍ତ ନିଷ୍ପତ୍ତିଃ ମନମୋହନ**

**'ବିନା ଉତ୍ତରାଧିକାରୀରେ ଆଞ୍ଚଳିକ ଦଳର ଉନ୍ନତି ନାହିଁ'**



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ)ଃ ବ୍ୟବସାୟୀରୁ ରାଜନେତା, ସାଂସଦ ଆଉ ଏବେ ବିଜେଡି ପ୍ରତି ମୋହ ତୁଟିଗଲା। ୧୨ ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ କିଏ ହେବେ ବୋଲି ଚିନ୍ତା ଘାରୁନଥିଲା। ହଠାତ ରାଜ୍ୟସଭା ନିର୍ବାଚନ ପୂର୍ବରୁ ରବୀନ୍ଦ୍ର ଜେନାଙ୍କ ମୁଣ୍ଡକୁ ଉତ୍ତରାଧିକାରୀ ଚିନ୍ତା ପଶିଲା। ଏବେ ତର୍ଜମା କରୁଛନ୍ତି ଯେ ବିନା ଉତ୍ତରାଧିକାରୀରେ ଦେଶରେ କୌଣସି ଆଞ୍ଚଳିକ ଦଳ ଉଧେଇପାରିନି। ଯେଉଁଥିପାଇଁ ବିଜେଡିରୁ ଇସ୍ତଫା ଦେବାର ୨୪ ଘଣ୍ଟା ପୂର୍ବରୁ ପଦ୍ମ ପୋଖରୀକୁ ଡିଆଁ ମାରିଛନ୍ତି ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା। ନିଜ ସମର୍ଥକଙ୍କ ସହ ସେ ଆଜି ରାଜ୍ୟ ➩ପୃଷ୍ଠା-୬

### ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଆକ୍ରମଣ ପ୍ରସଙ୍ଗ

## ବିଧାନସଭାରେ ଶାସକ-ବିରୋଧୀ ମୁହାଁମୁହିଁ

- ବାଚସ୍ପତିଙ୍କ ରୁଲିଂ ଦାବିରେ ବିଜେଡିର ହଟ୍ଟଗୋଳ
- ବିଜେଡିର ଦୋମୁହାଁ ନୀତି ଚଳିବନିଃ ବିଜେପି



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ)ଃ ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାରେ ଆଜି ଶୂନ୍ୟ କାଳରେ ମୁହାଁମୁହିଁ ହୋଇଛନ୍ତି ବିରୋଧୀ ଓ ଶାସକ ଦଳର ସଦସ୍ୟ। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ସରକାରଙ୍କ ଉପରେ ବର୍ଷିଥିବା ବେଳେ ଶାସକ ଦଳର ସଦସ୍ୟମାନେ ସରକାରରେ ଥିବା ସମୟରେ ବିଜେଡି ନେତାଙ୍କ ଅପକର୍ମର ଗୋହି ଖୋଲିଛନ୍ତି। ଏହାକୁ ନେଇ କିଛି ସମୟ ପାଇଁ ଶୂନ୍ୟକାଳ ସରଗରମ ରହିଥିଲା ଓ ଗୃହକୁ ବାଚସ୍ପତି ୧୦ ମିନିଟ ପାଇଁ ମୁଲତବୀ କରିଥିଲେ।

ଶୂନ୍ୟକାଳ ଆରମ୍ଭରୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ପ୍ରସଙ୍ଗ ଉଠାଇଥିଲେ। ସେ ଆକ୍ଷେପ କରିଥିଲେ ଯେ ରାଜ୍ୟରେ ଜନ ପ୍ରତିନିଧିମାନେ ସୁରକ୍ଷିତ ନାହାନ୍ତି। ଗତକାଲି ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କ ଉପରେ ଆକ୍ରମଣ ହୋଇଛି। ୨୦ ଜଣ ସରକାରୀ ଦଳର ଗୁଣ୍ଡା ତାଙ୍କ କାର୍ଯ୍ୟାଳୟରେ ପଶିବା ସହ ତାଙ୍କୁ ମାଡ଼ ମାରିଛନ୍ତି। ତାଙ୍କ ଚେତା ବୁଡ଼ିବା ପରେ ସେମାନେ ଛାଡ଼ି ପଳାଇଥିଲେ। ଏ ସରକାର ଜନପ୍ରତିନିଧିଙ୍କ ଉପରେ ଆତଙ୍କରାଜ ଚଳାଇଛି। ତହସିଲଠାରୁ ଆରମ୍ଭ କରି ଥାନା ପର୍ଯ୍ୟନ୍ତ ସବୁଠି ଚାଲିଛି ଗୁଣ୍ଡାରାଜ। ➩ପୃଷ୍ଠା-୬

### ମୁଁ ବିଭୀଷଣଃ ବାବୁ ସିଂ

ଶେରଗଡ଼ ଘଟଣାରେ ବିଜେପି ଓ ବିଜେଡି ବିଧାୟକଙ୍କ ବାଦାନୁବାଦ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ ବିରୋଧୀଙ୍କୁ ଧୋଇବାକୁ ଯାଇ ନିଜକୁ ବିଭୀଷଣ ବୋଲି କହିଛନ୍ତି। ବିଭୀଷଣ ପ୍ରଭୁ ରାମଚନ୍ଦ୍ରଙ୍କ ପାଖକୁ ଆସିବା ପୂର୍ବରୁ ରାବଣ ପାଖରେ ଥିଲା। ଆଉ ବିଭୀଷଣ ପାଇଁ ପ୍ରଭୁ ରାମଚନ୍ଦ୍ର ରାବଣକୁ ମାରିପାରିଥିଲେ। ତେଣୁ ବିଜେଡିର ରାବଣଙ୍କୁ ମାରିବାକୁ ସେ ନିଜେ, କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ପ୍ରଶାନ୍ତ ଜଗଦ୍ଦେବ ସମସ୍ତେ ଜଣେ ଜଣେ ବିଭୀଷଣ ବୋଲି ବିଧାୟକ ଶ୍ରୀ ସିଂ କହିଛନ୍ତି। ସେ କହିଥିଲେ ଯେ ଆଇନଶୃଙ୍ଖଳାକୁ ନେଇ ବିଜେଡି ଯେଉଁ ଅଭିଯୋଗ କରୁଛି, ତାହା 'ଚୋର ମଚାଏ ଶୋର' ଭଳି ➩ପୃଷ୍ଠା-୬

## ଆତ୍ମସମର୍ପଣ କଲେ ୧୦ ହାର୍ଡକୋର୍ ମାଓବାଦୀ



- ୭ ମହିଳା ସାମିଲ୍
- ମୁଣ୍ଡରେ ଥିଲା ୧.୬୫ କୋଟିର ପୁରସ୍କାର
- ମାଓଗଡ଼ରେ ଟଙ୍କା ଓ ସୁନାର ପାହାଡ଼
- ମିଳିଲା ନଗଦ ୩ କୋଟି ଓ ୧ କିଲୋ ସୁନା

ଫୁଲବାଣୀ,୧୧।୩(ସଂଚାର ବ୍ୟୁରୋ)ଃ ଦେଶକୁ ମାଓମୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଥିବା ଡେଡ୍‌ଲାଇନ ଯେତିକି ପାଖେଇ ଆସୁଛି, କନ୍ଧମାଳ ଜିଲ୍ଲା ପୁଲିସ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସେତିକି ତତ୍ପରତା ଦେଖିବାକୁ ମିଳିଛି। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ କନ୍ଧମାଳ ଏସପି ହରିଶ ବିଶିଙ୍କ ନେତୃତ୍ୱରେ ମାଓ ➩ପୃଷ୍ଠା-୬

# କ୍ଷମା ମାଗନ୍ତୁ ମମତା

- ଦିଦିଙ୍କୁ ମୋହନଙ୍କ ଚିଠି
- ରାଷ୍ଟ୍ରପତିଙ୍କୁ ଅପମାନ ବଙ୍ଗ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଛି



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ)ଃ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପମାନିତ କରାଯିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମହାମହିମ ଓ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ। ରାଷ୍ଟ୍ରପତିଙ୍କ ଅପମାନ ସମଗ୍ର ଦେଶକୁ ଅପମାନ ଏବଂ ଆଦିବାସୀ ସମାଜକୁ ଅପମାନ। 'ମୁଁ ନିଜେ ମଧ୍ୟ ସାନ୍ତାଳୀ ସମ୍ପ୍ରଦାୟରୁ ଆସିଥିବାରୁ ଏଭଳି ଘଟଣା ମତେ ମଧ୍ୟ ବ୍ୟଥିତ କରିଛି'। ତେଣୁ ରାଜ୍ୟର ମୁଖ୍ୟ ଭାବେ ମମତା ବାନାର୍ଜୀ ଅନୁତାପ କରିବାକୁ ଅପିଲ କରି ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

ମମତାଙ୍କୁ ଲେଖିଥିବା ଚିଠିରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଣତାନ୍ତ୍ରିକ ପରମ୍ପରା ଆପୋଷ ସମ୍ମାନ ଉପରେ ଆଧାରିତ। ବିଭିନ୍ନ ଘଟଣାରେ ମତାନ୍ତର ହୃଦୟ ମଧ୍ୟରେ ମତାନ୍ତର ସୃଷ୍ଟି କରିବା ଉଚିତ ନୁହେଁ। ଜଣେ ଆଦିବାସୀ ମହିଳା ଭାବେ ଦେଶର ସର୍ବୋଚ୍ଚ ଆସନ ଅଳଙ୍କୃତ କରୁଥିବା ରାଷ୍ଟ୍ରପତିଙ୍କ ପ୍ରତି ପଶ୍ଚିମବଙ୍ଗରେ ଅପମାନ ସାରା ଦେଶ ପ୍ରତି ଅପମାନ। ଆନ୍ତର୍ଜାତିକ ମହିଳା ଦିବସ ପୂର୍ବରୁ ଏଭଳି ଏକ ଘଟଣା ଘଟିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୌଜନ୍ୟତାର ଅଭାବ ସାଙ୍ଗକୁ ବାରମ୍ବାର କାର୍ଯ୍ୟକ୍ରମ ସ୍ଥାନ ପରିବର୍ତ୍ତନ ଆଦିବାସୀ ସମ୍ପ୍ରଦାୟ ପ୍ରତି ଅପମାନ ବୋଲି ସେ କହିଛନ୍ତି। ଏଭଳି ଘଟଣା କେବଳ ଦେଶର ଲକ୍ଷ ଲକ୍ଷ ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କୁ ଆଘାତ ଦେଇନି, ବରଂ ➩ପୃଷ୍ଠା-୬

### ଧାନମଣ୍ଡିରେ ଅବ୍ୟବସ୍ଥା ନେଇ କାର୍ଯ୍ୟାନୁଷ୍ଠାନ

## ୬୯ ମଣ୍ଡି ନୋଡାଲ ଅଫିସରଙ୍କ ଦରମା ବନ୍ଦ

ଜଗତସିଂହପୁର,୧୧।୩(ସଂଚାର ବ୍ୟୁରୋ)ଃ ଜଗତସିଂହପୁର ଜିଲ୍ଲାରେ ୬୯ ଜଣ ମଣ୍ଡି ନୋଡାଲ ଅଫିସରଙ୍କ ଦରମା ବନ୍ଦ କରାଯାଇଛି। ଚଳିତ ମାସର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜଗତସିଂହପୁର ଜିଲ୍ଲାପାଳ। ବିଭିନ୍ନ ଧାନ ମଣ୍ଡି ଦାୟିତ୍ୱରେ ଥିବା ଏହି ନୋଡାଲ ଅଫିସରମାନେ ଧାନ କ୍ରୟ କେନ୍ଦ୍ରମାନଙ୍କରେ ମନମୁଖୀ ଭାବେ ଅନୁପସ୍ଥିତ ରହୁଥିବା ନେଇ ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ପରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଜିଲ୍ଲାପାଳ। ଏନେଇ ଜିଲ୍ଲାପାଳ ଏକ ଚିଠି ମଧ୍ୟ ଜାରି କରିଛନ୍ତି। ଚଳିତ ବର୍ଷ ବିଭିନ୍ନ ମଣ୍ଡିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ), ରାଜସ୍ୱ ନୀରିକ୍ଷକ (ଆର୍‌ଆଇ), ଭିଏଡବ୍ଲ୍ୟୁ ଭଳି ନୋଡାଲଙ୍କୁ ଦାୟିତ୍ୱରେ ରଖାଯାଇଛି। ଜଗତସିପଂହପୁର ଜିଲ୍ଲାର ବିରିଡ଼ି, କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ନାଉଗାଁ, ଜଗତସିଂହପୁର, ଏରସମା ଓ ବାଲିକୁଦା ବ୍ଲକରେ ଥିବା ବିଭିନ୍ନ ନୋଡାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିସହ ତିନି ଦିନ ମଧ୍ୟରେ ଉତ୍ତର ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।


SIKSHA 'O' ANUSANDHAN

SAAT-2026

Empowering students for a brighter future

PHARMACY PROGRAMS
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ନବୀନଙ୍କୁ ଗୋଡ଼ାଇଲାଣି କ୍ରସ ଭୋଟିଂ ଭୂତ



- ମଉକା ଦେଖି ଆଉ କିଛି ଯିବାର ସୂଚନା
- ଗୃହ ବନ୍ଦୀ ହେବେ ବିଜେଡି ବିଧାୟକ

ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ)ଃ ପୂର୍ବତନ ସାଂସଦ ତଥା ବିଜେଡିର ବରିଷ୍ଠ ନେତା ରବୀନ୍ଦ୍ର ଜେନା ଆଜି ବିଜେପିରେ ଯୋଗଦେବା ପରେ ବିଜେଡିକୁ ଏବେ କ୍ରସ ଭୋଟିଂ ଭୂତ ଗୋଡ଼ାଇବା ଆରମ୍ଭ କରିଛି। ରାଜ୍ୟସଭାରେ କ୍ରସ ଭୋଟିଂ ହେବା ଆଶଙ୍କାରେ ନିଜର ସମସ୍ତ ବିଧାୟକଙ୍କୁ ନଜରବନ୍ଦୀରେ ରଖିବା ପାଇଁ ବିଜେଡି ଯୋଜନା ଚଳାଇଥିବା ବେଳେ ଏହି ମଉକାରେ ଆଉ କିଛି ବରିଷ୍ଠ ନେତା ଦଳ ଛାଡ଼ିବେ ବୋଲି ଆଲୋଚନା ଜୋର ଧରିଛି।

କ୍ରସ ଭୋଟିଂ ଭୂତ ଏଭଳି ଗୋଡ଼ାଇଛି ଯେ ନବୀନ ନିବାସରେ ଘନ ଘନ ବୈଠକ ବସୁଛି। ଯାହା ଉପରେ ସନ୍ଦେହ ହେଉଛି, ତାକୁ ଡାକି ଖୋଦ ନବୀନ ପଟ୍ଟନାୟକ ଆଲୋଚନା କରିବା ସହ ଫଟୋ ଉଠାଇ ବାହାରକୁ ଛାଡୁଛନ୍ତି। ବର୍ଷର ଅଧିକାଂଶ ସମୟରେ ବିଜେଡି ବିଧାୟକଙ୍କ ପାଇଁ ଅଭୟାରଣ୍ୟ ପାଲଟିଥିବା ନବୀନ ନିବାସରେ ଏବେ ସେମାନଙ୍କ ଚର୍ଚ୍ଚା ହେଉଛି। ତେବେ ଏତେସବୁ ଭିତରେ ବି ନବୀନ ପଟ୍ଟନାୟକ ସବୁ ବିଧାୟକଙ୍କୁ ବିଶ୍ୱାସକୁ ନେଇପାରୁନାହାନ୍ତି। ରବୀନ୍ଦ୍ର ବିଜେଡି ହାତ ଛାଡ଼ିବା ପରେ ରାଜ୍ୟସଭା ନିର୍ବାଚନରେ ତାଙ୍କ ପତ୍ନୀ ତଥା ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଭୋଟ କେଉଁଆଡ଼େ ଯିବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ➩ପୃଷ୍ଠା-୬

### ବିଜେଡି ହ୍ୱିପ୍ ଜାରି



ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ଜାରି କଲା ତିନିଧାଡ଼ିଆ ହ୍ୱିପ। ଆସନ୍ତା ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ଏହି ଦୃଷ୍ଟିରୁ ବିଜେଡିର ବିଧାୟକମାନେ ଆସନ୍ତା ୧୩ରୁ ୧୬ ତାରିଖ ଭୋଟ ଗ୍ରହଣ ଶେଷ ପର୍ଯ୍ୟନ୍ତ ଭୁବନେଶ୍ୱର ନ ଛାଡ଼ିବାକୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ହ୍ୱିପ ଜାରି କରିଛନ୍ତି। ଏହି ହ୍ୱିପ ଦଳର ସବୁ ବିଧାୟକଙ୍କୁ ଜାରି କରାଯିବା ସହ ଏହାକୁ ଅବମାନନା ନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି।

# ଅଗ୍ନିବିପନ୍ନଙ୍କୁ ସହାୟତା ହାତ ବଢ଼ାଇଲେ ବିଧାୟକ



ଗରଦପୁର,୧୧।୩ (ସଂଚାର ବ୍ୟୁରୋ): ଘଟିଯାଇଥିବା ଭୟାବହ ଅଗ୍ନିକାଣ୍ଡରେ ସବୁକିଛି ହରାଇଥିବା ପରିବାରକୁ ଭେଟିଲେ ବରିଷ୍ଠ ନେତା ବିଜୟ ମହାପାତ୍ର। ବିପନ୍ନଙ୍କ ପାଖରେ ପହଂଚି ସାନ୍ତ୍ୱନା ଦେବା ସହ କିଭଳି ସମସ୍ତ ସରକାରୀ ସ୍ତରରେ ସମ୍ପୂର୍ଣ୍ଣ ସୁବିଧା ପାଇ ପାରିବେ ତାହା ମଧ୍ୟ ପଚାରି ବୁଝିବା ସହ ସେଇ ରାତ୍ରିରେ କିଭଳି ନିଆଁ ଲାଗିଲା ସେ ବିଷୟରେ ପଚାରି ବୁଝିଥିଲେ। ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡା ପଞ୍ଚାୟତର ବସନ୍ତପୁର ଗ୍ରାମରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ଧୂଳମଣି ମଲିକ ଶତୃଘ୍ନ ମଲିକ ଦିପକ ମଲ୍ଲିକଙ୍କ ସାତ ବଖରା ଛପର ଘର ବିଦ୍ୟୁତ ସହିତ ସମସ୍ତ ଆଶାବାପାତ୍ର ଓ କିଛି ସଂଚିତ ଟଙ୍କା, ଧାନ ଚାଉଳ ସର୍ଟ ସର୍କିଟ ଯୋଗୁଁ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ଏହି ଦୁଃଖଦ ଖବର ପାଇ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ତୁରନ୍ତ ସହଯୋଗ ର ହାତ ବଢାଇଛନ୍ତି। ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ସେହି ପଞ୍ଚାୟତର ପ୍ରତିନିଧି ସୁକାନ୍ତ ନାୟକ, ସମିତି ସଭ୍ୟ ବାସୁଦେବ ବେହେରା ସୋରୁପ ମହାନ୍ତି, ମାନସ ମହାନ୍ତି ପ୍ରକାଶ ଦାଶ,ପ୍ରଭାକର ନାୟକ ପ୍ରମୁଖ ପହଞ୍ଚି ସୁଖିଲା ଖାଦ୍ୟ ନୂତନ ବସ୍ତ୍ର ରୋଷେଇ ସରଞ୍ଜାମ ପଲିଥିନ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବିଧାୟକ ଅରବିନ୍ଦ ମହାପାତ୍ର ଫୋନ ଯୋଗେ କହିଥିଲେ ଯେ ଖୁବ ଶିଘ୍ର ସମସ୍ତ ସରକାରୀ ସ୍ତରରେ ଯହା ସାହାଯ୍ୟ ମିଳିବାର ଅଛି ତାହା ଖୁବ୍ ଶୀଘ୍ର ଯୋଗାଇ ଦିଆଯିବ ତାହାସହ ଆଉଯଦି କିଛି ଅସୁବିଧା ହୁଏ ମୁଁ ଆପଣଙ୍କ ପୁଅ ଏବଂ ଭାଇ ଭଳି ସବୁବେଳେ ଛିଡା ହୋଇଥିବି ବୋଲି ବିପନ୍ନ ପରିବାର ଙ୍କୁ ବିଧାୟକ ଫୋନ୍ ଯୋଗେ ଧର୍ଯ୍ୟ ରଖି ରହିବାକୁ ଶାନ୍ତ୍ୱନା ଦେଇଥିଲେ।

## ଶ୍ରୀଶ୍ରୀବଳଦେବଜୀଉ ମନ୍ଦିର ହୁଣ୍ଡିରୁ ୪ ଲକ୍ଷରୁ ଉର୍ଦ୍ଧ୍ୱ ଆୟ

କେନ୍ଦ୍ରାପଡା,୧୧।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଜୀଉଙ୍କ ଜଗମୋହନ ମନ୍ଦିରରେ ସ୍ଥାପିତ ହୁଣ୍ଡିକୁ ଟ୍ରଷ୍ଟବୋର୍ଡ ସଭ୍ୟ ଶ୍ରୀ ଧୀରେନ୍ କୁମାର ସାହୁ ଓ ନୃସିଂହ ପ୍ରସାଦ ପତ୍ରି ଏବଂ ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତିଙ୍କ ଉପସ୍ଥିତିରେ ଖୋଲାଯାଇ ଦେବୋତ୍ତର କାର୍ଯ୍ୟାଳୟରେ ଗଣତି କରାଯାଇ ମୋଟ୍ ୪ ଲକ୍ଷ ୪୫ ହଜାର ୧୯୦ ଟଙ୍କା ଆୟ କରାଯାଇଅଛି । ଉକ୍ତ ଗଣତି କାର୍ଯ୍ୟରେ ଦେବୋତର ସଂସ୍ଥା କର୍ମଚାରୀ ଶରତ ଚନ୍ଦ୍ର ପାତ୍ର ଓଗେର ଅବସରପ୍ରାପ୍ତ ପୌର କର୍ମଚାରୀ ପତିତପାବନ ଲେଙ୍କା ଏବଂ ନାରଣ ପ୍ରସାଦ ଜେନା ସହାୟତା କରିଥିଲେ ।

## ଅବକାରୀ ବିଭାଗର ଚଢ଼ାଉ, ୩ ମଦ ବେପାରୀ ଗିରଫ



ଯାଜପୁର,୧୧।୩ (ସଂଚାର ବ୍ୟୁରୋ): ଯାଜପୁର ଜିଲା ଏବେ ମଦ, ବ୍ରାଉନ ସୁଗାର, ଗଞ୍ଜାଇ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି । ଅନେକ ସମୟରେ ଅବକାରୀ ବିଭାଗ ଅଧିକାରୀଙ୍କ ନୀରବତା ମାଫିଆଙ୍କୁ ପ୍ରୋତ୍ସାହନ ଦେଉଛି। ଯାହାଫଳରେ ନିଶା ଚୋରା କାରବାର ବୃଦ୍ଧି ପାଉଛି । ବାରମ୍ବାର ଅଭିଯୋଗ ପରେ ଅବକାରୀ ବିନହାଗ ଠାରେ ତତ୍ପରତା ପ୍ରକାଶ ପାଇଛି । ଯାହାକି ଆଜି ଯାଜପୁର ଜିଲା ଡୋଳୀପୁର ଅବକାରୀ ବିଭାଗ ଯାଜପୁର ରୋଡ଼ ଥାନା ଇଲାକାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ପେସାଦାର ମଦବେପାରୀକୁ ଆଜି ଗିରଫ କରିଛି। ୩ ଆସାମୀ ହେଲେ କେଉଁଝର ଘସିପୁରା ଥାନା ଗୋପାଳପୁରର ବର୍ଷା କୁମାର ସୋରେନ (୩୫), ଯାଜପୁର ରୋଡ଼ ଥାନା ମୂଳାସାରର ମଦନ ବେରେଇ, ଯାଜପୁର ରୋଡ଼ ଥାନା କଣ୍ଟିପୁରର ରାଜ କିଶୋର ପେରେଇ। ଅପର ପକ୍ଷରେ ସେମାନଙ୍କ ଠାରୁ ମୋଟ ୧୦୩ ଲିଟର ମଦ ଓ ୩ଟି ବାଇକ ଚଢ଼ାଉ ସମୟରେ ଅବକାରୀ ବିଭାଗ ଜବତ କରିଛି। ଉଲ୍ଲେଖ ଯୋଗ୍ୟ ଯେ, ଯାଜପୁର ରୋଡ଼ ଥାନା କଣ୍ଟାଝରି ନିକଟରୁ ବର୍ଷାଙ୍କ ଠାରୁ ୩୫ ଲିଟର, ରାଣୀପଡ଼ା ନିକଟରୁ ମଦନଙ୍କ ଠାରୁ ୫୦ ଲିଟର ଓ କଙ୍କଡାଝର ନିକଟରୁ ରାଜକିଶୋର ଠାରୁ ୧୮ ଲିଟର ଦେଶୀ ମଦ ଜବତ କରିଥିବା ଜଣାପଡିଛି ।

## ବସ୍ ଚାଳକଙ୍କ କବଜାରେ ରେଳଷ୍ଟେସନ ରୋଡ୍




ଯାଜପୁର ରୋଡ଼, ୧୧।୩(ସଂଚାର ବ୍ୟୁରୋ): ଯାଜପୁର କେନ୍ଦୁଝର ରୋଡ଼ ରେଳ ଷ୍ଟେସନର ପ୍ରବେଶପଥ, ରେଲୱେ ଷ୍ଟେସନ ରାସ୍ତା ତଥା ଗୋପବନ୍ଧୁ ଛକ ଠାରୁ ବ୍ୟାସନଗର ପୌରପରିଷଦ, ତହସିଲ କାର୍ଯ୍ୟାଳୟ ଛକରାସ୍ତା ପର୍ଯ୍ୟନ୍ତ ଏବେ କଳିଙ୍ଗନଗର ଶିଳ୍ପାଂଚଳରେ ମୁଣ୍ଡ ଟେକିଥିବା ବିଭିନ୍ନ କାରଖାନା କମ୍ପାନୀ ଗୁଡ଼ିକକୁ ଯାତାୟତ କରୁଥିବା ବସ ଗାଡ଼ି ଗୁଡ଼ିକର ଚାଳକଙ୍କ କବଜାରେ ସକାଳ ଓ ସନ୍ଧ୍ୟା ସମୟରେ ଏହି ଗାଡି ଗୁଡିକ ରାସ୍ତା ଉପରେ ରହୁଛି। ଏହି ରାସ୍ତାର ଅବସ୍ଥା ଏବେ ଏଭଳି ହୋଇଛି ଯେ ଯଦି କୌଣସି ଦୁଇ କିମ୍ବା ଚାରିଚକିଆ ଆରୋହୀ ଷ୍ଟେସନ ନିକଟକୁ ପଳାଉଛନ୍ତି ତେବେ ସେଠାରୁ ସହଜରେ ଫେରିପାରୁ ନାହାନ୍ତି । କେନ୍ଦ୍ର ସରକାରଙ୍କ ରେଳବାଇ ପୁଲିସ୍ ଓ ଯାଜପୁର ରୋଡ଼ ଥାନା ପୋଲିସ୍ ପର୍ଯ୍ୟନ୍ତ ସମସ୍ତେ ଏଥିପ୍ରତି ଏକପ୍ରକାର ଆଖିବୁଜି ଦେଇଛନ୍ତି ବୋଲି ଚର୍ଚ୍ଚା ଚାଲିଛି।

ଶିଳ୍ପାଂଚଳ ବସ ଗାଡ଼ି ଗୁଡ଼ିକ ଲାଗି ହେଉଥିବା ରାସ୍ତା ଅବରୋଧ ଏବେ ଯାତ୍ରୀଙ୍କ ପାଇଁ କାଳ ହୋଇଛି। ରେଳଷ୍ଟେସନକୁ ପ୍ରବେଶ ରାସ୍ତାର ଗୋଟିଏ ପଟକୁ ଏହି ବସ୍ ଗାଡ଼ି ଗୁଡ଼ିକର ଚାଳକମାନେ ଅଧିକାଂଶ ସମୟରେ ଅବରୋଧ କରି ରଖୁଛନ୍ତି। ଯାହା ଫଳରେ ଅଧିକାଂଶ ସମୟରେ ଏଠାରେ ରାସ୍ତାରେ ଭିଡ ପରିଲକ୍ଷିତ ହେଉଛି। ଷ୍ଟେସନରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ସ୍ଥାନରେ ମଧ୍ୟ ଯାତ୍ରୀ ନେବାପାଇଁ ଅଟୋଚାଳକମାନେ ପ୍ରତିଯୋଗିତା ଚଳାଉଛନ୍ତି। ଏଠାରେ ବସ୍ ଓ ଅଟୋ ମଧ୍ୟରେ ଯାତ୍ରୀ ନେବାପାଇଁ ପ୍ରତିଯୋଗିତା ବି ଚାଲିଛି। ଏହା କେତେବେଳେ ଲୋକଙ୍କ ଜୀବନ ନେଇଯିବ ତାହା କହିହେବ ନାହିଁ। ତେଣୁ ପୁଲିସ୍ ପ୍ରଶାସନ ତୁରନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ଦିଗଉପରେ ନଜର ଦେବାକୁ ମତପ୍ରକାଶ ପାଉଛି।




### ବଞ୍ଚି ଥାଉ ଥାଉ ସରକାରୀ କାଗଜପତ୍ରରେ ମୃତ

# ମିଳୁନି ରାସନ୍ ଚାଉଳ, ଦୁର୍ଦ୍ଦିନରେ ଭିନ୍ନକ୍ଷମ ଧୀରେନ୍

ମାର୍ଶାଘାଇ,୧୧।୩ (ସଂଚାର ବ୍ୟୁରୋ): ଜଣେ ୬୦ ବର୍ଷୀୟ ଭିନ୍ନକ୍ଷମ ବ୍ୟକ୍ତି ବଞ୍ଚିଥିବା ବେଳେ ତାଙ୍କୁ ଆଧାର କାର୍ଡ ରେକର୍ଡରେ ମୃତ ବୋଲି ଦର୍ଶାଯାଇଛି। ଯାହା ଫଳରେ ସେ ରାସନ୍ ଚାଉଳ ପାଇବାରୁ ବଞ୍ଚିତ ଅଛନ୍ତି। ତାଙ୍କର ଯାତାୟାତ ପାଇଁ ଗାଡ଼ି ଖଣ୍ଡିଏ ମଧ୍ୟ ପ୍ରଶାସନ ତରଫରୁ ମିଳି ପାରୁନାହିଁ।ଏମିତି ଏକ ଘଟଣା ସାମ୍ନାକୁ ଆସିଛି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ମାର୍ଶାଘାଇ ବ୍ଲକ୍ ଅଞ୍ଚଳରୁ।

ସୂଚନା ମୁତାବକ ମାର୍ଶାଘାଇ ବ୍ଲକ୍ ଅଧିନସ୍ଥ ଗରଜଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଆଁରପାଳ ଗ୍ରାମର ଶତ୍ରୁଘ୍ନ ସାହୁଙ୍କ ୬୦ ବର୍ଷୀୟ ଅବିବାହିତ ଭିନ୍ନକ୍ଷମ ପୁଅ ହେଉଛନ୍ତି ଧିରେନ କୁମାର ସାହୁ। ବାପାଙ୍କ ମୃତ୍ୟୁ ପରେ ଏକାକୀ ଜୀବନ କାଟୁଥିବା ଧିରେନ ବାସ୍ତବରେ ବଞ୍ଚିଥିବା ବେଳେ ସରକାରୀ ସ୍ତରରେ କିନ୍ତୁ ସେ ମୃତ ବୋଲି ଆଧାର କାର୍ଡରେ ଦର୍ଶାଯାଇଛି। ଯାହାଫଳରେ ସେ ଚାରିମାସ ହେଲା ରାସନ୍ ଚାଉଳ ପାଇବାରୁ ବଞ୍ଚିତ ଅଛନ୍ତି। ଧିରେନ ଙ୍କୁ ଡିଲର ରାସନ୍ ଚାଉଳ ନଦେବାରୁ ସେ ଡିଲର ପାଖରେ ପହଞ୍ଚି ଆଖି ଓ ଆଙ୍ଗୁଳି ଦେଇ ପଞ୍ଜିକରଣ କରିବାକୁ ଯାଇଥିଲେ ହେଲେ ସେଠାରେ ତାଙ୍କର ଆଧାର ପଞ୍ଜିକୃତ ନାହିଁ ବୋଲି ଜଣାପଡ଼ିଲା। ପରେ ସେ ପଞ୍ଜିକରଣ ପାଇଁ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ, ହେଲେ ସେଠାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ପରେପରେ ଧିରେନ ଜନସେବା କେନ୍ଦ୍ରକୁ ଯାଇ ବାସ୍ତବ କାରଣ କଣ ଜାଣିବା ପାଇଁ ୧୯୪୭ ଟୋଲ୍ ଫ୍ରି ନମ୍ବରର ସହାୟତା ନେଲାରୁ ଯାହା ଜଣାପଡ଼ିଲା ତାହା ଧିରେନ ଙ୍କୁ ଚମକାଇ ଦେଲା। ମୃତ କାରଣରୁ ଧିରେନଙ୍କ ଆଧାର କାର୍ଡକୁ ନିଷ୍କ୍ରିୟ କରିଦିଆଯାଇଛି ବୋଲି ସ୍ପଷ୍ଟ ଭାବରେ ଜଣାପଡ଼ିଲା। ତାଙ୍କର ଆଧାର କାର୍ଡର ନମ୍ବର ରହିଛି ୬୫୬୪୪୧୯୮୫୪୦୯। ହେଲେ ଏଠି ପ୍ରଶ୍ନ ଜଣେ ବ୍ୟକ୍ତି ବାସ୍ତବରେ ଜୀବିତ ଥିବା ବେଳେ ତାଙ୍କୁ ମୃତ ଦର୍ଶାଇବା ପାଇଁ ଦାୟୀ କିଏ? ଜଣେ ଭିନ୍ନକ୍ଷମ ଅବିବାହିତ ବ୍ୟକ୍ତି ୪ ମାସ ହେବ ତାଙ୍କ ନାର୍ଯ୍ୟ ଅଧିକାରରୁ ବଞ୍ଚିତ ରହିବାର ଶ୍ରେୟ ନେବ ତ ପ୍ରଶାସନ। ଏ ଘଟଣା ପରେ ଏବେ ଗୁମୁରି ଗୁମୁରି କାନ୍ଦୁଛନ୍ତି ଧିରେନ।

ଅନ୍ୟପଟେ ତାଙ୍କୁ ବହୁବର୍ଷ ତଳେ ଯାତାୟାତ ପାଇଁ ମିଳିଥିବା ଭିନ୍ନକ୍ଷମ ଯାନଟିଏ ଭାଙ୍ଗିରୁଜି ଯାଇଥିବା ବେଳେ ତାଙ୍କୁ ନୂତନ ଗାଡ଼ି ଖଣ୍ଡିଏ ପ୍ରଶାସନ ଯୋଗାଇବାରେ ବିଫଳ ବୋଲି ସେ କହିଛନ୍ତି। ତୁରନ୍ତ ପ୍ରଶାସନ ଏହି ଘଟଣାରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଧିରେନଙ୍କ ସମସ୍ୟା ସମାଧାନ କରାଇ ତାଙ୍କୁ ତାଙ୍କ ଅଧିକାର ଯୋଗାଇଦେବା ପାଇଁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରାସ୍ତା ତଡ଼ାଯିବା ଘଟଣା: ଗ୍ରାମରେ ପହଞ୍ଚିଲା ପ୍ରଶାସନ



ଡେରାବିଶ,୧୧।୩ (ସଂଚାର ବ୍ୟୁରୋ):-ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବମ୍ପୁ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ପରିବାର ଦୀର୍ଘ ତିନିମାସ ହେବ ଏକପ୍ରକାର ଗୃହ ବନ୍ଦୀ ଅବସ୍ଥାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନର ସମସ୍ତ ପ୍ରଚେଷ୍ଟା ପରେ ମଧ୍ୟ ଏହି ଘଟଣାର ସମାଧାନ ହୋଇପାରୁ ନାହିଁ। ଆଜି ଖୋଦ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଗ୍ରାମରେ ପହଞ୍ଚି ଏକ ଜନଶୁଣାଣୀ ମାଧ୍ୟମରେ ଉଭୟ ପକ୍ଷଙ୍କୁ ବୁଝାଇ ମାମଲାଟିକୁ ଆପୋଷ ସମାଧାନ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ସଫଳ ହୋଇପାରି ନାହିଁ।

ସୂଚନାଯୋଗ୍ୟ ଭିତରବମ୍ପୁ ଗ୍ରାମ ରାସ୍ତାକୁ ପରିକ୍ଷିତ ମଲିକ ନାମକ ଜନୈକ ବ୍ୟକ୍ତି ନିଜର ସମ୍ପତି ବୋଲି ଦାବି କରିବା ସହ ଏଥିପାଇଁ ମାନ୍ୟବର ଆଦଲତଙ୍କ ଆଶ୍ରୟ ନେଇଥିଲେ। ଯେଉଁଥିପାଇଁ ଅଦାଲତ ପକ୍ଷରୁ ରାୟ ପ୍ରକାଶ କରାଯାଇ ସମ୍ପୃକ୍ତ ଜାଗାକୁ ମାପଚୁପ କରାଯିବା ପରେ ଅଦାଲତ ପକ୍ଷରୁ ଆସିଥିବା ଅମିନ ଜଣକ ସମ୍ପୃକ୍ତ ଗ୍ରାମରାସ୍ତା ପରିକ୍ଷିତଙ୍କ ବ୍ୟକ୍ତିଗତ ଜାଗାରେ ନିର୍ମାଣ ହୋଇଥିବା ଚିହ୍ନଟ କରିଥିଲେ। ପରିକ୍ଷିତଙ୍କ ପରିବାର ପକ୍ଷରୁ ଗତ ୨୦୨୫ ଡିସେମ୍ବର ମାସରେ ଅଦାଲତ ଅମିନଙ୍କ ଦ୍ୱାରା ଚିହ୍ନିତ ସ୍ଥାନକୁ ଜେସିବି ଲଗାଇ ତାଡ଼ି ଦେଇଥିଲେ ଓ ବାଡ଼ ବସାଇ ଦେଇଥିଲେ। ଫଳରେ ସେବେଠାରୁ ଦୀର୍ଘ ତିନିମାସ ହେବ ଏହି ରାସ୍ତା ଉପରେ ନିର୍ଭର କରି ଚଳୁଥିବା ଭିତରବମ୍ପୁ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ପରିବାର ଗୃହବନ୍ଦୀ ଅବସ୍ଥାରେ ରହି ଘରୁ ବାହାରି ପାରିନାହାଁନ୍ତି। ଏଥିସହିତ ପାଖାପାଖି ତିନିମାସ ମାସ ହେବ ଗ୍ରାମବାସୀଙ୍କ ସମେତ ବହୁ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ନାନାଦି ଅସୁବିଧାର ସମ୍ମୁଖିନ ହେଉଛନ୍ତି।

## ମିଳୁନି ପିଇବା ପାଣି, ଲୋକେ ହନ୍ତସନ୍ତ

● କୁମ୍ଭକର୍ଣ୍ଣ ନିଦ୍ରାରେ ବିଭାଗୀୟ ଅଧିକାରୀ



ମାହାଙ୍ଗା,୧୧।୩ (ସଂଚାର ବ୍ୟୁରୋ): ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ନିମନ୍ତେ ସରକାର କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି ହେଲେ ସବୁ ଗ୍ରାମରେ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ଯାହାକି ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଚାହାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୮ଟି ୱାର୍ଡରେ। ସୂଚନା ମୁତାବକ ଚାହାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଚାହାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ୮ଟି ୱାର୍ଡକୁ ପାଣି ଯୋଗାଇ ଦିଆଯାଉଥିଲା। କିନ୍ତୁ ପ୍ରାୟ ଏକ ମାସ ହେବ ଏହି ପ୍ରକଳ୍ପରୁ ପାନୀୟ ଜଳ ପାଇବାରୁ ୮ଟି ୱାର୍ଡର ଜନସାଧାରଣମାନେ ବଞ୍ଚିତ ହୋଇଛନ୍ତି। ଏବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଜନସାଧାରଣମାନେ ପାଣି ପାଇଁ ଡହଳବିକଳ ହେଉଥିବା ସମୟରେ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନଥିଲା। ବିଭାଗର ଖାମଖିଆଲ ଓ ମନମାନୀ ଯୋଗୁଁ ଜନସାଧାରଣମାନେ ପିଇବା ପାଣି ପାଇଁ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଯାହାକି ବିଭାଗର ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରିଛନ୍ତି।

### ଧାନ କିଣାରେ କଟନୀ ଛଟନୀ ଖେଳ

## ଦିବ୍ୟାଙ୍ଗ ଚାଷୀଙ୍କଠାରୁ କାଟିଲେ ୫୮ କିଲୋ

ମହାକାଳପଡ଼ା,୧୧।୩(ସଂଚାର ବ୍ୟୁରୋ): ଜଣେ ୮୦ % ଦିବ୍ୟାଙ୍ଗ ଚାଷୀ ସମବାୟ ସମିତିରେ ଧାନ ବିକିବାକୁ ଯାଇ ଶୋଷଣର ଶିକାର ହୋଇଛନ୍ତି। ଏକ କୁଇଣ୍ଟାଲ ଧାନ ପାଇଁ ୫ କିଲୋ ହିସାବରେ ତାଙ୍କୁ କଟଣୀର ଶିକାର ହେବାକୁ ପଡିଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଅନାଇଲୋ ସେବା ସମବାୟ ସମିତି ଲିଃ, ରାଜଗଡ଼କୁ ଦେଉଳପଡା ପଞ୍ଚାୟତ ଅମିରାବାଦ(ବାଙ୍କିଛନ୍ଦା) ଗ୍ରାମର



ଜଣେ ଦିବ୍ୟାଙ୍ଗ ଚାଷୀ ଚନ୍ଦନ ପାଇଟାଳ ଧାନ ବିକ୍ରୟ ପାଇଁ ନେଇଥିଲେ। ଚନ୍ଦନଙ୍କର ମୋଟ ୨୫ ଗୋଟି ବସ୍ତା ଧାନକୁ ମୋଟ ୧୧.୭୮ କୁଇଣ୍ଟାଲ ଓଜନ ହୋଇଥିଲା। ହେଲେ ପ୍ରତି କୁଇଣ୍ଟାଲ ପିଛା ୫ କିଲୋ ହିସାବରେ ତାଙ୍କର ମୋଟ୍ ୫୮ କିଲୋ ଧାନ କଟାଯାଇ ତାଙ୍କୁ ୧୧.୨୦ କୁଇଣ୍ଟାଲର ଚିଠା ଦିଆଯାଇଛି ବୋଲି ଚନ୍ଦନ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ଧାନ ଭରିବା ପାଇଁ ତାଙ୍କୁ ଝୋଟ ଅଖା ମଧ୍ୟ ଯୋଗାଇ ଦିଆଯାଇନଥିବାରୁ ସେ ବାଧ୍ୟ ହୋଇ ବାହାର ବଜାରରୁ ୩୧ ଟଙ୍କା ହିସାବରେ ୨୫ ଟି ଅଖାକୁ ୭୭୫ ଟଙ୍କା ଖର୍ଚ୍ଚ କରି କିଣିବାକୁ ବାଧ୍ୟ ହୋଇଛନ୍ତି। ତେବେ ଖୋଦ୍ ଯୋଗାଣ ମନ୍ତ୍ରୀ କଟଣୀ ଛଟଣି ହେଉନି ବୋଲି ମତ ରଖୁଥିବା ବେଳେ ଚନ୍ଦନଙ୍କ ଭଳି ଜଣେ ଦିବ୍ୟାଙ୍ଗ ଚାଷୀଙ୍କ ଅଭିଯୋଗ କିନ୍ତୁ ସରକାରଙ୍କ ବାସ୍ତବ ରୂପାୟନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଆମେ ସମବାୟ ସମିତିର ସମ୍ପାଦକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା।

## ତାଳଚୁଆରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ରାଜନଗର,୧୧।୩ (ସଂଚାର ବ୍ୟୁରୋ):କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାର ୯ଟି ବ୍ଲକରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ରାଜନଗର ବ୍ଲକ ତାଳଚୁଆ ବାତ୍ୟା ଆଶ୍ରୟ ସ୍ଥଳିରେ ଗ୍ରାମ ପଂଚାୟତ ସ୍ତରୀୟ ଜନଶୁଣାଣୀ ଶିବିରରେ ତାଳଚୁଆ ପଂଚାୟତର ଅଧିବାସୀଙ୍କ ଅଭିଯୋଗର ଶୁଣାଣି କରାଯାଇଥିଲା ।ବିଡିଓ ଅଶୋକ କୁମାର ମହାନ୍ତିଙ୍କ ପୌରହିତରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ରେ ଡେପୁଟି କଲେକ୍ଟର ନିତ୍ୟ ରଂଜନ ସାମଲ,ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ନାୟକ,ସିଡ଼ିପି ଓ ଦୀପାଳି ମିଶ୍ର ପ୍ରମୁଖ ଯୋଗ ଦେଇ ୩୪ ଟି ଅଭିଯୋଗର ଶୁଣାଣି କରିଥିଲେ । ଏଥିରେ ୩୦ ଟି ବ୍ୟକ୍ତିଗତ ଓ ୪ ଟି ସାମୁହିକ ଅଭିଯୋଗ ହୋଇଥିଲା ।ଏହି ଅଭିଯୋଗ ଶୁଣାଣିରେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଅନ୍ୟ ପଟେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲିଙ୍ଗ ପରିବର୍ତ୍ତନ ଓ ବାଲ୍ୟ ବିବାହକୁ ରୋକିବା ପାଇଁ ଲୋକ ମାନଙ୍କୁ ସଚେତନତା କରାଯାଇଥିଲା।

## ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ରାଜନଗର,୧୧।୩ (ସଂଚାର ବ୍ୟୁରୋ):ରାଜନଗରବ୍ଲକ୍ ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୀୟ କୁମାର ଦାସ ସଭାପତିତ୍ୱ କରିଥିଲେ।ଏଥିରେ +୩ ଜାତୀୟ ସେବା ଯୋଜନା ସଂସ୍ଥାର ପ୍ରୋଗ୍ରାମ ଅଫିସର ଡକ୍ଟର ଆଲୋକ ବେହେରା ସଭା ପରିଚାଳନା କରିଥିଲେ। ସଡକ ସୁରକ୍ଷାର ନିୟମାବଳୀ ଓ କିପରି ଦୁର୍ଘଟଣା କୁ ଏଡାଇ ପାରିବା ସେ ସମ୍ବନ୍ଧୀୟ ମତାମତ ରଖିଥିଲେ। ଉଚ୍ଚ ଶିକ୍ଷା ବିଭାଗ ତରଫରୁ ସଡକ ସୁରକ୍ଷା ସଚେତନତାର ଏକ ଭିଡିଓ ଚଲାଇ ଛାତ୍ରଛାତ୍ରୀ ମାନଙ୍କୁ ସଡକ ସୁରକ୍ଷା ନିୟମାବଳୀ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ସଡକ ସୁରକ୍ଷାର ବିଭିନ୍ନ ଚିହ୍ନ ଓ ଟ୍ରାଫିକ ନିୟମ ପାଳନର ଗୁରୁତ୍ୱ ବିଷୟରେ ଆଲେଚନା କରିଥିଲେ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା , ଶତାଧିକ ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ବିଜେପିରେ ଯୋଗଦେଲେ ବଡ଼ସାହି ବ୍ଲକ ଅଧ୍ୟକ୍ଷା



ବେତନଟୀ,୧୧।୩ (ସଂଚାର ବ୍ୟୁରୋ):ବଡ଼ସାହି ବ୍ଲକ ଅଧ୍ୟକ୍ଷା ମିନତୀ ସିଂ ଆଜି ବିଜେପିର ସଦସ୍ୟତା ଗ୍ରହଣ କରିବା ପୂର୍ବକ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଛନ୍ତି। ବଡ଼ସାହି ବ୍ଲକ ବାଲେଶ୍ୱରର ସଂସଦୀୟ କ୍ଷେତ୍ର ଅନ୍ତର୍ଭୁକ୍ତ। ବାଲେଶ୍ୱର ଲୋକସଭା ଆସନର ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା ଆଜି ତାଙ୍କର ହଜାର ହଜାର ସମର୍ଥକ ଙ୍କ ସହିତ ବିଜେପି ଦଳରେ ଯୋଗଦେଇଛନ୍ତି।ଏଥିରେ ବଡ଼ସାହି ବ୍ଲକ ଅଧ୍ୟକ୍ଷା ମିନତୀ ସିଂ ମଧ୍ୟ ବଡ଼ସାହି ବ୍ଲକର କେତେଜଣ ଆଗଧାଡିର ନେତୃବୃନ୍ଦ ଙ୍କ ସହିତ ବିଜେପିରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟରେ ଯୋଗଦେଇଛନ୍ତି।ଏଥିରେ ବଡ଼ସାହି ବିଧାୟକ ସନାତନ ବିଜୁଳି ମଧ୍ୟ ଉପସ୍ଥିତ ରହିଥିଲେ। ବିଜେଡି ଛାଡ଼ି ବଡ଼ସାହି ବ୍ଲକର ଅନନ୍ତ ଚନ୍ଦ୍ର ପଣ୍ଡା, ପ୍ରକାଶ ଚନ୍ଦ୍ର ଦାସଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ଥିବା ଜଣାଯାଇଛି।ଫଳରେ ବ୍ଲକ ବିଜେଡି କୁ ଶକ୍ତ ଧକ୍କା ହୋଇଥିବା ଚର୍ଚ୍ଚା ହେଉଥିବା ବେଳେ ବିଜେପି ସୁଦୃଢ଼ ହେବା ସହ ଏହାର ସମୀକରଣ ବଦଳିପାରେ ବୋଲି ଅନୁମାନ ହେଲାଣି।

# ଜିଲ୍ଲାପାଳଙ୍କ ତହସିଲ, ମ୍ୟୁନିସିପାଲିଟି କାର୍ଯ୍ୟକ୍ରମ ସମୀକ୍ଷା



ପଟ୍ଟାମୁଣ୍ଡାଇ,୧୧।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଜିଲ୍ଲା ବିଭିନ୍ନ ଅଂଚଳ ପରିଦର୍ଶନ କରି ସରକାରୀ ଯୋଜନାର ସଫଳ କାର୍ଯ୍ୟକାରୀତା ଓ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହିତ ଜନସାଧାରଣ ଅଭାବ ଅସୁବିଧା କଥା ସିଧାସଳଖ ତଦାରଖ କରୁଛନ୍ତି ।

ଏହି କ୍ରମରେ ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ତହସିଲ ଅଫିସ ପରିଦର୍ଶନ କରି ବିଭିନ୍ନ ରାଜସ୍ୱ ମାମଲା ଅଗ୍ରଗତି, ଖଜଣା ଆଦାୟ, ସରକାରୀ ଜମି ଜବରଦଖଲ ହଟିବା, ବିଭିନ୍ନ ସରକାରୀ ପ୍ରକଳ୍ପ ପାଇଁ ଜମି ପ୍ରଦାନ, ବିଭିନ୍ନ ସାର୍ଟିଫିକେଟ ପ୍ରଦାନ, ଜମି ଓ କେଶ ରେକର୍ଡର ଅବିକଳ ନକଲ ପ୍ରଦାନ,ଦାଖଲ ଖାରଜ ମାମଲା ଅଗ୍ରଗତି,ଘର ପୋଡି ସହାୟତା,ବେଆଇନ ବାଲି ଘାଟ ବନ୍ଦ ଆଦି ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଓ ସରକାରୀ ଯୋଜନା କାର୍ଯ୍ୟକାରୀତାରେ ସଫଳତା ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଓ ପ୍ରଣବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ତହସିଲ ଅଫିସରେ ପହଂଚିବା ମାତ୍ରେ ତହସିଲଦାର, ଅତିରିକ୍ତ ତହସିଲଦାର ଓ ସରକାରୀ ଓକିଲ ଶିଶିର ମଲିକ ପ୍ରମୁଖ ଫୁଲ ତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ମୁନିସିପାଲିଟି କାର୍ଯ୍ୟାଳୟକୁ ଯାଇ ପଟ୍ଟାମୁଣ୍ଡାଇ ପୌର ପରିଷଦର ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରୀତା, ଜନକଲ୍ୟାଣକାରୀ ପ୍ରକଳ୍ପ ଗୁଡିକର ଅଗ୍ରଗତିର ସମୀକ୍ଷା କରିଥିଲେ । ବିଭିନ୍ନ ସରକାରୀ ପ୍ରକଳ୍ପ ରାସ୍ତା ଘାଟ, ଗୃହ ନିର୍ମାଣ ଆଦି କ୍ଷେତ୍ରରେ ଗୁଣବତ୍ତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ଆହାର କେନ୍ଦ୍ରକୁ ଯାଇ ଖାଦ୍ୟର ମାନ ପରୀକ୍ଷା କରିବା ସହିତ ଆହାର କେନ୍ଦ୍ର ମଧ୍ୟରେ ଥିବା ଗଛିତ ଚାଉଳ, ଡାଲି ଓ ଅନ୍ୟାନ୍ୟ ସାମଗ୍ରୀର ଗୁଣବତ୍ତା ପରୀକ୍ଷା କରିଥିଲେ।

# ଜେଏସଡବ୍ଲୁର ସମର୍ଥ କେନ୍ଦ୍ରରେ ମହିଳା ଦିବସ ପାଳନ



ପାରାଦୀପ,୧୧।୩ (ସଂଚାର ବ୍ୟୁରୋ): ପାରାଦୀପ ଅନ୍ତର୍ଗତ ନୁଆଗାଁରେ ଅବସ୍ଥିତ ଜେଏସଡବ୍ଲୁ ଫାଉଣ୍ଡେସନର ସମର୍ଥ ଯୁବ ବିକାଶ କେନ୍ଦ୍ରରେ ମହିଳା ଦିବସ ଉତ୍ସାହ ଓ ଉଦ୍ଦୀପନା ର ସହିତ ପାଳିତ ହୋଇଯାଛି। ଏହି ଅବସରରେ ଉକ୍ତ କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ମାଆମାନଙ୍କୁ ସମ୍ମାନ ଜଣାଇ ଏକ ଅର୍ଥପୂର୍ଣ୍ଣ ଓ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମାଆମାନଙ୍କର ଶକ୍ତି, ସମର୍ପଣ ଓ ତ୍ୟାଗକୁ ସ୍ୱୀକାର କରାଯାଇଥିଲା। ଯେଉଁମାନେ ନିଜ ସନ୍ତାନଙ୍କ ଭବିଷ୍ୟତ ଗଢ଼ିବାରେ ମୁଖ୍ୟ ଭୂମିକା ନିଭାଇ ଥାଆନ୍ତି। ଉକ୍ତ ଉତ୍ସବକୁ ମାଆମାନେ ଆନନ୍ଦମୟ ପରିବେଶରେ କେକ କାଟି ମହିଳା ଦିବସକୁ ପାଳନ କରିଥିଲେ। ଏହି ଉପଲକ୍ଷେ ମାଆ ମାନଙ୍କୁ ସମ୍ମାନ ସ୍ୱରୂପ ଉପହାର ପ୍ରଦାନ କରାଯାଇ ସେମାନଙ୍କୁ ସମ୍ମାନିତ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ନୁଆଗାଁ ସରପଞ୍ଚ ଶ୍ରୀମତୀ ସୁଚିତ୍ରା ମନ୍ତ୍ରୀ, ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡର ଉପାଧ୍ୟକ୍ଷ (ପ୍ରଶାସନ) ଶ୍ରୀ ମନୋଜ ସିଂହ,ଜେଏସଡବ୍ଲୁ ଫାଉଣ୍ଡେସନ (ସିଏସଆର)ର ଲୋକେସନ୍ ହେଡ୍ ଶ୍ରୀ ଅଭିଜିତ ମହାନ୍ତି ଏବଂ ଗୁରୁକୁଳ ଫାଉଣ୍ଡେସନର ମୁଖ୍ୟ ଶ୍ରୀ ସୂରଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁକୁଳ ଫାଉଣ୍ଡେସନର ଶିକ୍ଷକ,କର୍ମଚାରୀ ଓ ଅନେକ ଛାତ୍ରଛାତ୍ରୀ ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ଥିଲେ।ଆଲୋଚନା ସେସନରେ ଝରଣା ନାୟକ,କଲ୍ୟାଣୀ ଦାସଙ୍କ ସମେତ ଅନ୍ୟାନ୍ୟ ମାଆମାନେ ନିଜ ଝିଅ ମାନଙ୍କର ପ୍ରେରଣାଦାୟକ ଯାତ୍ରା ବିଷୟରେ ଅନୁଭବ ବାଣ୍ଟିଥିଲେ। ସେମାନେ କହିଥିଲେ ଯେ ସମର୍ଥ ଯୁବ ବିକାଶ କେନ୍ଦ୍ର ଯୁବ ପିଢ଼ିକୁ ମାର୍ଗଦର୍ଶନ,ଶିକ୍ଷା ଓ ନୂତନ ସୁଯୋଗ ପ୍ରଦାନ କରି ଜୀବନକୁ ପରିବର୍ତ୍ତନ କରୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯେତେବେଳେ ମାଆ ମାନେ ସଶକ୍ତ ହୁଅନ୍ତି ଏବଂ ସନ୍ତାନ ମାନେ ଠିକ୍ ଶିକ୍ଷା ଓ ସମର୍ଥନ ପାଆନ୍ତି,ସମାଜର ଭବିଷ୍ୟତ ଅଧିକ ଉଜ୍ଜ୍ୱଳ ଓ ସୁଦୃଢ଼ ହୋଇ ଉଠିଥାଏ ବୋଲି ମତ ପ୍ରକାଶ ପାଇଥିଲା।

## ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ୍ ଓ ଡିଜେଲ୍ ରହିଛି



କେନ୍ଦ୍ରାପଡା,୧୧।୩ (ସଂଚାର ବ୍ୟୁରୋ): ଇରାନ୍ ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଜିଲ୍ଲାରେ ଡିଜେଲ୍ ଓ ପେଟ୍ରୋଲ୍ ଇନ୍ଧନ ଗ୍ୟାସ୍ ସୁଚାରୁରୂପେ ଯୋଗାଣ ଦିଆଯାଉଛି । ଏ ନେଇ ଜିଲ୍ଲାର ସମସ୍ତ ପେଟ୍ରୋଲ୍ ପମ୍ପ ମାଲିକ, ଇନ୍ଧନ ଗ୍ୟାସ୍ ଡିଲରମାନଙ୍କୁ ନେଇ ଜିଲ୍ଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଇନ୍ଧନ ଗ୍ୟାସ୍ ଖାଉଟି ମାନଙ୍କୁ ଠିକ୍ ସମୟରେ ପହଁଚାଇବା ସହିତ ପେଟ୍ରୋଲ୍ ଡିଜେଲ୍ ଜନସାଧାରଣଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ରହିଥିବା ଉକ୍ତ ସମୀକ୍ଷା ବୈଠକରେ ପ୍ରକାଶ କରାଯାଇଛି । ଏଥିରେ କୌଣସି ବ୍ୟକ୍ତିବ୍ୟସ୍ତ ହେବାର ନାହିଁ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ଓ ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ, ନିରୀକ୍ଷକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ମୋଦି ସରକାରର ତେଲ ଓ ଗ୍ୟାସ କଳାବଜାରୀ ମସୁଧା



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): କଂଗ୍ରେସ ଭବନଠାରେ ସାମ୍ବାଦିକଙ୍କୁ ଏକ ବିବୃତିରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଭାରତକୁ ମୋଦି ସରକାର ଏକ ମହାସଙ୍କଟ ଆଡ଼କୁ ଟାଣି ନେଉଛନ୍ତି। ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା ଯୋଗୁ ଭାରତରେ ଗ୍ୟାସ ଓ ତେଲ ସଙ୍କଟ ସମ୍ଭାବନା ଦେଖାଦେଇଛି। ସରକାରଙ୍କ ପକ୍ଷରୁ ସବୁ ନିୟନ୍ତ୍ରଣରେ ଅଛି ବୋଲି ଘୋଷଣା ହେଉଛି। କିନ୍ତୁ ଏପଟେ ଗ୍ୟାସ ଭର୍ତ୍ତି ଅବଧି ୧୫ ଦିନରୁ ୨୧ ଦିନ କରିଥିଲେ। ଏବେ କହିଲେଣି ୨୫ ଦିନ ପୂର୍ବରୁ ବୁକିଂ କରିପାରିବ ନାହିଁ। ପୁଣି ଘରୋଇ ସିଲିଣ୍ଡର ପିଛା ୬୦ ଟଙ୍କା ଓ ବ୍ୟାବସାୟିକ ସିଲିଣ୍ଡର ପିଛା ୧୧୫ ଟଙ୍କା ବୃଦ୍ଧି କରି ଜନତାଙ୍କ ପେଟକୁ ଲାତ ମାରିବା କାମ କରୁଛନ୍ତି ମୋଦି ସରକାର। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ନାମରେ ବିଜେପି ସରକାର ଗ୍ୟାସ ଓ ତୈଳ କଳାବଜାରୀ କରିବାକୁ ମସୁଧା କରିଛନ୍ତି। ଠିକ୍ ସେହିଭଳି ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୧୫ ଟଙ୍କା ହେବାକୁ ଯାଉଛି। କିନ୍ତୁ ଲିଟର ପିଛା ୨୦ରୁ ୨୫ ଟଙ୍କା ବଢ଼ାଇବାକୁ ସରକାର ଏତେ ଉଚ୍ଛନ୍ନ କାହିଁକି? ଇପେଷ୍ଟିନ୍ ଫାଇଲ୍ ପ୍ରକରଣରେ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ବିଦା ନ କରି ଦେଶବାସୀଙ୍କୁ ଲଜ୍ଜିତ କରିଛନ୍ତି ପ୍ରଧାନମନ୍ତ୍ରୀ। କମ୍ ସେ କମ୍ ତୈଳ ସଂକଟ ମୁକାବିଲାରେ ଶ୍ରୀ ପୁରୀଙ୍କ ଅପାରଗତା ପାଇଁ ତାଙ୍କୁ ମୋଦି ବିଦା କରୁନାହାନ୍ତି କାହିଁକି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ୧୯୭୯ରୁ ଭାରତ ସହ ଅତୁଟ ସମ୍ପର୍କ ରଖିଥିବା ଇରାନ୍ ସହ ମଧ୍ୟ ମୋଦି ସରକାର ଅତୁଟ ରଖିପାରିଲେ ନାହିଁ। ଟ୍ରମ୍ପଙ୍କ ଭୟରେ ପ୍ରଧାନମନ୍ତ୍ରୀ ମୋଦି ସମସ୍ତ କାର୍ଯ୍ୟ କରୁଛନ୍ତି। ଟ୍ରମ୍ପଙ୍କୁ ଡରି 'ଅପରେସନ ସିନ୍ଦୂର' ଅଧାରୁ ବନ୍ଦ କରିଦେଲେ। ପୁଣି ୫୦ ପ୍ରତିଶତ ଟାରିଫ ଭୟରେ ଚୁକ୍ତିନାମା କଲେ। ବର୍ତ୍ତମାନ ଟ୍ରମ୍ପଙ୍କ ନିର୍ଦ୍ଦେଶାନୁସାରେ ଋଷିଆରୁ ତୈଳ ଆମଦାନି କରିବାକୁ ଯାଉଛନ୍ତି। ଏ ସମସ୍ତ କ'ଣ ନରେନ୍ଦ୍ର ମୋଦିଙ୍କ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଗରେ ସରେଣ୍ଡର ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଚର୍ଚ୍ଚା ହେଉଛି ହୋଟେଲମାନଙ୍କୁ ଗ୍ୟାସ ଯୋଗାଣ କଟକଣା କରାଯାଇପାରେ। ଏହାଦ୍ୱାରା କେବଳ ହୋଟେଲ ବ୍ୟବସାୟୀ ନୁହେଁ, ସାଧାରଣ ଜନତା ଓ ହୋଟେଲ ଶିଳ୍ପର ଲକ୍ଷ ଲକ୍ଷ କର୍ମଜୀବୀଙ୍କ ଉପାର୍ଜନ ଉପରେ ପ୍ରଭାବ ପଡିବ ବୋଲି ପିସିସି ସଭାପତି କହିଛନ୍ତି।

### ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଖର୍ଚ୍ଚଦାବି ଗୃହୀତ

# ସଶକ୍ତ ମହିଳା ଓ ସଶକ୍ତ ସମାଜ ଗଠନକୁ ଗୁରୁତ୍ୱ



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ଆଜି ବିଧାନସଭରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ପାଇଁ ମୋଟ ୧୮,୯୫୭ କୋଟି ୧୫ ଲକ୍ଷ ଟଙ୍କାର ଖର୍ଚ୍ଚଦାବି ଗୃହୀତ ହୋଇଛି। ସେ ମଧ୍ୟରୁ ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ୧୬,୧୫୨.୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିରେ ଯୋଜନା ବାବଦ ଖର୍ଚ୍ଚ ୧୬,୧୨୨.୯୩ କୋଟି ଏବଂ ପ୍ରଶାସନିକ ଖର୍ଚ୍ଚ ୨୯.୯୯ କୋଟି ଟଙ୍କା ରଖାଯାଇଛି।

ବଜେଟରେ ରାଜ୍ୟର ନିଜସ୍ୱ ପାଣ୍ଠିରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ସହ କେତେକ ସ୍ଥାନରେ 'କ୍ରେଚ୍'ର ସୁବିଧା କରିବାକୁ ପ୍ରସ୍ତାବ ରହିଛି। ଏଥିପାଇଁ ୬୩୪.୫୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଶିଶୁ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୩ଟି ସମନ୍ୱିତ ବାତ୍ସଲ୍ୟ ସଦନ ପ୍ରତିଷ୍ଠା କରାଯିବ, ଯେଉଁଠାରେ ଶିଶୁ ଗୃହ, ଶିଶୁ କଲ୍ୟାଣ କମିଟି ଓ କିଶୋର ନ୍ୟାୟ ବୋର୍ଡ ଏକାଠି କାର୍ଯ୍ୟ କରିବେ। ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଏକ ଆଲୋଚନା ମଞ୍ଚ 'ସୁଭଦ୍ରା ଶକ୍ତି ସମ୍ବାଦ' ଓ ମହିଳାଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ 'ସୁଭଦ୍ରା ୱେଲନେସ୍ କେନ୍ଦ୍ର' ସ୍ଥାପନ କରାଯିବ। ସାର୍ବଜନୀନ ସ୍ଥାନଗୁଡ଼ିକରେ ମା'ମାନଙ୍କ ପାଇଁ ଶିଶୁ ସ୍ତନ୍ୟପାନ କେନ୍ଦ୍ରମାନ ସ୍ଥାପନ କରାଯିବ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସେହିଭଳି ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାରେ ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟା ସନ୍ତାନଙ୍କ ପାଇଁ ୨୦ ହଜାର ଟଙ୍କା ସଞ୍ଚୟ କରାଯିବ ଏବଂ ସ୍ନାତକ ପରେ ସୁଧ ସହ ଏକ ଲକ୍ଷ ଏକ ଟଙ୍କା ପ୍ରଦାନ କରାଯିବ। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାରେ ପ୍ରାୟ ୧୪.୭୬ ଲକ୍ଷ ଶିଶୁଙ୍କ ପୋଷାକ, ଜୋତା ବାବଦକୁ ଆର୍ଥିକ ସହାୟତା ବୃଦ୍ଧି କରାଯାଇଛି। ଏଥିପାଇଁ ୧୧୦.୫୭ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ସୁଭଦ୍ରା ଯୋଜନାରେ ୨୦୨୬-୨୭ ବର୍ଷରେ ପ୍ରାୟ ୧ କୋଟିରୁ ଅଧିକ ମହିଳାଙ୍କୁ ସହାୟତା ପାଇଁ ସର୍ବାଧିକ ୧୦,୧୪୫.୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ମମତା-ପିଏମଏମଭିୱାଇ ଯୋଜନାରେ ଗର୍ଭବତୀ ଓ ପ୍ରସୂତିମାନଙ୍କ ପାଇଁ ପୁତ୍ର ସନ୍ତାନ ଜନ୍ମରେ ୧୦ ହଜାର ଏବଂ କନ୍ୟା ସନ୍ତାନ କ୍ଷେତ୍ରରେ ୧୨ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ।

## ବିଧାନସଭା ଖବର

### ଜୈବିକ ଚାଷ ପାଇଁ ୧୧୩ କୋଟିର ବରାଦ



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ୨୦୨୫-୨୬ ବର୍ଷରୁ ବଳଭଦ୍ର ଜୈବିକ ଚାଷ ମିଶନ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଆଗାମୀ ୫ ବର୍ଷରେ ଏହାକୁ ୯୦ ହଜାର ହେକ୍ଟର ଜମିକୁ ସମ୍ପ୍ରସାରିତ କରିବେ। ଏଥିପାଇଁ ୧୧୩ କୋଟି ୫୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନା ୨୦୨୫-୨୬ରୁ ୨୦୨୯-୩୦ ବର୍ଷ ମଧ୍ୟରେ ୧୧ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଏହି ଯୋଜନାର ଅମୃତ ଅନ୍ନ ବିଭାଗ ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କୋଠଭୋଗ ଓ ମହାପ୍ରସାଦ ନିମନ୍ତେ ରସାୟନମୁକ୍ତ ଜୈବିକ ସୁଗନ୍ଧିତ ଚାଉଳ ଓ ଡାଲି ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି। ଏହା ଜଗନ୍ନାଥ ସଂସ୍କୃତିକୁ ସମୃଦ୍ଧ ଓ ଗୌରବାନ୍ୱିତ କରିବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

### ଦୁଇ ବର୍ଷରେ ରଦ୍ଦ ହୋଇଛି ୩୪, ୯୩୯ ରାସନ କାର୍ଡ

ଗତ ୨ ବର୍ଷ ମଧ୍ୟରେ ୩୪ ହଜାର ୯୩୯ଟି ଅଯୋଗ୍ୟ ରାସନ କାର୍ଡକୁ ରଦ୍ଦ କରାଯାଇଛି। ୭ ଲକ୍ଷ ୭୫ ହଜାର ୬୪ ଜଣ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ରାସନ କାର୍ଡ ତାଲିକାରୁ ସେମାନଙ୍କୁ ବାଦ୍ ଦିଆଯାଇଥିବା କହିଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବର୍ତ୍ତମାନ ସୁଦ୍ଧା ରାସନ କାର୍ଡ ପାଇଁ ୧୭ ଲକ୍ଷ ୩୮ ହଜାର ୯୪୬ଟି ଆବେଦନ ସରକାରଙ୍କର ହସ୍ତଗତ ହୋଇଛି। ସେଥିମଧ୍ୟରୁ ୪ ଲକ୍ଷ ୯୬ ହଜାର ୯୧୯ଟି ନୂତନ ରାସନ କାର୍ଡ ପ୍ରଦାନ କରାଯାଇଛି। ରାଜ୍ୟରେ ମୋଟ୍ ଏକ କୋଟି ୯୬ ହଜାର ୨୯୯ ରାସନ କାର୍ଡ ହିତାଧିକାରୀ ପରିବାରର ୩ କୋଟି ୨୮ ଲକ୍ଷ ୫୨ ହଜାର ୪୩୩ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ଥିବା ଅନ୍ତ୍ୟୋଦୟ ଅନ୍ନ ଯୋଜନା ଶ୍ରେଣୀରେ ୧୨ ଲକ୍ଷ ୩୮ ହଜାର ୩୨୧ ପରିବାରର ୩୪ ଲକ୍ଷ ୩୫ ହଜାର ୬୪୨ ସଦସ୍ୟ ତଥା ଅଗ୍ରାଧିକାର ପରିବାର ଶ୍ରେଣୀରେ ୮୫ ଲକ୍ଷ ୫୯ ହଜାର ୨୫୧ ପରିବାରର ୨ କୋଟି ୮୮ ଲକ୍ଷ ୫୪ ହଜାର ସଦସ୍ୟ ରହିଛନ୍ତି।

### ରାସନ କାର୍ଡଧାରୀଙ୍କୁ ଓଜନରେ ଠକୁଛନ୍ତି ଡିଲର

ରାଜ୍ୟରେ ରାସନ କାର୍ଡଧାରୀଙ୍କୁ ଓଜନ ମାପରେ ଡିଲରମାନେ ଠକୁଛନ୍ତି। ଆଜି ବିଧାନସଭାରେ ଏଭଳି ସାଂଘାତିକ ତଥ୍ୟ ଆସିଛି। ୭୫ଟି ରାସନ ଡିଲରଙ୍କ ବିରୁଦ୍ଧରେ ଏହି ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ନେବା ସହ ସେମାନଙ୍କ ଲାଇସେନ୍ସ ବାତିଲ କରିଛନ୍ତି ରାଜ୍ୟ ସରକାର। ଚଳିତ ଆର୍ଥିକ ବର୍ଷ ୩୬୨୪ଟି ଅଭିଯୋଗର ତଦନ୍ତ କରାଯାଇ ୭୫ଟି ରାସନ ଡିଲରଙ୍କ ଲାଇସେନ୍ସ ବାତିଲ କରାଯିବା ସହ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି।

### ଓଡ଼ିଶାବାସୀଙ୍କ ପ୍ରିୟ ଖାସି ମାଂସ

ଓଡ଼ିଶାରେ ପ୍ରତିଦିନ ହାରାହାରି ୩୪୦ ମେଟ୍ରିକ ଟନ ପରିମାଣର ଖାସି ମାଂସ, ୮୪୦ ମେଟ୍ରିକ ଟନ କୁକୁଡ଼ା ମାଂସ ଓ ୧୩୮.୩୬ ଲକ୍ଷ ଅଣ୍ଡାର ଆବଶ୍ୟକ। ତେବେ ରାଜ୍ୟରେ ୩୦୦ ମେଟ୍ରିକ ଟନ ପରିମାଣର ଖାସି ମାଂସ, ୩୮୦ ମେଟ୍ରିକ ଟନ କୁକୁଡ଼ା ମାଂସ ଓ ୧୧୭.୪ ଲକ୍ଷ ପରିମାଣର ଅଣ୍ଡା ଉତ୍ପାଦନ ହେଉଛି ବୋଲି ଗୃହରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି।

### ଅତ୍ୟାବଶକୀୟ ସାମଗ୍ରୀ, ପଡ଼ୋଶୀ ଭରସା

ଆଳୁ ପାଇଁ ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶ ଉପରେ ନିର୍ଭରଶୀଳ ଓଡ଼ିଶା। ପିଆଜ ପାଇଁ ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ ଓ ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ ରାଜ୍ୟ। ଗହମ ପାଇଁ ଉତ୍ତର ପ୍ରଦେଶ, ଛତିଶଗଡ଼, ବିହାର ଉପରେ ନିର୍ଭର କରୁଛି ରାଜ୍ୟ। ଡାଲି ଓ ଡାଲି ଜାତୀୟ ଶସ୍ୟ ପାଇଁ ମହାରାଷ୍ଟ୍ର, ଛତିଶଗଡ଼, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗ ଉପରେ ଭରସା କରୁଛି ଓଡ଼ିଶା। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକରୁ ଆସୁଛି ଚିନି। ଲୁଣ ପାଇଁ ଗୁଜରାଟ, ତାମିଲନାଡ଼ୁ, ଆନ୍ଧ୍ର ପ୍ରଦେଶ ଉପରେ ରାଜ୍ୟ ନିର୍ଭରଶୀଳ। ବର୍ଷକୁ ୨.୦୮ ଲକ୍ଷ ମେଟ୍ରିକ ଟନ ଲୁଣ ଆବଶ୍ୟକ କରୁଛି ଓଡ଼ିଶା। ଆଜି ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏଭଳି ତଥ୍ୟ ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

### ରାଜ୍ୟର ଖୋଲିବ ଚାଉଳ ଏଟିଏମ

ରାଜ୍ୟର ୪ ଜିଲ୍ଲାରେ ଗୋଟିଏ ଲେଖାଏଁ ଚାଉଳ ଏଟିଏମ ଖୋଲିବାର ବ୍ୟବସ୍ଥା କରାଯାଉଛି। ଝାରସୁଗୁଡା, ନବରଙ୍ଗପୁର, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ଲେଖାଏଁ ଚାଉଳ ଏଟିଏମ ଖୋଲିବେ ସରକାର। ରାଜ୍ୟର ପ୍ରଥମେ ପ୍ରଥମ ଚାଉଳ ଏଟିଏମ ଭୁବେନେଶ୍ୱରସ୍ଥିତ ମଞ୍ଚେଶ୍ୱରଠାରେ ଖୋଲିଥିବା ବେଳେ ଗତ ୨୦୨୪ ଜୁଲାଇଠାରୁ ଏପର୍ଯ୍ୟନ୍ତ ୨୦ ହଜାର ୨୧୭ ଜଣ ରାସନ କାର୍ଡଧାରୀ ସମୁଦାୟ ୩ ହଜାର ୮୦୫ କିଲୋ ଚାଉଳ ଉକ୍ତ ଏଟିଏମ୍‌ରୁ ଉଠାଇଛନ୍ତି ବୋଲି ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ପ୍ରଶ୍ନରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲିଖିତ ଉତ୍ତରରେ କହିଛନ୍ତି।

### ଓଜନ ମାପରେ ଠକୁଛନ୍ତି ପେଟ୍ରୋଲ ପମ୍ପ ଓ ସୁନା ଦୋକାନୀ

ରାଜ୍ୟରେ ସୁନା ଦୋକାନୀ ଓ ପେଟ୍ରୋଲ ପମ୍ପରେ ଗ୍ରାହକ ପ୍ରତିଦିନ ଲୁଟ୍‌ର ଶିକାର ହେଉଛନ୍ତି। ଆଜି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଏକ ଲିଖିତ ଉତ୍ତରରୁ ଏଭଳି ତଥ୍ୟ ଆସିଛି। ପେଟ୍ରୋଲ ପମ୍ପରେ ଠକେଇ ନେଇ ତିନି ବର୍ଷରେ ସାମ୍ନାକୁ ଆସିଲାଣି ୧୦୯ଟି ମାମଲା। ୧୩ ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ଜରିମାନା ବି ଆଦାୟ କରାଯାଇଛି। ୮୦୬୫ଟି ଚଢ଼ାଉରୁ ୧୦୯ଟି କେସ ସାମ୍ନାକୁ ଆସିଛି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ସେହିଭଳି ଓଜନ ମାପରେ ବି ଠକୁଛନ୍ତି ସୁନା ଦୋକାନୀ। ତିନି ବର୍ଷରେ ୮୦୬୫ଟି ଚଢ଼ାଉରୁ ୧୬ଟି କେସ ସାମ୍ନାକୁ ଆସିଛି। ଠକେଇ ଅଭିଯୋଗରେ ସୁନା ଦୋକାନୀଙ୍କଠାରୁ ୨.୫ ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ଜରିମାନା ଆଦାୟ କରାଯାଇଛି।

# ଏଲପିଜି ଦରବୃଦ୍ଧି ପ୍ରତିବାଦରେ ବିଜେଡିର ବିକ୍ଷୋଭ



### ଦରବୃଦ୍ଧି ଯୋଗୁଁ ହାଣ୍ଡିଶାଳରେ ଚଡ଼କ

ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ଏଲପିଜି ସିଲିଣ୍ଡର, ଖାଇବା ତେଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଆଜି ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯାଇଛି। ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର ହଜାର ହଜାର କର୍ମୀ, ମହିଳା, ଯୁବ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ଲଗାତାର ଦରବୃଦ୍ଧି ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଦୁର୍ବିସହ ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହି ବିକ୍ଷୋଭ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍‌ସିତା ସାହୁ ବିଜେପି ସରକାରଙ୍କ ଅବହେଳା ଓ ନିଷ୍କ୍ରିୟତା ବିରୋଧରେ ସ୍ଲୋଗାନ୍ ଦେଇ ସେମାନେ ରାସ୍ତା ଉପରେ କାଠ ଚୁଲାରେ ରୋଷେଇ କରି ପ୍ରତିବାଦ କରିଥିଲେ। ଗତ ୭ ତାରିଖରୁ ସାରା ଦେଶରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ବ୍ୟାବସାୟିକ ସିଲିଣ୍ଡର ଦର ୧୧୫ ଟଙ୍କା ବୃଦ୍ଧି ପାଇଛି। ଏହି ଦରବୃଦ୍ଧି ସାଧାରଣ ଜନତା, ଛୋଟ ବ୍ୟବସାୟୀ ଓ ବାଣିଜ୍ୟିକ ସଂସ୍ଥାମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ପକାଇଛି।

ସଭାକୁ ସମ୍ବୋଧନ କରି ଶ୍ରୀମତୀ ଛୁରିଆ କହିଥିଲେ ଯେ ସୁଭଦ୍ରା ଯୋଜନା ନାମରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ମାତ୍ର ୫ ହଜାର ଟଙ୍କା ଦେଇ ସେମାନଙ୍କୁ ଠକିଛି ବିଜେପି ସରକାର। ମହିଳାମାନଙ୍କ ଆର୍ଥିକ ସୁରକ୍ଷାକୁ ମଜବୁତ କରିବା ପରିବର୍ତ୍ତେ ସରକାର ଦରବୃଦ୍ଧି ମାଧ୍ୟମରେ ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛନ୍ତି। ସେହିପରି ବିଜୁ ଯୁବ ଜନତା ଦଳର ସଭାପତି ଶ୍ରୀ ସାହୁ କହିଥିଲେ ଯେ ଆଗରୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର କମିଥିବା ସତ୍ତ୍ୱେ ସେହି ଲାଭ ସାଧାରଣ ଲୋକଙ୍କୁ ଦିଆଯାଇ ନଥିଲା। ଡବଲ୍ ଇଞ୍ଜିନ ସରକାର ତେଲ କମ୍ପାନୀମାନଙ୍କ ସ୍ୱାର୍ଥରେ କାମ କରୁଛି ଓ ସରକାର ତେଲ ବ୍ୟବସାୟକୁ ସଠିକ୍ ଭାବେ ପରିଚାଳନା କରିବାରେ ମଧ୍ୟ ବିଫଳ ହୋଇଛନ୍ତି। ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସାହୁ କହିଥିଲେ ଯେ ଲକ୍ଷାଧିକ ଛାତ୍ରଛାତ୍ରୀ ହଷ୍ଟେଲରେ ରହୁଥିବାରୁ କମନ୍ ମେସ୍‌ର ଖର୍ଚ୍ଚ ବଢ଼ିବ ଏବଂ ମାସିକ ଖର୍ଚ୍ଚ ଭାର ବି ବଢ଼ିଯିବ। ଛାତ୍ରଛାତ୍ରୀମାନେ ଏହାଦ୍ୱାରା ସର୍ବାଧିକ ପ୍ରଭାବିତ ହେବେ ବୋଲି ସେ କହିଛନ୍ତି।

## ବିଭିନ୍ନ ଦାବି ନେଇ ମନ୍ତ୍ରୀ ଓ ବିଧାୟକଙ୍କୁ ସ୍ମାରକପତ୍ର



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ଐତିହ୍ୟସ୍ଥଳୀର ପୁନରୁଦ୍ଧାର, ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ ସହ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପକୁ ନେଇ କୁଟୀର ଶିଳ୍ପ ମାଧ୍ୟମରେ ଜିଲ୍ଲାବାସୀଙ୍କ ସମ୍ମୁଖରେ ରୋଜଗାର ସୃଷ୍ଟି କରିବା ସକାଶେ ଏକ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରିବାର ଆବଶ୍ୟକତା ରହିଛି। ଜିଲ୍ଲାର ଜଣେ ନିର୍ବାଚିତ ପ୍ରତିନିଧି ହିସାବରେ ଚଳିତ ବିଧାନସଭା ଓ ଆଗାମୀ ସଂସଦ ଅଧିବେଶନରେ ଦୃଢ଼ ଭାବେ ଦାବି ଉପସ୍ଥାପନ କରି ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ରାଶି ସରକାରୀ ସ୍ତରରେ ଘୋଷଣା କରିବା ଦାବି ନେଇ ଆଜି ମୟୂରଭଞ୍ଜର ଏକମାତ୍ର ଅଣରାଜନୈତିକ ସାମାଜିକ ସଂଗଠନ 'ଭଞ୍ଜସେନା' ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲ୍ଲାର ଦୁଇ ଜଣ ମନ୍ତ୍ରୀ ଓ ଅନ୍ୟାନ୍ୟ ବିଧାୟକ/ ବିଧାୟିକାମାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ କାର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, ଜିଲ୍ଲା ଯୁବ ଶାଖା କାର୍ଯ୍ୟକାରୀ ସଭାପତି କିଷାନ କୁମାର ସାହୁ, ଜିଲ୍ଲା ଆଦିବାସୀ ଶାଖା ସାଧାରଣ ସମ୍ପାଦକ ସଞ୍ଜୟ ହାଁସଦା, ସେରଲ ମୁର୍ମୁ, ସଞ୍ଜୟ ହାଁସଦା, ରବୀନ୍ଦ୍ର ମାରାଣ୍ଡି ରହିଥିବା ବେଳେ ସେମାନେ ଭୁବନେଶ୍ୱର ଆସି ଦୁଇ ଜଣ ସାଂସଦଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ଦାବିପତ୍ର ପଠାଇଥବା କାର୍ଯ୍ୟକାରୀ ସଭାପତି ଶ୍ରୀ ମହାନ୍ତି କହିଛନ୍ତି।

## କଂଗ୍ରେସକୁ ବାହୁଡ଼ିଲେ ରମୁ ପାତ୍ର ଓ ସତ୍ୟବ୍ରତ ପାତ୍ର



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏକ ମହାମିଶ୍ରଣ ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ରମୁ ପାତ୍ର ଓ ସତ୍ୟବ୍ରତ ପାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଛନ୍ତି। ସେମାନେ ସଭ୍ୟ ଫର୍ମ ପୂରଣ କରି ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ୍ ହୋଇଛନ୍ତି। ସତ୍ୟବ୍ରତ ପାତ୍ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଅବିଭକ୍ତ ପୁରୀ ଜିଲ୍ଲାର କଂଗ୍ରେସ ବିଧାୟକ ସ୍ୱର୍ଗତଃ ବୃନ୍ଦାବନ ପାତ୍ରଙ୍କ ପୁତ୍ର ହୋଇଥିବା ବେଳେ ସେ ପୂର୍ବରୁ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଦାୟିତ୍ୱ ତୁଲାଇସାରିଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ମତାନ୍ତର ଘଟିବାରୁ ସିଏ ବିଜେଡିରେ ଯୋଗ ଦେଇଥିଲେ। ଆଜି ସେ ତାଙ୍କର ହଜାର ହଜାର ସମର୍ଥକଙ୍କ ସହ କଂଗ୍ରେସକୁ ବାହୁଡ଼ିଥିବାରୁ ପୁରୀ ଜିଲ୍ଲା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ଏହି ମିଶ୍ରଣ ପର୍ବରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସନ୍ତୋଷ ସିଂ ସାଲୁଜା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଅନନ୍ତ ପ୍ରସାଦ ସେଠୀ, ଶରତ ରାଉତ, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ମୀନାକ୍ଷୀ ବାହିନୀପତି, ଶୁଭେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ। ଆଜିର ମିଶ୍ରଣ ପର୍ବ ପରେ କଂଗ୍ରେସ ଅଧିକ ଶକ୍ତିଶାଳୀ ହେବ ବୋଲି ସେମାନେ ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଅରବିନ୍ଦ ଦାସ ପରିଚାଳନା କରିଥିବା ବେଳେ ଅମିୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ନିର୍ମାଣ ସାମଗ୍ରୀ ଓ ଶ୍ରମିକ ଦର ନିର୍ଦ୍ଧାରଣରେ ଆସିବ ସମାନତା

# ଟେଣ୍ଡର ପ୍ରକ୍ରିୟାରେ ହେବ ପ୍ରଶାସନିକ ସଂସ୍କାର

- ଭୁବନେଶ୍ୱର ଟ୍ରାଫିକ୍ ସମସ୍ୟା ଦୂରୀକରଣ ଉପରେ ଗୁରୁତ୍ୱ
- ପ୍ରତିଷ୍ଠା ହେବ 'ଓଡ଼ିଶା ରୋଡ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍'



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ରାଜ୍ୟରେ ଚାଲୁଥିବା ବିଭିନ୍ନ ନିର୍ମାଣ ପ୍ରକଳ୍ପକୁ ଅଧିକ ସ୍ୱଚ୍ଛ ଓ ଗତିଶୀଳ କରିବା ପାଇଁ ଆଜି ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆସନ୍ତା ୧୫ ଦିନ ମଧ୍ୟରେ ସଂଶୋଧିତ 'ସେଡ୍ୟୁଲ୍ ଅଫ୍ ରେଟ୍ସ'କୁ ଧାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ବ୍ୟବସ୍ଥା ଦ୍ୱାରା ନିର୍ମାଣ ସାମଗ୍ରୀ, ଶ୍ରମିକ ଓ ଯନ୍ତ୍ରପାତିର ଦର ନିର୍ଦ୍ଧାରଣରେ ସମାନତା ଆସିବା ସହ ପ୍ରକଳ୍ପ ଅଟକଳ ଓ ପେମେଣ୍ଟ ପ୍ରକ୍ରିୟା ଅଧିକ ସହଜ ହେବ।

ଟେଣ୍ଡର ପ୍ରକ୍ରିୟାରେ ରହୁଥିବା ଅସଙ୍ଗତି ଦୂର କରିବା ପାଇଁ ସମସ୍ତ ଦସ୍ତାବିଜର ମାନକୀକରଣ (ଷ୍ଟାଣ୍ଡାର୍ଡ ବିଡ୍ ଡକ୍ୟୁମେଣ୍ଟ) କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ମୁଖ୍ୟଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ ପର୍ଯ୍ୟନ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ କାର୍ଯ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର ସହରର ଟ୍ରାଫିକ୍ ସମସ୍ୟା ହ୍ରାସ କରିବା ପାଇଁ 'ଡିକଞ୍ଜେସନ ପ୍ଲାନ' ଉପରେ ମନ୍ତ୍ରୀ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ଜୟଦେବ ବିହାର-ନନ୍ଦନକାନନର 'ଲେଫ୍ଟ ପାରାଲାଲ' ରାସ୍ତା କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଦିନରାତି ଜାରି ରଖି ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ସାଧାରଣ ଲୋକ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ବିକଳ୍ପ ରାସ୍ତାର ବ୍ୟବହାର ଯୋଗ୍ୟତା ତଥା ସୁପରିଚାଳନା ନିଶ୍ଚିତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି। ନିର୍ମାଣ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବିନିଯୋଗ ପାଇଁ କେନ୍ଦ୍ରୀୟ ସଡ଼କ ଗବେଷଣା ପ୍ରତିଷ୍ଠାନ ଢାଞ୍ଚାରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ ଏହି ରାସ୍ତା ଗବେଷଣା ପ୍ରତିଷ୍ଠାନର ରୂପରେଖ ଓ କାର୍ଯ୍ୟାନ୍ୱୟନ ସମ୍ପର୍କିତ ବିସ୍ତୃତ ତଥ୍ୟ ଆଗାମୀ ଦିନରେ ଚୂଡ଼ାନ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ଆସନ୍ତା ୩୧ ସୁଦ୍ଧା ସମସ୍ତ ବ୍ୟୟ ଲକ୍ଷ୍ୟ ହାସଲ କରିବା ସହ ଅତିରିକ୍ତ ବଜେଟରେ ଅନୁମୋଦିତ ହୋଇଥିବା ବିଭିନ୍ନ ଡିଭିଜନର ଦେୟଗୁଡ଼ିକୁ ତୁରନ୍ତ ଭରଣା କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ କହିଛନ୍ତି।

### ନ୍ୟାୟ ସଂହିତା ପ୍ରଦର୍ଶନୀ

## ବୁଲି ଦେଖିଲେ ଗଣମାଧ୍ୟମ ସମ୍ପାଦକ ଓ ବ୍ୟୁରୋ ଚିଫ୍



ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ): ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ନ୍ୟାୟ ସଂହିତା ପ୍ରଦର୍ଶନୀ' ଜାରି ରହିଛି। ପଥପ୍ରାନ୍ତ ନାଟକ ତଥା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କୁ ଦେଶର ନୂତନ ଅପରାଧିକ ଆଇନ ସମ୍ପର୍କରେ ଅବଗତ କରାଯାଉଛି। ଏହି କ୍ରମରେ ଆଜି ଭିନ୍ନ ଭିନ୍ନ ସମୟରେ ନ୍ୟାୟିକ ବିଭାଗର ଅଧିକାରୀ ଓ କର୍ମଚାରୀ, ରାଜ୍ୟର ବହୁ ପ୍ରତିଷ୍ଠିତ ସମ୍ବାଦପତ୍ର ତଥା ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକ ଓ ବ୍ୟୁରୋ ଚିଫ୍, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା, ଗୃହ ବିଭାଗର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର କ୍ରୀଡ଼ାବିତମାନେ ପ୍ରଦର୍ଶନୀ ବୁଲି ନୂତନ ଅପରାଧିକ ଆଇନ ସମ୍ପର୍କରେ ଅବଗତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମ ସମ୍ପାଦକଙ୍କ ସହ ନୂତନ ନ୍ୟାୟ ସଂହିତାର କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ।

## ଶିରିଡ଼ି ସାଇ ଟ୍ରଷ୍ଟ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ରନ୍ଧା ଖାଦ୍ୟ



ଗରଦପୁର,୧୧।୩(ସଂଚାର ବ୍ୟୁରୋ): ଗତ ସୋମବାର ବିଳମ୍ବିତ ରାତିରେ ତେଣ୍ଡାକୁଡ଼ା ପଞ୍ଚାୟତର ବସନ୍ତପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୬ଟି ପରିବାରର ୭ ବଖରା ଗୃହ ସମ୍ପୂର୍ଣ୍ଣ ଜଳି ଭସ୍ମୀଭୂତ ହେବା ସହ ଘରେ ଥିବା ଖାଦ୍ୟଶସ୍ୟ, ଟଙ୍କା ପଇସାଠାରୁ ଆରମ୍ଭ କରି ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଏହି ଅବସରରେ ଗ୍ରାମରେ ଥିବା ଶ୍ରୀ ଶିରିଡ଼ି ସାଇ ଚାରିଟେବଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ. ରୁଦ୍ର ମହାନ୍ତିଙ୍କ ନିର୍ଦ୍ଦେଶରେ ଟ୍ରଷ୍ଟ ସଦସ୍ୟ କମଳ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆଜି ଅଗ୍ନିବିପନ୍ନ ପରିବାରଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ତେଣ୍ଡାକୁଡ଼ା ପଞ୍ଚାୟତର ସରପଞ୍ଚ ମାନସ କୁମାର ରାଉତ ଓ ବିଜେପି ନେତା ତେଜେଶ୍ୱର ପରିଡ଼ା ବିପନ୍ନ ପରିବାର ସହ ଆଜି ମଧ୍ୟାହ୍ନଭୋଜନ ମଧ୍ୟ କରିଥିଲେ। ଆସନ୍ତାକାଲି ବିପନ୍ନ ପରିବାରଙ୍କୁ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯିବ ବୋଲି ଡ. ମହାନ୍ତି ସୂଚନା ଦେଇଛନ୍ତି।

# ଧାନ ଉତ୍ପାଦନ, ୧୭୧ ଲକ୍ଷ ମେଟ୍ରିକ ଟନ୍



ଭୁବନେଶ୍ୱର,୧୧।୩: ୨୦୨୫ ଖରିଫ ଋତୁରେ ରାଜ୍ୟରେ ୧୭୧ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଧାନ ଫଳିଛି। ୩୫ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ହୋଇଥିବା ଧାନ ଚାଷରୁ ଏହା ଅମଳ ହୋଇଥିବା ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ରାଜ୍ୟରେ ଧାନ ଓ ଅନ୍ୟାନ୍ୟ ଫସଲ ଉତ୍ପାଦନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ କୃଷି ବିଭାଗ ଦାୟିତ୍ୱରେ ଥିବା ଶ୍ରୀ ସିଂହଦେଓ କହିଛନ୍ତି ଯେ ୨୦୨୫ ଖରିଫ ଋତୁରେ ରାଜ୍ୟରେ ୧୭୧ ଲକ୍ଷ ୭୯ ହଜାର ମେଟ୍ରିକ ଟନ୍ ଧାନ ଫଳିଛି। ତେବେ ସବୁଠାରୁ ଅଧିକ ୧୫ ଲକ୍ଷ ଟନ୍ ଧାନ ମୟୂରଭଞ୍ଜ ଜିଲ୍ଲାରେ ଉତ୍ପାଦିତ ହୋଇଥିବା ବେଳେ ବରଗଡ଼ରେ ୧୨ ଲକ୍ଷ ଟନ୍, ବାଲେଶ୍ୱରରେ ୧୦ ଲକ୍ଷ ଟନ୍ ଧାନ ଫଳିଛି। ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗିର ଭଳି ଜିଲ୍ଲାର ୧୦ ଲକ୍ଷ ଟନ୍ ପାଖାପାଖି ଧାନ ଫଳିଥିବା ରେକର୍ଡ ହୋଇଛି। ସବୁଠାରୁ କମ୍ ଧାନ ଫଳିଛି ଦେବଗଡ଼ ଜିଲ୍ଲାରେ। ଏଠାରେ ଉତ୍ପାଦିତ ଧାନର ପରିମାଣ ଦେଢ ଲକ୍ଷ ଟନ୍ ମଧ୍ୟରେ ରହିଛି।

ଧାନ ସହ ରାଜ୍ୟରେ ଡାଲି, ତୈଳବୀଜ ଓ ସେରେଲୋକ ଜାତୀୟ ଶସ୍ୟ ଚାଷ ହୋଇଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ୨୦୨୫ ଖରିଫ ଋତୁରେ ୫ ଲକ୍ଷ ୩୭ ହଜାର ମେଟ୍ରିକ ଟନ୍‌ରୁ ଅଧିକ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ହୋଇଛି। ଡାଲି ଜାତୀୟ ଶସ୍ୟ ଉତ୍ପାଦନରେ ଭଦ୍ରକ, ପୁରୀ ଓ ଜଗତସିଂହପୁର ଜିଲ୍ଲା ସବୁଠାରୁ ପଛରେ ପଡ଼ିଛନ୍ତି। ଏହି ତିନି ଜିଲ୍ଲାରେ ଡାଲି ଉତ୍ପାଦନ ୧୫ କ୍ୱିଣ୍ଟାଲ ବି ଅତିକ୍ରମ କରିପାରିନାହିଁ। ତେବେ ଡାଲି ଜାତୀୟ ଶସ୍ୟ ଉତ୍ପାଦନରେ ସବୁଠାରୁ ଆଗରେ କଳାହାଣ୍ଡି ଜିଲ୍ଲା ରହିଛି। ଏଠାରେ ୮୮ ହଜାର ମେଟ୍ରିକ ଟନ୍‌ରୁ ଅଧିକ ଡାଲି ଫଳିଥିବା ବେଳେ ଏହା ପଛକୁ ୬୫ ହଜାର ମେଟ୍ରିକ ଟନ୍ ସହ ଗଞ୍ଜାମ ଜିଲ୍ଲା ରହିଛି।

ସେହିଭଳି ତୈଳବୀଜ ଉତ୍ପାଦନ ପରିମାଣ ୨୦୨୫ ଖରିଫ ଋତୁରେ ରାଜ୍ୟରେ ୨.୫ ଲକ୍ଷ ମେଟ୍ରିକ ଟନ୍‌ରୁ ସାମାନ୍ୟ ଅଧିକ ରହିଛି। ତୈଳବୀଜ ଚାଷ ହେଉଥିବା ଜମିର ପରିମାଣ ୨ ଲକ୍ଷ ହେକ୍ଟର ବି ଅତିକ୍ରମ କରିପାରିନାହିଁ। ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ଜିଲ୍ଲାରେ ତୈଳବୀଜ ଉତ୍ପାଦନ ଶୂନ ବୋଲି ଦର୍ଶାଯାଇଛି। ତେବେ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ସବୁଠାରୁ ଆଗରେ ରହିଛି ବରଗଡ଼ ଜିଲ୍ଲା। ଏହି ଜିଲ୍ଲାରେ ୨୫ ହଜାର ମେଟ୍ରିକ ଟନ୍‌ରୁ ଅଧିକ ତୈଳବୀଜ ଉତ୍ପାଦନ ହୋଇଥିବା ବେଳେ ବଲାଙ୍ଗିର, ଢେଙ୍କାନାଳ, ଗଞ୍ଜାମ, କଳାହାଣ୍ଡି ଆଦି ଜିଲ୍ଲାର ପ୍ରଦର୍ଶନ ବି ସନ୍ତୋଷଜନକ ରହିଛି।

ତେବେ ରାଜ୍ୟରେ ସେରେଲୋକ ତାଲିକାରେ ଥିବା ଶସ୍ୟ ଉତ୍ପାଦନ ୨୦୨୫ ଖରିଫ ଋତୁରେ ୧୩ ଲକ୍ଷ ମେଟ୍ରିକ ଟନକୁ ଅତିକ୍ରମ କରିଥିବା ବେଳେ ଫାଇବର ଜାତୀୟ ଶସ୍ୟ ଉତ୍ପାଦନ ପରିମାଣ ୯ ଲକ୍ଷ ଟନ୍‌କୁ ଟପିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ଅନାସ୍ଥା ପ୍ରସ୍ତାବ ସୁସ୍ଥ ଗଣତନ୍ତ୍ରର ପରିଚୟ

ଭାରତୀୟ ଗଣତନ୍ତ୍ରର ମୂଳ ଆଧାର ହେଉଛି ସମ୍ବିଧାନ, ସଂସଦୀୟ ପ୍ରଥା ଓ ଲୋକଙ୍କ ପ୍ରତି ଉତ୍ତରଦାୟିତ୍ୱ। ଲୋକସଭାର ବାଚସ୍ପତି ଏହି ସଂସଦୀୟ ବ୍ୟବସ୍ଥାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦ। ବାଚସ୍ପତି ହେଉଛନ୍ତି ସଂସଦର ନିର୍ପେକ୍ଷ ନେତୃତ୍ୱ, ଯିଏ ସମସ୍ତ ସଦସ୍ୟଙ୍କୁ



ସମାନ ଅଧିକାର ଦେବା ସହିତ ସଂସଦର ଶୃଙ୍ଖଳା ଓ ଗରିମାକୁ ରକ୍ଷା କରନ୍ତି। ଏହି ପରିପ୍ରେକ୍ଷିତରେ ଯଦି ବାଚସ୍ପତିଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆସେ, ତାହାକୁ ଗଣତନ୍ତ୍ରର ଦୁର୍ବଳତା ବୋଲି ନୁହେଁ, ବରଂ ଏକ ସ୍ୱସ୍ଥ ଗଣତାନ୍ତ୍ରୀୟ ପ୍ରକ୍ରିୟା ବୋଲି ଦେଖାଯିବା ଉଚିତ।

ଗଣତନ୍ତ୍ରରେ ପ୍ରତ୍ୟେକ ପଦ ଓ ପ୍ରତ୍ୟେକ ବ୍ୟକ୍ତି ଉତ୍ତରଦାୟୀ। ବାଚସ୍ପତି ଯଦିଓ ସଦସ୍ୟମାନଙ୍କ ଦ୍ୱାରା ମନୋନିତ ଓ ସେମାନଙ୍କ ଉପରେ ନିର୍ପେକ୍ଷ ଭାବରେ ସଭା ଚାଲାଇବାର ଦାୟିତ୍ୱ ରଖନ୍ତି, ତଥାପି ଯଦି ବିପକ୍ଷ କିମ୍ବା କିଛି ସଦସ୍ୟ ମନେ କରନ୍ତି ଯେ ବାଚସ୍ପତିଙ୍କ କାର୍ଯ୍ୟପ୍ରଣାଳୀରେ ପକ୍ଷପାତ ରହିଛି କିମ୍ବା ସଂସଦୀୟ ପ୍ରଥା ଉଲ୍ଲଙ୍ଘନ ହେଉଛି, ସେମାନେ ଅବିଶ୍ୱାସ ପ୍ରସ୍ତାବ ଆଣିପାରନ୍ତି। ଏହା ସମ୍ବିଧାନ ଦ୍ୱାରା ଦିଆଯାଇଥିବା ଏକ ଗଣତାନ୍ତ୍ରୀୟ ଅଧିକାର। ଏହି ପ୍ରକ୍ରିୟା ସଂସଦରେ ଉତ୍ତରଦାୟିତ୍ୱକୁ ଶକ୍ତିଶାଳୀ କରେ। ଅବିଶ୍ୱାସ ପ୍ରସ୍ତାବ ଆଣିବା ମାନେ ସବୁବେଳେ ଏହା ନୁହେଁ ଯେ ବାଚସ୍ପତି ନିଶ୍ଚିତ ଭାବରେ ତାଙ୍କ ପଦ ହରାଇବେ। ବହୁ ସମୟରେ ଏହା ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ, ଯାହା ମାଧ୍ୟମରେ ବିରୋଧୀ ସଂସଦର କାର୍ଯ୍ୟ ପରିଚାଳନା ନେଇ ତାଙ୍କର ଅସନ୍ତୋଷ ପ୍ରକାଶ କରନ୍ତି। ଏହା ସଂସଦର ଭିତରେ ଚର୍ଚ୍ଚା ଓ ଆଲୋଚନାର ଏକ ପରିସର ସୃଷ୍ଟି କରେ। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି ଯେ ଏଠାରେ ମତଭେଦକୁ ସାମ୍ବିଧାନିକ ଉପାୟରେ ସମାଧାନ କରାଯିବ।

ତଥାପି, ଏହି ପ୍ରକ୍ରିୟାକୁ ଅତ୍ୟଧିକ ରାଜନୈତିକ ହତିଆର ଭାବରେ ବ୍ୟବହାର କରିବା ମଧ୍ୟ ଠିକ୍ ନୁହେଁ। ବାଚସ୍ପତିଙ୍କ ପଦର ଗରିମା ଓ ସଂସଦର ପ୍ରଥାକୁ ରକ୍ଷା କରିବା ସମସ୍ତ ଦଳର ଦାୟିତ୍ୱ। ଯଦି ପ୍ରତ୍ୟେକ ରାଜନୈତିକ ମତଭେଦକୁ ଅବିଶ୍ୱାସ ପ୍ରସ୍ତାବ ଆଣିବାରେ ପରିଣତ କରାଯାଏ, ତେବେ ସଂସଦୀୟ କାର୍ଯ୍ୟ ଅସ୍ଥିର ହୋଇପାରେ। ତେଣୁ ଏହି ପଦକ୍ଷେପ ସତର୍କତା ଓ ଦାୟିତ୍ୱବୋଧ ସହ ନିଆଯିବା ଆବଶ୍ୟକ।

ଭାରତୀୟ ସଂସଦୀୟ ପ୍ରଥାରେ ବାଚସ୍ପତିଙ୍କୁ ସବୁବେଳେ ନିର୍ପେକ୍ଷତାର ପ୍ରତୀକ ଭାବରେ ଦେଖାଯାଇଛି। ଏହି ପଦରେ ବସିବା ପରେ ସେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ସଂସଦର ସମସ୍ତ ସଦସ୍ୟଙ୍କ ପାଇଁ ସମାନ ମଞ୍ଚ ସୃଷ୍ଟି କରିବା ଉଚିତ। ଯଦି କେବେ ଏହି ନିର୍ପେକ୍ଷତା ଉପରେ ପ୍ରଶ୍ନ ଉଠେ, ତେବେ ଅବିଶ୍ୱାସ ପ୍ରସ୍ତାବ ଭଳି ସାମ୍ବିଧାନିକ ପ୍ରକ୍ରିୟା ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ।

ମୋଟାମୋଟି ଭାବେ କହିବାକୁ ଗଲେ, ଲୋକସଭା ବାଚସ୍ପତିଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବକୁ ଗଣତନ୍ତ୍ରର ସଂକଟ ବୋଲି ନୁହେଁ, ବରଂ ଗଣତନ୍ତ୍ରର ସକ୍ରିୟତାର ଚିହ୍ନ ବୋଲି ଦେଖାଯିବା ଉଚିତ। ଯେତେବେଳେ ସଂସଦରେ ପ୍ରଶ୍ନ, ଆଲୋଚନା ଓ ଉତ୍ତରଦାୟିତ୍ୱ ଜୀବନ୍ତ ରହେ, ସେତେବେଳେ ଗଣତନ୍ତ୍ର ସତ୍ୟ ସାର୍ଥକ ହୁଏ। ସେହିପରି, ଏପରି ପ୍ରସ୍ତାବମାନେ ଯଦି ଦାୟିତ୍ୱପୂର୍ଣ୍ଣ ଭାବରେ ଆଣାଯାଏ, ତେବେ ସେଗୁଡ଼ିକ ଏକ ସ୍ୱସ୍ଥ ଓ ସଚେତନ ଗଣତନ୍ତ୍ରର ପରିଚୟ ଦେଇଥାଏ।

# ରାମାୟଣ-ମାନବ ସଭ୍ୟତା ପାଇଁ ନୀତିମୟ ଦିଗଦର୍ଶନ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଭାରତୀୟ ସାହିତ୍ୟରେ ରାମାୟଣ ଏକ ଅତ୍ୟନ୍ତ ପବିତ୍ର ଓ ପ୍ରସିଦ୍ଧ ମହାକାବ୍ୟ। ଏହି କାବ୍ୟର ମୂଳ ରଚନା କରିଥିଲେ ଋଷି ବାଲ୍ମିକୀ, ଯାହାକୁ "ଆଦିକାବ୍ୟ" ବୋଲି କୁହାଯାଏ। ପରେ ମଧ୍ୟଯୁଗରେ କବି ତୁଳସୀ ଦାସ ରାମାୟଣକୁ ଆଧାର କରି ଅବଧୀ ଭାଷାରେ "ରାମଚରିତମାନସ" ରଚନା କଲେ। ଏହି ଦୁଇ ରାମାୟଣର କାହାଣୀ ଏକ ହେଲେ ମଧ୍ୟ ତାହାର ଶୈଳୀ, ଭାଷା, ଉଦ୍ଦେଶ୍ୟ ଓ ବର୍ଣ୍ଣନାରେ ଅନେକ ପାର୍ଥକ୍ୟ ଦେଖାଯାଏ। ବାଲ୍ମିକି ରାମାୟଣ ପ୍ରାଚୀନ କାଳରେ ରଚିତ ହୋଇଥିଲା। ଅନୁମାନ କରାଯାଏ ଯେ ଏହା ଖ୍ରୀଷ୍ଟପୂର୍ବ କାଳରେ ଲେଖାଯାଇଥିଲା। ଏହା ରାମଙ୍କ ଜୀବନ ଉପରେ ଆଧାରିତ ପ୍ରଥମ ମହାକାବ୍ୟ। କିନ୍ତୁ ତୁଳସୀଦାସଙ୍କ ରାମଚରିତମାନସ ୧୬ଶ ଶତାବ୍ଦୀରେ ଭକ୍ତି ଆନ୍ଦୋଳନ ସମୟରେ ରଚିତ ହୋଇଥିଲା। ତେଣୁ ଏହାର ମଧ୍ୟରେ ଭକ୍ତିଭାବ ଅଧିକ ପ୍ରକାଶ ପାଇଛି। ବାଲ୍ମିକି ରାମାୟଣ ସଂସ୍କୃତ ଭାଷାରେ ଲେଖାଯାଇଛି। ସଂସ୍କୃତ ଏକ ଶାସ୍ତ୍ରୀୟ ଭାଷା ଥିବାରୁ ପୂର୍ବେ ସମସ୍ତେ ଏହାକୁ ସହଜରେ ବୁଝି ପାରୁନଥିଲେ। କିନ୍ତୁ ତୁଳସୀଦାସ ରାମାୟଣ ଅବଧୀ ଯାହା ହିନ୍ଦୀର ଏକ ରୂପ ଭାଷାରେ ରଚିତ। ସେଥିପାଇଁ ସାଧାରଣ ଲୋକମାନେ ଏହାକୁ ସହଜରେ ପଢ଼ି ଓ ବୁଝି ପାରିଲେ। ଏହି କାରଣରୁ ରାମଚରିତମାନସ ଲୋକମାନଙ୍କ ମଧ୍ୟରେ ଅତ୍ୟଧିକ ପ୍ରଚଳିତ ହେଲା। ବାଲ୍ମିକି ରାମାୟଣର ପ୍ରଧାନ ଉଦ୍ଦେଶ୍ୟ ହେଉଛି ରାମଙ୍କ ଜୀବନ ଓ ଆଦର୍ଶ ଚରିତ୍ରକୁ ଇତିହାସ ଭଳି ଉପସ୍ଥାପନ କରିବା। ଏଥିରେ ରାମଙ୍କୁ ଏକ ଆଦର୍ଶ ମନୁଷ୍ୟ ଓ ଧର୍ମପରାୟଣ ରାଜା ଭାବରେ ଦେଖାଯାଇଛି। ତୁଳସୀଦାସ ରାମାୟଣର ଉଦ୍ଦେଶ୍ୟ ହେଉଛି ଭଗବାନ ରାମଙ୍କ ପ୍ରତି ଭକ୍ତି ଓ ଧାର୍ମିକ ଭାବନାକୁ ପ୍ରଚାର କରିବା। ଏଥିରେ ରାମଙ୍କୁ ଭଗବାନ ବିଷ୍ଣୁଙ୍କ ଅବତାର ଭାବରେ ବର୍ଣ୍ଣନା କରାଯାଇଛି। ବାଲ୍ମିକୀ ରାମାୟଣରେ ଘଟଣାଗୁଡିକୁ ବିସ୍ତାରିତ ଓ ବାସ୍ତବ ଶୈଳୀରେ ବର୍ଣ୍ଣନା କରାଯାଇଛି। ଯୁଦ୍ଧ, ରାଜନୀତି, ଓ ନୈତିକତା ବିଷୟରେ ବିସ୍ତୃତ ଚର୍ଚ୍ଚା ମିଳେ। ତୁଳସୀଦାସ ରାମାୟଣରେ କାହାଣୀ କବିତାମୟ ଓ ଭକ୍ତିମୟ ଶୈଳୀରେ ଉପସ୍ଥାପିତ। ଏଥିରେ ଭଜନ, ଦୋହା, ଚୌପାଇ ଇତ୍ୟାଦି ଛନ୍ଦ ବ୍ୟବହାର କରାଯାଇଛି। ବାଲ୍ମିକି ରାମାୟଣରେ ରାମଙ୍କୁ ଏକ ମହାନ ମନୁଷ୍ୟ ଓ ଆଦର୍ଶ ରାଜା ଭାବରେ ଦେଖାଯାଇଛି। ସେ ମନୁଷ୍ୟ ଭଳି ଦୁଃଖ, ସଂକଟ ଓ ଭାବନାକୁ ଅନୁଭବ କରନ୍ତି। ତୁଳସୀଦାସ ରାମାୟଣରେ ରାମଙ୍କୁ ସର୍ବଶକ୍ତିମାନ ଭଗବାନ ଭାବରେ ବର୍ଣ୍ଣନା କରାଯାଇଛି। ସେ ଲୀଳା କରିବା ପାଇଁ ପୃଥିବୀରେ ଅବତରଣ କରିଥିବା ଦେବତା ଭାବରେ ପ୍ରକାଶ ପାନ୍ତି। ବାଲ୍ମିକୀ ରାମାୟଣ ୭ଟି କାଣ୍ଡରେ ବିଭକ୍ତ ଓ ପ୍ରାୟ ୨୪,୦୦୦ ଶ୍ଳୋକ ରହିଛି। ତୁଳସୀଦାସଙ୍କ ରାମଚରିତମାନସ ମଧ୍ୟ ୭ଟି କାଣ୍ଡରେ ବିଭକ୍ତ, କିନ୍ତୁ ଏହାର ଗଠନ ଭକ୍ତିମୟ ଓ ସାହିତ୍ୟିକ ଶୈଳୀରେ ଲେଖାଯାଇଛି।

ରାମାୟଣ ମହାକାବ୍ୟରେ ଅଯୋଧ୍ୟାର ରାଜକୁମାର ରାମଙ୍କ ଜୀବନ କାହାଣୀ, ତାଙ୍କର ଧର୍ମପାଳନ, ତ୍ୟାଗ, ନ୍ୟାୟ ଓ ଆଦର୍ଶ ଚରିତ୍ରକୁ ଅତ୍ୟନ୍ତ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି। ଏହା କେବଳ ଗୋଟିଏ କାହାଣୀ ନୁହେଁ, ବରଂ ମାନବ ଜୀବନ ପାଇଁ ଗୋଟିଏ ନୀତିମୟ ଦିଗଦର୍ଶନ। ରାମାୟଣରେ ମାନବ ଜୀବନର ଅନେକ ମୂଲ୍ୟବୋଧ ଧର୍ମ, ସତ୍ୟ, ଭକ୍ତି, ସହନଶୀଳତା, ନିଷ୍ଠା ଓ ପରିବାର ପ୍ରେମ ଶିକ୍ଷା ଦିଆଯାଇଛି। ଏହି କାହାଣୀର ନୀତି ଓ ଶିକ୍ଷା ଆଜିର ସମାଜରେ ମଧ୍ୟ ଅତ୍ୟନ୍ତ ଉପଯୋଗୀ। ରାମାୟଣର ପ୍ରଥମ ଓ ସବୁଠୁ ବଡ଼ ନୀତି ହେଉଛି ଧର୍ମ ଓ କର୍ତ୍ତବ୍ୟ ପାଳନ। ରାମ ତାଙ୍କ ପିତା ଦଶରଥଙ୍କ ଆଜ୍ଞା ପାଳନ କରି ୧୪ ବର୍ଷର ବନବାସ ଗ୍ରହଣ କରିଥିଲେ। ସେ ରାଜ୍ୟ, ଧନ-ସମ୍ପତ୍ତି ଓ ସୁଖ-ସୁବିଧାକୁ ଛାଡ଼ି ଧର୍ମ ଓ ପିତୃବଚନକୁ ଅଧିକ ମୂଲ୍ୟ ଦେଇଥିଲେ। ଏଠାରୁ ଆମେ ଶିଖୁଛୁ ଯେ ଜୀବନରେ ନିଜ କର୍ତ୍ତବ୍ୟ ପାଳନ କରିବା ମଣିଷର ସର୍ବୋତ୍ତମ ଗୁଣ। କେତେ ଅସୁବିଧା ଆସୁନାହିଁ, ଯଦି ଆମେ ଧର୍ମ ଓ ସତ୍ୟର ପଥରେ ଚାଲିବା, ଶେଷରେ ଜୟ ଆମର ହୁଏ। ରାମାୟଣ ଭାଇଚାରା ଓ ପରିବାର ପ୍ରେମର ଅତ୍ୟନ୍ତ ସୁନ୍ଦର ଉଦାହରଣ। ଲକ୍ଷ୍ମଣ ତାଙ୍କ ଭାଇ ରାମଙ୍କ ସହ ୧୪ ବର୍ଷ ବନବାସକୁ ଯାଇଥିଲେ। ସେ ରାମଙ୍କ ସେବା କରିବାକୁ ନିଜ ଜୀବନକୁ ସମର୍ପଣ କରିଥିଲେ। ଏହା ସହିତ ଭାରତଙ୍କ ଭକ୍ତି ଓ ପ୍ରେମ ମଧ୍ୟ ଅତ୍ୟନ୍ତ ଅଦ୍ଭୁତ। ସେ ରାମଙ୍କ ସ୍ଥାନରେ ରାଜା ହେବାକୁ ଚାହିଁଲେ ନାହିଁ, ବରଂ ରାମଙ୍କ ପାଦୁକାକୁ ସିଂହାସନରେ ରଖି ରାଜ୍ୟ ଚଳାଇଥିଲେ। ଏହି କାହାଣୀ ଆମକୁ ଶିଖାଏ ଯେ ପରିବାରରେ ପ୍ରେମ, ଭରସା ଓ ସମ୍ମାନ ରହିଲେ ସମସ୍ତ ସମସ୍ୟା ସହଜରେ ସମାଧାନ ହୋଇପାରେ। ରାମାୟଣରେ ସୀତାଙ୍କ ଚରିତ୍ର ନାରୀ ମର୍ଯ୍ୟାଦା, ସତୀତ୍ୱ ଓ ସହନଶୀଳତାର ଉତ୍କୃଷ୍ଟ ଉଦାହରଣ। ରାବଣଙ୍କ ଅଶୋକବାଟିକାରେ ବନ୍ଦୀ ହୋଇଥିଲେ ମଧ୍ୟ ସେ ନିଜ ପତି ପ୍ରତି ନିଷ୍ଠା ଓ ଧର୍ମକୁ ଛାଡ଼ିନଥିଲେ। ସୀତାଙ୍କ ଜୀବନ ଆମକୁ ଶିଖାଏ ଯେ ସତ୍ୟ, ସଂଯମ ଓ ନିଷ୍ଠା ମଣିଷକୁ ମହାନ କରେ। ନାରୀଙ୍କୁ ସମ୍ମାନ କରିବା ଏବଂ ତାଙ୍କର ମର୍ଯ୍ୟାଦା ରକ୍ଷା କରିବା ସମାଜର ପ୍ରତ୍ୟେକ ଲୋକଙ୍କ କର୍ତ୍ତବ୍ୟ।

ରାମାୟଣରେ ଯାହାଙ୍କୁ ଖଳନାୟକରେ ଚିତ୍ରିତ କରାଯାଇଛି ସେ ହେଉଛନ୍ତି ରାବଣ, ଯିଏକି ବହୁତ ଶକ୍ତିଶାଳୀ ପରମ ଜ୍ଞାନୀ ଥିଲେ। କିନ୍ତୁ ତାଙ୍କର ଅହଂକାର ଓ ଅଧର୍ମ ଗୁଡିକ ତାଙ୍କର ପତନର କାରଣ ହେଲା। ସୀତାଙ୍କୁ ଅପହରଣ କରି ସେ ଧର୍ମର ବିରୋଧରେ କାମ କରିଥିଲେ। ଶେଷରେ ରାମ ଓ ତାଙ୍କର ସେନା ରାବଣଙ୍କୁ ପରାଜିତ କରିଥିଲେ। ଏହି ଘଟଣା ଆମକୁ ଶିଖାଏ ଯେ ଅହଂକାର, ଅନ୍ୟାୟ ଓ ଅଧର୍ମ ଶେଷରେ ନିଶ୍ଚୟ ନାଶ ହୁଏ। ରାମାୟଣରେ ହନୁମାନଙ୍କ ଭକ୍ତି ଓ ସେବାଭାବ ଅତ୍ୟନ୍ତ ପ୍ରସିଦ୍ଧ। ସେ ରାମଙ୍କ ପ୍ରତି ଅତ୍ୟନ୍ତ ନିଷ୍ଠାବାନ ଓ ସତ୍ୟଭକ୍ତ ଥିଲେ। ସୀତାଙ୍କୁ ଖୋଜିବା ପାଇଁ ସମୁଦ୍ର ଲଂଘିବା, ଲଙ୍କା ଜଳାଇବା ଓ ଯୁଦ୍ଧରେ ସହାୟତା କରିବା, ସବୁ ତାଙ୍କର ଭକ୍ତିର ପ୍ରମାଣ। ହନୁମାନଙ୍କ ଜୀବନ ଆମକୁ ଶିଖାଏ ଯେ ନିଷ୍ଠା, ଭକ୍ତି ଓ ସେବା ମଣିଷକୁ ମହାନ କରେ। ରାମାୟଣର ସର୍ବପ୍ରଧାନ ଶିକ୍ଷା ହେଉଛି ଯେ ସତ୍ୟର ଜୟ ଓ ଅସତ୍ୟର ପରାଜୟ। ରାମ ଧର୍ମ, ସତ୍ୟ ଓ ନ୍ୟାୟର ପକ୍ଷରେ ଥିଲେ, ଯେତେବେଳେ ରାବଣ ଅଧର୍ମ ଓ ଅନ୍ୟାୟର ପକ୍ଷରେ ଥିଲେ। ଶେଷରେ ରାମ ରାବଣଙ୍କୁ ପରାଜିତ କରି ସତ୍ୟର ଜୟ ସ୍ଥାପନ କରିଥିଲେ। ଏହା ଆମକୁ ଶିଖାଏ ଯେ ସତ୍ୟର ପଥ କଷ୍ଟକର ହେଲେ ମଧ୍ୟ ଶେଷରେ ସେହି ପଥରେ ହିଁ ଜୟ ମିଳେ। ରାମାୟଣରେ ଭଲ ଓ ଖରାପ ସଙ୍ଗର ପ୍ରଭାବ ମଧ୍ୟ ଦେଖାଯାଏ। ରାମଙ୍କ ସହିତ ଥିବା ଲୋକମାନେ ଧର୍ମ ଓ ନ୍ୟାୟର ପଥରେ ଚାଲିଥିଲେ, ଯେତେବେଳେ ରାବଣଙ୍କ ସଙ୍ଗୀମାନେ ତାଙ୍କୁ ଅଧର୍ମର ପଥରେ ଆଗକୁ ବଢ଼ାଇଥିଲେ। ଏହାରୁ ଆମେ ଶିଖୁଛୁ ଯେ ଭଲ ସଙ୍ଗ ମଣିଷକୁ ସଠିକ୍ ପଥରେ ନେଇଯାଏ, ଯେତେବେଳେ ଖରାପ ସଙ୍ଗ ମଣିଷକୁ ଅନର୍ଥର ପଥରେ ନେଇଯାଏ।


ଅରଙ୍ଗାବାଦ ବରୀ ଯାଜପୁର

ମୋବାଇଲ୍:୮୨୪୯୫୦୨୭୭୬


# ନାରୀବାଦର ପ୍ରବାହିତ ଧାରା



ଡକ୍ଟର ଲକ୍ଷ୍ମଣ ସାହୁ

ଆନ୍ତର୍ଜାତୀୟ ଶ୍ରମଜୀବୀ ମହିଳା ଦିବସ ମାର୍ଚ୍ଚ ୮। ଅନେକ ପରିବର୍ତ୍ତନର ବାର୍ତ୍ତା ଓ ପୁରୁଷ କୈନ୍ଦ୍ରିକ ସମାଜରେ ଆଉ ନାରୀ ପଛରେ ନାହିଁ, ସବୁ କ୍ଷେତ୍ରରେ ଆଗରେ ଥିବା ବିଭିନ୍ନ ଆଲୋଚନା ଓ ଆଲେଖ୍ୟରୁ ସୂଚନା ମିଳେ। ଖୁବ୍ ଭଲ କଥା ଆମେ ଏହାକୁ କେବେ ଅସ୍ୱୀକାର କରିପାରିବା ନାହିଁ କିନ୍ତୁ ବାସ୍ତବରେ କ'ଣ ଘଟୁଛି ତାହାହିଁ ଏ ଆଲେଖ୍ୟର ଉଦ୍ଦେଶ୍ୟ। ନିକଟରେ ଏକ ଗଣ ଆନ୍ଦୋଳନ ହୋଇଥିଲା। ମହିଳାମାନେ ରାସ୍ତାରେ ସ୍ଲୋଗାନ ଦେଇଥିଲେ, କାରଖାନାଗୁଡ଼ିକରେ ଧର୍ମଘଟ କରିଥିଲେ, ବିପ୍ଳବରେ ଭାଗ ନେଇଥିଲେ ଓ କ୍ଷମତାରେ ଥିବା ଲୋକଙ୍କ ସହ ସିଧାସଳଖ ସଂଘର୍ଷ କରିଥିଲେ। କହିରଖେ ଏହା ଏକପ୍ରକାର ନାରୀବାଦ ଥିଲା। ବର୍ତ୍ତମାନ ଆଉ ଏକ ଭିନ୍ନ ଧରଣର ନାରୀବାଦ ଅଛି ଯାହା ସେମିନାର ହଲ୍ ଟେବୁଲ ଉପରେ ବିତର୍କ, ଟ୍ୱିଟରରେ ଟ୍ରେଣ୍ଡ ଓ ବିଜ୍ଞାପନରେ ଦ୍ୱାରା ଘଟୁଛି। ଯାହା ନାରୀ ସଶକ୍ତିକରଣକୁ ବିକ୍ରୟ କରେ। ପ୍ରଶ୍ନ ଉଠେ - ଆମେ କେଉଁଠାରୁ ଆରମ୍ଭ କରିଛେ ଓ ଏବେ କେଉଁଠି ଆସି ପହଁଚି ପାରିଛେ।

ପ୍ରଥମତଃ ଅଧିକାରର ମୂଳଦୁଆକୁ ଦୃଷ୍ଟି ଦେଲେ ଅଷ୍ଟାଦଶ ଶତାବ୍ଦୀର ଶେଷରେ, ମେରି ୱୋଲଷ୍ଟୋନକ୍ରାଫ୍ଟ ସେହି ସମୟର ମହିଳାମାନଙ୍କ ପାଇଁ ବୌଦ୍ଧିକ ସଂଗ୍ରାମର ମୂଳଦୁଆ ପକାଇଥିଲେ। ଯେତେବେଳେ ଯାହା ମହିଳାଙ୍କ ଅଧିକାରର ଏକ ଭିଣ୍ଡିକେସନ୍ ଲେଖିଥିଲା। ସେହି ଯୁଗରେ ମହିଳାମାନଙ୍କୁ ମଣିଷ ଅପେକ୍ଷା ଅଧିକ ମାତ୍ରାରେ ସମ୍ପତ୍ତିର ମାନ୍ୟତା ଦିଆଯାଇଥିଲା। ଶିକ୍ଷା, ସମ୍ପତ୍ତି ଓ ଭୋଟ୍ ଦେବାର ଅଧିକାର ନାରୀବାଦର ପ୍ରଥମ ତରଙ୍ଗର କେନ୍ଦ୍ର ପାଲଟିଗଲା। ଉନବିଂଶ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ କ୍ଲାରା ଜେଟବେନ୍ ତଥା ଅନ୍ୟାନ୍ୟ ସମାଜବାଦୀ ମହିଳାମାନଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ବୃଦ୍ଧି ପାଇଥିଲା। ଯେଉଁମାନେ ଜାତିଗତ ମହିଳାଙ୍କ ଅଧିକାର ଓ ରାଜନୈତିକ ଅଂଶଗ୍ରହଣ ପାଇଁ ଲଢ଼ିଥିଲେ।

ଦ୍ୱିତୀୟ ତରଙ୍ଗ ହେଉଛି ଶରୀର ଓ ମାନସିକ ଚେତନାର ପ୍ରଶ୍ନକୁ ନେଇ । ୧୯୫୦-୬୦ ଦଶକରେ ସାଇମନ୍ ଡି ବୋଭଙ୍କ ଦ୍ୱିତୀୟ ସେକ୍ସ ( ଲିଙ୍ଗ) ଅପରାଜିତ ଦ୍ୱିତୀୟ ପ୍ରସଙ୍ଗକୁ ନିର୍ଦ୍ଦେଶ ଦେଇଥିଲା। ସେ ମହିଳାଙ୍କର 'ଅନ୍ୟ' ସ୍ଥିତି ଉପରେ ପ୍ରଶ୍ନ କରିଥିଲେ। ଏହା ଏକ ଚମତ୍କାର ଉତ୍ତମ ସମୟ ଥିଲା ଯେତେବେଳେ ଗର୍ଭପାତ, ଲିଙ୍ଗଗତ ଭେଦଭାବ, ଅସମାନତା ଏବଂ ଯୌନ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଇଥିଲା। କିନ୍ତୁ ଏହି ଆନ୍ଦୋଳନ ଧୀରେ ଧୀରେ ମଧ୍ୟବିତ୍ତ ମହିଳାମାନଙ୍କ ମଧ୍ୟରେ ସୀମିତ ହୋଇଗଲା।

ନାରୀବାଦର ତୃତୀୟ ପ୍ରସଙ୍ଗ ହେଉଛି ପରିଚୟ ଓ ଆଲୋଚନା। ୧୯୯୦ ଦଶକରେ ନାରୀବାଦ ମଧ୍ୟରେ ଜାତି, ଶ୍ରେଣୀ, ଯୌନତା ଓ ସାମାଜିକ ତଥା ସାଂସ୍କୃତିକ ବିବିଧତାକୁ ନେଇ ଆରମ୍ଭ ହେବାକୁ ଲାଗିଲା। କିନ୍ତୁ ଏହି ସମୟ ମଧ୍ୟରେ ଏହା ଚାରୋଟି ଆକାରରେ ସଙ୍କୋଚନ କଲା। ଏକାଡେମିକ୍ ଜର୍ଣ୍ଣାଲ୍ ଓ ନାରୀବାଦୀ ଅଧ୍ୟୟନରେ ରିଜୋନାନ୍ସ ପାଇଥିବା ଏହି ଆନ୍ଦୋଳନ ତୃଣମୂଳ ସଂଘର୍ଷରୁ ଦୂରେଇ ଗଲା।

ସେହିଭଳି ଚତୁର୍ଥ ପ୍ରସଙ୍ଗରେ ଡିଜିଟାଲ୍ ଫେମିନିଜିମ୍ ଏଣ୍ଡ ଏଲିଟ୍ ଡାଇମେନ୍ସନ୍ ବର୍ତ୍ତମାନର ନାରୀବାଦୀ ତରଙ୍ଗ ସୋସିଆଲ୍ ମିଡିଆ ଓ ପପ୍ ସଂସ୍କୃତିରେ ଅଧିକ ଦୃଶ୍ୟମାନ ହେଉଛି। ମି ଟୁ (METOO) ପରି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ସେମାନେ ମଧ୍ୟ ସହରୀ ମହିଳା ଗଣମାଧ୍ୟମରେ ସୀମିତ ରହିଲେ। ଗାନ୍ଧୀଜୀଙ୍କ ଦୃଷ୍ଟିରେ ଥିବା ସହରରେ ଶ୍ରମିକ ମହିଳାଙ୍କ ସମସ୍ୟା, କୃଷକ ଆନ୍ଦୋଳନରେ ମହିଳାଙ୍କ ଭୂମିକା, ଦୈନିକ ବେତନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ମହିଳାଙ୍କ ସମସ୍ୟା ଏହି ନାରୀବାଦ ପରିସରରୁ ଚାଲିଗଲା।

ଏବେକାର ନାରୀବାଦ ଆଉ ଏକ ଆନ୍ଦୋଳନ ନୁହେଁ, ବରଂ ଏକ ବ୍ରାଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଜିର ନାରୀବାଦ ପ୍ରାୟତଃ କର୍ପୋରେଟ୍ ଅଭିଯାନ, ଆବେଗ ବ୍ରାଣ୍ଡ ତଥା ସେମିନାର ହଲରେ କମିଯାଏ। 'ବସ୍ ଲେଡି' ପରି ଶବ୍ଦ ଶୁଣାଯାଏ, କିନ୍ତୁ କ୍ଷେତରେ କାମ କରୁଥିବା ମହିଳାଙ୍କ ସ୍ୱର ଶୁଣାଯାଏ ନାହିଁ। ପ୍ରଶ୍ନ ଉଠେ-ଏହି ନାରୀବାଦ ପ୍ରକୃତରେ ମହିଳାମାନଙ୍କ ପାଇଁ ଲଢୁଛି କି। ବରଂ ଏହା ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ମହିଳାମାନଙ୍କ ପାଇଁ ଏକପ୍ରକାର ସୁବିଧାଜନକ ବକ୍ତବ୍ୟ ପାଲଟି ଯାଇଛି।

ନାରୀବାଦ ଏହାର ମୂଳକୁ ଫେରିବା ଆବଶ୍ୟକ ଯେଉଁଠାରେ ମହିଳାମାନେ ଦଳର ଅଂଶ, ବଳର ନେତା ଏବଂ ପରିବର୍ତ୍ତନର ମୁଖ୍ୟ ଥିଲେ। କ୍ଲାରା ଜେଟକିନ୍ ଓ ରୋସା ଲକ୍ସେମବର୍ଗ ପରି ଲଢୁ ଥିବା ମହିଳାମାନେ ସେଠାରେ ଅଛନ୍ତି। ବରଂ ସେମାନଙ୍କର ସଂଗ୍ରାମକୁ ମୁଖ୍ୟ ସ୍ରୋତର ଏକ ଅଂଶ କରିବାର ଆବଶ୍ୟକତା ଅଛି। ମହିଳା ଦିବସ କେବଳ ଏକ ଉତ୍ସବ ନୁହେଁ, ବରଂ ମନେ ରଖିବାକୁ ଏକ ଆନ୍ଦୋଳନ। ଆମକୁ ମନେ ରଖିବାକୁ ହେବ ଯେ ଏହି ଆନ୍ଦୋଳନ କେବଳ ଯେଉଁମାନେ ସେମିନାରରେ ଭାଷଣ ଦିଅନ୍ତି ସେମାନଙ୍କ ପାଇଁ ନୁହେଁ, ବରଂ ସେହି ମହିଳାମାନଙ୍କ ପାଇଁ, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ, କାରଖାନା, ରାସ୍ତା ଓ ଘରେ ପରିବର୍ତ୍ତନର ମୂଳଦୁଆ ପକାଉଛନ୍ତି।

ପ୍ରକୃତରେ ଏହାର ବାସ୍ତବତା ସଂପର୍କରେ ଆଲୋଚନା କଲେ ସ୍ପଷ୍ଟ ହେବ ଏକ କ୍ଷମତାସୀନ ସମାଜ ଓ ଜାତିବାଦ ହିନ୍ୟମନ୍ୟତା ରଖୁଥିବା ସମାଜ ନାରୀ ବାବଦ ପାଇଁ କୁମ୍ଭୀର କାନ୍ଦଣା କରି ଚାଲିଛି। ସେମାନେ ଗୋଟିଏ ଗୋଟିଏ ଇଟା ପକାଉଛନ୍ତି। ନିଜେ ତିଆରି କରିଥିବା ନୂତନ ସମାଜ ଗଠନ ନାମ ଶୁଣାଇବାରେ ବ୍ୟସ୍ତ ଅଛନ୍ତି। ମହିଳାମାନଙ୍କ ପାଇଁ ଆଜି ମଧ୍ୟ ନିଜ ଭଲ ପାଇବା ଭଳି ସମାଜ ଗଠନ କରିବା ଏକ ଚ୍ୟାଲେଞ୍ଜ ନୁହେଁ। ଦେଶ ଦାସତ୍ୱରୁ ବାହାରି ଆସିଥିଲା ସତ



, କିନ୍ତୁ ବର୍ତ୍ତମାନ ଏହା ରୟାଲଟି ଓ ପିତୃପୁରୁଷଙ୍କ କବଳରେ ଅଛି। ଦେଶର ସ୍ୱାଧୀନତା ପୂର୍ବରୁ ମଧ୍ୟ ମହିଳାଙ୍କ ଜୀବନ ଜୀବିକା ପାଇଁ ସଂଗ୍ରାମ ସେ ସମୟରେ ରହିଥିଲା। ଏହା ପରେ ମଧ୍ୟ ଜାରି ରହିଛି। ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ଏହାର ଉନ୍ନତିରେ ଅନେକ ପରିବର୍ତ୍ତନ ଆସିଛି।

ଆଜି ଆମେ ଏକ ଅଜବ ସମୟ ଦେଇ ଗତି କରୁଛେ। ଯେଉଁଠି ମଧ୍ୟବିତ୍ତ ପରିବାରରେ ପୁରୁଷମାନେ ନିଜ ମା ଓ ପିତାଙ୍କୁ ପରମ୍ପରାର ମୂଲ୍ୟବୋଧରେ ବାନ୍ଧି ରଖିବାକୁ ଚେଷ୍ଟା କରନ୍ତି। କିନ୍ତୁ ଦେଖିବାକୁ ଗଲେ ନିଜ ଝିଅକୁ ଆଧୁନିକୀକରଣ କରିବାକୁ ଚାହାଁନ୍ତି। ଅନ୍ୟପକ୍ଷରେ ପରମ୍ପରାକୁ କ୍ଷତିରେ ପହଞ୍ଚାଇ ଝିଅକୁ ପାଶ୍ଚାତ୍ୟ ଢଙ୍ଗରେ ଲାଳନପାଳନ କରିବାକୁ ବାଧ୍ୟ ହେଉଛନ୍ତି। ଏହା ଆମ ସମାଜ ବାହାରେ , ଯାହା ଅପସଂସ୍କୃତି। ସମସ୍ତ ପରମ୍ପରା ନିୟମ ଓ ରୀତିନୀତି ମହିଳାମାନଙ୍କ ଅଧୀନରେ ପଡୁଛି। ସିନେମା ହଲରେ ମହିଳା ପ୍ରସଙ୍ଗରେ ନିର୍ମିତ ଚଳଚ୍ଚିତ୍ର ଦେଖିବାବେଳେ, ପୁରୁଷଙ୍କ ସ୍ୱରରୁ ବୁଝିହେବ ଯେ ନାରୀମାନେ ନିର୍ଯ୍ୟାତନା ପାଇବାକୁ କେତେ ଭୟ କରୁଛନ୍ତି। ଏଠାରେ ପାଠକ ମାନଙ୍କ ଅବଗତ ନିମନ୍ତେ ୨୦୨୪ କିରଣ ରାଓରେ ଦୁଇଟି ଚଳଚ୍ଚିତ୍ର ଆଲୋଚନା କରିବା ଆବଶ୍ୟକ ମଣୁଛି।

ଆରତୀ କଦମଙ୍କ ନିର୍ଦ୍ଦେଶିତ 'ମିସ୍ ଲେଡିଜ୍' ଏଣ୍ଡ 'ମିସ୍' ସାଧାରଣ ମହିଳାଙ୍କ ଜୀବନରୁ ଦୈନନ୍ଦିନ କାହାଣୀ ନେଇଛନ୍ତି। ସମାଜରେ ମହିଳାମାନଙ୍କ ପାଇଁ ଏକ ସ୍ଥାନ ସୃଷ୍ଟି କରିବା ପାଇଁ ଏହି ଉଭୟ ଦଳ ଯାହା କରିଛନ୍ତି ତାହା ସମାଜରୁ ପୁରୁଷ ପ୍ରାଧାନ୍ୟ ଆଧିପତ୍ୟକୁ ହରାଇଲା। ସଂସ୍କୃତିର କାନ୍ଥ ଭାଙ୍ଗୁଥିବା ଏହି ଚଳଚ୍ଚିତ୍ରଗୁଡ଼ିକରେ କେବଳ ଉଚ୍ଚ ମାନର ଅଭିନୟ ନୁହେଁ, ଜଣେ ମହିଳା ଅନ୍ୟ ଜଣେ ମହିଳାଙ୍କ ସମସ୍ୟାକୁ ମଧ୍ୟ ବୁଝନ୍ତି ଓ ସମାଧାନ କରନ୍ତି ତାହାର ଜୀବନ୍ତ ଚିତ୍ର ଦିଆଯାଇଛି।

ସମାଜର ଏକ ବୃହତ ବିଭାଗ ଚଳଚ୍ଚିତ୍ରକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ଅନ୍ୟମାନେ କହିଛନ୍ତି ଯେ ଯଦି ଝିଅମାନେ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବା ଆରମ୍ଭ କରନ୍ତି। ତେବେ ସେ ଘର କାମ କରିବ ନାହିଁ, କିନ୍ତୁ ଧ୍ୟାନ ଦେବା ଆବଶ୍ୟକ ଯେ ଯେଉଁ ଘରେ ସୁରୁଖୁରୁରେ ଚାଲୁଛି। ମହିଳାମାନେ ନିଜ ମନକୁ ଅନେକ ପରିମାଣରେ ମାଡ ଖାଇ ଘରର ମୂଳଦୁଆ ବଜାୟ ରଖିଛନ୍ତି। ପରିବାର ସଦସ୍ୟ କିମ୍ବା ପ୍ରତ୍ୟକ୍ଷ ରକ୍ତ ସମ୍ପର୍କୀୟମାନେ ଏହା ଜାଣି ନାହାଁନ୍ତି। ଏହା ହେଉଛି 'ନିଖୋଜ ଲେଡିଜ୍'ର କାହାଣୀ ଯେତେବେଳେ ସେମାନଙ୍କର ସୁନ୍ଦର ବୋହୂ ଏକ ଅନ୍ତର୍ନିହିତ ଭାବରେ ଛଦ୍ମବେଶରେ ଘରକୁ ଆସନ୍ତି। କହିବା କଥା ସମସ୍ତେ ଶାଶୁ, ବୋହୂ ହୁଅନ୍ତି, କିନ୍ତୁ କେହି ବନ୍ଧୁ ହୋଇପାରିବେ ନାହିଁ। ଯେତେବେଳେ ଗ୍ରାମର ଆଖପାଖର ମହିଳାମାନେ ଏଠାରେ ଥାଆନ୍ତି, ସେମାନଙ୍କ ମୁହଁରେ ଥିବା ଅଭିବ୍ୟକ୍ତି ଦର୍ଶାଏ ଯେ ସେମାନେ ଆମ ସମ୍ପର୍କ-ମାତାମାନଙ୍କ ସହିତ କେତେ ବିରକ୍ତ। ବନ୍ଧୁମାନଙ୍କ କମ୍ବଳ ଓ ଖରାପ ରୀତିନୀତି ସଂସ୍କୃତି ଦ୍ୱାରା ସେମାନେ ଶ୍ୱାସରୁଦ୍ଧ ଅନୁଭବ କରନ୍ତି, କିନ୍ତୁ ଏହାକୁ ହଟାଇବାକୁ କାହାର ସାହସ ନାହିଁ।

'ଶ୍ରୀମତୀ' ଚଳଚ୍ଚିତ୍ରରେ କୁହାଯାଇଛି ଯେ ଏକ ସୁସଜ୍ଜିତ ଭୋଜନ ସ୍ୱାଦକୁ ପ୍ରତିଫଳିତ କରିଥାଏ। କିନ୍ତୁ ସମାଜ ସେହି ଘର ପାଇଁ ମହିଳାଙ୍କ ଇଚ୍ଛାକୁ ଚିହ୍ନଟ କରିବାରେ ଅସମର୍ଥ। ଆଜି ବି ଘରେ କେଉଁ ପନିପରିବା ଓ ପିଆଜ କାଟାଯିବ ସେସବୁ ଓ ସେହି ବ୍ୟକ୍ତି ହିଁ ସ୍ଥିର କରନ୍ତି। ମୁଁ ଶିଳବଟାରେ ତିଆରି ହୋଇଥିବା ଚଟଣୀକୁ ପସନ୍ଦ କରେ କିନ୍ତୁ ମୁଁ ଅନୁଭବ କରେ ନାହିଁ ଯେ ଏହି ଝିଅର ଏହି ଚଟଣୀ ଖାଇବାର ସ୍ୱପ୍ନ ନଷ୍ଟ ହୋଇଯାଉଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପରିଶ୍ରମ କରିବା ପରେ ମହିଳାମାନେ ଅପମାନର ସମ୍ମୁଖୀନ ହୁଅନ୍ତି। ଆଜି ବି ସମାଜର କୌଣସି ବଡ଼ ବିଭାଗ ମହିଳାମାନଙ୍କ ବିଷୟରେ କେହି ଥରେ ଚିନ୍ତା କରନ୍ତି ନାହିଁ। ଏହିପରି ଚିନ୍ତା କରିବା ସେମାନଙ୍କ ଘରର ମୂଳଦୁଆକୁ ଦୋହଲାଇବ। ସେଥିପାଇଁ ସେମାନେ ଏହିପରି ଚଳଚ୍ଚିତ୍ର ପସନ୍ଦ କରନ୍ତି ନାହିଁ।

ଆଜିକାଲି ମହିଳାମାନେ ମିଥ୍ୟା ଅଭିଯୋଗ କରି ପୁରୁଷମାନଙ୍କ ଠାରୁ ଟଙ୍କା ଲୁଟି ନେଉଛନ୍ତି ନା ମହିଳାମାନେ ବ୍ୟବସାୟରେ ପରିଣତ ହୋଇଛନ୍ତି ସେନେଇ ଅନେକ ବିତର୍କ ଚାଲିଛି। ଲୋକମାନେ ଏହି ବିଷୟରେ କଥାବାର୍ତ୍ତା କରନ୍ତି। ଘରେ ସଂଘର୍ଷ କରୁଥିବା ମହିଳା ଓ ନିକଟସ୍ଥ କର୍ମ ସଂସ୍ଥାନରେ କାର୍ଯ୍ୟରତ ମହିଳାଙ୍କୁ ଗଣନା କରାଯାଉ ନାହିଁ ଯେଉଁଠାରେ ପ୍ରତ୍ୟେକ ଘରେ ମହିଳାଙ୍କୁ ହଇରାଣ କରାଯାଉଛି, ଏହାର କୌଣସି ହିସାବ ନାହିଁ।

ମହିଳା ନିର୍ଯ୍ୟାତନା, ବଧୂ ଶୋଷଣ, ଅତ୍ୟାଚାର ଓ ଘରୋଇ ହିଂସା ବିଷୟରେ କେହି ଆଲୋଚନା କରନ୍ତି ନାହିଁ। ଗୋଟିଏ ଘଟଣା କିମ୍ବା ଗୋଟିଏ ଚାପୁଡ଼ା ଯୋଗୁଁ ପରିବାରରେ ଆଲୋଚନା ଆରମ୍ଭ ହୋଇଛି ଯେ ମହିଳାଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ହେତୁ ପୁରୁଷମାନେ କେତେ ଅସୁବିଧାରେ ପଡ଼ନ୍ତି ? ତେଣୁ ପୁରୁଷ ହିଂସା ବିରୋଧରେ ଏକ ନିର୍ଦ୍ଦିଷ୍ଟ ନିୟମ ପ୍ରସ୍ତୁତ କରାଯିବା ଉଚିତ୍। ବର୍ତ୍ତମାନ ଏଥିପାଇଁ ସଂଗଠନ ଗଠନ ଆରମ୍ଭ ହୋଇଛି। ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ମହିଳାମାନେ ମଧ୍ୟ ଉଚ୍ଚାଭିଳାଷୀ ଓ ଆତ୍ମନିର୍ଭରଶୀଳ ହୋଇଥାନ୍ତି। କିନ୍ତୁ ସେଠାରେ ଦେଖିବାକୁ ଗଲେ ସେଭଳି କେତେଜଣ ମହିଳା ଅଛନ୍ତି ? ମହିଳା ଜନସଂଖ୍ୟାର ଅଧାରୁ ଅଧିକ ସମୟ ଘରେ ପରିବାର ଓ ପିଲାମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ନିଜକୁ ଉତ୍ସର୍ଗ କରୁଛନ୍ତି। ପୁରୁଷମାନଙ୍କ ନିର୍ଯାତନା ଓ ମହିଳାଙ୍କ ନିର୍ଯାତନା ମଧ୍ୟରେ କୌଣସି ତୁଳନାତ୍ମକ ବିଚାର କେବେ କରାଯାଇପାରିବ ନାହିଁ। କାହାକୁ ନିର୍ଯ୍ୟାତନା ପ୍ରକୃତିର ଏଭଳି ଛବି ରହିଛି। ଏହା ଭାରତୀୟ ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ଅଧିକାରର ବିପରୀତ ଅଟେ। ଏହି ସଂଗ୍ରାମ ଦୀର୍ଘ ସମୟ ଧରି ଚାଲିବ, ସମାଜକୁ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ନାରୀବାଦର ଏହି ଧାରାର ଅବସାନ ନାହିଁ କହିଲେ ଚଳେ।

ଆଉ ଟିକିଏ ତଳେଇ ଦେଖିଲେ କାଳଜୟୀ ସାରସ୍ୱତ ସାଧକ, ମହାପୁରୁଷ ପଞ୍ଚସଖା ଯୁଗର ସନ୍ଥକବି ବଳରାମ ଦାସ ପ୍ରଥମ କରି ଲକ୍ଷ୍ମୀପୁରାଣରେ '"ଶ୍ରୀୟା ଚଣ୍ଡାଲୁଣୀ ' ଦ୍ୱାରା ଏ ସମାଜକୁ ଉତ୍ତମ ବାର୍ତ୍ତା ଦେଇଥିଲେ। ତାହା ହିଁ ବିଶ୍ୱରେ ପ୍ରଥମ ସାମାଜିକ ନ୍ୟାୟ ଅଧିକାରର ସୁସନ୍ଦେଶ। ନାରୀକୁ ବନ୍ଦନୀୟା , ପୁଜ୍ୟନୀୟା , ପରାମର୍ଶ ପ୍ରଦାୟିନୀ ତଥା ସମ୍ମାନାସ୍ପଦା ବୋଲି ଉଲ୍ଲେଖଯୋଗ୍ୟ କରିଛନ୍ତି। ଶାସ୍ତ୍ରରେ ଉଲ୍ଲେଖ ଅଛି 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତା '। ପରବର୍ତ୍ତୀ ସମୟରେ ରାଜା ରାମମୋହନ ରାୟ , ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଆଦିଙ୍କ ଭୂମିକା ମଧ୍ୟ ଗ୍ରହଣୀୟ ଓ ସ୍ମରଣୀୟ। ସମୟ କ୍ରମେ ନାରୀବାଦର ଏହି ଧାରା ୧୧୪ ବର୍ଷ ତଳେ ଆମେରିକାର ନ୍ୟୁୟର୍କରେ ଓ ଠିକ୍ ୧୦୮ ବର୍ଷ ତଳେ ରୁଷିଆରେ ୧୯୧୭ରେ ଓ ୧୯୭୫,ମାର୍ଚ୍ଚ ୮ରେ ଆନ୍ତର୍ଜାତିକ ଶ୍ରମଜୀବୀ ମହିଳା ଦିବସ ଭାବେ ପାଳିତ ହେବା ଓ ୧୯୯୬ରେ ଏହା ଆନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳିତ ହେଉଛି। ବାସ୍ତବରେ ପ୍ରତି ବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟ ନାରୀ ବାଦର ପ୍ରବାହିତ ଧାରା ଭାବେ ପ୍ରଚାରିତ, ପ୍ରସାରିତ ଓ ବିସ୍ତାରିତ ହେଉଛି ଓ ହେଉଥିବ ଯାହାର କୌଣସି ଅନ୍ତ ନାହିଁ ...!!!


**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**

**ମୋବାଇଲ୍:୯୦୪୦ ୧୫୧୪ ୭୫**


# ଏ ସମୟରେ ଦୂର କ'ଣ ?

ଉତ୍କଳାନନ୍ଦ ଅଜୟ କୁମାର ବେହେରା





ଆଜି ଗ୍ରହ ନକ୍ଷତ୍ରକୁ ଯାତ୍ରା ଦୂର ନୁହେଁ, ବିଦେଶ ଯାତ୍ରା ଦୂର ନୁହଁ, ମୋବାଇଲ ଫୋନରେ ବିଦେଶ ଆତ୍ମୀୟ ବନ୍ଧୁ ପ୍ରିୟଜନ ସମ୍ଭାଷଣ ନଖ ଦର୍ପଣ ବିଦ୍ୟା। କୁଛ ତପସ୍ୟା ସାଧନା ଏବେ ଅପାର ବୋଧ ଶିବ ବର୍ଷ ବର୍ଷ ତପସ୍ୟା ପାଇଁ ହିମାଳୟ ଖୋଜି ବସିବାକୁ ଏ ମଣିଷ ହାସ୍ୟ କରୁଛନ୍ତି କାରଣ ଏବେ ଘର ଘର ହିମ ଆଳୟ ଏସି ଯନ୍ତ୍ର କରିଦେଉଛି ବାବୁମାନେ ଏଥିରେ ବସି କାମ କରି ଚାଲୁଛନ୍ତି ରାସ୍ତାରେ ଗମନ କାଳରେ ହିମଗର୍ଭ ଯାନରେ ଯାହା ଯାତ୍ରା, ଗଙ୍ଗାମା ଭଗିରଥି ରାଜଙ୍କ ତପସ୍ୟାରେ ସଗର ବଂଶଙ୍କ କପିଳ ଶାପ୍ୟରୁ ଉଦ୍ଧାର ପାଇଁ ଆସିଥିଲେ। ବୋଧେ ଭାବ ଏହା ନଥିଲା ଏବେ କାର ସମସ୍ତଙ୍କ ସ୍ନାନ ଶୌଚ ଗୃହକୁ ଜଳଯୋଗାଇ ତୃପ୍ତ ପାଇଁ ଆସିବା ହୋଇଥିଲା, ପୁଣି ଗଙ୍ଗାମା ରାଜକର ଆଦାୟର ଏକ ଉପାୟ ହେବେ ଏହା ବି ଅନ୍ୟ କାରଣ ହୋଇପାରେ। ସେ ପତିତପାବନୀ ତେବେ ରାଜାରାଜୁଡ଼ା ଧନ୍ୟାଢ଼୍ୟ ଏମାନେ କ'ଣ ପତିତ? ଶାସ୍ତ୍ର ଇତିହାସ ତ ତାଙ୍କରି ପାଇଁ ଲିଖିତ ସବୁ କାନୁନରେ ଗଳବାଟ ତାଙ୍କରି ପାଇଁ ଧନରୁ ଧନକାଢ଼ିବା ବିଦ୍ୟା ତାଙ୍କରି ପାଇଁ ତେବେ ଶାସ୍ତ୍ର କଳ୍ପିତ ସାଗର ବଂଶ ଦାୟାଦ କଣ ଏଇମାନେ କି? ଗର ଅର୍ଥ ବିଷ୍ଣୁ 'ସ' ଆଗରେ ଲାଗୁଛି ସହ ବା ସଂଯୁକ୍ତ ଅର୍ଥ ଅର୍ଥ ଦର୍ଶାଇ। ଧନ ଦୌଲତକୁ ବିଷୟ କହନ୍ତି। ଏଇ ବିଷୟରେ ବିଷ ମିଶିକରି ଅଛି, ଅତଏବ ଏମାନେ ବିଷୟ ଭୋଗ କରୁନାହାନ୍ତି ବିଷ ଦହିକ୍ୟ ଭୋଗୁଛନ୍ତି। ପ୍ରକୃତରେ ସଗରଙ୍କ ଉତ୍ତରାଧିକାରୀ ଶତ ଯଜ୍ଞ ସଂକଳ୍ପରେ ଊନଶତ ସମାପ୍ତରେ ସଗରଙ୍କ ପୁଣ୍ୟ ଋଷି ଶାପ୍ୟ ତୁ ଯେ ଚାଲିଯାଇପାରେ ଏକଥା ସଗର ରାଜାଙ୍କ ନଥିଲା ଆଉ ଏ ଯୁଗ ସଗର ଉତ୍ତରାଧିକାରୀଙ୍କ କେମିତିକା ହେବା ଅଭିଶାପ ଗଛର ଫଳ ନୁହେଁ, କୌଣସି ଯନ୍ତ୍ର ଏହାର ନିର୍ଦ୍ଧାରଣ କରିନପାରେ ଗଢ଼ତା ମାପିନପାରେ, ବେତନଭୋକ୍ତ ମାନେ ବୃତ୍ତି ବଞ୍ଚାଇବା ପାଇଁ କେବେ ଉପଦେଶ ଦେବେନାହିଁ। ଅତୀତରେ କୁରୁ ବଂଶ ଧ୍ୱଂସର ମୁଲକାରଣ ବୃତ୍ତିଭୋକ୍ତା ବୟସ୍କ ମାନେ ରାଜସଭାରେ ଏକନାରୀ ନିର୍ଯ୍ୟାତନାର ବିଷୟ ଶେଷ ପରିଣତି ପାଇଁ ଚେତାଇ ନାହାନ୍ତି, ଶେଷରେ ନିଜେ ମରିଛନ୍ତି ବଉଁଶ ବୁଡ଼ା ହୋଇଛନ୍ତି। ସବୁ ବଡ଼ ପଦବୀଧାରୀଙ୍କ ଭୁଲ କହିଲେ ଗରଦନ ଯିବ, ସମାଲୋଚନ କଲେ ଜଳ ପାତାଳଠାବ ରହିବ ନାହିଁ, ହେଲେ ସମସ୍ତେ ସ୍ଥବିରହେବେ ମୃତ୍ୟୁ ଲଭିବେ ଅର୍ଜିତ ଧନ ପଦବୀ ବିଷୟ ବାସନା କ'ଣ ନେଇକରି ଯିବେ କି? ତେବେ ଅଢ଼େଇ ଦିନକୁ ବଢ଼େଇ କାହିଁକି? ଏହା ହିଁ ଦୂର, ଭାବନା ଦୂର, କାହାରି ସହ କାହାରି ମନ ମିଳୁନାହିଁ, ସର୍ବତ୍ର ଅହଂକାର, ଏହା ସମ୍ପର୍କ ଛେଦ କରୁଛି ଏସବୁ ମହାଗର।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍:୯୪୩୭୦୩୧୨୫୩

# ହର୍ମୁଜରେ ସମୁଦ୍ର ମାଇନ୍ ବିଛାଇଛି ଇରାନ

ତେହେରାନ, ୧୧।୩: ଇରାନ ତଥା ଆମେରିକା ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଅଧିକ ଭୟଙ୍କର ହେବାରେ ଲାଗିଛି। ଯୁଦ୍ଧ ଯୋଗୁ ଏବେ ସମୁଦ୍ର ମାଧ୍ୟମରେ ବିଶ୍ୱ ଅର୍ଥନୀତିକୁ କ୍ଷତି ପହଞ୍ଚାଇବାର ଆଶଙ୍କା ସୃଷ୍ଟି ହୋଇଛି। ବିଶ୍ୱର ଏକ ବଡ଼ ଅଂଶ ତେଲ ହର୍ମୁଜ୍ ପ୍ରଣାଳୀ ଦେଇ ଯୋଗାଣ ହୋଇଥାଏ। ମାତ୍ର ଯୁଦ୍ଧ ଯୋଗୁ ଏହା ଏବେ ଏକ ବିପଦପୂର୍ଣ୍ଣ ମୃତ୍ୟୁ ଉପତ୍ୟକାରେ ପରିଣତ ହୋଇଛି। ଆନ୍ତର୍ଜାତୀୟ ଜାହାଜର ଗତିବିଧିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଇରାନ ଗୁପ୍ତ ଭାବରେ ଏଠାରେ ସମୁଦ୍ର ମାଇନ୍ ବିଛାଇବା ଆରମ୍ଭ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହା ଉପରେ କଡ଼ା ପ୍ରତିକ୍ରିୟା ଦେଇ ଚେତାବନୀ ଦେଇ କହିଛନ୍ତି ଯେ, ଏହି ପ୍ରଣାଳୀକୁ କୌଣସି ମୂଲ୍ୟରେ ବନ୍ଦ ହେବାକୁ ଦିଆଯିବ ନାହିଁ।

ଏକ ରିପୋର୍ଟ ଅନୁଯାୟୀ, ଇରାନ ଗତ କିଛି ଦିନ ମଧ୍ୟରେ ମାରାତ୍ମକ ସମୁଦ୍ର ମାଇନ୍ ବିଛାଇଛି। ସୂତ୍ର ଅନୁସାରେ ଇରାନ ଦ୍ୱାରା ଛୋଟ ଡଙ୍ଗା ଏବଂ ଜାହାଜ ସହାୟତାରେ ମାଇନ୍ ବିଛାଯାଉଛି। ଇସ୍ରାଏଲ ଏବଂ ଆମେରିକାର ଆକ୍ରମଣ ସତ୍ତ୍ୱେ ମାଇନ୍ ବିଛାଇବାରେ ନିୟୋଜିତ କରାଯାଉଥିବା ଇରାନର ପ୍ରାୟ ୮୦ରୁ ୯୦ ପ୍ରତିଶତ ଛୋଟ ଡଙ୍ଗା ଏବଂ ଜାହାଜ ଏପର୍ଯ୍ୟନ୍ତ ଅକ୍ଷତ ଅଛି। ଏହାର ଅର୍ଥ ହେଉଛି ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥରେ ଶହ ଶହ ମାଇସ୍ ବିଛାଇବାକୁ ସକ୍ଷମ ହୋଇଛି। ହେଲେ




ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରି କରିଛନ୍ତି ଯେ ତାଙ୍କ ସେନା ୧୬ଟି ଇରାନୀ ମାଇନ୍ ବିଛାଉଥିବା ଜାହାଜକୁ ନଷ୍ଟ କରିଦେଇଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡ ମଧ୍ୟ ନିଶ୍ଚିତ କରିଛି ଏହି ସ୍ୱତନ୍ତ୍ର ସାମରିକ ଅଭିଯାନ ଇରାନର ସାମୁଦ୍ରିକ ଶକ୍ତିକୁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ ଦେଇଛି। ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯଦି ଏହି ମାଇନ୍ ତୁରନ୍ତ ହଟା ନଯାଏ ତେବେ ଇରାନ ଏହାର ପରିଣାମ ଭୋଗିବ ।

ହର୍ମୁଜ୍ ପ୍ରଣାଳୀରେ ବଢୁଥିବା ଉତ୍ତେଜନା ଯୋଗୁଁ, ବିଶ୍ୱରେ ପ୍ରତିଦିନ ପ୍ରାୟ ଦେଢ଼କୋଟି ବ୍ୟାରେଲ ଅଶୋଧିତ ତୈଳ ଯୋଗାଣ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଇରାକ ଏବଂ କୁଲତ ଭଳି ଦେଶମାନଙ୍କ ପାଖରେ ତୈଳ ପରିବହନର ଅନ୍ୟ କୌଣସି ଉପାୟ ନାହିଁ, ତେଣୁ ସେମାନେ ଏହି ମାର୍ଗ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଜି-୭ ଦେଶମାନେ ସୂଚିତ କରିଛନ୍ତି, ସେମାନେ ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ବଜାରରେ ଅତିରିକ୍ତ ତୈଳ ଛାଡିପାରନ୍ତି। ଆମେରିକୀୟ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ସେମାନଙ୍କ ନୌସେନା ଏପର୍ଯ୍ୟନ୍ତ କୌଣସି ତେଲ ଟ୍ୟାଙ୍କରକୁ ସୁରକ୍ଷା ଦେଇନାହିଁ। ରାଷ୍ଟ୍ରପତି ଟ୍ରମ୍ପ ଏହି ବିକଳ୍ପକୁ ଗମ୍ଭୀରତାର ସହିତ ବିଚାର କରୁଛନ୍ତି କାରଣ ତାଙ୍କ ପାଖରେ ସମୁଦ୍ର ମାଇନ୍ ଚିହ୍ନଟ ପାଇଁ ବିଶ୍ୱର ସର୍ବୋତ୍ତମ ଉପକରଣ ଅଛି।

## ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ କଥା ହେଲେ ଜୟଶଙ୍କର

ନୂଆଦିଲ୍ଲୀ, ୧୧।୩: ଯୁଦ୍ଧ ଭିତରେ ଇରାନ ବୈଦେଶିକ ମନ୍ତ୍ରୀଙ୍କ କଥା ହେଲେ ଏସ. ଜୟଶଙ୍କର। ମଙ୍ଗଳବାର ସନ୍ଧ୍ୟାରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି। ଆଲୋଚନା ପରେ ଏସ. ଜୟଶଙ୍କର



ଏକ୍ସରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ସୁରକ୍ଷା ପରିସ୍ଥିତି ବିକଶିତ ହେବା ସହିତ ଦୁଇ ମନ୍ତ୍ରୀ ଘନିଷ୍ଠ ଯୋଗାଯୋଗରେ ରହିବାକୁ ରାଜି ହୋଇଛନ୍ତି। ମିଡିଲଇଷ୍ଟରେ ଚାଲିଥିବା ସଂଘର୍ଷ ସମ୍ପର୍କରେ ଏକ ବିସ୍ତୃତ ଆଲୋଚନା ହୋଇଛି। ଆଉ ଦୁହେଁ ଯୋଗାଯୋଗରେ ରହିବାକୁ ରାଜି ହୋଇଛୁ। ଭୟଙ୍କର ହେଉଛି ମଧ୍ୟପ୍ରାଚ୍ୟ ମହାଯୁଦ୍ଧ। ୧୨ ଦିନରେ ପହଞ୍ଚିଛି ସଂଘର୍ଷ। ହର୍ମୁଜ ପ୍ରଣାଳୀକୁ ନେଇ ଇରାନ୍ ଅଧିକ କଠୋର ହୋଇଥିବା ବେଳେ ଆମେରିକା ଶୁଣାଇଛି କଡ଼ା ଚେତାବନୀ। ସମୁଦ୍ରପଥ ଦେଇ ଯାଉଥିବା ତୈଳବାହୀ ଟ୍ୟାଙ୍କରଗୁଡ଼ିକୁ ଅବରୋଧ କରିବାର ପ୍ରୟାସକୁ ଦୃଢ଼ ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ପ୍ରତିହତ କରାଯିବ। ହର୍ମୁଜ୍ ପ୍ରଣାଳୀ ଦେଇ ତୈଳ ଯୋଗାଣରେ ଇରାନ ବାଧା ସୃଷ୍ଟି କରିବା ପାଇଁ କିଛି କଲେ ଆମେରିକା ୨୦ ଗୁଣା ଅଧିକ ଶକ୍ତିଶାଳୀ ଆକ୍ରମଣ କରିବ। ହ୍ୱାଇଟ୍ ହାଉସ୍ ମୁଖପାତ୍ର କାରୋଲିନ୍ ଲେଭିଟ୍ କହିଛନ୍ତି, ଟ୍ରମ୍ପ ସ୍ଥିର କରିବେ କେବେ ଶେଷ ହେବ ଯୁଦ୍ଧ। ଇରାନ ବିରୁଦ୍ଧରେ ଏହି ଅଭିଯାନ କେବଳ ସେତେବେଳେ ଶେଷ ହେବ ଯେତେବେଳେ ଟ୍ରମ୍ପ ନିର୍ଣ୍ଣୟ କରିବେ ସମସ୍ତ ଲକ୍ଷ୍ୟ ପୂରଣ ହୋଇଛି ଏବଂ ଇରାନ ନିଃସର୍ତ୍ତ ଆତ୍ମସମର୍ପଣ କରିଛି।

## ଦୁବାଇ ବିମାନବନ୍ଦର ଉପରେ ଡ୍ରୋନ୍ ଆକ୍ରମଣ

ଦୁବାଇ, ୧୧।୩: ଇରାନ୍ ପୁଣି ଥରେ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଡ୍ରୋନ ଆକ୍ରମଣ କରିଛି। ଏହି ଆକ୍ରମଣରେ ଜଣେ ଭାରତୀୟଙ୍କ ସମେତ ଚାରି

**ଜଣେ ଭାରତୀୟଙ୍କ ସମେତ ୪ ଆହତ**

ଜଣ ଆହତ ହୋଇଛନ୍ତି। ଦୁବାଇ ମିଡିଆ ଅଫିସ ସୋସିଆଲ ମିଡିଆ ଏକ୍ସରେ ଏକ ବିବୃତିରେ କହିଛି, ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର



(ଡିଏକ୍ସବି) ନିକଟରେ ଦୁଇଟି ଡ୍ରୋନକୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ରୋକାଯାଇଛି। ଏହି ଘଟଣାରେ ଜଣେ ଭାରତୀୟଙ୍କ ସମେତ ଚାରି ଜଣ ଆହତ ହୋଇଛନ୍ତି। ଏଥିରେ ଆହୁରି କୁହାଯାଇଛି, ବିମାନ ପରିବହନ ସ୍ୱାଭାବିକ ଭାବରେ ଚାଲୁଛି।

ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅଲ୍ ମାକତୁମ୍ ଅନ୍ତର୍ଜାତୀୟ ବିମାନବନ୍ଦର ପରିଚାଳନା କରୁଥିବା ଦୁବାଇ ବିମାନବନ୍ଦର କହିଛି ଯେ, ମାର୍ଚ୍ଚ ୭ ତାରିଖରୁ ଉଭୟ ବିମାନବନ୍ଦରରେ ଆଂଶିକ ଭାବରେ ଉଡ଼ାଣ ଆରମ୍ଭ ହୋଇଛି। ପୂର୍ବରୁ କିଛି ସମୟ ପାଇଁ ଉଡ଼ାଣ ବନ୍ଦ କରାଯାଇଥିଲା। ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ଯେପର୍ଯ୍ୟନ୍ତ ସେମାନଙ୍କ ବିମାନ କମ୍ପାନି ସେମାନଙ୍କର ଉଡ଼ାଣ ସମୟସୂଚୀ ଅନୁଯାୟୀ ଅଛି ତାହା ନିଶ୍ଚିତ ନକରନ୍ତି ସେପର୍ଯ୍ୟନ୍ତ ବିମାନବନ୍ଦରକୁ ଯାତ୍ରା ନକରନ୍ତୁ। ଉଡ଼ାଣ ସମୟସୂଚୀ ବର୍ତ୍ତମାନ ପରିବର୍ତ୍ତନ ହୋଇପାରେ।

## ରେଳବାଇରେ ଏଲପିଜି ସଙ୍କଟ

### ମାଇକ୍ରୋୱେଭ-ଇଣ୍ଡକ୍ସନ ବ୍ୟବହାର କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୧।୩: ଦେଶବ୍ୟାପୀ ଏଲପିଜି ସିଲିଣ୍ଡରର ଅଭାବ ଏବେ ଭାରତୀୟ ରେଳବାଇର କ୍ୟାଟରିଂ ସେବାକୁ ପ୍ରଭାବିତ କରୁଛି। ଏହି ସଙ୍କଟ ଯୋଗୁଁ, ଭାରତୀୟ ରେଳବାଇ କ୍ୟାଟରିଂ ଏବଂ ପର୍ଯ୍ୟଟନ ନିଗମ (ଆଇଆରସିଟିସି)ର ଟ୍ରେନଗୁଡ଼ିକରେ ଖାଦ୍ୟ ଯୋଗାଇବା ବ୍ୟବସ୍ଥା ପ୍ରଭାବିତ ହେଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି, ରେଳବାଇ ଟ୍ରେନଗୁଡ଼ିକରେ ରନ୍ଧା ଖାଦ୍ୟ ପରିବେଷଣ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରିବା ଏବଂ ଟିକେଟ ସହିତ ଖାଦ୍ୟ ବୁକ୍ କରିଥିବା ଯାତ୍ରୀମାନଙ୍କୁ ଟଙ୍କା ଫେରସ୍ତ ଦେବା ପାଇଁ ବିଚାର କରୁଛି। ଏକ ରିପୋର୍ଟ ଅନୁଯାୟୀ, ଆଇଆରସିଟିସି ଏହାର କ୍ୟାଟରିଂ ଲାଇସେନ୍ସଧାରୀଙ୍କୁ ବିକଳ୍ପ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛି, ଯାହାଦ୍ୱାରା ଯାତ୍ରୀମାନଙ୍କୁ ଖାଦ୍ୟ ସେବାରେ କୌଣସି ବାଧା ସୃଷ୍ଟି ନହୁଏ।

ରେଳବାଇ ଅଧିକାରୀଙ୍କ ଅନୁଯାୟୀ, ଏଲପିଜି ଅଭାବ ଆଇଆରସିଟିସିର ବେସ୍ ରୋଷେଇ ଘର ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଉଛି। ଏହି ବେସ୍ ରୋଷେଇ ଘରଗୁଡ଼ିକରେ ଟ୍ରେନ୍ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଏ ଏବଂ ତା'ପରେ ପ୍ୟାଣ୍ଟ୍ରି କାର୍‌ରେ ଲୋଡ୍ କରାଯାଏ। ପ୍ୟାଣ୍ଟ୍ରି କାର୍‌ଗୁଡ଼ିକ ମୁଖ୍ୟତଃ ଖାଦ୍ୟ ବଣ୍ଟନ ପାଇଁ ବ୍ୟବହୃତ ହୁଏ ଏବଂ ସେମାନେ ସାଧାରଣତଃ ଏଲପିଜି ସିଲିଣ୍ଡର ବହନ କରନ୍ତି ନାହିଁ। ତଥାପି, ବେସ୍ ରୋଷେଇ ଘରଗୁଡ଼ିକରେ ରୋଷେଇ ସମସ୍ୟା ବର୍ତ୍ତମାନ ଦୂରଗାମୀ ଟ୍ରେନ୍ ପାଇଁ ଖାଦ୍ୟ ପ୍ରସ୍ତୁତିକୁ ପ୍ରଭାବିତ କରୁଛି। ମାର୍ଚ୍ଚ ୧୦ ତାରିଖରେ ଜାରି ହୋଇଥିବା ଏକ ଚିଠିରେ, ଆଇଆରସିଟିସି ରେଳ ଷ୍ଟେସନ୍‌ରେ ଥିବା ଫୁଡ୍ ପ୍ଲାଜା, ରିଫ୍ରେସମେଣ୍ଟ୍ ରୁମ୍ ଏବଂ ଜନ ଆହାର ଆଉଟଲେଟ୍‌ଗୁଡ଼ିକୁ ଏଲପିଜି ଅଭାବ କ୍ଷେତ୍ରରେ ବିକଳ୍ପ ଇନ୍ଧନ କିମ୍ବା ରୋଷେଇ ପଦ୍ଧତି ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି, ଯାହା ଫଳରେ ଯାତ୍ରୀମାନଙ୍କୁ ଖାଦ୍ୟ ଯୋଗାଇବାରେ କୌଣସି ଅସୁବିଧା ହେବନାହିଁ।

## କୋରିଆକୁ ସୈନ୍ୟ ପଠାଇଲେ ଟ୍ରମ୍ପ୍

ନୂଆଦିଲ୍ଲୀ, ୧୧।୩: ମଧ୍ୟପ୍ରାଚ୍ୟର ଯୁଦ୍ଧରେ ଗୋଟେ ପରେ ଆଉ ଗୋଟିଏ ଦେଶକୁ ବ୍ୟାପିବାରେ ଲାଗିଛି। ଏବେ କୋରିଆ ଉପଦ୍ୱୀପରେ ବଢୁଛି ଟେନସନ। ଆମେରିକା-ଉତ୍ତର କୋରିଆ ମଧ୍ୟରେ ଉତ୍ତେଜନା ପୁଣି ବଢ଼ିପାରେ। ଦକ୍ଷିଣ କୋରିଆ ସହିତ 'ଫ୍ରିଡମ୍ ସିଲ୍ଡ' ନାମକ ଏକ ବଡ଼ ସାମରିକ ଅଭ୍ୟାସ ଆରମ୍ଭ କରିଛି ଆମେରିକା। ଯେଉଁଥିରେ ହଜାର ହଜାର ସୈନିକ ସାମିଲ ଅଛନ୍ତି। ଏହି ସମରାଭ୍ୟାସ ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।

**କିମ୍ କହିଲେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ**



ଦକ୍ଷିଣ କୋରିଆର ଯୁଗ୍ମ ମୁଖ୍ୟ କର୍ମଚାରୀ କହିଛନ୍ତି ଯେ ପ୍ରାୟ ୧୮ ହଜାର କୋରିଆନ ସୈନିକ ଫ୍ରିଡମ୍ ସିଲ୍ଡରେ ଅଂଶଗ୍ରହଣ କରିଛନ୍ତି। ଆଜିଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ତଥାପି, ଆମେରିକା ଫୋର୍ସ କୋରିଆ (ୟୁଏସଏଫକେ) ଆମେରିକୀୟ ସୈନିକଙ୍କ ସଂଖ୍ୟା ସ୍ପଷ୍ଟ କରିନାହିଁ। ଆମେରିକା ଏବଂ ଦକ୍ଷିଣ କୋରିଆ ମଧ୍ୟରେ ଏହି ମିଳିତ ଅଭ୍ୟାସ ଦକ୍ଷିଣ କୋରିଆ ଗଣମାଧ୍ୟମରେ ଅନୁମାନ କରାଯାଉଛି ଯେ ୱାଶିଂଟନ୍ ଇରାନ ବିରୁଦ୍ଧରେ ଯୁଦ୍ଧରେ ବ୍ୟବହାର କରିବା ପାଇଁ ଦକ୍ଷିଣ କୋରିଆରୁ କିଛି ସାମରିକ ସମ୍ବଳକୁ ସ୍ଥାନାନ୍ତର କରୁଛି।

ଆମେରିକୀୟ ଫୋର୍ସ କୋରିଆ ଗତ ସପ୍ତାହରେ କହିଥିଲା ଯେ ସୁରକ୍ଷା କାରଣରୁ ଏହା ସାମରିକ ସମ୍ପତ୍ତିର ନିର୍ଦ୍ଦିଷ୍ଟ ଗତିବିଧି ଉପରେ ମନ୍ତବ୍ୟ ଦେବ ନାହିଁ। ଦକ୍ଷିଣ କୋରିଆର ଅଧିକାରୀମାନେ ମଧ୍ୟ କିଛି ଆମେରିକୀୟ ପାଟ୍ରିଅଟ୍ ଆଣ୍ଟି-ମିସାଇଲ୍ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ଉପକରଣ ମଧ୍ୟପ୍ରାଚ୍ୟକୁ ପଠାଯାଉଥିବା ରିପୋର୍ଟ ଉପରେ ମତାମତ ଦେବାକୁ ମନା କରିଦେଇଛନ୍ତି। କିନ୍ତୁ ସେମାନେ କହିଛନ୍ତି ଯେ ଏହା ମିତ୍ର ରାଷ୍ଟ୍ରର ମିଳିତ ପ୍ରତିରକ୍ଷା ରଣନୀତି ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ। ଅନ୍ୟପକ୍ଷରେ, ଫ୍ରିଡମ୍ ସିଲ୍ଡ ଅଭ୍ୟାସ ଉପରେ ଉତ୍ତର କୋରିଆ ଟେନସନ। ଉତ୍ତର କୋରିଆ ପ୍ରାୟତଃ ଏହି ଅଭ୍ୟାସଗୁଡ଼ିକୁ ଆକ୍ରମଣ ପାଇଁ ଅଭ୍ୟାସ ଭାବରେ ଦେଖେ। ଏହା ଉତ୍ତେଜନାକୁ ବୃଦ୍ଧି କରିପାରେ। ଉତ୍ତର କୋରିଆ ନେତା କିମ୍ ଜଙ୍ଗ ଉନ୍ ଗତ ମାସରେ ପ୍ୟୋଙ୍ଗୟାଙ୍ଗରେ ଏକ ଶିଖର ସମ୍ମିଳନୀ ସମୟରେ ସିଓଲ ପ୍ରତି ତାଙ୍କର କଠୋର ମନୋଭାବକୁ ପୁନର୍ବାର ଦୋହରାଇଥିଲେ। କିନ୍ତୁ ୱାଶିଂଟନ ସହିତ ଆଲୋଚନା ପାଇଁ ଦ୍ୱାର ଖୋଲା ରଖିଥିଲେ। ସେ ଆମେରିକାକୁ ପରମାଣୁ ନିରସ୍ତ୍ରୀକରଣର ପୂର୍ବ ସର୍ତ୍ତ ପରିତ୍ୟାଗ କରିବାକୁ ଦାବି କରିଥିଲେ।

୨୦୧୯ ମସିହାରେ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ଉତ୍ତର କୋରିଆର ନେତା କିମ୍ ଜଙ୍ଗ ଉନ୍ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଶିଖର ସମ୍ମିଳନୀ ବିଫଳ ହେବା ପରେ ୱାଶିଂଟନ ଏବଂ ସିଓଲ ସହିତ ସମସ୍ତ ଆଲୋଚନା ସ୍ଥଗିତ ରଖିଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି, କାରଣ କିମ୍ ୟୁକ୍ରେନ୍ ଉପରେ ରୁଷର ଆକ୍ରମଣର ସୁଯୋଗ ନେଇ ଦ୍ରୁତ ଗତିରେ ତାଙ୍କର ପରମାଣୁ ଅସ୍ତ୍ରଶସ୍ତ୍ର ବିକଶିତ କରିଥିଲେ। କିମ୍ ଜଙ୍ଗ ଉନ୍ ମଧ୍ୟ ରୁଷ ସହିତ ତାଙ୍କର ସାମରିକ ସମ୍ପର୍କକୁ ମଜବୁତ କରିଛନ୍ତି। ୟୁକ୍ରେନ୍ ଯୁଦ୍ଧ ପାଇଁ ରୁଷକୁ ଅସ୍ତ୍ରଶସ୍ତ୍ର ଏବଂ ସୈନ୍ୟ ପଠାଇଛନ୍ତି। ଯାହା ଏହାକୁ ଯୁଦ୍ଧ ଲଢ଼ିବାରେ ସାହାଯ୍ୟ କରିଛି।

## ଭାରତୀୟ ନୌସେନାର 'ମିଶନ ଡେପ୍ଲଏମେଣ୍ଟ'

ନୂଆଦିଲ୍ଲୀ, ୧୧।୩: ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଭୟଙ୍କର ଯୁଦ୍ଧ ଆଉ ମଧ୍ୟପ୍ରାଚ୍ୟରେ ସୀମିତ ନାହିଁ। ଏହା ସିଧାସଳଖ ସମଗ୍ର ବିଶ୍ୱକୁ ପ୍ରଭାବିତ କରୁଛି। ଏହି ଯୁଦ୍ଧ କେବଳ ଅନ୍ତର୍ଜାତୀୟ ବିମାନ ଚଳାଚଳ ବନ୍ଦ କରିନାହିଁ ବରଂ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ମାର୍ଗଗୁଡ଼ିକୁ ମଧ୍ୟ ବିପଦରେ ପକାଇଛି। ଏହି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ମଧ୍ୟରେ, ଭାରତୀୟ ନୌସେନା ସମ୍ପୂର୍ଣ୍ଣ ସତର୍କ ରହିଛି। ଓମାନ ଉପସାଗର ନିକଟରେ ନିୟୋଜିତ ଏହାର ଶକ୍ତିଶାଳୀ ଯୁଦ୍ଧଜାହାଜକୁ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ନିୟୋଜିତ



କରାଯାଇପାରିବ। ଅନ୍ତର୍ଜାତୀୟ ବିମାନ ଚଳାଚଳ ବାତିଲ ଏବଂ ଆକାଶମାର୍ଗରେ କ୍ଷେପଣାସ୍ତ୍ର ଆକ୍ରମଣର ଆଶଙ୍କା ହେତୁ, ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ବହୁ ସଂଖ୍ୟକ ଭାରତୀୟ ଫସି ରହିଛନ୍ତି। ଭାରତ ସରକାର ସେମାନଙ୍କ ସୁବିଧା ପାଇଁ ଅନେକ ସ୍ୱତନ୍ତ୍ର ବିମାନ ଚଳାଚଳ ଆରମ୍ଭ କରିଛନ୍ତି। ପରିସ୍ଥିତି ଖରାପ ହେଲେ ସମୁଦ୍ର ସ୍ଥାନାନ୍ତର ଆବଶ୍ୟକ ହୋଇପାରେ। ସୂତ୍ର ଅନୁଯାୟୀ, ଏହାକୁ ଧ୍ୟାନରେ ରଖି, ଆବଶ୍ୟକ ହେଲେ ତୁରନ୍ତ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ଭାରତୀୟ ନୌସେନା ଯୁଦ୍ଧଜାହାଜକୁ ପ୍ରସ୍ତୁତ ରଖାଯାଇଛି। ପ୍ରକୃତରେ, 'ମିଶନ ଡେପ୍ଲୟମେଣ୍ଟ' କାର୍ଯ୍ୟକ୍ରମ ଅଧୀନରେ ଭାରତୀୟ ନୌସେନା ୨୦୧୭ ମସିହାରୁ ଏହି ଅଞ୍ଚଳରେ ଦୁଇଟି ପ୍ରମୁଖ ଅଭିଯାନ ଚଳାଇ ଆସୁଛି। ଓମାନ ଉପସାଗରରେ ଅପରେସନ ସଂକଳ୍ପ ଚାଲିଛି।

## ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଖାରଜ



ନୂଆଦିଲ୍ଲୀ, ୧୧।୩: ସଂସଦରେ ବିରୋଧୀଙ୍କୁ ପୁଣି ଝଟକା ଲାଗିଛି। ଲୋକସଭାର ଅଧ୍ୟକ୍ଷ ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଆଣିଥିବା ଅବିଶ୍ୱାସ ପ୍ରସ୍ତାବ ଆଜି ଧ୍ୱନୀମତରେ ଖାରଜ ହୋଇଛି। ଲୋକସଭାରେ ବିରୋଧୀଙ୍କୁ କହିବାକୁ ଦେଉନଥିବା, ଆଲୋଚନା ପାଇଁ ବିରୋଧୀ ଆଣୁଥିବା ପ୍ରସ୍ତାବକୁ ପ୍ରତ୍ୟାଖାନ କରୁଥିବା ଅଭିଯୋଗ ଆଣି ବିରୋଧୀ ତାଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣିଥିଲେ। ଏନେଇ ଗୃହରେ ଆଲୋଚନା ହେବା ପୂର୍ବରୁ ଏହା ଧ୍ୱନୀମତରେ ଖାରଜ ହୋଇଛି। ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ବିରୋଧୀ ଓମ୍ ବିର୍ଲାଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣିବା ସହ ମଧ୍ୟପ୍ରାଚ୍ୟରେ ଦେଖା ଦେଇଥିବା ଯୁଦ୍ଧ ସଂକଟ ଉପରେ ଆଲୋଚନା କରିବାକୁ ସଂସଦରେ ପ୍ରସ୍ତାବ ଆଣିଥିଲେ। ହେଲେ ଓମ୍ ବିର୍ଲାଙ୍କ ବିରୋଧରେ ଆସିଥିବା ଅବିଶ୍ୱାସ ପ୍ରସ୍ତାବ ଆଜି ଖାରଜ ହୋଇଯାଇଛି।

## 'ବ୍ରେନ୍ ଡେଡ' ଘୋଷିତ ମହିଳା ଜୀଇ ଉଠିଲେ

ବରେଲି, ୧୧।୩: ଭାରତୀୟ ରାସ୍ତାରେ ଥିବା ଖାଲଖମା ସାଧାରଣତଃ ଦୁର୍ଘଟଣା ଏବଂ ମୃତ୍ୟୁର କାରଣ ସାଜିଥାଏ। ଏଥିପାଇଁ ସରକାର ଓ ପ୍ରଶାସନକୁ ନିନ୍ଦା ମଧ୍ୟ କରାଯାଏ। କିନ୍ତୁ ଉତ୍ତରପ୍ରଦେଶରେ ଏହି ଖାଲଖମା ଜଣେ ମହିଳାଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି।



ଡାକ୍ତରଙ୍କ ଦ୍ୱାରା 'ବ୍ରେନ୍ ଡେଡ୍' ଘୋଷଣା ହୋଇସାରିଥିବା ଜଣେ ମହିଳା ଆମ୍ବୁଲାନ୍ସରେ ଫେରୁଥିବା ସମୟରେ ଏକ ବଡ଼ ଖାଲରେ ପଡ଼ି ଝଟକା ଖାଇବା ପରେ ଆଶ୍ଚର୍ଯ୍ୟଜନକ ଭାବେ ପୁଣି ବଞ୍ଚି ଉଠିଛନ୍ତି।

ପୀଡ଼ିତା ମହିଳାଙ୍କ ନାମ ବିନୀତା ଶୁକ୍ଳା। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ବରେଲିର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କର ବଞ୍ଚିବାର କୌଣସି ଆଶା ନାହିଁ ଏବଂ ସେ 'ବ୍ରେନ୍ ଡେଡ୍' ହୋଇଯାଇଛନ୍ତି ବୋଲି ଡାକ୍ତରମାନେ ସ୍ପଷ୍ଟ କହିଦେଇଥିଲେ। ଏହାପରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରିଦିଆଯାଇଥିଲା। ବିନୀତାଙ୍କ ଅବସ୍ଥା ଦେଖି, ବରେଲିର ଡାକ୍ତରମାନେ ହାର ମାନିଯାଇଥିଲେ। ତାଙ୍କ ସ୍ୱାମୀ କୁଲଦୀପ ଶୁକ୍ଳାଙ୍କୁ କୁହାଯାଇଥିଲା ଯେ ଭେଣ୍ଟିଲେଟର କାଢ଼ିଦିଆଗଲେ ସବୁକିଛି ସରିଯିବ। ଏହା ଶୁଣି ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ପରେ ଏହି ବାବଦରେ ପରିବାରକୁ ଖବର ଦେଲେ, ଯେଉଁଠାରେ ପୁଅ, ବୋହୂ ଏବଂ ଝିଅ ତାଙ୍କ ଶବକୁ ଅପେକ୍ଷା କରି କାନ୍ଦୁଥିଲେ। ଖାଲି ପରିବାର ନୁହେଁ ପଡ଼ୋଶୀମାନେ ମଧ୍ୟ ଶେଷ ଦର୍ଶନ କରିବା ପାଇଁ ଅପେକ୍ଷା କରିଥିଲେ । କିନ୍ତୁ ପ୍ରକୃତିର ଅଉ କିଛି ଅନ୍ୟ ଯୋଜନା ଥିଲା ।

ବିନୀତାଙ୍କ ସ୍ୱାମୀ କୁଲଦୀପ କୁମାର ଶୁକ୍ଳା ଏକ ଆମ୍ବୁଲାନ୍ସ ଯୋଗେ ପତ୍ନୀଙ୍କୁ ଧରି ଘରକୁ ଫେରୁଥିଲେ। ବିନୀତାଙ୍କର ହୃଦସ୍ପନ୍ଦନ କମି କମି ଯାଉଥିଲା ଏବଂ ନିଶ୍ୱାସ ପ୍ରାୟ ବନ୍ଦ ହୋଇଯାଇଥିଲା।

## ହାର୍ଡ ଲ୍ୟାଣ୍ଡିଂ କଲା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ



ହାଇଦ୍ରାବାଦ, ୧୧।୩: ବୁଧବାର ହାଇଦ୍ରାବାଦରୁ ଥାଇଲାଣ୍ଡର ଫୁକେଟ୍ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ଫୁକେଟ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ହାର୍ଡ ଲ୍ୟାଣ୍ଡିଂ କରିଛି। ଅବତରଣ ସମୟରେ ବିମାନର ନୋଜ୍ ଗିଅର୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଯାହା ଫଳରେ ବିମାନବନ୍ଦରରେ ଆତଙ୍କ ଖେଳିଯାଇଥିଲା। କିଛି ସମୟ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବିମାନ ବନ୍ଦର କର୍ତ୍ତୃପକ୍ଷ ବିମାନରେ ଥିବା ସମସ୍ତ ୧୩୩ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ବାହାର କରିଥିଲେ। ଏହି ଘଟଣା ପରେ, ବିମାନବନ୍ଦର କର୍ତ୍ତୃପକ୍ଷ ଏକ ନୋଟାମ (ବିମାନ ମିଶନକୁ ନୋଟିସ୍) ଜାରି କରି ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରନୱେକୁ ବନ୍ଦ କରାଯାଇଥିଲା।

**ସମସ୍ତ ୧୩୩ ଯାତ୍ରୀ ସୁରକ୍ଷିତ**

ରିପୋର୍ଟ ଅନୁଯାୟୀ, ହାଇଦ୍ରାବାଦରୁ ଥାଇଲାଣ୍ଡର ଫୁକେଟ୍ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବୋଇଂ ୭୩୭ ମ୍ୟାକ୍ସ-୮ ବିମାନଟି ଅବତରଣ ସମୟରେ ଏକ ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହୋଇଥିଲା, ଯାହା ଫଳରେ ଏହାର ଆଗ ଲ୍ୟାଣ୍ଡିଂ ଗିଅର ଭାଙ୍ଗି ଯାଇଥିଲା ଏବଂ ବିମାନଟି ରନୱେରେ କିଛି ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହୋଇ ଯାଇଥିଲା। ଏହି ଘଟଣା ପରେ ବିମାନବନ୍ଦରରେ ଉତ୍ତେଜନା ସୃଷ୍ଟି ପାଇଥିଲା। ବିମାନବନ୍ଦର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ବାହାର କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଏବଂ ବିମାନବନ୍ଦର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ବିମାନରୁ ବାହାର କରାଯାଇ ଯାତ୍ରୀ ପ୍ରତୀକ୍ଷା କ୍ଷେତ୍ରକୁ ନିଆଯାଇଥିଲା। ଘଟଣାସ୍ଥଳରୁ ମିଳିଥିବା ଫଟୋଗୁଡ଼ିକରେ ବିମାନର ଭଙ୍ଗା ଆଗ ଚକ ରନୱେରେ ପଡ଼ିଥିବା ଦେଖାଯାଉଛି।

### ଏନସିଇଆରଟି ପାଠ୍ୟକ୍ରମରେ ନ୍ୟାୟପାଳିକା ଅଧ୍ୟାୟ ବିବାଦ

## ଆଉ ସ୍କୁଲ ପାଠ୍ୟକ୍ରମ ପ୍ରସ୍ତୁତିରେ ସାମିଲ ହେବେନି ଲେଖକ

ନୂଆଦିଲ୍ଲୀ, ୧୧।୩: ସୁପ୍ରିମକୋର୍ଟ ନ୍ୟାୟପାଳିକା ଉପରେ ଏନସିଇଆରଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ଅଧ୍ୟାୟର ଲେଖକମାନଙ୍କୁ ଭର୍ତ୍ସନା କରିଛନ୍ତି। କୋର୍ଟ କହିଛନ୍ତି ଯେ ଲେଖକମାନେ ଖରାପ ଚିନ୍ତାଧାରା ଦେଖାଇଛନ୍ତି ଏବଂ ପରବର୍ତ୍ତୀ ପିଢ଼ି ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାକୁ ଉପଯୁକ୍ତ ନୁହଁନ୍ତି। ଏଥିରେ ସମ୍ପୃକ୍ତ ତିନି ଜଣ ଲେଖକଙ୍କୁ ଭବିଷ୍ୟତର ସ୍କୁଲ ପାଠ୍ୟକ୍ରମ କିମ୍ବା ପାଠ୍ୟପୁସ୍ତକ ପ୍ରସ୍ତୁତି ସହିତ ଜଡିତ କରାଯିବା ଉଚିତ୍ ନୁହେଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମକୋର୍ଟ ଅଷ୍ଟମ ଶ୍ରେଣୀର ଏନସିଇଆରଟି ପାଠ୍ୟପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ଉପରେ ଏକ ବିବାଦୀୟ ଅଧ୍ୟାୟ ପ୍ରସ୍ତୁତ କରିବାରେ ସମ୍ପୃକ୍ତ ତିନି ଜଣ ଲେଖକଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଆଦେଶ ଦେଇଛନ୍ତି। ସେଥିରେ କୁହାଯାଇଛି ଯେ ସେମାନେ ଭବିଷ୍ୟତ ପିଢ଼ି ପାଇଁ ପାଠ୍ୟକ୍ରମ କିମ୍ବା ପାଠ୍ୟପୁସ୍ତକ ପ୍ରସ୍ତୁତି ସହିତ ଜଡିତ ହେବା ପାଇଁ ଅଯୋଗ୍ୟ। ଏହି ବ୍ୟକ୍ତିମାନେ ହେଲେ - ପ୍ରଫେସର ମାଇକେଲ ଡାନିନୋ, ସୁପର୍ଣ୍ଣା ଦିବାକର ଏବଂ ଆଲୋକ ପ୍ରସନ୍ନ କୁମାର।




ଅଧ୍ୟାୟ ପ୍ରସ୍ତୁତ କରିବାରେ ବିଷୟବସ୍ତୁ ଏବଂ ଅନୁସରଣ କରାଯାଇଥିବା ପ୍ରକ୍ରିୟାକୁ ଗମ୍ଭୀରତାର ସହ ବିଚାର କରି କୋର୍ଟ କେନ୍ଦ୍ର ସରକାର, ରାଜ୍ୟ ସରକାର, ବିଶ୍ୱବିଦ୍ୟାଳୟ ଏବଂ ସାର୍ବଜନୀନ ପାଣ୍ଠି ଗ୍ରହଣ କରୁଥିବା ସମସ୍ତ ପ୍ରତିଷ୍ଠାନକୁ ତିନି ଜଣ ଲେଖକଙ୍କଠାରୁ ବିଚ୍ଛିନ୍ନ ହେବାକୁ ଏବଂ ସାର୍ବଜନୀନ ପାଣ୍ଠି ପ୍ରାପ୍ତ କୌଣସି ଶିକ୍ଷାଗତ କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରିବାରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଷ୍ଟମ ଶ୍ରେଣୀର ଏନସିଇଆରଟି ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ଉପରେ ଏକ ଅଧ୍ୟାୟ ସମ୍ପର୍କରେ ସୁପ୍ରିମକୋର୍ଟ ସ୍ୱତଃପ୍ରବୃତ୍ତ ଭାବେ ମାମଲାର ବିଚାର କରିଥିଲେ। କୋର୍ଟ ଯାଞ୍ଚ କରିଥିଲେ ଯେ ବିଷୟବସ୍ତୁ ଭାରତୀୟ ନ୍ୟାୟପାଳିକାର କାର୍ଯ୍ୟକାରିତାକୁ ଭୁଲ ଭାବରେ ଉପସ୍ଥାପନ କରୁଛି କି ନାହିଁ। ଶୁଣାଣି ସମୟରେ କୋର୍ଟ ଏନସିଇଆରଟି ଦ୍ୱାରା ଅଧ୍ୟାୟ ସଂଶୋଧନ ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ମଧ୍ୟ ସମୀକ୍ଷା କରିଥିଲେ। ସୁପ୍ରିମକୋର୍ଟ ଏନସିଇଆରଟି ନିର୍ଦ୍ଦେଶକଙ୍କ ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସତ୍ୟପାଠ ଅନୁଯାୟୀ, ପାଠ୍ୟପୁସ୍ତକର ଅଷ୍ଟମ ଅଧ୍ୟାୟ ପୁନଃ ଲେଖାଯାଇସାରିଛି ଏବଂ ଆଗାମୀ ଶିକ୍ଷାବର୍ଷରେ ଏହାକୁ କାର୍ଯ୍ୟକାରୀ କରାଯିବ।



ଉତ୍ତରାଖଣ୍ଡ ଗସ୍ତରେ ଯାଇଥିବା ଓଡ଼ିଆ ଗଣମାଧ୍ୟମ ପ୍ରତିନିଧିମାନେ ସେଠାକାର ରାଜ୍ୟପାଳଙ୍କୁ ଭେଟିଛନ୍ତି। ଏହି ଅବସରରେ ଓଡ଼ିଆ ଗଣମାଧ୍ୟମ ପ୍ରତିନିଧିମାନେ ସେଠାକାର ଅନେକ ପ୍ରମୁଖ ପ୍ରତିଷ୍ଠାନ ମଧ୍ୟ ବୁଲି ଦେଖିଛନ୍ତି।

## ମୂଳ ପେନସନ ସଂଶୋଧନ ଦାବିରେ ଗଣଧାରଣା

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର




ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ)ଃ ବ୍ୟାଙ୍କ ଶିଳ୍ପରେ ପେନସନଧାରୀଙ୍କ ମୂଳ ପେନସନ ସଂଶୋଧନ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ଦାବି ନେଇ ସାରା ଦେଶରେ ଅଖିଳ ଭାରତ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ (ଏଆଇବିଆରଏଫ୍) ଡାକରାରେ ଗଣଧାରଣା, ବିକ୍ଷୋଭ ଓ ଅନଶନ ଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଉଛି। ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ଆଜି ଲୋୟର ପିଏମ୍‌ଜି ଛକଠାରେ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣା ଓ ବିକ୍ଷୋଭରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ କୁମାର ଜେନା ଓ ସିଆଇଟିୟୁ ରାଜ୍ୟ ଉପସଭାପତି ଦୁଷ୍ମନ୍ତ କୁମାର ଦାସ ଉଦବୋଧନ ଦେଇ ବ୍ୟାଙ୍କ ଶିଳ୍ପରେ ପେନସନ ସଂଶୋଧନ ଅତ୍ୟନ୍ତ ଜରୁରୀ ଓ ସରକାର ଏହାର ଶୀଘ୍ର ବିଚାର କରିବା ଦରକାର ବୋଲି ମତ ଦେଇଥିଲେ। ବ୍ୟାଙ୍କ ପେନସନ୍‌ଧାରୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ତା'ର ପ୍ରତିକାର ପାଇଁ ଚାଲିଥିବା ଆନ୍ଦୋଳନକୁ କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନେ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ଏହାପରେ ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ କର୍ମଚାରୀ ବୈକୁଣ୍ଠନାଥ ଆଚାର୍ଯ୍ୟ ଓ ଲକ୍ଷ୍ମଣ କୁମାର ସେଠୀ, ୟୁକୋ ବ୍ୟାଙ୍କର ପ୍ରସନ୍ନ କୁମାର ମହାନ୍ତି ଓ ଶରତ ସିଂ, ପଞ୍ଜାବ ନାସନାଲ ବ୍ୟାଙ୍କର ସଞ୍ଜୀବ ପତି ଓ ରବିନାରାୟଣ ସିଂ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ରବିନାରାୟଣ ସୂତାର ଓ ଶରତ ଚନ୍ଦ୍ର ରାଉତ, କାନାରା ବ୍ୟାଙ୍କର ପିକେ ମିଶ୍ର ଓ ବିପିନ ବିହାରୀ ପାଢ଼ୀ, ଇଣ୍ଡିଆନ ବ୍ୟାଙ୍କର ବିଦ୍ୟାଧର ଜେନା ଓ ଜ୍ଞାନରଞ୍ଜନ ପଟ୍ଟନାୟକ, ୟୁନିୟନ ବ୍ୟାଙ୍କର ମନୋରଞ୍ଜନ ଦାସ ପ୍ରମୁଖଙ୍କ ସମେତ ହଜାରେରୁ ଊର୍ଦ୍ଧ୍ୱ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ଆଜି ପ୍ରାତଃ ୯ଟାଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବ୍ୟାଙ୍କ ପେନସନ ଭୋଗୀଙ୍କ ରାଜ୍ୟସ୍ତରୀୟ ଗଣଧାରଣା ଓ ବିକ୍ଷୋଭରେ ଭାଗ ନେଇଥିଲେ। ସଂଘର ସାଧାରଣ ସମ୍ପାଦକ ଶ୍ରୀ ମିଶ୍ର ବ୍ୟାଙ୍କ ପେନସନଧାରୀଙ୍କ ବିଭିନ୍ନ ସମସ୍ୟା ଓ ଆନ୍ଦୋଳନ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।

### ବିଧାନସଭାରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଇଫେକ୍ଟ

## ଓଡ଼ିଆଙ୍କ ଉଦ୍ଧାର ପାଇଁ ସରକାରଙ୍କୁ ଘେରିଲେ ବିରୋଧୀ



**ବିଜେଡି ବିଫଳତା ପାଇଁ ଦାଦନ ଯାଉଛନ୍ତି ୯ ଜିଲ୍ଲାର ଲୋକ**

ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ)ଃ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସମୟରେ ଜଣେ ଓଡ଼ିଆ ଯୁବକ କତାରରେ ମୃତ୍ୟୁବରଣ କରିଛନ୍ତି। ସମଗ୍ର ଦେଶ ଓ ବିଶେଷ ଭାବେ ରାଜ୍ୟର ଅନେକ ପରିବାର ଏବେ ଭୟରେ ଅଛନ୍ତି। ସେମାନଙ୍କ ଉଦ୍ଧାର ପାଇଁ ରାଜ୍ୟ ସରକାର କିଛି ଯୋଜନା ପ୍ରସ୍ତୁତ କରୁଛନ୍ତି ନା କେବଳ ଓଡ଼ିଆ ଅସ୍ମିତା କଥା କହି ଭାଷଣବାଜି କରୁଛନ୍ତି। ଆଜି 'ଓଡ଼ିଆ ଶ୍ରମିକ ଓ ବୃତ୍ତିଜୀବୀମାନେ ବାହାର ରାଜ୍ୟ ଓ ବିଦେଶରେ ହେଉଛନ୍ତି ନିର୍ଯାତିତ, ଓଡ଼ିଆଙ୍କ ଅସ୍ମିତା ଓ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପର ଅଭାବ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଏଭଳି ବର୍ଷିଛନ୍ତି ବିଜେଡି ଓ କଂଗ୍ରେସ ବିଧାୟକ।

ମୁଲତବୀ ଆଲୋଚନା ଆରମ୍ଭ କରି ବିଜେଡି ବିଧାୟକ ଅରୁଣ ସାହୁ କହିଥିଲେ ଯେ ମଧ୍ୟପ୍ରାଚ୍ୟ ସଙ୍କଟ ଯୋଗୁ ହଇରାଣ ହେଉଛନ୍ତି ବିଦେଶରେ ଥିବା ଶ୍ରମିକ। ଯୁଦ୍ଧ ପ୍ରଭାବିତ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଫସିରହିଛନ୍ତି ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ। ଓଡ଼ିଶାର ହଜାର ହଜାର ପରିବାର ଏବେ ଆଶଙ୍କା ଭିତରେ କାଳାତିପାତ କରୁଛନ୍ତି। ଏଥିପାଇଁ ବିଜେପି ସରକାର କ'ଣ ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଓଡ଼ିଶାର ୩ରୁ ୪ ଲକ୍ଷ ଲୋକ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଅଛନ୍ତି। ସେଠାରେ ସେମାନେ ଯେଉଁ କାମ କରୁଛନ୍ତି, ସେମାନଙ୍କର ମାସିକ ରୋଜଗାର ୧୬ ଶହ ଡଲାରରୁ ବି କମ। ସେମାନେ ଏବେ ଫେରୁପାରୁନାହାଁନ୍ତି କି ଘରକୁ ଟଙ୍କା ବି ପଠାଇ ପାରୁନାହାଁନ୍ତି। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ବର୍ତ୍ତମାନ କେଉଁ ଅବସ୍ଥାରେ ଅଛି ବୋଲି ସେ ପ୍ରଶ୍ନ କରିଥିଲେ। ସେହିଭଳି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ସରକାରଙ୍କୁ ଘେରିଥିଲେ। ସେ କହିଥିଲେ ଯେ ଓଡ଼ିଆ ଅସ୍ମିତା ନାଁରେ ବିଜେପି ସରକାର କ୍ଷମତାକୁ ଆସିଛି, ହେଲେ ଓଡ଼ିଆ ଭାଇମାନଙ୍କୁ ବଞ୍ଚାଇବା ପାଇଁ କୌଣସି ପ୍ରୟାସ ନାହିଁ। ପ୍ରବାସୀମାନେ ବିଭିନ୍ନ ଦେଶରେ ଅସ୍ତବ୍ୟସ୍ତ ହୋଇଗଲେଣି। ଦୁବାଇ ବିମାନ କେବେ ଚାଲୁ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି।

ମୁଲତବୀ ଆଲୋଚନାର ଉତ୍ତରରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ ଯେ ସମଗ୍ର ବିଶ୍ୱରେ ଯୋଦ୍ଧାକୁ ନେଇ କ୍ରାଇସିସ ଦେଖାଦେଇଛି। ପ୍ରଧାନମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀ ଏହା ଉପରେ ନଜର ରଖିଛନ୍ତି। ଗତ ମାର୍ଚ୍ଚ ୨ତାରିଖରେ ୱାର୍କିଂ ଗ୍ରୁପ କରାଯିବା ସହ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ବିଜେଡି ୨୪ ବର୍ଷ ସରକାରରେ ରହିଲା, ହେଲେ ଲୋକଙ୍କୁ ରୋଜଗାର ଦେଇପାରିଲା ନାହିଁ, ଯେଉଁଥି ପାଇଁ ଏବେ ବି ଲୋକେ ଦାଦନ ଖଟିବାକୁ ଯାଉଛନ୍ତି।

## ଶିଶୁ ଚୋରି ଗୁଜବରେ ଆଦିବାସୀ ଯୁବକଙ୍କୁ ମାଡ଼

କୋଲକାତା, ୧୧।୩ (ସଂଚାର ବ୍ୟୁରୋ)ଃ ଶିଶୁ ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ମାଡ଼ ମାରିବା ଅଭିଯୋଗରେ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ରାସ୍ତା ଅବରୋଧ। ବୋଲପୁର-ଇଲାମବଜାର ରାସ୍ତାର ମିର୍ଜାପୁର ବସ୍ ଷ୍ଟାଣ୍ଡ ନିକଟରେ ବୁଧବାର ଏହି ଘଟଣା ଘଟିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ମିର୍ଜାପୁର ଅଞ୍ଚଳର ବାସିନ୍ଦା ମଙ୍ଗଳ ବାସ୍କି ନାମକ ଜଣେ ଯୁବକ ରାୟପୁର ଦେଇ କାକୁଟିଆ ଯାଉଥିଲେ। ତାଙ୍କ ଅଜାଣତରେ ଅନେକ ଲୋକ ତାଙ୍କୁ ଶିଶୁ ଚୋରି କରୁଥିବାର ସନ୍ଦେହ କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ପରିସ୍ଥିତି ବୁଝିବା ପୂର୍ବରୁ କିଛି ଲୋକ ତାଙ୍କୁ ପ୍ରବଳ ମାଡ଼ ମାରିବା ଆରମ୍ଭ କରିଥିଲେ। ସୂଚନା ପାଇ ବୋଲପୁର ଥାନାର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରିସ୍ଥିତି ନିୟନ୍ତ୍ରଣକୁ ଆସିବା ମାତ୍ରେ ଆହତ ଯୁବକଙ୍କୁ ଉଦ୍ଧାର କରାଯାଇ ବୋଲପୁର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଦିବାସୀ ଯୁବକ ବର୍ତ୍ତମାନ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ, ଘଟଣାର ପ୍ରତିବାଦ ଏବଂ ଦୋଷୀମାନଙ୍କୁ ଗିରଫ କରିବା ଦାବିରେ ବୁଧବାର ସକାଳେ କ୍ରୋଧିତ ଆଦିବାସୀ ସମ୍ପ୍ରଦାୟ ମିର୍ଜାପୁର ବସ୍ ଷ୍ଟାଣ୍ଡ ସମ୍ମୁଖରେ ରାସ୍ତା ଅବରୋଧ କରିବା ଆରମ୍ଭ କରିଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ




ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ)ଃ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟଠାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଅଛି। ଏଥିରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଭାଷାବିତ ଡ. ଦେବାଶିଷ ମହାପାତ୍ର ଓଡ଼ିଆ ଭାଷାର ଶାସ୍ତ୍ରୀୟତାର ବିଭିନ୍ନ ଆଧାର ସମ୍ପର୍କରେ ମତ ରଖିଥିଲେ। ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ଉଦ୍ଘାଟନ କରିବା ସହ ଏହାର ଭାଷାତାତ୍ତ୍ୱିକ ବୈଶିଷ୍ଟ୍ୟ ସମ୍ପର୍କରେ ଡ. ମହାପାତ୍ର ଉଲ୍ଲେଖ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ନାତକୋତ୍ତର ପରିଷଦର ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଏ ଦିବସ ପାଳନର ଯଥାର୍ଥ ସମ୍ପର୍କରେ ଉଲ୍ଲେଖ କରିଥିଲେ । ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ସଭାପତିତ୍ୱ ଅଭିଭାଷଣରେ ଓଡ଼ିଆ ଭାଷାର ପ୍ରାଚୀନ ବିଭବ ତଥା ଏହାର ଐତିହାସିକ ବିବର୍ତ୍ତନର ପ୍ରସଙ୍ଗ ଉଲ୍ଲେଖ କରିବା ସହ ଏହାର ଶାସ୍ତ୍ରୀୟତାର ବୈଶିଷ୍ଟ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ସୂଚନା ଦେବା ଅବସରରେ ଭାରତୀୟ ଭାଷା ପରମ୍ପରାରେ ଓଡ଼ିଆ ଭାଷାର ପ୍ରାଚୀନ କୃତି ସମ୍ପର୍କରେ ଅବତାରଣା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ପ୍ରଫେସର ଶମ୍ଭୁରୁ ଶୋଭରା ଏବଂ ଡ. ଧୀରଜ କୁମାର ମହାପାତ୍ର କରିଥିବା ବେଳେ ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗର ଛାତ୍ରୀ ଲକ୍ଷ୍ମୀପ୍ରିୟା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଭିଜିଲାନ୍ସ ଜାଲରେ ଓଏଏସ୍ ବାବୁ

- ବ୍ୟାଙ୍କ୍‌ରେ ୭ କୋଟିର ଜମା, ରାଜଧାନୀରେ ୭ ଫ୍ଲାଟ୍
- ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ



ଭୁବନେଶ୍ୱର, ୧୧।୩ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ପୁଣି ଜଣେ ଓଏଏସ ଅଧିକାରୀଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ବଡ଼ ଧରଣର ଚଢ଼ାଉ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ଜିଲ୍ଲା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କ ସହ ଜଡ଼ିତ ୭ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଥିବା ବେଳେ ବାବୁଙ୍କ ନାଁରେ ବିଭିନ୍ନ ବ୍ୟାଙ୍କ୍‌ରେ ପାଖାପାଖି ୭ କୋଟି ଟଙ୍କା ଜମା ଥିବା ଜଣାପଡ଼ିଛି। ଭୁବନେଶ୍ୱର, କଟକ, ପୁରୀ ଓ କେନ୍ଦ୍ରାପଡ଼ାରେ ଭିଜିଲାନ୍ସ ଟିମ୍ ଚଢ଼ାଉ ଜାରି ରଖିଥିବା ବେଳେ ତାଙ୍କ ନାମରେ ସ୍ଥାନୀୟ ସହିଦନଗରରେ ରହିଛି ବିଶାଳ ୩ ମହଲା କୋଠା। ତା'ଛଡ଼ା କେଶୁରାଠାରେ ନିର୍ମାଣାଧୀନ ଏକ ତିନି ମହଲା କୋଠା ମଧ୍ୟ ତାଙ୍କର ରହିଛି। ଆହୁରି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଶ୍ରୀ ସାମନ୍ତରାୟଙ୍କ ନାମରେ ୭ଟି ଫ୍ଲାଟ୍ ରହିଛି। ସେହିପରି ଚଢ଼ାଉ ସମୟରେ ତାଙ୍କ ଘରୁ ୨ ଲକ୍ଷ ୧୫ ହଜାର ଟଙ୍କା ସହ ଗୋଟିଏ ଚାରିଚକିଆ ଓ ୩ଟି ଦୁଇଚକିଆ ଗାଡ଼ି ଜବତ ହୋଇଛି। ଆହୁରି ତାଙ୍କ ଘରୁ ପାଖାପାଖି ୮ ଲକ୍ଷ ଟଙ୍କାର ଆସବାବପତ୍ର ଠାବ କରାଯାଇଛି। ପୈତୃକ ଘର ପୁରୀ ଜିଲ୍ଲା ଗଡିଶାଗଡ଼ ଥାନା ଦୁଛିଆରେ ମଧ୍ୟ ଚଢ଼ାଉ କରାଯାଇଛି।

# ରାଜ୍ୟସଭା ନିର୍ବାଚନ, ସବୁ ଦଳ ପାଇଁ ମର୍ଯ୍ୟାଦାର ପ୍ରଶ୍ନ

ଭୁବନେଶ୍ୱର, ୧୧।୩ଃ ରାଜ୍ୟସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର ପ୍ରାର୍ଥୀ ଓ ମୁଖିଆମାନଙ୍କ ଉଦ୍‌ବେଗ ବଢ଼ିବାରେ ଲାଗିଛି। ପ୍ରାର୍ଥୀମାନେ ଭୋଟରଙ୍କୁ ଭେଟି ବ୍ୟକ୍ତିଗତ ଭାବେ ଉଦ୍ୟମ ଚଳାଇଥିବା ବେଳେ ଦଳୀୟ ମୁଖିଆମାନେ ବି ଦିଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଘନ ଘନ ବୈଠକ କରୁଛନ୍ତି।

ବିଜେପିର ଦଳୀୟ ପ୍ରାର୍ଥୀମାନେ ହ୍ୱିପ୍ ଉପରେ ଭରସା କରୁଥିବା ବେଳେ ଅନ୍ୟ ଦଳର ଭୋଟରମାନେ ହ୍ୱିପ୍ ମାନିବେ କି ନାହିଁ, ସେଥିନେଇ ପ୍ରାର୍ଥୀଙ୍କ ମନରେ ବି ଦ୍ୱନ୍ଦ୍ୱ ରହୁଛି। ଏମିତିକି ଆବଶ୍ୟକ ପଡ଼ିଲେ ନିଜେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଏଜେଣ୍ଟ ହୋଇ ଭୋଟ ଗ୍ରହଣସ୍ଥଳୀରେ ଦଳୀୟ ବିଧାୟକମାନେ କାହାକୁ ଭୋଟ ଦେଉଛନ୍ତି, ତାହା ନିଜେ ଦେଖିପାରନ୍ତି ବୋଲି ଘୋଷଣା କଲେଣି।

ନବୀନ ନିବାସରେ ପ୍ରାୟ ପ୍ରତିଦିନ ବିଧାୟକମାନଙ୍କ ବୈଠକ ହେବାରେ ଲାଗିଛି। ଏମିତିକି ୧୬ ତାରିଖରେ ଭୋଟ ହେବାର ଥିବାବେଳେ ୧୪ ତାରିଖରୁ ବିଜେଡିର ସବୁ ବିଧାୟକ ଗୋଟିଏ ଜାଗାରେ ଏକାଠି ରହିବେ ବୋଲି ବି ସୂଚନା ଦିଆଗଲାଣି। ବିଜେପି, ବିଜେଡି ନିଜ ଦଳୀୟ ପ୍ରାର୍ଥୀଙ୍କ ବିଜୟ ଘେନି ସୁନିଶ୍ଚିତ ଥିବା ବେଳେ ଚତୁର୍ଥ ଆସନରେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଜିଣିବେ କି ବିଜେଡି-କଂଗ୍ରେସର ମିଳିତ ପ୍ରାର୍ଥୀ ଜିଣିବେ, ସେଥିଘେନି ଗଣମାଧ୍ୟମରେ ବ୍ୟାପକ ପ୍ରଚାର ଓ ଅପପ୍ରଚାର ଚାଲିଛି। ଇତିମଧ୍ୟରେ ବିଜେଡିର ଘୋଷିତ ଓ କଂଗ୍ରେସ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ କଂଗ୍ରେସ ନେତାଙ୍କ ଗହଣରେ ଦିଲ୍ଲୀ ଯାଇ ସେଠାରେ ଦଳର ହାଇକମାଣ୍ଡଙ୍କୁ ଭେଟିଛନ୍ତି। ତେବେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ କିନ୍ତୁ ଭୁବନେଶ୍ୱରରେ ଡେରା ପକାଇ ୩ ଦଳର ବହୁ ବିଧାୟକଙ୍କ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଯୋଗାଯୋଗରେ ଅଛନ୍ତି।

କଂଗ୍ରେସ, ବିଜେଡି ଓ ବିଜେପି ନେତାମାନେ ବାରମ୍ବାର କହୁଛନ୍ତି ଯେ ସେମାନଙ୍କ ଦଳର ବିଧାୟକମାନେ ଦଳୀୟ ନିଷ୍ପତ୍ତି ଅନୁଯାୟୀ ଭୋଟ ଦେବେ। ତେବେ ଅନ୍ୟ ଦଳରୁ ବ୍ୟାପକ କ୍ରସ ଭୋଟିଂ ହେବ ବୋଲି ମଧ୍ୟ ସୂଚନା ଦିଆଯାଉଛି। ବିଜେଡି ଓ ବିଜେପିର ୯ବର୍ଷିଆ ମେଣ୍ଟ ସରକାର ଓ ୧୫ବର୍ଷିଆ ବିଜେଡି ସରକାର ଅମଳରେ ବହୁସଂଖ୍ୟକ କଂଗ୍ରେସ ନେତା ମାଲମାଳ ମାମଲାରେ ଫସି ମାସ ମାସ ଜେଲ୍‌ରେ ବିତାଇଛନ୍ତି। ତେଣୁ ବିଜେଡି ଘୋଷିତ ପ୍ରାର୍ଥୀଙ୍କୁ ଯେ ସବୁ କଂଗ୍ରେସ ବିଧାୟକ ଭୋଟ ଦେବେ, ସେଥିଘେନି ସନ୍ଦେହ ରହିଛି।

ଏହାଛଡ଼ା ପ୍ରଦେଶ କଂଗ୍ରେସ କମିଟି ସଭାପତି ଯେଭଳି ନବୀନ ପଟ୍ଟନାୟକଙ୍କ ଶାସନ କାଳ ଓ ତାଙ୍କ ନେତୃତ୍ୱକୁ ଗଣମାଧ୍ୟମରେ ପ୍ରଶଂସା କରିଛନ୍ତି, ତାକୁ ଅନେକ ଦଳୀୟ ନେତା ହଜମ କରିପାରୁନାହାନ୍ତି। ସେହିପରି ରାଜ୍ୟରେ ବିଜେପି ସରକାର ଗଢ଼ାଯିବାର ବର୍ଷେ ୯ ମାସ ଅତିକ୍ରାନ୍ତ ହୋଇଥିବା ବେଳେ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ନ ହେବା ଓ ସରକାରର ଅନ୍ୟାନ୍ୟ ପଦପଦବୀରେ ଥଇଥାନ ହୋଇ ନ ଥିବା କାରଣରୁ ବହୁ ଦଳୀୟ ନେତାଙ୍କ ମନରେ ଅସନ୍ତୋଷ ଥିବାରୁ ମିଳିତ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ ଭୋଟିଂ ହେବ ବୋଲି ବି ପ୍ରଚାର ଚାଲିଛି। ଇତିମଧ୍ୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଭୁବନେଶ୍ୱର ଗସ୍ତ କରି ଯେଉଁ ଗୁରୁମନ୍ତ୍ର ଦେଇଯାଇଛନ୍ତି, ତା'ରି ଆଧାରରେ କେତେକ ମନ୍ତ୍ରୀ, ବିଧାୟକ ଓ ଦଳୀୟ ନେତା ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ବିଜେଡି ଓ କଂଗ୍ରେସରୁ ଭୋଟ ଗୋଟାଇବା ପାଇଁ ମଧ୍ୟ ଯୋଗାଯୋଗ ଚଳାଇଛନ୍ତି। ଏହାଛଡ଼ା ଯେଉଁମାନଙ୍କ ବିରୋଧରେ ଗୁରୁତର ଫୌଜଦାରୀ ଓ ଆର୍ଥିକ ହେରଫେର୍ ଅଭିଯୋଗ ରହିଛି, ସେମାନେ ଭିଜିଲାନ୍ସ, ସିବିଆଇ ଓ ଇଡିର ଭୟ ସ୍ୱପ୍ନରେ ଦେଖୁଛନ୍ତି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟମନ୍ତ୍ରୀଙ୍କ...

କଣ୍ଟ୍ରୋଲ ରୁମ୍ ନମ୍ବରକୁ ସକାଳ ୯ ଟା'ରୁ ରାତି ୯ ଟା ପର୍ଯ୍ୟନ୍ତ ଫୋନ୍ କରିହେବ। ଏହି ନମ୍ବରଗୁଡ଼ିକ ହେଲା, ୧୮୦୦୧୧୮୭୯୭ (ଟୋଲ୍ ଫ୍ରି), +୯୧ ୧୧ ୨୩୦୨୨୧୧୩, +୯୧ ୧୧ ୨୩୦୧୪୧୦୪ ଏବଂ +୯୧ ୧୧ ୨୩୦୧୭୯୦୫।

### ୩ ଅଧିକାରୀଙ୍କୁ...

ପ୍ରମୁଖ ଆବାସିକ କମିଶନରଙ୍କ ସୂଚନା ଅନୁଯାୟୀ, ମଧ୍ୟପ୍ରାଚ୍ୟରୁ ଆକାଶ ପଥରେ ବିମାନ ସେବା କ୍ଷେତ୍ରରେ ନିରାପତ୍ତା ସମସ୍ୟା ଥିବାରୁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସରକାରୀ ବିମାନ ସେବା ଅଧିକ ବଢ଼ାଇବାକୁ ବିମାନ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ସରକାର ଓଡିଶା ପରିବାର ନିର୍ଦ୍ଦେଶାଳୟ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଓଏସଡି ପ୍ରିତିଶ ପଣ୍ଡାଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ଆଜିର ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ ମଧ୍ୟପ୍ରାଚ୍ୟରେ ଅଟକି ରହିଥିବା ଓଡ଼ିଆ ଲୋକମାନଙ୍କର ଉଦ୍ଧାର ଓ ସୁରକ୍ଷା ପାଇଁ ୩ ଜଣଙ୍କୁ ଯୋଗାଯୋଗ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ସେମାନେ ହେଲେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡଃ. ବିଜୟ କେତନ ଉପାଧ୍ୟାୟ (୮୨୬୦୪୩୧୭୨୭), ନୂଆଦିଲ୍ଲୀସ୍ଥିତ ଅତିରିକ୍ତ ଆବାସିକ କମିଶନର ସୁଚରିତା ଷଡ଼ଙ୍ଗୀ (୯୮୧୮୮୪୮୭୮୭) ଓ ପୂର୍ବରୁ ନିୟୋଜିତ ଥିବା ନୋଡାଲ ଅଧିକାରୀ ଶ୍ରୀ ପଣ୍ଡା (୯୫୮୩୩୨୧୯୬୪)। ଏଥିସହ ପ୍ରମୁଖ ଆବାସିକ କମିଶନର କାର୍ଯ୍ୟାଳୟ, ନୂଆଦିଲ୍ଲୀକୁ ନୋଡାଲ କାର୍ଯ୍ୟାଳୟ ଭାବେ ନିୟୋଜିତ କରାଯାଇଛି। ଉକ୍ତ କାର୍ଯ୍ୟାଳୟ ପ୍ରବାସୀ ଓଡ଼ିଆମାନଙ୍କର ଉଦ୍ଧାର ଓ ସୁରକ୍ଷା ସମ୍ପର୍କିତ ତଥ୍ୟ ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ ରଖି ଓଡ଼ିଶା ସରକାରଙ୍କୁ ନିୟମିତ ଅବଗତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପରିସ୍ଥିତିକୁ ନଜରରେ ରଖି ସମ୍ପୃକ୍ତ ସମସ୍ତ ବିଭାଗ ଏବଂ ଅଧିକାରୀମାନଙ୍କୁ ସଜାଗ ରହି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

### ଦେଶରେ...

ଇଚ୍ଛାମୃତ୍ୟୁ ପ୍ରଦାନ କରିଛନ୍ତି। ପିତା ତାଙ୍କ ପୁଅର ମୃତ୍ୟୁ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ବିଚାରପତି ଜେବି ପାରଦିୱାଲା ଓ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଫଳତଃ ଦେଶରେ ପ୍ରଥମ ଥର ପାଇଁ କୌଣସି ବ୍ୟକ୍ତିଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ମିଳିଛି। ଇଚ୍ଛାମୃତ୍ୟୁ ପାଇଁ ହୋଇଥିବା ଆବେଦନ ଉପରେ ରାୟ ଦେବା ସମୟରେ ଜଷ୍ଟିସ ଜେବି ପାରଦିୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ଭଗବାନ ଜଣେ ବ୍ୟକ୍ତିଙ୍କୁ ପଚାରନ୍ତି ନାହିଁ ଯେ ସେ ଜୀବନ ଗ୍ରହଣ କରେ କି ନାହିଁ; ଜୀବନ ତାଙ୍କୁ ନେବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ୱିଲିୟମ ସେକ୍ସପିୟରଙ୍କ ପ୍ରସିଦ୍ଧ ଉକ୍ତି - 'ଟୁ ବି ଅର୍ ନଟ୍ ଟୁ ବି'- ବଞ୍ଚିବା କିମ୍ବା ନ ବଞ୍ଚିବା'- ଏହି ଦାର୍ଶନିକ ଏବଂ ଆଇନଗତ ଆଲୋଚନାକୁ ଗଭୀରତା ପ୍ରଦାନ କରୁଛି।

### ୧୨ ବର୍ଷ...

ବିଜେପି କାର୍ଯ୍ୟାଳୟରେ ଗୈରିକ ହୋଇଛନ୍ତି।

ବିଜେପିରେ ସାମିଲ ହେଉ ହେଉ ଉତ୍ତରାଧିକାରୀ ପ୍ରସଙ୍ଗରେ ବିଜେଡିକୁ ସିଧା ଆଟାକ୍ କରିଥିଲେ ରବୀନ୍ଦ୍ର। କହିଥିଲେ ଯେ ଆଗାମୀ ଦିନରେ ବିଜେଡି ରାଜ୍ୟବାସୀଙ୍କୁ ସୁଶାସନ ଦେଇପାରିବନି। ଯେଉଁ ଆଞ୍ଚଳିକ ଦଳ ଉତ୍ତରାଧିକାରୀ ବାଛିପାରିବନି, ସେ ଦଳ ତିଷ୍ଠି ବି ପାରିବ ନାହିଁ। ଉତ୍ତରପ୍ରଦେଶର ମାୟାବତୀ, ଅଖିଳେଶ ଯାଦବ, ତାମିଲନାଡୁର ଷ୍ଟାଲିନଙ୍କ ଉଦାହରଣ ଦେଇ ସେ କହିଛନ୍ତି ଯେ ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଦଳମାନେ ନିଜ ନିଜର ଉତ୍ତରାଧିକାରୀ ଦେବା ପରେ ସଫଳତା ପାଇଛନ୍ତି। ବିଜେପିରେ ଶାସନରେ ଆଶା ଓ ଆଲୋକ ଦେଖିବା ପାଇଁ ମିଳୁଛି, ହେଲେ ବିଜେଡିରେ ସେ ଆଶା ନାହିଁ ବୋଲି ସେ କହିଛନ୍ତି। ରବୀନ୍ଦ୍ର ଜେନା ଓ ତାଙ୍କ ସମର୍ଥକମାନେ ଉଚିତ ସମୟରେ ଉଚିତ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବିଜେପି କେବଳ ବାଲେଶ୍ୱରରେ ନୁହେଁ, ସାରା ଓଡ଼ିଶାରେ ଶକ୍ତିଶାଳୀ ହେବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ।

ଯଦିଓ ରବୀନ୍ଦ୍ର ବିଜେଡିରେ ଥାଇ ଅସନ୍ତୁଷ୍ଟ ଥିଲେ, ହେଲେ ରାଜ୍ୟସଭା ନିର୍ବାଚନ ଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଦଳ ଛାଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏମିତିକି ତାଙ୍କ ପତ୍ନୀ ତଥା ବସ୍ତା ବିଜେଡି ବିଧାୟିକା ସୁବାସିନୀ ଜେନାଙ୍କ ପରବର୍ତ୍ତୀ ଗତିକୁ ନେଇ ବି ସସପେନ୍ସ ବଢ଼ିଛି। ୨୦୧୪ରେ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ହାତ ଧରି ବାଲେଶ୍ୱର ଲୋକସଭା ଆସନରୁ ବିଜେଡିରୁ ସାଂସଦ ପ୍ରାର୍ଥୀ ହୋଇଥିଲେ ଉଦ୍ୟୋଗପତି ରବୀନ୍ଦ୍ର ଜେନା। ସେତେବେଳେ ସେ ଥିଲେ ଦଳର ସୁନା ପିଲା। ହେଲେ ୨୦୧୯ ନିର୍ବାଚନରେ ପରାସ୍ତ ହେବା ପରେ ତାଙ୍କର ପତିଆରା ହ୍ରାସ ପାଇଥିଲା। ୨୦୨୦ରେ ବାଲେଶ୍ୱର ଉପନିର୍ବାଚନରେ ସେ ପ୍ରାର୍ଥୀ ହେବାକୁ ଚାହିଁଥିଲେ ବି ନବୀନ ଚକମା ଦେଇ ତାଙ୍କ ଅନୁଗତ ସ୍ୱରୂପ ଦାସଙ୍କୁ ଟିକେଟ୍ ଦେବାରୁ ବଢ଼ିଥିଲା ତିକ୍ତତା। ଏହାପରେ ବାଲେଶ୍ୱରରେ ରବୀନ୍ଦ୍ରଙ୍କ ଗୋଷ୍ଠୀ ଓ ଜ୍ୟୋତି ପାଣିଗ୍ରାହୀ ଗୋଷ୍ଠୀଙ୍କ ମଧ୍ୟରେ ଚାଲିଥିଲା ଟଣାଓଟରା।

୨୦୨୪ରେ ରବୀନ୍ଦ୍ରଙ୍କୁ ଆଉ ବିଜେଡି ଲୋକସଭା ଟିକେଟ୍ ଦେଇନଥିଲା। ବିବାଦ ଏଭଳି ତେଜିଲା ଯେ ଦଳୀୟ କାର୍ଯ୍ୟକ୍ରମ ଅଲଗା ଅଲଗା ସ୍ଥାନରେ ହେଉଥିଲା। ବିବାଦ ଯୋଗୁଁ ବିଜେଡି ବାଲେଶ୍ୱରରେ ଜିଲ୍ଲା ସଭାପତି ଘୋଷଣା ମଧ୍ୟ କରିପାରିଲା ନାହିଁ। କାରଣ ଜାଣିବାକୁ ସୁପ୍ରିମୋଙ୍କୁ ଭେଟିବାକୁ ରବୀନ୍ଦ୍ରଙ୍କ ଗୋଷ୍ଠୀ ନବୀନ ନିବାସ ଯାଇଥିଲେ ବି ନବୀନ ଦେଖା ଦେଇନଥିଲେ। ଆଉ କିଛି ଦିନ ତଳେ ଜିଲ୍ଲାରେ ଦଳର ବିଭିନ୍ନ ପଦପଦବୀରେ ରବୀନ୍ଦ୍ରଙ୍କ ସମର୍ଥକଙ୍କୁ ଉପେକ୍ଷା ତାଙ୍କ କ୍ଷୋଭ ବଢ଼ାଇଥିଲା।

### ବିଧାନସଭାରେ...

ସରକାରକୁ ଆସିବା ପରେ ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମାରିଲେ, କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଶେରଗଡ଼ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏନେଇ ବାଚସ୍ପତି ସ୍ପଷ୍ଟ ରୁଲିଂ ଦେବା ସହ ଗୃହ ଏଭଳି କାର୍ଯ୍ୟକୁ ନିନ୍ଦା କରୁ ବୋଲି ସେ ଦାବି କରିଥିଲେ। ପ୍ରମିଳାଙ୍କ ସହ ସ୍ୱର ମିଳାଇଥିଲେ ବିଧାୟକ ସାରଦା ଜେନା, ଧ୍ରୁବ ସାହୁ, କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅଶୋକ ଦାସ। ଏହି ଘଟଣାରେ ବିଜେପିର ଜଣେ ମଣ୍ଡଳ ସଭାପତିଙ୍କୁ ତାଙ୍କ କାର୍ଯ୍ୟାଳୟରୁ ଗିରଫ କରାଯିବା ପ୍ରମାଣିତ କରୁଛି ଯେ ଆକ୍ରମଣରେ ବିଜେପି ନେତାଙ୍କ ସମ୍ପୃକ୍ତି ରହିଛି। ତେଣୁ ବାଚସ୍ପତି ତୁରନ୍ତ ଏନେଇ ରୁଲିଂ ଦେବାକୁ ଦାବି ହୋଇଥିଲା।

କଂଗ୍ରେସ ଓ ବିଜେଡି ବିଧାୟକଙ୍କ ଅଭିଯୋଗର ଜବାବ ଦେଇଥିଲେ ଶାସକ ଦଳର ବିଧାୟକମାନେ। ବିଧାୟକ ସନାତନ ବିଜୁଳି ଓ ଟଙ୍କଧର ତ୍ରିପାଠୀ ବିଜେଡିକୁ ସମାଲୋଚନା କରି କହିଥିଲେ ଯେ ବିଜେଡିର ଆଇନଶୃଙ୍ଖଳା ଉପରେ କହିବାର ନୈତିକତା ନାହିଁ। ବିଜେପି ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ ଯେ ଶେରଗଡ଼ରେ ଘଟିଥିବା ଘଟଣା ନିନ୍ଦନୀୟ। ବିଜେଡି ସରକାର ସମୟରେ ଜଣେ ପୂର୍ବତନ ବିଧାୟକ ଥାନାରେ ପଶି ପୁଲିସକୁ ମାଡ଼ ମାରିଥିଲେ। ପୂର୍ବତନ ବ୍ରହ୍ମପୁର ବିଧାୟକଙ୍କୁ ବିଜେଡି ନେତାଙ୍କୁ ହତ୍ୟା ମାମଲାରେ ଗିରଫ କରାଯାଇଛି। ସରକାରରେ ଥିବା ସମୟରେ ବିଜେଡି ଏହିଭଳି ଅନେକ ଘଟଣାକୁ ଘଣ୍ଟ ଘୋଡ଼ାଇ ରଖିଥିଲା। ପରୀ, ମମିତା ହତ୍ୟାକାରୀଙ୍କୁ ପୂର୍ବ ସରକାର ସୁରକ୍ଷା ଦେଉଥିଲେ। ସେତେବେଳେ ନିନ୍ଦା କରିପାରୁନଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ପ୍ରଶ୍ରୟ ଦେଉଥିଲେ। ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜେଡିର ଏହା ଦୋମୁହାଁ ନୀତି ବୋଲି ସେ କହିଥିଲେ।

### ମୁଁ ବିଭୀଷଣ...

କଥା। ୨୪ ବର୍ଷରେ ଏତେ ହତ୍ୟା ଘଟଣା ଘଟାଇଛନ୍ତି, ଭଗବାନ ମଧ୍ୟ କ୍ଷମା ଦେବେନି। ମାହଙ୍ଗାରେ ୫ଟି ହତ୍ୟା ହେବା ପରେ ମଧ୍ୟ ସେତେବେଳେର ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ତାଙ୍କ ନେତାଙ୍କ ନାମ ଏଫଆଇଆରରେ ଥିଲା, କିନ୍ତୁ ତାଙ୍କୁ ମନ୍ତ୍ରୀ କରିଥିଲେ। ଦିନଦ୍ୱିପ୍ରହରେ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା କରାଗଲା, ଏହି ହତ୍ୟା କିଏ କରାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଗତ ୨୦୦୦ ମସିହାରେ କୋରାପୁଟ ଜିଲ୍ଲା ବିଜେଡି ସଭାପତିଙ୍କ ହତ୍ୟା ପଛରେ କାହାର ହାତ ଥିଲା ? ତିନି ମାସ ତଳେ କଂଗ୍ରେସ ନେତାମାନେ ବିଜେପି-ବିଜେଡି ବାହାଘର ବୋଲି କାର୍ଡ ବାଣ୍ଟୁଥିଲେ। ଏବେ ବୁଢ଼ା ବରକୁ ଆଉ କେଉଁ କନିଆ ବୋଧେ ବାହା ହୋଇଗଲା, ତେଣୁ କଂଗ୍ରେସ ବିଜେଡି ସହ ହାତ ମିଳାଇଛି। ବର୍ତ୍ତମାନର ରାଷ୍ଟ୍ରପତିଙ୍କୁ ନିଜ ଭଉଣୀ ବୋଲି କହୁଥିଲେ ବିରୋଧୀ ଦଳ ନେତା। ହେଲେ ରାଷ୍ଟ୍ରପତିଙ୍କୁ ଅପମାନିତ କରାଯାଇଛି, କିନ୍ତୁ ବିଜେଡି ନେତାମାନେ ତା'ର ନିନ୍ଦା କରୁନାହାଁନ୍ତି। ଏହା ବିଜେଡିର ଦୋମୁହାଁ ନୀତି ବୋଲି ସେ ଆକ୍ଷେପ କରିଥିଲେ।

### ଆତ୍ମସମର୍ପଣ...

ଅପରେସନକୁ ଜୋରଦାର କରାଯାଇଥିବା ବେଳେ ପୁଲିସର ଘନ ଘନ ଆକ୍ରମଣରେ ଭୟଭୀତ ହୋଇ ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତକୁ ଫେରୁଛନ୍ତି। ଏହି କ୍ରମରେ ଆଜି ୧୦ ଜଣ ହାର୍ଡକୋର୍ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୭ ଜଣ ମହିଳା ଥିବା ବେଳେ ଆଜି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମୁଣ୍ଡରେ ମୋଟ ୧ କୋଟି ୬୫ ଲକ୍ଷ ୬୨ ହଜାର ୨୭୫ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଆଜି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ କେକେବିଏନ ମାଓବାଦୀ ସଂଗଠନର ରାଜ୍ୟ କମିଟି ସଦସ୍ୟ ନିତୁ ରହିଥିବା ବେଳେ ତାଙ୍କ ମୁଣ୍ଡରେ ୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସେହିପରି ଛତିଶଗଡ଼ର ଅନୁପା ଡିଭିଜନାଲ କମିଟି ସଦସ୍ୟ ହୋଇଥିବା ବେଳେ ତା' ମୁଣ୍ଡରେ ୩୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଆହୁରି ଏରିଆ କମିଟି ସଦସ୍ୟା ସଙ୍ଗୀତା ମୁଣ୍ଡରେ ୨୧ ଲକ୍ଷ, ଏରିଆ କମିଟି ସମସ୍ୟା ସୁନୀଲ ଟେଲମା ମୁଣ୍ଡରେ ୨୧ ଲକ୍ଷ, ପାର୍ଟି ମେମ୍ବର ଶିଲ୍ପା, ଯମୁନା, ଗଣେଶ କୁଞ୍ଜମ, ସୁଶୀଳା ଦୁଦି, ସରିତା କୁହୁଦମ୍, ରଜନୀ ମୁଣ୍ଡରେ ୨ ଲକ୍ଷ ୭୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏହି ମାଓବାଦୀମାନଙ୍କ ଆତ୍ମସମର୍ପଣ ସମ୍ପର୍କରେ ଆଜି ସ୍ଥାନୀୟ ରିଜର୍ଭ ପୁଲିସ୍ ପଡ଼ିଆରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଡିଜି ଅପରେସନ ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ତାଙ୍କ ସହ ସାମ୍ବାଦିକ ସମ୍ମିଳନୀରେ ଆଇଜିପି ଦୀପକ କୁମାର, ଆଇଜି ସିଆରପିଏଫ ଅମିତେନ୍ଦ୍ରନାଥ ସିହ୍ନା, ଦକ୍ଷିଣାଞ୍ଚଳ ଆଇଜିପି ନୀତି ଶେଖର, ଡିଆଇଜି ଅଖିଳେଶ୍ୱର ସିଂ, ଡିଆଇଜି ସିଆରପିଏଫ୍ ଦିଲୀପ ସିଂ, ଏସପି କନ୍ଧମାଳ ହରିଶ ବିଶି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କନ୍ଧମାଳ ରମେନ୍ଦ୍ର ପ୍ରସାଦ, ଏଡିପିଓ ବାଲିଗୁଡା ଭସଲେ ଶୁଭମ ସଞ୍ଜୟ ଉପସ୍ଥିତ ଥିଲେ। ଏହି ଅବସରରେ କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ମାଓବାଦୀମାନଙ୍କୁ ତୁରନ୍ତ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ସକାଶେ ଆହ୍ୱାନ ଦିଆଯାଇଛି।

ମାଓବାଦୀଙ୍କ ପାଖରେ ପୁଳା ପୁଳା ସୁନା ଦେଖି ତାଜୁବ ହୋଇଗଲେ ସୁରକ୍ଷା ଅଧିକାରୀ। ଛତିଶଗଡ଼ରେ ୧୦୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କ ନିକଟରୁ ପୁଲିସ୍ ଏକ କେଜି ଓଜନର ସୁନା ସହ ନଗଦ ୩ କୋଟି ୨୯ ଲକ୍ଷ ଟଙ୍କା ଜବତ କରିଛି। ଦେଶରେ ମାଓବାଦ ଏବେ ଅନ୍ତିମ ନିଶ୍ୱାସ ନେଉଥିବା ବେଳେ ବହୁସଂଖ୍ୟକ ମାଓବାଦୀ ଆତ୍ମସମର୍ପଣ କରୁଛନ୍ତି। ଛତିଶଗଡ ଜଗଦଲପୁରରେ ୧୦୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କଠାରୁ ଜବତ ହୋଇଥିବା ସୁନା ଓ ନଗଦ ଟଙ୍କା ସୁରକ୍ଷାକର୍ମୀଙ୍କ ଆଖି ଝଲସାଇ ଦେଇଛି। ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ଏହିସବୁ ମାଓବାଦୀଙ୍କଠୁ ଏହା ଜବତ ହୋଇଛି। ଏଥିସହ ବହୁ ଅତ୍ୟାଧୁନିକ ବନ୍ଧୁକ ଓ ଗୁଳିଗୋଳା ସହ ଉକ୍ତ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି।

### କ୍ଷମା...

ସଂସ୍କୃତି ଓ ସଭ୍ୟତାର ରାଜ୍ୟ ଭାବେ ପରିଚିତ ପଶ୍ଚିମବଙ୍ଗର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁଣ୍ଣ କରିଛି। ଦେଶର ବିକାଶରେ ସାନ୍ତାଳୀ ସମ୍ପ୍ରଦାୟର ବଡ଼ ଭୂମିକା ରହିଛି। ତେଣୁ ସେ ନିଜେ ମଧ୍ୟ ସାନ୍ତାଳୀ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ କରୁଥିବାରୁ ବ୍ୟକ୍ତିଗତ ଭାବେ ଆଘାତ ପାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଦୃଷ୍ଟିରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏହି ଘଟଣା ପାଇଁ ରାଷ୍ଟ୍ରପତି ଓ ଦେଶବାସୀଙ୍କ ନିକଟରେ କ୍ଷମା ମାଗିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

### ନବୀନଙ୍କୁ...

ଖାଲି ସୁବାସିନୀ ନୁହଁନ୍ତି, ବିଜେଡିର ଆଉ କିଛି ଯୁବ ଓ ଅସନ୍ତୁଷ୍ଟ ନେତା କ୍ରସ ଭୋଟିଂ କରିଦେବେ ବୋଲି ପ୍ରଚାର ଜୋରଦାର ହେଉଛି।

ତେଣୁ ଆସନ୍ତା ୧୬ ତାରିଖରେ ରାଜ୍ୟସଭା ଭୋଟ ପର୍ଯ୍ୟନ୍ତ ବିଜେଡି ବିଧାୟକଙ୍କୁ ଗୃହବନ୍ଦୀରେ ରଖିବାର ଯୋଜନା ହୋଇଛି। ବିଶେଷକରି ବିଧାୟକମାନଙ୍କୁ କୌଣସି ଏକ ହୋଟେଲରେ ରଖାଯିବ ଓ ସେମାନଙ୍କୁ ଫୋନ୍ ବ୍ୟବହାର ପାଇଁ ଅନୁମତି ମିଳିବ ନାହିଁ। ବିଧାୟକମାନେ ସେଠାରୁ ସିଧା ବିଧାନସଭା ଆସି ଭୋଟ ଦେବା ପରେ ଅନ୍ୟମାନଙ୍କ ସହ କଥା ହୋଇପାରିବେ।

ଉଲ୍ଲେଖନୀୟ ଯେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେଉଥିବା ବେଳେ ମଇଦାନରେ ୫ ଜଣ ପ୍ରାର୍ଥୀ ଅଛନ୍ତି। ବିଜେପିର ଦୁଇ ନିଶ୍ଚିତ ବିଜୟୀ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାର ଥିବା ବେଳେ ବିଜେଡିର ନିଶ୍ଚିତ ବଜୟୀ ପ୍ରାର୍ଥୀ ସଂତୃପ୍ତ ମିଶ୍ର ରହିଛନ୍ତି। ବିଜେଡି କଂଗ୍ରେସ ସହ ହାତ ମିଳାଇ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କମନ୍ ପ୍ରାର୍ଥୀ କରିଥିବା ବେଳେ ବିଜେପି ସମର୍ଥନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ପ୍ରାର୍ଥୀ ହୋଇଛନ୍ତି। ତେବେ ଯଦି ଦଳୀୟ ଭୋଟ ଏପଟସେପଟ ନ ହୁଏ, ତେବେ ବିନା କ୍ରସ ଭୋଟିଂରେ ଦିଲ୍ଲୀପ ରାୟ ଜିତିବା ମୁସ୍କିଲ ହୋଇପଡ଼ିବ। କାରଣ ବିଜେପି ତା'ର ବିଧାୟକଙ୍କ ସଂଖ୍ୟା ବଳରେ ପ୍ରଥମ ଦୁଇ ପ୍ରାର୍ଥୀଙ୍କୁ ଜିତାଇପାରିବ। ବିଜେଡି ମଧ୍ୟ ନିଜ ବଳରେ ତାହାର ପ୍ରଥମ ପ୍ରାର୍ଥୀଙ୍କୁ ଜିତାଇପାରିବ। ବିଜେଡିର ବଳକା ଭୋଟ ଓ କଂଗ୍ରେସ ୧୪ ଭୋଟ୍ ସମେତ ଗୋଟିଏ ସିପିଏମ୍ ଭୋଟ ପାଇଲେ କମନ୍ ପ୍ରାର୍ଥୀ ଡାକ୍ତରା ହୋତା ବିଜୟୀ ହେବାର ସମ୍ଭାବନା ରହିଛି। କିନ୍ତୁ ଦିଲ୍ଲୀପଙ୍କ ବିଜୟ ପାଇଁ କ୍ରସଭୋଟିଂ ନିହାତି ଆବଶ୍ୟକ।

ଏଭଳି ସ୍ଥିତିରେ କ୍ରସ ଭୋଟିଂ ଭୂତ ଏବେ ସବୁଠାରୁ ଅଧିକ ବିଜେଡିକୁ ଘାରିଛି। କଂଗ୍ରେସ ଭୋଟ ଏପଟସେପଟ ହେବ ନାହିଁ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଜୋର ଦେଇ କହୁଥିବା ବେଳେ ନବୀନ କିନ୍ତୁ ବିବ୍ରତ ହୋଇ ବିଧାୟକଙ୍କୁ ଜଗିବା ଆରମ୍ଭ କରିଛନ୍ତି। ତେବେ ଗତ ୨୦୦୨ ରାଜ୍ୟସଭା ନିର୍ବାଚନରେ କଂଗ୍ରେସର ତିନି ଜଣ ବିଧାୟକ କ୍ରସ ଭୋଟିଂ କରି ଦଳରୁ ନିଲମ୍ବିତ ହୋଇଥିଲେ। ତେଣୁ ଦିଲ୍ଲୀପଙ୍କ ସହ ପୂର୍ବରୁ ଘନିଷ୍ଠ ସମ୍ପର୍କ ଥିବା ନେତା ଓ ତାଙ୍କ ଅନୁଗତ ବିଧାୟକମାନେ ଯେ କ୍ରସ ଭୋଟିଂ କରିବେ ନାହିଁ, ସେପରି ଏକ ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ।

## କ୍ୟାନ୍ସର ରୋଗୀଙ୍କୁ ସହାୟତାର ହାତ ବଢ଼ାଇଲେ ବିଧାୟକ



ଛତ୍ରପୁର,୧୧।୩ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ସନ୍ତୋଷପୁର ପଞ୍ଚାୟତର କୁଜିଢେପା ଗ୍ରାମର ୪୦ ବର୍ଷୀୟ ରାଜମିସ୍ତ୍ରୀ ନାରାୟଣ ପ୍ରଧାନ ମାରାତ୍ମକ କ୍ୟାନ୍ସରରେ ଅସହାୟ ଓ ଶଯ୍ୟାଶାୟୀ ଅବସ୍ଥାରେ ଅଛନ୍ତି। ସେ ଆର୍ଥିକ ସମସ୍ୟାରେ ଦୁର୍ଦ୍ଦଶାର ସମ୍ମୁଖୀନ, ଯାହାର ଫଳରେ ଅଧିକ ଚିକିତ୍ସା ପାଇଁ ସହଯୋଗ ଲୋଡ଼ିଥିଲେ। ଗତକାଲି ଏହି ହୃଦୟସ୍ପର୍ଶୀ ଘଟଣା 'ସଂଚାର'ରେ ପ୍ରକାଶ ପାଇବା ପରେ, ସ୍ଥାନୀୟ ପ୍ରଶାସନ ଆଜି ପରିବାର ପାଖରେ ପହଞ୍ଚିଛି। ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ସୁପରଭାଇଜର ଓ ସନ୍ତୋଷପୁର ରାଜସ୍ୱ ନିରକ୍ଷକ କାଞ୍ଚନବାଳା ସାହୁ, ସହ ବିଧାୟକଙ୍କ ପ୍ରତିନିଧି ବନୋଜ ନାହାକ ତାଙ୍କ ଘରକୁ ଯାଇ, ପରିବାର ସହ ଆଲୋଚନା କରିଛନ୍ତି। ତାଙ୍କୁ ତୁରନ୍ତ ରୂପେ ୨୦,୦୦୦ ଟଙ୍କା (ରେଡ୍ କ୍ରସ ପାଖରୁ) ଓ ୧୦,୦୦୦ ଟଙ୍କା (ବିଧାୟକଙ୍କ ବ୍ୟକ୍ତିଗତ ସହାୟତା) ଆର୍ଥିକ ସହାୟତା ମିଳିଛି। ପିଲାମାନଙ୍କର ଭବିଷ୍ୟତ ଓ ନାରାୟଣଙ୍କର ଚିକିତ୍ସା ପାଇଁ ସ୍ଥାନୀୟ ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ଯୋଗାଇବ ବୋଲି ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି । ବିଧାନସଭା ଅଧିବେଶନ ଚାଲିଥିବା କାରଣରୁ, ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପୀଡ଼ିତଙ୍କ ପାଖରେ ପହଞ୍ଚି ପାରିନଥିଲେ, ତଥାପି ସେ ଫୋନ ଯୋଗେ ପରିବାର ସହ ଆଲୋଚନା କରି ସମର୍ଥନ ଜଣାଇଛନ୍ତି। ଏହି ପଦକ୍ଷେପ ଏବଂ ସହଯୋଗ, ତହସିଲଦାର ସୁକାନ୍ତ ମିଶ୍ରଙ୍କର କାର୍ଯ୍ୟଶୈଳୀ ଓ ବିଧାୟକଙ୍କ ମାନବିକତାକୁ ସ୍ଥାନୀୟ ଅଞ୍ଚଳରେ ଖୁବ ପ୍ରଶଂସା ମିଳିଛି ।

## ବଦଳିଲେ ୧୯ ଅଙ୍ଗନବାଡ଼ି ସୁପରଭାଇଜର

ନବରଙ୍ଗପୁର,୧୧।୩ (ସଂଚାର ବ୍ୟୁରୋ):ବର୍ଷବର୍ଷ ଧରି ଗୋଟିଏ ସ୍ଥାନରେ ଗାଦି ମାଡି ବସିଥିବା ଅଙ୍ଗନବାଡି ସୁପରଭାଇଜର୍‌ଙ୍କୁ ଜିଲ୍ଲାପ୍ରଶାସନ ପକ୍ଷରୁ ବଦଳି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଗୋଟିଏ ବ୍ଲକରେ ୧୦ ବର୍ଷରୁ ଅଧିକ ସମୟ ରହିଥିବା ସୁପରଭାଇଜରଙ୍କୁ ବଦଳି କରାଯାଇଛି । କୋଷାଗୁମଡାର ୫ ସୁପରଭାଇଜରଙ୍କ ମଧ୍ୟରୁ ୨ଜଣଙ୍କୁ ନନ୍ଦାହାଣ୍ଡି, ୨ ଜଣଙ୍କୁ ଚନ୍ଦାହାଣ୍ଡି ଓ ଜଣଙ୍କୁ ଡାବୁଗାଁ ବ୍ଲକକୁ ବଦଳି ହୋଇଛି। ସେଭଳି ନନ୍ଦାହାଣ୍ଡି ବ୍ଲକର ୨ଜଣଙ୍କ ମଧ୍ୟରୁ ଜଣଙ୍କୁ ଝରିଗାଁ ଓ ଅନ୍ୟଜଣଙ୍କୁ କୋଷାଗୁମଡା ବଦଳି ହୋଇଛି। ରାଇଘର ବ୍ଲକର ୨ଜଣଙ୍କୁ ଝରିଗାଁ, ଉମରକୋଟ ବ୍ଲକର ୩ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ରାଇଘର ଓ ଜଣଙ୍କୁ ଝରିଗାଁ, ଝରିଗାଁ ବ୍ଲକର ଜଣଙ୍କୁ ରାଇଘର ଓ ଅନ୍ୟଜଣଙ୍କୁ ଉମରକୋଟ, ଡାବୁଗାଁର ଜଣଙ୍କୁ ନବରଙ୍ଗପୁର ଓ ଅନ୍ୟଜଣଙ୍କୁ ତେନ୍ତୁଳିଖୁଣ୍ଟି, ତେନ୍ତୁଳିଖୁଣ୍ଟିର ଜଣେ କୋଷାଗୁମଡା ଓ ଅନ୍ୟଜଣଙ୍କୁ ପାପଡାହାଣ୍ଡି ବଦଳି କରାଯାଇଛି। ସେଭଳି ପାପଡାହାଣ୍ଡିର ଜଣଙ୍କୁ କୋଷାଗୁମଡା ଓ ନବରଙ୍ଗପୁରର ଜଣଙ୍କୁ ତେନ୍ତୁଳିଖୁଣ୍ଟି ବଦଳି ହୋଇଛି। ନିୟମ ପ୍ରକାରେ ଗୋଟିଏ ସ୍ଥାନରେ ସୁପରଭାଇଜର ୬ ବର୍ଷ ରହିବା କଥା। କିନ୍ତୁ ଜିଲ୍ଲାର ୪୦ରୁ ଅଧିକ ସୁପରଭାଇଜର ୬ ବର୍ଷରୁ ଅଧିକ ସମୟ ଧରି ରହିଛନ୍ତି। ଆଗାମୀଦିନରେ ଅଙ୍ଗନବାଡିକର୍ମୀଙ୍କ ପଦୋନ୍ନତିକୁ ଅପେକ୍ଷା କରାଯାଇଛି । ପଦୋନ୍ନତି ପରେ ୬ ବର୍ଷରୁ ଅଧିକ ସମୟ ଧରି ଗୋଟିଏ ସ୍ଥାନରେ ରହିଥିବା କର୍ମଚାରୀଙ୍କୁ ବଦଳି କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଗୋଟିଏ ସ୍ଥାନରେ ବା ଗୋଟିଏ ବ୍ଲକରେ ୬ବର୍ଷରୁ ଅଧିକ ସମୟ ରହିଥିବା ସୁପରଭାଇଜରଙ୍କୁ ଅନ୍ୟବ୍ଲକକୁ ବଦଳି ପାଇଁ ଜିଲ୍ଲାପାଳମାନଙ୍କୁ ଗତ ଅଗଷ୍ଟରେ ଚିଠି ହୋଇଥିଲା। ଚିଠି ମିଳିବାର ୨୦ ମାସ ପରେ ପଦକ୍ଷେପ ଗ୍ରହଣ କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର



ଫୁଲବାଣୀ,୧୧।୩ (ସଂଚାର ବ୍ୟୁରୋ): ଖଜୁରୀପଡ଼ା ଥାନା ଅନ୍ତର୍ଗତ ବାଉଁଶୁଣି ପୋଲ ଠାରେ ମଙ୍ଗଳ ବାର ଅପରାହ୍ନରେ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଗୁରୁତର ୩ ଗୁରୁତର ଥିବା ସୂଚନା ମିଳିଛି।ମିଳିଥିବା ସୂଚନା ଅନୁଯାୟୀ ଲାଇନ୍ ପଡା ହାଟ ପଦା ସାହିର ଅମିତ୍ ନାୟକ,ସିମାଞ୍ଚଳ ନାୟକ ଏବଂ ଝଗଡ ପଟା ଗ୍ରାମର ପ୍ରମୋଦ ବେହେରା ବାଇକ୍ ନଂ ଓଡ଼ି ୧୨ ଡି ୦୧୯୯ ରେ ଖଜୁରୀପଡ଼ାରୁ ଲାଇନ୍ ପଡା ଯାଉଥିବା ବେଳେ ବାଉଁଶୁଣି ପୋଲ ଠାରେ ଭାରସାମ୍ୟ ହରାଇ ଚଳନ୍ତି ଅଟୋ ପଛରେ ପିଟି ହେଇ ଛିଟିକି ପଡ଼ିଲେ ।ଖବର ପାଇ ଘଟଣା ସ୍ଥଳରେ ଦମକଳ ବାହୀନି ପହଞ୍ଚି ଗୁରୁତର ଅବସ୍ଥାରେ ୩ ଜଣଙ୍କୁ ଉଦ୍ଧାର କରି ଖଜୁରୀପଡ଼ା ମେଡିକାଲରେ ନେଇ ଭର୍ତ୍ତି କରିଥିଲେ ସେଠାରୁ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ବଡ଼ ମେଡିକାଲ କୁ ସ୍ଥାନାନ୍ତର କରିଛନ୍ତି ।

## ବିବାହ ଭୋଜିକୁ ଯାଉଥିବା ବେଳେ ଦୁର୍ଘଟଣା: ଜଣେ ମୃତ, ୧ ଆହତ

ଫୁଲବାଣୀ,୧୧।୩ (ସଂଚାର ବ୍ୟୁରୋ): ଖଜୁରୀପଡ଼ା ଥାନା ଅନ୍ତର୍ଗତ କାବର ଗାଁର ପ୍ରଶାନ୍ତ କହଁର (୫୫)ଏବଂ ତାଙ୍କ ସ୍ତ୍ରୀ ସାବିତ୍ରୀ କହଁର(୩୫) ମଙ୍ଗଳବାର ଅପରାହ୍ନ ବେଳେ ଚାଲି ଚାଲି ବାଲି ସୁଗ୍ରି ଗ୍ରାମର ବିବାହ ଭୋଜିରେ ଯୋଗ ଦେବାକୁ ଯାଉଥିବା ବେଳେ ଝଗଡ଼ାପଙ୍ଗା ଗାଁ ନିକଟରେ ଗୋଟିଏ ଅଜଣା ଅଟୋ ଧକ୍କା ଦେଇ ଫେରାର ହୋଇ ଯାଇଛି। ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ଖଜୁରୀପଡ଼ା ମେଡିକାଲରେ ନେଇ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ଡାକ୍ତର ଫୁଲବାଣୀ ମେଡିକାଲ ରେଫର କରିଥିଲେ। ଫୁଲବାଣୀରେ ମେଡ଼ିକାଲରେ ଡାକ୍ତର ପ୍ରଶାନ୍ତ କହଁରଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟପଟେ ସ୍ତ୍ରୀ ସାବିତ୍ରୀ କହଁର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ଲେଖା ପର୍ଯ୍ୟନ୍ତ ଥାନାରେ ଏତଲା ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନାହିଁ।

## ଅସ୍ତରଙ୍ଗରେ ରନ୍ଧନ ଗ୍ୟାସର ଅଭାବ

# ଟଙ୍କା ଦେଲେ ବି ମିଳୁନି

### ଉପଭୋକ୍ତାଙ୍କୁ ରୋଷେଇ ଚିନ୍ତା

### କଳାବଜାରୀ ଆଶଙ୍କା ବଢ଼ିଲା

### ଯୋଗାଣ ବିଭାଗ ନିରବଦ୍ରଷ୍ଟା

 କାକଟପୁର/ଅସ୍ତରଙ୍ଗ,୧୧।୩ (ସଂଚାର ବ୍ୟୁରୋ): ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ଏବେ ଅଶୋଧିତ ତୈଳ ବଜାରକୁ କବଳିତ କରିଛି। ପେଟ୍ରୋଲ ଏବଂ ଡିଜେଲର ଦାମ୍ ବଢ଼ିନଥିଲେ ମଧ୍ୟ ଅନେକ ଟାଙ୍କିରେ ତେଲର ଅଭାବ ଦେଖାଦେଲାଣି। ଯାହାକି ଅସ୍ତରଙ୍ଗ ଅଞ୍ଚଳରେ ଥିବା ନିର୍ଦ୍ଦିଷ୍ଟ ଟାଙ୍କି କିଛି ଘଣ୍ଟା ଲେଖାଏଁ ତେଲ ନାହିଁ ବୋଲି କହି ବନ୍ଦ କରିଦେଉଛନ୍ତି। କିନ୍ତୁ ରନ୍ଧନ ଗ୍ୟାସର ଦାମ୍ ୬୦ଟଙ୍କାରୁ ବଢ଼ାଯାଇଥିବା ବେଳେ ଏବେ ଆଉ ଗ୍ୟାସ ଟାଙ୍କି ଉପଭୋକ୍ତାଙ୍କୁ ମିଳୁନି। ବିଶେଷ କରି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ରନ୍ଧନ ଗ୍ୟାସର ଘୋର ଅଭାବ ପରିଲିକ୍ଷିତ ହୋଇଛି।



ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ପ୍ରାୟ ୧୦ହଜାରରୁ ଅଧିକ ଉପଭୋକ୍ତା ଗ୍ୟାସ ଯୋଗାଇବା ନିମନ୍ତେ ବିଭିନ୍ନ ଡିଷ୍ଟ୍ରିବ୍ୟୁଟର ନିଯୁକ୍ତ ହୋଇଛନ୍ତି। ବିଭିନ୍ନ କମ୍ପାନୀ ଡିଷ୍ଟ୍ରିବ୍ୟୁଟରଙ୍କ ନିକଟରେ ପ୍ରତ୍ୟେକ ଦିନ ଗ୍ୟାସ ଟାଙ୍କିର ଗାଡି ଆସିଥାଏ। ପୂର୍ବରୁ ବୁକିଂ କରିଥିବା ଉପଭୋକ୍ତାଙ୍କୁ ଗ୍ୟାସ ଯୋଗାଇ ଦିଆଯାଇଥିଲେ ମଧ୍ୟ ଗୋଦାମରେ ଏବେ ଟାଙ୍କିର ଅଭାବ କାରଣରୁ ଆଉ ବୁକିଂ ଦିଆଯାଉନଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। କିଛି ଦିନ ହେବ ଗ୍ୟାସ ଗୋଦାମ ସମ୍ମୁଖରେ ଲୋକେ ଲାଇନି ଲଗାଇଥିବା ବେଳେ ଆଜି ପରିସ୍ଥିତି ଅଣାୟତ ହୋଇଥିଲା। ଘରକୁ ଘର ବୁଲି ଗ୍ୟାସ ଯୋଗାଉଥିବା ଗାଡି ଗୁଡିକ ଆଉ ବୁଲୁନଥିବା ବେଳେ ଯୋଗାଣ ଦାୟିତ୍ୱ ବହନ କରୁଥିବା ଏଜେଣ୍ଟ ମାନେ ମଧ୍ୟ ଫୋନ ଉଠାଉନାହାନ୍ତି।

ଅସ୍ତରଙ୍ଗ ବ୍ଲକ ଅଂଚଳରେ ଉପଭୋକ୍ତା ତାଲିକାରେ ୩୦%ବାଣିଜ୍ୟକ ଅନୁଷ୍ଠାନ ରହିଥିବା ବେଳେ ପ୍ରାୟ ୭୦%ଉପଭୋକ୍ତା ଘରୋଇ ଗ୍ୟାସ ବ୍ୟବହାର କରିଥାନ୍ତି। ସରକାର ବାଣିଜ୍ୟକ ଅନୁଷ୍ଠାନକୁ ସାମୟିକ ଗ୍ୟାସ ଯୋଗାଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ଘରୋଇ ଉପଭୋକ୍ତାଙ୍କୁ ଆବଶ୍ୟକ ମୁତାବକ ଗ୍ୟାସ ଟାଙ୍କି ଯୋଗାଇ ଦିଆଯିବ ବୋଲି ସରକାର ବି ଘୋଷଣା କରିଛନ୍ତି। କିନ୍ତୁ ଅସ୍ତରଙ୍ଗ ବ୍ଲକ ଅଂଚଳରେ ହଠାତ ଗ୍ୟାସ ନ ମିଳିବା ପଛରେ କଳା ବଜାରୀ ଆଶଙ୍କା ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି।

ଏପରିସ୍ଥିତିରେ ଯୋଗାଣ ବିଭାଗ ନିରବ ଦ୍ରଷ୍ଟା ସାଜିବା ଜନଗଣଙ୍କ ଅସନ୍ତୋଷକୁ ଦ୍ୱିଗୁଣିତ କରି ଦେଇଛି। କେଉଁ ଡିଷ୍ଟ୍ରିବ୍ୟୁଟର କେତେ ଗ୍ୟାସ ଆଣିଥିଲେ ଏବଂ କେତେ ଉପଭୋକ୍ତାଙ୍କୁ ପ୍ରଦାନ କରିଛନ୍ତି, ତାହାର ନିୟମିତ ଯାଞ୍ଚ କରିବାର ଦାୟିତ୍ୱ ଯୋଗାଣ ବିଭାଗ ହୋଇଥିବା ବେଳେ ଯୋଗାଣ ବିଭାଗ ପଦାକୁ ଗୋଡ଼ କାଢ଼ିବାକୁ ନାରାଜ। ଘରୋଇ ଟାଙ୍କିକୁ ବାଣିଜ୍ୟକ ଅନୁଷ୍ଠାନରେ ଲଗାଯାଉଥିବାର ଅଭିଯୋଗକୁ ଯୋଗାଣ ବିଭାଗ ତଦନ୍ତ କରିବା ବଦଳରେ ଅଫିସର ଶୀତତାପ ନିୟନ୍ତ୍ରିତ କୋଠରୀରେ ଦିନ କାଟିବା ଉପଭୋକ୍ତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଚିନ୍ତା ବଢ଼ାଉଛି ଗ୍ୟାସ ସିଲିଣ୍ଡର

### ରିଙ୍ଗ କରିଲେ ବି ବୁକିଂ ବାର୍ତ୍ତା ଆସୁନି

ହିଞ୍ଜିଳିକାଟୁ,୧୧।୩ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖ ଅଂଚଳରେ ରୋଷେଇ ଗ୍ୟାସ ସିଲିଣ୍ଡର ଦର ବୃଦ୍ଧି ପରେ ଉପଭୋକ୍ତାଙ୍କୁ ଘାରିଛି ଭୟ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବାରୁ ଏଲପିଜି ସଂକଟ ଆଶଙ୍କାରେ ବୁକିଂ ସଂଖ୍ୟା ବଢ଼ି ଯାଇଛି । ଚାହିଦା ବଢ଼ିଯିବାରୁ ବୁକିଂ କରି ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡୁଥିବା ସାମ୍ନାକୁ ଆସିଛି । କେବଳ ଏତିକି ନୁହେଁ, ଅଚାନକ ବଢ଼ିଯାଇଛି ଏଲପିଜି ବୁକିଂ ସଂଖ୍ୟା । ଯେଉଁ ଏଜେନ୍ସିରେ ଦିନକୁ ୨୦ରୁ ୩୦ଟି ସିଲିଣ୍ଡର ପାଇଁ ବୁକିଂ ହେଉଥିଲା, ଏବେ ସେଠି ସଂଖ୍ୟା ଦିନକୁ ଶହେ ଟପୁଛି । ତେବେ ସିଲିଣ୍ଡର ପିଛା ୬୦ଟଙ୍କା ଦର ବୃଦ୍ଧି କରାଯାଇଛି । ଯାହା ଖାଉଟିଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ଏପଟେ ଯଦି ବୁକିଂ କରୁଛନ୍ତି ତେବେ ଗ୍ୟାସ୍ ଆସିବାକୁ ଅଧିକ ଦିନ ଲାଗୁଛି । ସେପଟେ ଗ୍ୟାସ୍ ଦରବୃଦ୍ଧିକୁ ନେଇ ଗୃହିଣୀମାନଙ୍କ ଚିନ୍ତା ବଢ଼ିଯାଇଛି । ଅନ୍ୟପଟେ ଗ୍ରାହକ ବୁକିଂ ପାଇଁ ମିସ କଲ କଲେ ବି ବୁକିଂ ବାର୍ତ୍ତା ଆସୁଥିଲା ବେଳେ ତାହା ଏବେ ଆଉ ଆସୁନଥିବା ଦେଖିବାକି ମିଳିଛି । ତେବେ ଅନ୍ୟପଟେ ଖାଇବା ତେଲ ଓ ବନସ୍ପତି ଘିଅର ଦର ବି ବୃଦ୍ଧି ପାଇଥିବା ଫଳରେ ମଧ୍ୟବିତ୍ତ ଓ ଗରିବଙ୍କ ଉପରେ ଚଡ଼କ ପଡ଼ିଛି। ଆଗକୁ ସ୍ଥିତି ଆହୁରି ସଂଗିନ୍ ହେବା ଆଶଙ୍କାରେ ହିଞ୍ଜିଳିକାଟୁ ଅଂଚଳର ସାଧାରଣ ଖାଉଟି ଓ ହୋଟେଲ ବ୍ୟବସାୟୀମାନେ ପ୍ରଚୁର ପରିମାଣର ଖାଦ୍ୟଦ୍ରବ୍ୟ କିଣି ନେଉଥିବା ଦେଖିବାକୁ ମିଳିଛି । ନିଜ ନାମରେ ଗ୍ୟାସ୍ ଖାତା ନଥିବା କିମ୍ବା ଭଡ଼ାଘରେ ବସବାସ କରୁଥିବା ଅନେକ ଲୋକ ବ୍ୟବସାୟୀଙ୍କ ଠାରୁ ଏବେ ୧୨୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର୍ କିଣୁଥିବା ଦେଖିବାକୁ ମିଳୁଛି ।

## ସୋଆ ଆଇବିସିଏସ୍ ପକ୍ଷରୁ ବିଜିନେସ୍ ମେଳା 'ମାର୍କ-ଆଇଟି'



ଭୁବନେଶ୍ୱର,୧୧।୩ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ) ପକ୍ଷରୁ ବୁଧବାର କ୍ୟାମ୍ପସ୍ ୨ ପରିସରରେ 'ମାର୍କ -ଆଇଟି: ମ୍ୟାର୍କେଟିଂ ଫେୟାର୍ ୧.୦ -୨୦୨୬' ବିଜିନେସ୍ ମେଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ ସୋଆର ଉପସଭାପତି ଶାଶ୍ୱତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

ଉଦ୍‌ଘାଟନ କରିବା ଅବସରରେ ଶ୍ରୀମତି ଦାସ କହିଥିଲେ ଯେ କେବଳ ଅଧ୍ୟୟନ ନୁହେଁ ବରଂ ଏଥି ସହିତ ଛାତ୍ରଛାତ୍ରୀମାନେ କିଭଳି ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିପାରିବେ ତାହାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ମେଳା ଏକ ଭିନ୍ନଧରଣ ପ୍ରୟାସ। ଯାହାକି ପ୍ରଥମ ଥର ପାଇଁ ଆଇବିସିଏସ୍ ପକ୍ଷରୁ ଆୟୋଜନ କରାଇଛି ବୋଲି ଶ୍ରୀମତି ଦାସ କହିଥିଲେ।

ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ଏଭଳି ବିଜିନେସ ମେଳା ଦ୍ୱାରା ଛାତ୍ରଛାତ୍ରୀମାନେ ମାର୍କେଟିଂ ଦିଗ ପ୍ରତି ଆକୃଷ୍ଟ ହେବେ ବୋଲି କହିଥିଲେ। ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ମାର୍କେଟିଂର ସମସ୍ତ ଜ୍ଞାନ କୌଶଳ ଆହରଣ କରିପାରିବେ ବୋଲି କୁଳପତି ଆଶାବ୍ୟକ୍ତ କରିଥିଲେ। ସୋଆ ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଆଇବିସିଏସ୍‌ର ଡିନ୍ ପ୍ରଫେସର (ଡ.) ଅୟସକାନ୍ତ ମହାନ୍ତି ଓ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଆଇବିସିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ବିଜିନେସ୍ ମେଳାରେ ବିଭିନ୍ନ ପ୍ରକାର ଖାଦ୍ୟ, ମେଡିକାଲ, ହସ୍ତତନ୍ତ, ମହିଳା ପ୍ରସାଧାନ, ଅଟୋମୋବାଇଲ୍‌ସ ଭଳି ୬୩ଟି ଷ୍ଟଲର୍ ଆୟୋଜନ କରାଯାଇଥିବା ବେଳେ ଏହି ଷ୍ଟଲ୍‌ଗୁଡିକୁ ଶ୍ରୀମତି ଦାସ ବୁଲି ଦେଖିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

'ସଂଚାର' ପ୍ରବାହ

## ଖଣି ଅଧିକାରୀଙ୍କ ଦ୍ୱାରା ଦୁଇ ଟ୍ରାକ୍ଟର ଜବତ



ବାଲିଆପାଳ,୧୧।୩ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଇକଡପାଳ ପନ୍ତାଇ ଘାଟରୁ ପ୍ରତ୍ୟେକ ଦିନ ନୌକା, ଟ୍ରକ୍, ଟ୍ରାକ୍ଟର, ଜେସିବି ଯୋଗେ ବ୍ୟାପକ ବାଲି ଚୋରା ଚାଲାଣ ହେଉଥିଲା। 'ସଂଚାର'ରେ ଖବର ପ୍ରକାଶ ପରେ ସ୍ଥାନୀୟ ଲୋକଙ୍କ ବିରୋଧ ପରେ ମଧ୍ୟ ବାଲି ମାଫିଆମାନେ ପ୍ରଶାସନକୁ ହାତବାରିସୀ କରି ରାତି ଦିନ ବାଲି ଲୁଟ୍ କରିଆସୁଥିଲେ। ଫଳରେ ନଦୀ ତଟ ଅସୁରକ୍ଷିତ ହୋଇପଡୁଛି। ଖବର ପାଇ ବୁଧବାର ପୂର୍ବାହ୍ନରେ ଖଣି ବିଭାଗ ଅଧିକାରୀ ସତ୍ୟ ଚୀନ୍ମୟ ଜେନା ଓ ତାଙ୍କ ଟିମ ପନ୍ତାଇ ଘାଟରେ ଚଢ଼ାଉ କରିଥିଲେ।ବାଲି ଉଠାଉ ଥିବା ନୌକା ଗୁଡ଼ିକ ନଦୀ ଭିତରକୁ ପଳାଇ ଯାଇଥିବା ବେଳେ ଦୁଇଟି ଟ୍ରାକ୍ଟର ଜବତ କରି ବାଲିଆପାଳ ଥାନାରେ ଜିମା ଦେଇଛନ୍ତି। ସୁବର୍ଣ୍ଣ ରେଖା ନଦୀର ବିଭିନ୍ନ ସ୍ଥାନରୁ ବାଲି ଉତ୍ତୋଳନକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କୁ 'ବିକଶିତ ଭାରତ ମହିଳା କୃତିତ୍ୱ' ପୁରସ୍କାର ପ୍ରଦାନ



ବୋରିଗୁମ୍ମା/ସୁନାବେଡା,୧୧।୩ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ସୁନାବେଡାର ବିଶିଷ୍ଟ ମହିଳା ଉଦ୍ୟୋଗୀ ତଥା ସମାଜ ସେବୀ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କୁ ଜାତୀୟ ସ୍ତରୀୟ ବିକଶିତ ଭାରତ ମହିଳା କୃତିତ୍ୱପୁରସ୍କାର- ୨୦୨୬ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଫର୍ ଏସ୍‌ସି, ଏସ୍‌ଟି ଏବଂ ମହିଳା ଉଦ୍ୟୋଗୀ ସଂସ୍ଥା ଦ୍ୱାରା ନୂଆଦିଲ୍ଲୀ ସ୍ଥିତ ଭାରତୀୟ ସମ୍ବିଧାନ କ୍ଲବରେ ମାର୍ଚ୍ଚ ୯ ତାରିଖରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରତ ସରକାରଙ୍କ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଫଗନ୍ ସିଂହ କୁଲସ୍ତେ, ରାଜ୍ୟସଭା ସାଂସଦ ଡକ୍ଟର ଫୌଜିଆ ଖାନ, ମର୍ସି ଇପାଓ (ଆଇ ଏ ଏସ) ଯୁଗ୍ମ ସଚିବ, ଏମଏସଏମ ଇ ମନ୍ତ୍ରଣାଳୟ, ଡକ୍ଟର ମୁନି ରାଜୁ, ଉପ ପରାମର୍ଶଦାତା, ନୀତି ଆୟୋଗ, ସୁବୀର ପାଉଲ, ରାଷ୍ଟ୍ରୀୟ ଅଧ୍ୟକ୍ଷ,ଆଇ ସିସିଏସଡବ୍ଲ୍ୟୁଇ, ନୂଆଦିଲ୍ଲୀ, ହେମା ଏକ୍କା, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ଆଇସିସି ଏସ ଡବ୍ଲ୍ୟୁ ଇ, ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରି ସମ୍ମାନୀତ କରିଥିଲେ। ଜାତୀୟ ଯୁଗ୍ମ ସଚିବ ସୁଶ୍ରୀ ସୀମା କିରଣ ଓ ସୁଶ୍ରୀ ୱେବେନି କିଥନ୍ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ପ୍ରକାଶ ଯୋଗ୍ୟ ଯେ, ସ୍ୱର୍ଣ୍ଣ ପ୍ରଭା ପଟ୍ଟନାୟକ ଓଡ଼ିଶାର କୋରାପୁଟ ଜିଲ୍ଲା, ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଫର୍ ଏସ୍‌ସି, ଏସ୍‌ଟି ଏବଂ ମହିଳା ଉଦ୍ୟୋଗୀର ଜିଲ୍ଲା ସଭାପତି ଭାବରେ ନିଯୁକ୍ତି ହୋଇଛନ୍ତି। ତାଙ୍କୁ ଜିଲ୍ଲାସ୍ତରରେ ସଂଗଠନର ପ୍ରତିନିଧ୍ୟ କରିବାକୁ ଏବଂ ଓଡ଼ିଶାର କୋରାପୁଟ ଜିଲ୍ଲାରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ମହିଳା ଉଦ୍ୟୋଗୀମାନଙ୍କ ମଧ୍ୟରେ ଉଦ୍ୟୋଗୀତା, ବାଣିଜ୍ୟ, ଶିଳ୍ପ ଏବଂ ଆର୍ଥିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟକଳାପ, କାର୍ଯ୍ୟକ୍ରମ ଏବଂ ପଦକ୍ଷେପ ଗୁଡ଼ିକର ସମନ୍ୱୟ କରିବାକୁ ଅଧିକାର ଦିଆଯାଇଛି।

## ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧିତ ହେଲେ ୨୦୦ ମହିଳା



ବାଲିଅନ୍ତା,୧୧।୩ (ସଂଚାର ବ୍ୟୁରୋ): ସତ୍ୟଭାମାପୁର ପଞ୍ଚାୟତ ଅଧୀନ ଗୋଡଲବିନ୍ଧା ଗ୍ରାମରେ ଶିବାଶମ୍ପୂର୍ଣ୍ଣା ଫାଉଣ୍ଡେସନ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ସାମିଲ ହୋଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ତନ୍ମଧ୍ୟରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦୦ ଜଣ ମହିଳାଙ୍କୁ "ଅନ୍ନପୂର୍ଣ୍ଣା ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଥିଲା । ଏଥିରେ ଭୁବନେଶ୍ୱର (ସାଙ୍ଗଠନିକ) ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ନିର୍ବାଚନମଣ୍ଡଳୀ ବିଧାୟକ ଡ. ଅରବିନ୍ଦ ଢାଲି,ମହିଳା କମିଶନର ବୋର୍ଡ ମେମ୍ବର ଉର୍ମିଳା ମହାପାତ୍ର,ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ନିର୍ଦ୍ଦେଶିକା ନିବେଦିତା ବଳିଆର ସିଂ, ସମାଜସେଓ୍ୱୀ ବିଶ୍ୱଜିତ ଶାସମଲ, ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ, ସତ୍ୟଭାମାପୁର ସମିତି ସଭ୍ୟ ରଶ୍ମିତା ସ୍ୱାଇଁ, ସମାଜସେବୀ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଶିବା ସମ୍ପୂର୍ଣ୍ଣା ଫାଉଣ୍ଡେସନର ନିର୍ଦ୍ଦେଶିକା ଝିଲ୍ଲୀ ପ୍ରଧାନ ସଭା ପରିଚାଳନା କରିଥିଲେ । ଶିବା ସମ୍ପୂର୍ଣ୍ଣା ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ସଂଜୀବ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାନ କ୍ରୟରେ ବିଳମ୍ବ ହେତୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ



ସତ୍ୟବାଦୀ,୧୧।୩ (ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକରେ ଥିବା ୧୭ଟି ସମବାୟ ସମିତିରେ ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ମିଲରଙ୍କ ଜରିଆରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଏବେବି ଶହ ଶହ ଚାଷୀଙ୍କ ପାଖରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡି ରହିଛି। ତନ୍ମଧ୍ୟରୁ ଟୋକନ ପାଇଥିବା ଚାଷୀମାନେ ଧାନ ବିକ୍ରୟ ଆଶାରେ ନିଜ ନିଜର ବସ୍ତା ବସ୍ତା ଧାନ ନିଜ ଧାନ ଖଳାରେ କିମ୍ବା ସେବା ସମବାୟ ସମିତି ମଣ୍ଡିରେ ଗଦା କରି ରଖିଛନ୍ତି।

ଚଳିତ ବର୍ଷ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସେବା ସମବାୟ ସମିତିରେ ଧାନ ବିକ୍ରୟ ନିମନ୍ତେ ୫୪୦୭ ଜଣ ଚାଷୀ ପଞ୍ଜିକରଣ କରିଥିଲେ । ଏହି ଚାଷୀମାନେ ୧ଲକ୍ଷ ୨୦ ହଜାର କ୍ୱିଣ୍ଟାଲ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏଥି ନିମନ୍ତେ ୫୪୬୪ ଟୋକନ ମିଳିଥିଲା। ବର୍ତ୍ତମାନ ସୁଦ୍ଧା ୩୨୬୩ଟି ଟୋକନ ପାଇଥିବା ଚାଷୀଙ୍କ ଠାରୁ ୧ ଲକ୍ଷ ୧୪ହଜାର ୭୧୬ କ୍ୱିଣ୍ଟାଲ ଧାନ କ୍ରୟ ହୋଇ ସାରିଛି । ଅନେକ ଚାଷୀ ଟୋକନ ପାଇ ମଧ୍ୟ ବିକ୍ରୟ କରିପାରି ନାହାନ୍ତି। ସରକାରୀ ସ୍ତରରେ ଧାର୍ଯ୍ୟ ହୋଇଥିବା ଧାନ ତୁରନ୍ତ କ୍ରୟ କରିବା ନିମନ୍ତେ ଧାନ ଚାଷୀ ମାନେ ଦାବୀ କରିଛନ୍ତି।

ଏ ସମ୍ପର୍କରେ ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ ସମ୍ପାଦକ ପୁରୁଷୋତ୍ତମ ନାୟକଙ୍କ ସହିତ ଯୋଗାଯୋଗ କରିବାରେ ସରକାର ଟୋକନ ଅବଧି ୧୫ ଦିନ ବୃଦ୍ଧି କରିଛନ୍ତି ବୋଲି ସେ କହିଥିଲେ। ଏହି ସମୟ ସୀମା ମଧ୍ୟରେ ସମସ୍ତ ଧାନ କ୍ରୟ କରାଯିବ ବୋଲି ସମ୍ପାଦକ ଶ୍ରୀଯୁକ୍ତ ନାୟକ ପ୍ରକାଶ କରିଥିଲେ।

## ପ୍ରଗତିଶୀଳ ରାଷ୍ଟ୍ର ଗଠନରେ ଯୁବତୀମାନଙ୍କ ପ୍ରମୁଖ ଭୂମିକା ରହିଛି




ଖୋରଧା,୧୧।୩ (ସଂଚାର ବ୍ୟୁରୋ): ବିଶ୍ୱ ହିନ୍ଦୁ ପରିଷଦ(ବିଏଚପି) ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଆଜିର ସମାଜରେ ଯୁବଶକ୍ତିର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଟାଙ୍ଗିଆପଡା ସ୍ଥିତ ବିବେକାନନ୍ଦ ଇନ୍‌ସିଚ୍ୟୁଟ ଅଫ ଆଡଭାନ୍ସ ସାଇନ୍ସେସ୍ କ୍ୟାମ୍ପସରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିଏଚପିର ଯୁବା ସଙ୍ଗଠନ ଦୂର୍ଗାବାହିନୀ ପ୍ରାନ୍ତ ସଂଯୋଜିକା ସିପ୍ରା ରାଉତ ଯୋଗଦେଇ ଏହାର ଦୁର୍ଗାବାହିନୀର ପ୍ରତିଷ୍ଠା, ଏହା ଗଠନ ପଛର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନ ସମୟରେ ଅନେକ ନବ ଯୁବକମାନେ ଓ ଯୁବତୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଦେଶକୁ ପ୍ରଗତି ପଥରେ ଆଗେଇ ନେବା ତଥା ଏକ ଧାର୍ମିକ ବାତାବରଣ ସୃଷ୍ଟି, ଦୁର୍ଗାଙ୍କ ପରି ଆସୁରିକ ଶକ୍ତିର ବିନାଶ ସହ ଧର୍ମର ପୁନଃ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଆଶ୍ୱିନ ଶୁକ୍ଳାଷ୍ଟମୀ ବା ଦୁର୍ଗାଷ୍ଟମୀରେ ଦୁର୍ଗା ବାହିନୀ ନାମରେ ଯୁବତୀ ମାନଙ୍କ ସତନ୍ତ୍ର ସଙ୍ଗଠନ କରାଯାଇଥିଲା। ଏହି ଦୁର୍ଗାବାହିନୀରେ ୧୫ରୁ ୩୫ ବର୍ଷରେ ମଧରେ ଥିବା ଭଉଣୀମାନେ ଯୋଗଦେଇ ପାରିବେ।

ବିଏଚପି ଖୋର୍ଦ୍ଧା ଜିଲା ସହ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ସ୍ୱାଗତ ଭାଷଣରେ ସାମ୍ପ୍ରତିକ ସମୟରେ ଯୁବପିଢିଙ୍କ ଭୂମିକା, ବ୍ୟକ୍ତି ନିର୍ମାଣ ଦ୍ୱାରା ରାଷ୍ଟ୍ର ନିର୍ମାଣ ସମ୍ଭବ । ଗଠନମୂଳକ ଚିନ୍ତାଧାରାନେଇ ରାଷ୍ଟ୍ରକାର୍ଯ୍ୟରେ ଅଗ୍ରସର ହେବାକୁ ଆହ୍ୱାନ କରିଥିଲେ । ବିଏଚପିର ବିଭାଗ ସମ୍ପାଦକ ବିଭୁଧେନ୍ଦ୍ର ବିଦ୍ୟାଧର ବିଶ୍ୱହିନ୍ଦୁ ପରିଷଦର ପୃଷ୍ଠଭୂମି ହିନ୍ଦୁତ୍ୱ ବିଚାରାଧାରା, ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ସମ୍ପର୍କରେ କହିଥିଲେ ।

# ବେଦାନ୍ତ ଆଲୁମିନିୟମର ମହୁ ଏଫପିଓ 'ବେଦାମୃତ' ଲଞ୍ଚ୍

### ୫୦୦ରୁ ଅଧିକ ଚାଷୀଙ୍କୁ ମହୁମାଛି ବାକ୍ସ ବଣ୍ଟନ

### ୨୦ ହଜାର ଲିଟର ମହୁ ଉତ୍ପାଦନ ଲକ୍ଷ୍ୟ




ଭୁବନେଶ୍ୱର,୧୧।୩ (ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ସିଏସଆର ପଦକ୍ଷେପ ମାଧ୍ୟମରେ ବେଦାମୃତ ଜୀବିକା ଚାଷୀ ଉତ୍ପାଦକ କମ୍ପାନୀ ଆରମ୍ଭ କରିଛି, ଯାହା ଦ୍ୱାରା ସ୍ଥାୟୀ କୃଷି ଏବଂ ଜୈବ ବିବିଧତାକୁ ସମର୍ଥନ କରିବା ସହିତ କୃଷକଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ 'ବେଦାମୃତ - ୧୦୦% ବିଶୁଦ୍ଧ ମହୁ' ର ପ୍ରଥମ ପ୍ରଦର୍ଶନ କରାଯାଇଛି। ଏହି ଲଞ୍ଚ ସହିତ, ବେଦାନ୍ତ ଆଲୁମିନିୟମ ପୂର୍ବ ଭାରତରେ ସର୍ବବୃହତ ମହୁ ଚାଷୀ ଉତ୍ପାଦକ ସଂଗଠନ (ଏଫପିଓ) ପ୍ରତିଷ୍ଠା କରିଛି।

ପ୍ରଥମ ପର୍ଯ୍ୟାୟରେ, କ୍ଷମତା ନିର୍ମାଣ ତାଲିମ ପରେ ୫୦୦ରୁ ଅଧିକ ଚାଷୀଙ୍କୁ ମହୁମାଛି ବାକ୍ସ ବଣ୍ଟନ କରାଯାଇଛି। ପ୍ରତ୍ୟେକ ମହୁମାଛି ବାକ୍ସ ଅଂଶଗ୍ରହଣକାରୀ ଚାଷୀମାନଙ୍କୁ ପ୍ରାୟ ଟ.୧୬,୦୦୦ ଅତିରିକ୍ତ ବାର୍ଷିକ ଆୟ ପ୍ରଦାନ କରିବ ବୋଲି ଆଶା କରାଯାଉଛି, ଯାହା ଗ୍ରାମୀଣ ପରିବାରକୁ ଏକ ସ୍ଥିର ପରିପୂରକ ଜୀବିକା ପ୍ରଦାନ କରିବ। ଏଫପିଓ ଏପ୍ରିଲ ୨୦୨୬ ସୁଦ୍ଧା ୫, ୦୦୦ ଲିଟର ପ୍ରିମିୟମ୍, ୧୦୦% ବିଶୁଦ୍ଧ ମହୁ ଉତ୍ପାଦନ କରିବାକୁ ସ୍ଥିର ହୋଇଛି, ଏବଂ ପ୍ରତିବର୍ଷ ୨୦,୦୦୦ ଲିଟରରେ ପହଞ୍ଚିବା ପାଇଁ ଏକ ସ୍କେଲ୍ ଅପ୍ ଯୋଜନା ରହିଛି। ଏହି ଅଭିବୃଦ୍ଧି ପ୍ରାୟ ଟ.୧ କୋଟି ରାଜସ୍ୱ ସୃଷ୍ଟି କରିବ, ଯାହା ଏଫପିଓର ଦୀର୍ଘକାଳୀନ କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବ।

ବେଏହି ଉଦଘାଟନ ଉତ୍ସବରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର, ମାନ୍ୟବର ବିଧାୟକ, ଝାରସୁଗୁଡା, ଟଙ୍କଧର ତ୍ରିପାଠି, କୁନାଲ ମୋତିରାମ ଚଭନ, ଆଇଏଏସ୍, କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଝାରସୁଗୁଡା ଏବଂ ଅନେକ ସ୍ଥାନୀୟ ପ୍ରଶାସନିକ ନେତା ଉପସ୍ଥିତ ଥିଲେ। ଏଥିସହିତ ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ପ୍ଲାଂଟରୁ, ସିଏସଆର ଦଳ ସହିତ (ସିଇଓ) ସି. ଚନ୍ଦ୍ରୁ, (ସିଏଫଓ) ଅମିତ ଗୁପ୍ତା, (ସିଏସଓ) କ୍ୟାପଟେନ ଓ.ପି., (ହେଡ୍ ଏଚ୍ଏସଏଫ) ସନ୍ଦୀପ, (ବେଦାନ୍ତ ଆଲୁମିନିୟମର ସିଏସଆର ମୁଖ୍ୟ) ହରମିତ୍ ସେହରାଙ୍କ ସମେତ ବରିଷ୍ଠ ନେତୃତ୍ୱ ଦଳ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ନିଃଶୁଳ୍କ ନାମଲେଖା ନିମନ୍ତେ ବିଜ୍ଞାପନ

ଗୋପ,୧୦।୩ (ସଂଚାର ବ୍ୟୁରୋ):ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି, ଯେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ପାରଦର୍ଶୀ WWW RTE Paradarsshi Odisha govt.in ପୋର୍ଟାଲରେ ପ୍ରଥମ ଶ୍ରେଣୀରେ ନମଲେଖାଇବା ପାଇଁ ଫେବୃଆରୀ ୧୦ ତାରିଖ ଠାରୁ ମାର୍ଚ୍ଚ ୧୦ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ online ଆବେଦନ କରିପାରିବେ । ପଛୁଆ ବର୍ଗ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ କରାଯାଇଅଛି। ପ୍ରଥମ ଶ୍ରେଣୀ ରେ ନାମ ଲେଖାଇବା ପାଇଁ ବୟସ ସେପ୍ଟେମ୍ବର ୧ତାରିଖ ସୁଦ୍ଧା ୬ ବର୍ଷ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ ।

# ବଙ୍ଗ ମାଟିରେ ଦିଦିଙ୍କ ଉପରେ ବର୍ଷିଲେ ମୋହନ

- ସୋନାର ବାଂଲା ସ୍ୱପ୍ନ ସାକାର କରିବ ଡବଲ ଇଞ୍ଜିନ
- ଗଣତାନ୍ତ୍ରିକ ପଦ୍ଧତିରେ ରାଷ୍ଟ୍ରପତିଙ୍କୁ ଅପମାନର ଜବାବ ଦିଆଯିବ
- ୨୦ ମାସରେ ଓଡ଼ିଶାର ବିକାଶ ବଙ୍ଗବାସୀଙ୍କ ପାଇଁ ଉଦାହରଣ
- ପୂର୍ବୋଦୟ ବିକାଶରେ ସାମିଲ ହେବାକୁ ବଙ୍ଗବାସୀଙ୍କୁ ଆହ୍ୱାନ



**ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ):** ପଶ୍ଚିମ ବଙ୍ଗର ଗୌରବ ଓ ଏହାର ସମୃଦ୍ଧ ଐତିହାସିକ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଆଜି ଏକ ନିର୍ଣ୍ଣାୟକ ପରିବର୍ତ୍ତନର ଆବଶ୍ୟକତା ରହିଛି। 'ସୋନାର ବାଂଲା' ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟକୁ ଦୁର୍ନୀତି, ସିଣ୍ଡିକେଟ୍ ରାଜ୍ ଏବଂ ତୁଷ୍ଟିକରଣ ରାଜନୀତିରୁ ମୁକ୍ତ କରିବାକୁ ହେବ। ଏକ ସଶକ୍ତ 'ଡବଲ-ଇଞ୍ଜିନ' ସରକାର ମାଧ୍ୟମରେ ହିଁ ଏକ ବିକଶିତ, ସୁରକ୍ଷିତ ଓ ସମୃଦ୍ଧ ପଶ୍ଚିମବଙ୍ଗ ଗଠନ ସୁନିଶ୍ଚିତ କରାଯାଇପାରିବ ବୋଲି ପଶ୍ଚିମବଙ୍ଗରେ ପରିବର୍ତ୍ତନ ସଙ୍କଳ୍ପ ସମାବେଶକୁ ସମ୍ବୋଧିତ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସେ ପଶ୍ଚିମବଙ୍ଗର ତୃଣମୂଳ ସରକାର ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାର ସାମ୍ବିଧାନିକ ମର୍ଯ୍ୟାଦାକୁ ସମ୍ପୂର୍ଣ୍ଣ ରୂପେ ଭୁଲିସାରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିବା କେବଳ ତାଙ୍କ ପ୍ରତି ନୁହେଁ, ବରଂ ସମଗ୍ର ଦେଶ, ମାତୃଶକ୍ତି ଏବଂ ଜନଜାତି ସମାଜ ପ୍ରତି ଏକ ବଡ଼ ଅପମାନ। ଏହି ଆଭିମୁଖ୍ୟ ପଶ୍ଚିମବଙ୍ଗ ସରକାରଙ୍କ ଚରମ ଅହଂକାରର ପରିଚୟ। ବଙ୍ଗଳାର ସଚେତନ ଜନତା ଗଣତାନ୍ତ୍ରିକ ପଦ୍ଧତିରେ ଏହି ଅପମାନର ଉଚିତ୍ ଜବାବ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ପରିବର୍ତ୍ତନ ସଂକଳ୍ପ ସମାବେଶର ଜନସମାଗମ ସ୍ପଷ୍ଟ ଭାବେ ସୂଚାଇ ଦେଉଛି ବଙ୍ଗଳାବାସୀ ଏବେ ମିଥ୍ୟା ପ୍ରତିଶ୍ରୁତି, ଅନ୍ୟାୟ ଓ ଦୁର୍ନୀତିର ଶାସନରୁ ମୁକ୍ତି ଚାହାଁନ୍ତି। ଶିଳ୍ପ, ସଂସ୍କୃତି ଏବଂ ବିଚାରଧାରା କ୍ଷେତ୍ରରେ ସମଗ୍ର ଦେଶକୁ ଏକଦା ମାର୍ଗଦର୍ଶନ କରୁଥିବା ବଙ୍ଗଳା ଆଜି ଦିଦିଙ୍କ ଶାସନରେ ଦାରିଦ୍ର୍ୟ, ସିଣ୍ଡିକେଟ ରାଜନୀତି ଏବଂ 'ପିସି ସଂସ୍କୃତି'ର କେନ୍ଦ୍ରସ୍ଥଳ ପାଲଟିଛି। ଏହାର ପ୍ରତିଭାବାନ ଯୁବପିଢ଼ି ଏବଂ ମହିଳାଙ୍କ ଭବିଷ୍ୟତ ପ୍ରତ୍ୟେକ କ୍ଷେତ୍ରରେ ଅନ୍ଧାରକୁ ଠେଲି ଦିଆଯାଇଛି। ସରକାରଙ୍କ ପାଖରେ ବିକାଶ ପାଇଁ ସ୍ପଷ୍ଟ ନୀତି କିମ୍ବା କୌଣସି ଠୋସ୍ ରୋଡମ୍ୟାପ୍ ନାହିଁ।

ମାତ୍ର ୨୦ ମାସ ମଧ୍ୟରେ ଓଡ଼ିଶାରେ ଯେଉଁ ବିକାଶର ଯାତ୍ରା ଆରମ୍ଭ ହୋଇଛି, ତା' ପଶ୍ଚିମବଙ୍ଗରେ ମଧ୍ୟ ସମ୍ଭବ। ଏହି ସ୍ୱଳ୍ପ ସମୟ ମଧ୍ୟରେ ଓଡ଼ିଶାର ମୁଣ୍ଡ ପିଛା ଆୟ ପଶ୍ଚିମବଙ୍ଗକୁ ପଛରେ ପକାଇ ଦେଇଛି, ଯେତେବେଳେ ପରିସ୍ଥିତି ପୂର୍ବରୁ ବିପରୀତ ଥିଲା। ଏହାର ଏକମାତ୍ର କାରଣ, ଦୁର୍ନୀତି ଏବଂ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅନୁପ୍ରବେଶକାରୀଙ୍କୁ ଦିଆଯାଇଥିବା ସୁରକ୍ଷା ବୋଲି କହିବା ସହ ସେ ବଙ୍ଗଳାର ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଯଦି ବିଜେପିର 'ଡବଲ ଇଞ୍ଜିନ' ସରକାର ଗଠନ କରେ, ତେବେ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ସଚ୍ଚୋଟତାର ସହ କାର୍ଯ୍ୟକାରୀ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ' ଦୃଷ୍ଟିକୋଣ ଅନୁଯାୟୀ, ଓଡ଼ିଶା, ଆସାମ ଓ ପଶ୍ଚିମବଙ୍ଗ ମିଳିତ ଭାବେ ଭାରତର ଆର୍ଥିକ ବିକାଶର ପ୍ରମୁଖ କେନ୍ଦ୍ର ହୋଇପାରିବ। ଏଥିସହ ସେ ବଙ୍ଗଳାର ପବିତ୍ର ଭୂମିରୁ ଅନ୍ୟାୟ ଓ ଦୁର୍ନୀତିର ସରକାରକୁ ହଟାଇ ବିକାଶ ଓ ସୁଶାସନର ସରକାର ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି।

## ବ୍ୟାରେଜ୍ ନିର୍ମାଣ ନେଇ ମୁଖ୍ୟ ସଚିବଙ୍କ ସହ ଆଲୋଚନା



**ବଡ଼ଗାଁ,୧୧।୩(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଫୁଲବାରୀ ଗ୍ରାମ ନିକଟ ସଫେଇ ନଦୀରେ ବ୍ୟାରେଜ ନିର୍ମାଣ ପ୍ରସ୍ତାବକୁ ସରକାରୀ ମଞ୍ଜୁରୀ ଦେଇଥିଲେ ମଧ୍ୟ ଅଦ୍ୟାବଧି ଏନେଇ କୌଣସି ଟେଣ୍ଡର ହୋଇନାହିଁ। ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଥିବାରୁ ଏହାର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ସକାଶେ ଆଜି ଅପରାହ୍ନରେ ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଚେମଠାପଡ଼ା ଗ୍ରାମର ଇଞ୍ଜିନିୟର ଅଜେୟ କୁମାର ପ୍ରଧାନଙ୍କ ସହ ରାଉରକେଲା ସଚେତନ ନାଗରିକ ମଞ୍ଚ ସଭାପତି ବିମଳ ବିଶି, ସାମାଜିକ କର୍ମୀ ସୁନୀଲ ପଟେଲ, ଆବାହକ ନଳିନୀ ଧର ପ୍ରମୁଖ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଆଲୋଚନା କରିଛନ୍ତି। ଇଂ. ପ୍ରଧାନ ସଫେଇ ନଦୀରେ ବ୍ୟାରେଜ ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ କୃଷି ଓ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ ବୋଲି କହି ଏହି ପ୍ରକଳ୍ପ ଶୀଘ୍ର ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଏଥିସହ ରାଉରକେଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ସଚେତନ ନାଗରିକ ମଞ୍ଚ ସଭାପତି ବିମଳ ବିଶିଙ୍କ ସହ ସଂଗଠନ କର୍ମକର୍ତ୍ତାମାନେ ଶ୍ରୀମତୀ ଗର୍ଗଙ୍କୁ ଅବଗତ କରାଇଥିଲେ। ସଫେଇ ନଦୀରେ ହେବାକୁ ଥିବା ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରି ଯଥାଶୀଘ୍ର କାମ ଆରମ୍ଭ କରିବା ଦିଗରେ ପଦକ୍ଷେପ ନେବାକୁ ଶ୍ରୀମତୀ ଗର୍ଗ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



## ୨୪ ଘଣ୍ଟାରେ ବର୍ଷା, ୪ ଜିଲ୍ଲାକୁ ଆଲର୍ଟ

**ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ):** ବର୍ଷା ପାଇଁ ରାଜ୍ୟର ୪ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଛି। ଦକ୍ଷିଣ ଝାଡ଼ଖଣ୍ଡ, ଉତ୍ତର ଛତିଶଗଡ଼ ଓ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ ଏକ ନିମ୍ନ ଚାପରେଖା ସକ୍ରିୟ ରହିଥିବାରୁ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର କେତେକ ଅଞ୍ଚଳରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଉପରୋକ୍ତ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୧୬ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉତ୍ତର ଓଡ଼ିଶା ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସେପଟେ ଏବେଠୁ ଅସହ୍ୟ ହେଲାଣି ତାତି। ରାଜ୍ୟରେ ଧୀରେ ଧୀରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଝାରସୁଗୁଡ଼ାରେ ତାପମାତ୍ରା ୪୦ ଡିଗ୍ରୀ ପାଖାପାଖି ହୋଇଥିବା ବେଳେ ଏଠାରେ ଗତ ୨୪ ଘଣ୍ଟାରେ ତାପମାତ୍ରା ୩୯.୨ ଡିଗ୍ରୀ ରେକର୍ଡ କରାଯାଇଛି। ଅବଶ୍ୟ ଉପକୂଳ ଓଡ଼ିଶାରେ ତାପମାତ୍ରା ସେତେଟା ବୃଦ୍ଧି ପାଇନାହିଁ। ଆଗାମୀ ୨ ଦିନ ମଧ୍ୟରେ ଦିନ ବେଳା ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି କୁହାଯାଇଛି।

## ଜଳୁଛି ଜଙ୍ଗଲ, ନିଆଁ ଲଗାଇଦେଇଥିବା ସନ୍ଦେହ



### ନୟାନ୍ତ ହେଲାଣି ବନ ବିଭାଗ

**ରେଢ଼ାଖୋଲ,୧୧।୩(ସଂଚାର ବ୍ୟୁରୋ):** ଜଳୁଛି ଜଙ୍ଗଲ। ରେଢ଼ାଖୋଲ ବନଖଣ୍ଡର ବିଭିନ୍ନ ରେଞ୍ଜର୍ ଜଙ୍ଗଲରେ ନିଆଁ ଲାଗିଛି। ହୁହୁ ହୋଇ ଜଙ୍ଗଲ ଜଳୁଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡ ଯୋଗୁ ବହୁ ମୂଲ୍ୟବାନ ଗଛ ପୋଡ଼ି ପାଉଁଶ ହୋଇଯାଇଛି। ଜୀବଜନ୍ତୁ ମଧ୍ୟ ଅକାରଣରେ ମୃତ୍ୟୁବରଣ କରୁଛନ୍ତି। ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଗିରିଶଚନ୍ଦ୍ରପୁର, ଚାରମାଳ, ବଡ଼ମାଳ ରେଞ୍ଜ, ନାକଟିଦେଉଳ, ବଡ଼ବାହାଳ ବନାଞ୍ଚଳର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ନିଆଁ ଲାଗିଛି। ପ୍ରକୋପ ଏତେ ଜୋରରେ ଥିଲା ଯେ ବନବିଭାଗ ଆୟତ୍ତ କରିବାକୁ ନାକେଦମ ହୋଇପଡ଼ିଥିଲା। ଖରାଦିନ ଆସି ନ ଥିବା ବେଳେ ଏବେଠୁ ଜଙ୍ଗଲ ନିଆଁ ଚିନ୍ତାର କାରଣ ହୋଇଛି।

ଏବେ ଗ୍ରୀଷ୍ମଋତୁ ନଗଦ ଆରମ୍ଭ ହୋଇଥିବା ବେଳେ ଏବେଠାରୁ ଡରାଇଲାଣି ଜଙ୍ଗଲ ନିଆଁ ଭୟ। ନିଆଁକୁ ଆୟତ୍ତ କରିବା ପାଇଁ ବନ ବିଭାଗ କର୍ମଚାରୀମାନେ ନାକେଦମ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଦଶପଲ୍ଲା ବନାଞ୍ଚଳ ଅଧୀନସ୍ଥ ଟାକରା ଫରେଷ୍ଟ ସେକ୍ସନ୍‌ର ବିଭିନ୍ନ ସ୍ଥାନରେ ଜଙ୍ଗଲ ହୁତୁହୁତୁ ହୋଇ ଜଳୁଛି। ଦିନରାତି ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରି ନିଆଁ ଆୟତ୍ତ କରିବାରେ ସ୍ଥାନୀୟ ବନ କର୍ମଚାରୀମାନେ ଲାଗି ପଡ଼ିଛନ୍ତି। ଏଥିସହ ଗାଁକୁ ଗାଁ ବୁଲି ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ମଧ୍ୟ ଉଦ୍ୟମ ଜାରି ରହିଛି ବୋଲି ଟାକରା ବନପାଳ ରାକେଶ କୁମାର ସାହୁ କହିଛନ୍ତି।

**● ମହଙ୍ଗା ପଡ଼ିଲା ମଦ ପିଇ ଅଫିସ୍ ଆସିବା**

## ୩ ତହସିଲ କର୍ମଚାରୀ ନିଲମ୍ବିତ




**କେନ୍ଦୁଝର,୧୧।୩(ସଂଚାର ବ୍ୟୁରୋ):** ମଦ ପିଇ ଅଫିସ ଆସିବା ମହଙ୍ଗା ପଡ଼ିଲା। କେନ୍ଦୁଝର ଘଟଗାଁ ତହସିଲର ତିନି ଜଣ କର୍ମଚାରୀଙ୍କୁ ଏଥିପାଇଁ ଜିଲ୍ଲାପାଳ ବିଶାଳ ସିଂହ ନିଲମ୍ବନ କରିଛନ୍ତି। ଉକ୍ତ ତିନି ନିଲମ୍ବିତ କର୍ମଚାରୀ ହେଲେ ରାଜସ୍ୱ ନିରୀକ୍ଷକ ଲସିବ ସିଂହ ଲାଗୁରୀ, ଅମିନ ଲୋଚନ କୁମାର ସାମଲ ଓ ମୁଖ୍ୟ କିରାଣୀ ଜ୍ୟୋତିର୍ମୟ ସାହୁ। ପୂର୍ବରୁ ଅଫିସ୍ ସମୟରେ ବାରମ୍ବାର ମଦ ପିଇ ଆସି ଏହି ତିନି ଜଣ ପାଟିତୁଣ୍ଡ କରୁଥିଲେ। ଏହାକୁ ନେଇ ଘଟଗାଁ ତହସିଲଦାର ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ତେବେ କିଛିଦିନ ତଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଘଟଗାଁ ଗସ୍ତ ସମୟରେ ସ୍ଥାନୀୟ ଲୋକେ କର୍ମଚାରୀମାନେ ଅଫିସ୍‌କୁ ମଦ ପିଇ ଆସୁଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ତହସିଲଦାରଙ୍କୁ ଡାକି ଅଭିଯୋଗର ସତ୍ୟତା ଜାଣିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରତି ଜିଲ୍ଲାରେ ପ୍ରତିଷ୍ଠା ହେବ ଏମଏସଏମଇ କ୍ଲଷ୍ଟର



**ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ):** ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରୀ ଗୋକୁଳାନନ୍ଦ ମଲିକ କହିଛନ୍ତି ଯେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ କରି ଏମଏସଏମଇ କ୍ଲଷ୍ଟର ପ୍ରତିଷ୍ଠା ହେବ। କ୍ଲଷ୍ଟର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୪୦ରୁ ୫୦ ପ୍ରତିଶତ ଜମି ଯୋଗାଇ ଦେଉଛନ୍ତି। ଚଳିତବର୍ଷ ମେ' ମାସ ସୁଦ୍ଧା ରାଜ୍ୟରେ ୫ ରୁ ୭ଟି କ୍ଲଷ୍ଟର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏଥି ସହିତ ମନ୍ତ୍ରୀ କହିଛନ୍ତି ଏମଏସଏମଇ ପ୍ରତିଷ୍ଠା କ୍ଷେତ୍ରରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧ ହାର ରାଜ୍ୟ ସରକାର ବହନ କରୁଛନ୍ତି। ପୂର୍ବରୁ ଏହି ସୀମା ୧୦ ଲକ୍ଷ ଟଙ୍କା ରହିଥିଲା। ସେହିଭଳି ୨୫ ଲକ୍ଷରୁ ୧ କୋଟି ଟଙ୍କାର ଋଣ ଉପରେ ହେଉଥିବା ସୁଧର ୭୫ ପ୍ରତିଶତ ଓ ୩ କୋଟିରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ହେଉଥିବା ସୁଧର ୨୫ ପ୍ରତିଶତ ରାଜ୍ୟ ସରକାର ବହନ କରୁଛନ୍ତି। ଏହାଛଡା ଏମଏସଏମଇ ପାଇଁ ରାଜ୍ୟ ସରକାର ଜମି ସହ ସୁବିଧାରେ ବ୍ୟାଙ୍କ୍ ଋଣ, ଗ୍ୟାରେଣ୍ଟି, ଷ୍ଟାମ୍ପ ଡ୍ୟୁଟି ଫି' ସହିତ ସରକାର ଉତ୍ପାଦିତ ସାମଗ୍ରୀର ବଜାର ବ୍ୟବସ୍ଥା କରିଛନ୍ତି। ସ୍ଥାନୀୟ ଏମଏସଏମଇମାନେ ଉତ୍ପାଦନ କରୁଥିବା ସାମଗ୍ରୀକୁ ସରକାରୀ ସ୍ତରରେ ଖରିଦ କରିବା ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଦେଢ଼ ଲକ୍ଷ କାରିଗର ପିଏମ୍ ବିଶ୍ୱକର୍ମା ଯୋଜନାରେ ସାମିଲ ହୋଇଥିବା ମନ୍ତ୍ରୀ କହିଥିଲେ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

**ଜୟପୁର,୧୧।୩ (ସଂଚାର ବ୍ୟୁରୋ):** ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ହରଡାପୁଟ ଦିବାନ ବିଷୋୟୀ ଓ ନୂଆପୁଟ ବିଦ୍ୟା ଖରା। ସୂଚନାନୁଯାୟୀ, ଦେଶୀ ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା କୁମୁଲିପୁଟ ଓ ନୂଆପୁଟ ଗ୍ରାମ ରାସ୍ତାରେ ଚଢାଉ କରି ୨୫ ଲିଟର ଦେଶୀ ମଦ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି।

## ଆହତ ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଭେଟିଲେ ନବୀନ

**ଭୁବନେଶ୍ୱର,୧୧।୩(ସଂଚାର ବ୍ୟୁରୋ):** ଗତକାଲି ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ ବ୍ଲକ୍ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ ହସ୍ପିଟାଲରେ ଭେଟିଥିଲେ। କୃଷ୍ଣଚନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସମ୍ପର୍କରେ ନବୀନ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ନାୟକଙ୍କ ପରିବାରବର୍ଗଙ୍କ ସହ ମଧ୍ୟ ଘଟଣା ସମ୍ପର୍କରେ କଥା ହୋଇଥିଲେ ଓ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ସୂଚନାଯୋଗ୍ୟ ଯେ ଶେରଗଡ଼ ବ୍ଲକ ଅଧ୍ୟକ୍ଷ ଶ୍ରୀ ନାୟକ ଗତକାଲି ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହେବା ପରେ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।



## କର୍ତ୍ତବ୍ୟରେ ଅବହେଳା, ୩ ବନ କର୍ମଚାରୀ ନିଲମ୍ବିତ

**କେନ୍ଦୁଝର,୧୧।୩(ସଂଚାର ବ୍ୟୁରୋ):** କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଆଜି ୩ ଜଣ ବନ ବିଭାଗ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। କେନ୍ଦୁଝର ବନ ବିଭାଗ ମୁଖ୍ୟାଳୟରେ ଅନୁପସ୍ଥିତି, ଅଗ୍ନି ପରିଚାଳନାରେ ଅବହେଳା, ଟ୍ରେନିଂ ନ ଯିବା, ହାତୀ ନଷ୍ଟ କରିଥିବା ଫସଲର କ୍ଷୟକ୍ଷତି ଆକଳନ ନ କରିବା ଓ ଲୋକଙ୍କ ପ୍ରତି ସମ୍ବେଦଶୀଳ ନ ଥିବା କାରଣରୁ ଡିଏଫ୍‌ଓ ଧନରାଜ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିଲମ୍ବିତ ହୋଇଥିବା ୩ ବନ କର୍ମଚାରୀ ହେଲେ କେନ୍ଦୁଝର ଫରେଷ୍ଟର ପ୍ରମୋଦ ବେହେରା, ଘଟଗାଁ ଫରେଷ୍ଟର ବିଶ୍ୱରଞ୍ଜନ ମିଶ୍ର ଓ ଫରେଷ୍ଟ ଗାର୍ଡ ହୃଦାନନ୍ଦ ମହାନ୍ତି।

## ପଦ ହରାଇଲେ ରାୟଗଡ଼ା ପୌର ଉପାଧ୍ୟକ୍ଷା ଅନାସ୍ଥା ଭୋଟରେ ବଡ଼ ପରାଜୟ

**ରାୟଗଡ଼ା,୧୧।୩(ସଂଚାର ବ୍ୟୁରୋ):** ଉପାଧ୍ୟକ୍ଷା ପଦ ହରାଇଲେ ଶୁଭ୍ରା ପଣ୍ଡା। ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ପଣ୍ଡାଙ୍କ ବିରୋଧରେ କାଉନସିଲର୍‌ମାନେ ଆଣିଥିବା ଅନାସ୍ଥା ପ୍ରସ୍ତାବ ଭୋଟିଂ ପରେ ସ୍ଥଗିତ ରହିଥିବା ଫଳାଫଳ ଆଜି ଘୋଷଣା ହୋଇଛି। ଏହାପରେ ପଦ ହରାଇଛନ୍ତି ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା। ଶୁଭ୍ରାଙ୍କ ବିପକ୍ଷରେ ୧୯ଟି ଓ ସପକ୍ଷରେ ୨ଟି ଭୋଟ୍ ମିଳିଥିବା ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ଘୋଷଣା କରାଯାଇଛି। ଏଥିପାଇଁ ରାୟଗଡ଼ା ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଗତବର୍ଷ ନଭେମ୍ବର ୨୪ ତାରିଖରେ ଗଣତି ସରିଥିଲା। ତେବେ ଗଣତି ପରେ ଫଳାଫଳ ଘୋଷଣା ଉପରେ ରୋକ୍ ଲଗାଇଥିଲେ ହାଇକୋର୍ଟ। ଏହାପରେ ଗତ ଫେବ୍ରୁଆରୀ ୨୩ ତାରିଖରେ ରୋକ୍ ହଟାଇବା ସହ ଫଳାଫଳ ଘୋଷଣା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟ ଅନୁସାରେ, ଆଜି ପୌର ପରିଷଦ କାର୍ଯ୍ୟାଳୟରେ ଫଳାଫଳ ଘୋଷଣା ହୋଇଛି। ହାଇକୋର୍ଟ ନିର୍ଦ୍ଦେଶ ନ ଦେବା ପର୍ଯ୍ୟନ୍ତ ଘୋଷଣା ହେବନାହିଁ ବୋଲି ନିର୍ବାଚନ ଅଧିକାରୀ ତଥା ରାୟଗଡ଼ା ଉପଜିଲ୍ଲାପାଳ ଶ୍ରୀ ଜେନା ଗତବର୍ଷ ନଭେମ୍ବର ୨୪ରେ ସୂଚନା ଦେଇଥିଲେ। ଆଜି ଟ୍ରେଜେରୀରେ ରଖାଯାଇଥିବା ଗଣତି ଫାଇଲ୍ ନେଇ ଉପଜିଲ୍ଲାପାଳ ଶ୍ରୀ ଜେନା ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅନାସ୍ଥା ଆଣିଥିବା ସମସ୍ତ କାଉନସିଲର୍‌ଙ୍କ ଉପସ୍ଥିତିରେ ଉକ୍ତ ଫାଇଲ୍ ଓ ପ୍ୟାକେଟ ଖୋଲାଯିବା ସହ ଫଳାଫଳ ଘୋଷଣା କରାଯାଇଥିଲା। ଗଣତି ପ୍ରକୋଷ୍ଠରେ ଶ୍ରୀ ଜେନାଙ୍କ ସମେତ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଆନ୍ଧ୍ରରୁ ଉଦ୍ଧାର ହେଲା ବଲାଙ୍ଗୀର ଟ୍ରାକ୍ଟର, ୫ ଗିରଫ

**ବଲାଙ୍ଗୀର,୧୧।୩ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲାରୁ ଚୋରି ହୋଇଥିବା ଏକ ଟ୍ରାକ୍ଟରକୁ ଆଜି ସୁଦୂର ଆନ୍ଧ୍ରପ୍ରଦେଶରୁ ଉଦ୍ଧାର କରିଛି ଲୋଇସିଂହା ପୁଲିସ। ବଲାଙ୍ଗୀର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଚୋରି ସମ୍ପର୍କରେ ସବିଶେଷ ତଥ୍ୟ ରଖିଛନ୍ତି ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ। ଗତବର୍ଷ ଅକ୍ଟୋବରରେ ହରିପାଲି ଗାଁର ଜମିଦାର ପଧାନଙ୍କ ଟ୍ରାକ୍ଟର ସାହାଜସାପର ଗାଁରୁ ଚୋରି ହୋଇଥିଲା। ଏନେଇ ଲୋଇସିଂହା ଥାନାରେ ଜମିଦାର ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ୍ ତଦନ୍ତ ଜାରି ରଖିଥିଲା। ଶେଷରେ ସୋନପୁର ଜିଲ୍ଲା ବିନିକା ଅଞ୍ଚଳର ଦୁଇ ଜଣ ଚୋରଙ୍କୁ ପୁଲିସ୍ ଗିରଫ କରିଥିଲା। ଏହାପରେ ଉକ୍ତ ଚୋରା ଟ୍ରାକ୍ଟର କିଣିଥିବା ଓ ଏଥିରେ ମଧ୍ୟସ୍ଥି କରିଥିବା ତିନି ଜଣଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ମୋଟ ୫ ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କୁ ଆଜି ପୁଲିସ କୋର୍ଟ ଚାଲାଣ କରିଛି। ଏଥିସହ ଉକ୍ତ ଚୋରା ଟ୍ରାକ୍ଟରକୁ ଆନ୍ଧ୍ର ପ୍ରଦେଶରୁ ଉଦ୍ଧାର କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ପୂର୍ବରୁ ମଧ୍ୟ ଅନେକ ବାଇକ୍ ଚୋରି ମାମଲା ସହ ଜଡ଼ିତ ଥିବା ତଦନ୍ତ ବେଳେ ଜଣାପଡ଼ିଛି।



# ସାବାଡ଼ ହେବେ ଉଲ୍ଲଙ୍ଘନକାରୀ, ୨୧ରୁ ସ୍ୱତନ୍ତ୍ର ଅଭିଯାନ

- ରାଜ୍ୟସାରା ଏନଫୋର୍ସମେଣ୍ଟ ଓ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ
- ଦୁର୍ଘଟଣାପ୍ରବଣ ସ୍ଥାନ, ରାଜପଥ, ପ୍ରମୁଖ ଛକ, ଖଣି ଓ ଶିଳ୍ପାଞ୍ଚଳକୁ ଦିଆଯିବ ଗୁରୁତ୍ୱ
- ଦ୍ରୁତଗତି, ନିଶାସକ୍ତ ଗାଡ଼ିଚାଳନା ବିରୋଧରେ କଡ଼ା ଯାଞ୍ଚ



**କଟକ,୧୧।୩(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁସଂଖ୍ୟା ହ୍ରାସ ଲକ୍ଷ୍ୟରେ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଓ ଅତିରିକ୍ତ ଆର୍‌ଟିଓଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଜାରି କରିଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ସଡ଼କ ସୁରକ୍ଷା ନିୟମ ଅନୁପାଳନକୁ ଅଧିକ କଡ଼ାକଡ଼ି କରିବା ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ୨୧ରୁ ୩୧ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏହି ଅଭିଯାନ କରାଯିବ। ବିଭିନ୍ନ ସଡ଼କ ଦୁର୍ଘଟଣା ଓ ମୃତ୍ୟୁର ଅନୁସନ୍ଧାନ ଓ ତଥ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ନିଶାସକ୍ତ ଅବସ୍ଥାରେ ଡ୍ରାଇଭିଂ କରିବା, ବିନା ହେଲମେଟରେ ବାଇକ୍ ଚଳାଇବା, ଭୁଲ୍ ଦିଗରେ ଗାଡ଼ି ଚଳାଇବା ଏବଂ ଓଭରଲୋଡିଂ ଭଳି ନିୟମ ଉଲ୍ଲଙ୍ଘନ ଯୋଗୁଁ ଦୁର୍ଘଟଣା ବଢ଼ୁଛି। ତେଣୁ ନିୟମ ଉଲ୍ଲଙ୍ଘନ କରି ନିଜ ସହ ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଉଥିବା ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବା ସକାଶେ ଉଭୟ ସଚେତନତା ଓ ଏନଫୋର୍ସମେଣ୍ଟ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି।

ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଦୁର୍ଘଟଣାପ୍ରବଣ ସ୍ଥାନ, ଜାତୀୟ ଓ ରାଜ୍ୟ ରାଜପଥ, ଖଣି ଓ ଶିଳ୍ପାଞ୍ଚଳ, ସହର ଓ ଗାଁର ମୁଖ୍ୟ ରାସ୍ତା, ପ୍ରମୁଖ ଛକ, ବଜାର ଅଞ୍ଚଳ ଓ ବସ୍‌ଷ୍ଟାଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ କରାଯିବ। ଦ୍ରୁତଗତି, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା, ବିନା ହେଲମେଟରେ, ଭୁଲ୍ ଦିଗରେ ଗାଡ଼ି ଚଳାଇବା, ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ବୈଧ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଳାଇବା, ନାବାଳକଙ୍କ ଗାଡ଼ି ଚାଳନା, ଦୁଇଚକିଆରେ ଦୁଇରୁ ଅଧିକ ବସିବା ଓ ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଆଦିର କଡ଼ାକଡ଼ି ଯାଞ୍ଚ ହେବ। ଏଥିସହ ଖଣି ଓ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଟିପ୍ପର, ଡମ୍ପର, ହାଇୱା ଓ ଅନ୍ୟାନ୍ୟ ଭାରୀ ଯାନଗୁଡ଼ିକର ଡ୍ରାଇଭିଂ ଲାଇସେନ୍ସ, ଓଭରଲୋଡିଂ ଓ ଅନ୍ୟାନ୍ୟ ଆଇନଗତ ନିୟମର ଅନୁପାଳନ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ। ଏହି ଅଭିଯାନକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ପୁଲିସର ସହଯୋଗ ନିଆଯିବ। ଏନଫୋର୍ସମେଣ୍ଟ ସହ ଏହି ସମୟ ମଧ୍ୟରେ ବିଭିନ୍ନ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ହେଲମେଟ୍, ସିଟବେଲ୍ଟ ସଚେତନତା, ଦ୍ରୁତଗତିର ଭୟାବହତା ସମ୍ପର୍କରେ ସଡ଼କ ବ୍ୟବହାରକାରୀଙ୍କୁ ବୁଝାଯିବ। ସେହିଭଳି ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର, ଚାଳକ ଓ ଯାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ପରାମର୍ଶ କାର୍ଯ୍ୟକ୍ରମ, ଗାଡ଼ି ମାଲିକ ସଂଘ ଓ ପରିବହନ ୟୁନିଅନ ସହ ଆଲୋଚନା ଏବଂ ଶିକ୍ଷାନୁଷ୍ଠାନ ତଥା ସାର୍ବଜନୀନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ବ୍ୟାନର, ଲିଫଲେଟ୍, ସର୍ବସାଧାରଣ ଘୋଷଣା ଓ ସୋସିଆଲ ମିଡିଆ ମାଧ୍ୟମରେ ଦାୟିତ୍ୱପୂର୍ଣ୍ଣ ଭାବେ ଗାଡ଼ି ଚଳାଇବା ପାଇଁ ବାର୍ତ୍ତା ପ୍ରସାର କରାଯିବ। ଏହି ଅଭିଯାନରେ ରାଜ୍ୟ ପରିବହନ ପ୍ରାଧିକରଣ, ଓଡ଼ିଶା ପକ୍ଷରୁ ସମସ୍ତ ସଡ଼କ ବ୍ୟବହାରକାରୀଙ୍କୁ ଟ୍ରାଫିକ ନିୟମ ପାଳନ ଓ ସମସ୍ତଙ୍କ ପାଇଁ ସଡ଼କକୁ ସୁରକ୍ଷିତ କରିବାରେ ସହଯୋଗ ପାଇଁ ନିବେଦନ କରାଯାଇଛି। ସଡ଼କ ସୁରକ୍ଷା ଅଭିଯାନ ଏହ ସାମୂହିକ ଦାୟିତ୍ୱ। ଏ ତେଣୁ ନିୟମ ପାଳନ କରି ସୁରକ୍ଷିତ ଭାବେ ଘରକୁ ଫେରିବାକୁ ସମସ୍ତେ ସହଯୋଗ କରିବାକୁ କୁହାଯାଇଛି।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Manchesswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# ଅନ୍ତର୍ଜାତୀୟ ବଜାରରେ କମିଲା ଅଶୋଧିତ ତୈଳ ଦର



ନୂଆଦିଲ୍ଲୀ, ୧୧।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ଭିତରେ ବଡ଼ ଖବର। ଅନ୍ତର୍ଜାତୀୟ ବଜାରରେ କମିଲା ଅଶୋଧିତ ତୈଳ ଦର। ତୈଳ ଦର ୧୫ ପ୍ରତିଶତ ହ୍ରାସ ପାଇଲା। ହର୍ମୁଜ ପ୍ରଣାଳୀ ଦେଇ ଟ୍ୟାଙ୍କର ଆସିବା ପରେ ତେଲ ଦରରେ ହ୍ରାସ ପାଇଛି। ଆମେରିକାର ନୌସେନାର ସୁରକ୍ଷାରେ ଟ୍ୟାଙ୍କର ଆସିଛି। ସମୁଦ୍ରର 'ହରମୁଜ ପ୍ରଣାଳୀ ବାଟ ଦେଇ ଦୁନିଆର ପ୍ରାୟ ୨୦% ତେଲ ଯାତାୟାତ କରେ। ଯୁଦ୍ଧ ଯୋଗୁଁ ଇରାନ ଏହି ବାଟକୁ ବନ୍ଦ କରିବାକୁ ଧମକ ଦେଇଥିଲା। ଫଳରେ ତେଲ ଦର ବ୍ୟାରେଲ ପିଛା ୧୧୦ ରୁ ୧୨୦ ଡଲାର ପର୍ଯ୍ୟନ୍ତ ବଢ଼ିଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେଲ ଯୋଗାଣ ସ୍ୱାଭାବିକ କରିବାକୁ ଦୁଇଟି ବଡ଼ ଘୋଷଣା କରିଛନ୍ତି।

ତେଲ ଜାହାଜ ପାଇଁ ସମୁଦ୍ରପଥ ଖୋଲିଲା ଆମେରିକାର ନୌସେନା। ଆମେରିକା ନୌସେନା ଏବେ ତେଲ ଜାହାଜଗୁଡ଼ିକୁ ସୁରକ୍ଷା ଦେଇ ସମୁଦ୍ର ପାର୍ କରାଉଛି। ଯଦି ଯୁଦ୍ଧରେ ଜାହାଜର କିଛି କ୍ଷତି ହୁଏ, ତେବେ ଆମେରିକା ସରକାର ସେଥିପାଇଁ ଆର୍ଥିକ ଗ୍ୟାରେଣ୍ଟି ଏବଂ ବୀମା ଯୋଗାଇ ଦେବ। ଆମେରିକା ସେନାର ସୁରକ୍ଷା ମିଳିବା ପରେ ବଜାରରେ ଭୟ କମିଛି। Brent crude ତେଲ ଦର ୯୦ ଡଲାରରୁ କମି ଏବେ ୮୦ ରୁ ୮୭ ଡଲାର ପାଖାପାଖି ପହଞ୍ଚିଛି। ଯଦିଓ ପୂର୍ବ ଭଳି ୫୦-୬୦ଟି ଜାହାଜ ଯାଇପାରୁ ନାହାନ୍ତି, ତଥାପି କିଛି ଜାହାଜ ସଫଳତାର ସହ ଯିବା ପରେ ଦୁନିଆରେ ତେଲ ସଂକଟ ଦୂର ହେବା ଆଶା ବଢ଼ିଛି।



# ବିଏସଇ ସେନସେକ୍ସ ପ୍ରାୟ ୧୩ ଶହ ପଏଣ୍ଟ ଖସିଛି

ମୁମ୍ବାଇ, ୧୧।୩:ସେୟାର ମାର୍କେଟରେ ବ୍ଲଡ ବାଥ୍ ପରେ ବ୍ଲିଡିଂ। ଭାରତୀୟ ସେୟାର ବଜାରରେ ଏକ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ପଶ୍ଚିମ ଏସିଆରେ ବଢ଼ୁଥିବା ଯୁଦ୍ଧ ପରିସ୍ଥିତି (ଆମେରିକା-ଇସ୍ରାଏଲ-ଇରାନ) ଯୋଗୁଁ ନିବେଶକମାନେ ଆତଙ୍କିତ ହୋଇ ସେୟାର ବିକ୍ରି କରିଛନ୍ତି। ବିଏସଇ ସେନସେକ୍ସ ପ୍ରାୟ ୧୩ଶହ ପଏଣ୍ଟ ଖସିଛି। ସେହିପରି ନିଫ୍ଟି ପ୍ରାୟ ୪ ଶହ ପଏଣ୍ଟ ଖସିଛି। ବଜାରରେ ଅଟୋ ଏବଂ ବ୍ୟାଙ୍କିଙ୍ଗ୍ ସେୟାରଗୁଡ଼ିକରେ ସବୁଠାରୁ ଅଧିକ ହ୍ରାସ ଘଟିଛି। ଏଚଡିଏଫସି ଓ ଆକ୍ସିସ ବ୍ୟାଙ୍କ ଭଳି ବଡ଼ ବ୍ୟାଙ୍କଗୁଡ଼ିକର ସେୟାର ୨% ରୁ ଅଧିକ ଖସିଛି। ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଏବଂ ଅଶୋଧିତ ତୈଳ ଯୋଗାଣ ବାଧାପ୍ରାପ୍ତ ଯୋଗୁଁ ବଜାରରେ ଏଭଳି ସ୍ଥିତି ରହିଛି। ଦିନକ ପୂର୍ବରୁ ସେୟାର ବଜାରରେ ବ୍ଲଡବାଥ ଦେଖିବାକୁ ମିଳିଥିଲା। ତେଲ ଦର ବୃଦ୍ଧି ଯୋଗୁଁ ସେନସେକ୍ସ ୨୫୦୦ ପଏଣ୍ଟ ହ୍ରାସ ହୋଇଥିଲା। କିଛି କ୍ଷଣରେ ନିବେଶକଙ୍କ କୋଟି କୋଟି ଟଙ୍କା ବୁଡ଼ିଲା!। ଇରାନ ଯୁଦ୍ଧ ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ଅସ୍ଥିରତା ଯୋଗୁଁ ଭାରତୀୟ ଶେୟାର ବଜାରରେ ଭୟଙ୍କର ହ୍ରାସ ଦେଖିବାକୁ ମିଳୁଛି।

# ଜିଓ-ପିସିରେ ଜିଓ ଏଆଇ କ୍ଲାସରୁମ୍ ଏବେ ଓଡ଼ିଆ ଭାଷାରେ ଉପଲବ୍ଧ




ଭୁବନେଶ୍ୱର ୧୧।୩: ଜିଓ-ପିସିରେ ଜିଓ ଏଆଇ କ୍ଲାସରୁମ୍ ଏବେ ଓଡ଼ିଆ ଭାଷାରେ ଉପଲବ୍ଧ । ଡିଜିଟାଲ୍ ଅନ୍ତର୍ଭୁକ୍ତିକାରଣ ଏବଂ ପ୍ରଯୁକ୍ତି-ଚାଳିତ ଶିକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ରିଲାଏନ୍ସ ଜିଓ ପକ୍ଷରୁ ଜିଓ-ପିସି (ଜିଓପିସି)ରେ ଏଆଇ କ୍ଲାସରୁମ୍ ଏବେ ଓଡ଼ିଆ ଭାଷାରେ ଉପଲବ୍ଧ ହୋଇଥିବା ଘୋଷଣା କରାଯାଇଛି, ଯାହା ସମଗ୍ର ଓଡ଼ିଶାର ଉପଭୋକ୍ତାମାନଙ୍କ ପାଇଁ ଅତ୍ୟାଧୁନିକ ଡିଜିଟାଲ୍ ଶିକ୍ଷାକୁ ଅଧିକ ସୁଗମ କରିବାର ପଥ ପ୍ରଶସ୍ତ କରିଛି ।

ଜିଓ-ପିସି ଦ୍ୱାରା ପରିଚାଳିତ ଏବଂ ଜିଓ ଇନଷ୍ଟିଚ୍ୟୁଟ୍ ଦ୍ୱାରା ଡିଜାଇନ୍ କରାଯାଇଥିବା ଏଆଇ କ୍ଲାସରୁମ୍, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିଖିବାର ଇଚ୍ଛା ରଖୁଥିବା ସମସ୍ତ ଶିକ୍ଷାର୍ଥୀମାନଙ୍କୁ ଏକ ସରଳ ଏବଂ ସୁଲଭ ଉପାୟରେ ଏଆଇ ଟୁଲସ ବା କୃତ୍ରିମ ବୁଦ୍ଧିମତ୍ତା ଉପକରଣ, ଇଣ୍ଟରଆକ୍ଟିଭ୍ ଶିକ୍ଷା ଉପାଦାନ ଓ ସମ୍ବଳ ଏବଂ କ୍ଲାଉଡ୍-ଆଧାରିତ କମ୍ପ୍ୟୁଟିଂକୁ ଆକ୍ସେସ୍ ଓ ବ୍ୟବହାର କରିବାକୁ ସକ୍ଷମ କରିଥାଏ। ଓଡ଼ିଆ ଭାଷା ସମର୍ଥନ ଯୋଡି ହେବା ସହିତ, ବ୍ୟବହାରକାରୀମାନେ ଏବେ ଏଆଇ ଉପକରଣ (ଟୁଲସ) ସହିତ ସହଜରେ ସମ୍ବାଦ କରିପାରିବେ, ଶିକ୍ଷା ବିଷୟବସ୍ତୁ ଅନୁସନ୍ଧାନ କରିପାରିବେ ଏବଂ ସେମାନଙ୍କ ମାତୃଭାଷାରେ ଅଧିକ ଆରାମରେ ଡିଜିଟାଲ୍ କାର୍ଯ୍ୟ ସମ୍ପାଦନ କରିପାରିବେ।

ଜିଓ-ପିସି ହେଉଛି ଏକ କ୍ଲାଉଡ୍-ଆଧାରିତ ପର୍ସନାଲ କମ୍ପ୍ୟୁଟିଂ ସମାଧାନ ଯାହା ବ୍ୟବହାରକାରୀଙ୍କୁ କୌଣସି ମହଙ୍ଗା ହାର୍ଡୱେୟାରର ବିନା ଆବଶ୍ୟକତାରେ ଟେଲିଭିଜନ କିମ୍ବା ମନିଟର ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ଡେସ୍କଟପ୍ ପରିବ୍ୟବସ୍ଥାକୁ ଆକ୍ସେସ୍ ଓ ବ୍ୟବହାର କରିବା ସୁବିଧା ପ୍ରଦାନ କରିଥାଏ। କ୍ଲାଉଡ୍ ପ୍ରଯୁକ୍ତିବିଦ୍ୟାକୁ ଏଆଇ-ଚାଳିତ ଆପ୍ଲିକେସନ୍ ସହିତ ମିଶ୍ରଣ କରି, ଜିଓ-ପିସି ଡିଜିଟାଲ୍ ବୈଷମ୍ୟକୁ ଦୂର କରିବାରେ ସାହାଯ୍ୟ କରୁଛି ଏବଂ ଅଧିକ ଲୋକଙ୍କୁ ଆଧୁନିକ କମ୍ପ୍ୟୁଟିଂର ଲାଭ ଉଠାଇବାରେ ସକ୍ଷମ କରୁଛି।

ଏଆଇ କ୍ଲାସରୁମ୍ ପାଇଁ ଓଡ଼ିଆ ଭାଷା ସମର୍ଥନ ପ୍ରଚଳନ ସ୍ଥାନୀୟ ଭାଷା ସଶକ୍ତିକରଣ ଏବଂ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରୁଥିବା ଡିଜିଟାଲ୍ ଅଭିବୃଦ୍ଧି ଉପରେ ଜିଓର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି, ଯାହା ସୁନିଶ୍ଚିତ କରିଥାଏ ଯେ ପ୍ରଯୁକ୍ତିବିଦ୍ୟା ସାରା ରାଜ୍ୟର ସବୁ ସମୁଦାୟଙ୍କ ପାଇଁ ଅଧିକ ପ୍ରାସଙ୍ଗିକ ଏବଂ ବ୍ୟବହାରକାରୀ-ଅନୁକୂଳ ରହିବ। ଏହିଭଳି ପଦକ୍ଷେପ ମାଧ୍ୟମରେ, ରିଲାଏନ୍ସ ଜିଓ ଡିଜିଟାଲ୍ ସୁଯୋଗର ବିସ୍ତାର, ଛାତ୍ରଛାତ୍ରୀ ଏବଂ ଶିକ୍ଷାର୍ଥୀମାନଙ୍କୁ ସଶକ୍ତ କରିବା ଏବଂ ଓଡ଼ିଶାରେ ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷାର ଅଭିବୃଦ୍ଧିକୁ ସମର୍ଥନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି।

# ବିଶ୍ୱବ୍ୟାପୀ ବଡ଼ ତୈଳ ସଙ୍କଟ
# ମାର୍ଚ୍ଚ ୧୬ରୁ ନିଜ ଭଣ୍ଡାର ଖୋଲିବ ଜାପାନ



ଟୋକିଓ, ୧୧।୩: ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ କାରଣରୁ ବିଶ୍ୱବ୍ୟାପୀ ତୈଳ ସଙ୍କଟ ଦେଖା ଦେଇଛି। ଇରାନ ଦ୍ୱାରା 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଜଳପଥ ଉପରେ କଟକଣା ଲଗାଯିବା ପରେ ତୈଳ ଯୋଗାଣ ପ୍ରଭାବିତ ହୋଇଛି। ଏହି ସ୍ଥିତିର ମୁକାବିଲା ପାଇଁ ଜାପାନ ଆସନ୍ତା ମାର୍ଚ୍ଚ ୧୬ ତାରିଖରୁ ନିଜର ଗଚ୍ଛିତ ତୈଳ ଭଣ୍ଡାର ଖୋଲିବ ବୋଲି ବୁଧବାର ଦିନ ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତକାଇଚି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଜାପାନ ନିଜର ଘରୋଇ କ୍ଷେତ୍ରର ୧୫ ଦିନର ଗଚ୍ଛିତ ତୈଳ ଏବଂ ସରକାରୀ ଭଣ୍ଡାରରୁ ଗୋଟିଏ ମାସର ଗଚ୍ଛିତ ତୈଳକୁ ବ୍ୟବହାର କରିବାକୁ ଯୋଜନା କରିଛି।

ଗତ ଫେବୃଆରୀ ୨୮ ତାରିଖରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ଦୁଇ ପକ୍ଷ ମଧ୍ୟରେ ଡ୍ରୋନ୍ ଏବଂ ମିସାଇଲ୍ ମାଡ଼ ଜାରି ରହିଛି। ଏହାର ପ୍ରତିଶୋଧ ନେବାକୁ ଯାଇ ଇରାନ ଓ ଏହାର ସମର୍ଥକମାନେ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' କୁ ବନ୍ଦ କରିଦେଇଛନ୍ତି। ଏହି ବାଟ ଦେଇ ଯାଉଥିବା ଯେ କୌଣସି ଜାହାଜ ଉପରେ ଆକ୍ରମଣ କରାଯିବ ବୋଲି ଇରାନ ଧମକ ଦେଇଛି। ବିଶ୍ୱର ଏକ ପଞ୍ଚମାଂଶ (୨୦%) ତୈଳ ଏହି ମାର୍ଗ ଦେଇ ପରିବହନ ହୋଇଥାଏ। ୧୯୭୦ ଦଶକର ତୈଳ ସଙ୍କଟ ପରେ ଏହାକୁ ସବୁଠାରୁ ବଡ଼ ତୈଳ ଯୋଗାଣ ବାଧା ବୋଲି କୁହାଯାଉଛି। ତେହେରାନ ସାଉଦି ଆରବ, କତାର, କୁଏତ୍ ଏବଂ ୟୁଏଇ ଭଳି ଉପସାଗରୀୟ ଦେଶର ବିଭିନ୍ନ ଟାର୍ଗେଟ୍ ଉପରେ ଆକ୍ରମଣ କରିବା ସହ ଏହି ଜଳପଥକୁ ପ୍ରଭାବଶାଳୀ ଭାବେ ବନ୍ଦ କରି ଦେଇଛି ଏବଂ ଏବେ ବି ସେଠାରେ ଜାହାଜ ଚଳାଚଳ ସ୍ୱାଭାବିକ ହେବାର କୌଣସି ଲକ୍ଷଣ ଦେଖାଯାଉନାହିଁ।

ବଢ଼ୁଥିବା ଅଶୋଧିତ ତୈଳ ଦରକୁ ନିୟନ୍ତ୍ରଣ କରିବା ପାଇଁ ବିଶ୍ୱର ୭ଟି ବଡ଼ ଅର୍ଥନୀତିକୁ ନେଇ ଗଠିତ 'ଜି-୭' ସମୂହ ମଧ୍ୟ ନିଜର ରଣନୀତିକ ତୈଳ ଭଣ୍ଡାର ବ୍ୟବହାର କରିବା ଦିଗରେ ଅଗ୍ରସର ହେଉଛନ୍ତି। ଏହି ପ୍ରସଙ୍ଗରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଅଧ୍ୟକ୍ଷତାରେ ଏକ ଭିଡିଓ କନଫରେନ୍ସିଂ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ଆମେରିକା-ଇରାନ ଯୁଦ୍ଧର ଅର୍ଥନୈତିକ ପ୍ରଭାବ ଉପରେ ବିସ୍ତୃତ ଆଲୋଚନା କରାଯାଇଛି।

ବୁଧବାର ଜି-୭ ଦେଶର ଶକ୍ତି ମନ୍ତ୍ରୀମାନେ ଏକ ବିବୃତ୍ତିରେ ଜରୁରୀକାଳୀନ ପଦକ୍ଷେପ ଓ ଷ୍ଟକ୍ ବ୍ୟବହାରକୁ ସମର୍ଥନ ଜଣାଇଛନ୍ତି। ସେହିପରି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ମଧ୍ୟ ଜରୁରୀକାଳୀନ ଷ୍ଟକ୍ ମୁକ୍ତ କରିବା ନେଇ ସଙ୍କଟକାଳୀନ ବୈଠକ କରିଛି।

# ମହଙ୍ଗା ହେଉଛି ବିମାନ ଯାତ୍ରା



ନୂଆଦିଲ୍ଲୀ, ୧୧।୩:ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବିମାନ ଇନ୍ଧନ ମହଙ୍ଗା ହେବାରେ ଲାଗିଛି। ତାହାର ପ୍ରଭାବରେ ବିଶ୍ୱର ବିଭିନ୍ନ ପ୍ରାନ୍ତର ଏୟାରଲାଇନ୍ସ ଟିକଟ ମୂଲ୍ୟ ବଢ଼ାଇବା ଆରମ୍ଭ କରିଛନ୍ତି। ଆଭିଏସନ ଟର୍ବାଇନ୍ ଫୁଏଲ୍ (ଏଟିଏଫ୍) ମୂଲ୍ୟ ହଠାତ୍ ବଢ଼ିଯିବା କାରଣରୁ କମ୍ପାନିଗୁଡ଼ିକର ପରିଚାଳନା ଖର୍ଚ୍ଚ ବଢ଼ିଯାଇଛି। ତାହାକୁ ଦୃଷ୍ଟିରେ ରଖି ସେମାନେ ଟିକଟ୍ ମୂଲ୍ୟ ବଢ଼ାଉଛନ୍ତି। ଅଷ୍ଟ୍ରେଲିଆର କ୍ୱାଣ୍ଟାସ୍ ଏୟାରୱେଜ୍, ସ୍କାଣ୍ଡିନାଭିଆର ଏସ୍ଏଏସ୍ ଓ ନ୍ୟୁଜିଲ୍ୟାଣ୍ଡର ଏୟାର ନ୍ୟୁଜିଲ୍ୟାଣ୍ଡ୍ ଟିକଟ ଦର ବଢ଼ାଇଛନ୍ତି। ଯୁଦ୍ଧ ପୂର୍ବରୁ ବିମାନ ଇନ୍ଧନର ବ୍ୟାରେଲ୍ ପିଛା ଦର ୮୫-୯୦ ଡଲାର ଥିଲା। ଏବେ ତାହା ୧୫୦-୨୦୦ ଡଲାରରେ ପହଞ୍ଚିଛି। ହର୍ମୁଜ ପ୍ରଣାଳୀ ଦେଇ ତେଲ ଜାହାଜ ସ୍ୱାଭାବିକ ଭାବେ ଚଳାଚଳ କରିପାରୁନଥିବାରୁ ତେଲ ଦର ବଢ଼ୁଛି। ଯଦି ଏହି ସ୍ଥିତି ଲମ୍ବା ସମୟ ଲାଗିରହିବ ତେବେ ବିମାନ ଟିକଟ ଆହୁରି ମହଙ୍ଗା ହେବ ଓ ବିମାନ ଯାତ୍ରା ଚାହିଦା ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି। ଆକାଶମାର୍ଗ ବନ୍ଦ ଓ ସୀମିତ କ୍ଷମତା କାରଣରୁ ଏସିଆ ଓ ୟୁରୋପ ମଧ୍ୟରେ ବିମାନ ଭଡ଼ା ଆକାଶଛୁଆଁ ସ୍ତରରେ ପହଞ୍ଚିଛି। ହଂକଂ ଏୟାରଲାଇନ୍ସ ମଧ୍ୟ ତେଲର ବର୍ଦ୍ଧିତ ଦରକୁ ନେଇ ଚିନ୍ତା ପ୍ରକଟ କରିଛି। ଏହା ହଂକଂ, ମାଳଦ୍ୱୀପ, ବାଂଲାଦେଶ ଓ ନେପାଳ ମଧ୍ୟରେ ଯାତ୍ରାକୁ ପ୍ରଭାବିତ କରିବ ବୋଲି କମ୍ପାନି ଆଶଙ୍କା କରୁଛି।

# ୧୪ରେ ଟିପିସିଓଡିଏଲ୍‌ର ଲୋକ ଅଦାଲତ

ଭୁବନେଶ୍ୱର୧୧।୩:ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ୍‌ର ଅନଧିକୃତ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ମାର୍ଚ୍ଚ ୧୪ରେ ଏହାର ସମସ୍ତ ସେବା ଯୋଗାଣ ଅଞ୍ଚଳରେ ୨୦୨୬ ବର୍ଷର ପ୍ରଥମ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଅନୁଷ୍ଠିତ ହେବ। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ରୂପରେଖ ଅଧୀନରେ ବିବାଦର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଲୋକ ଅଦାଲତ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ। ଉପଭୋକ୍ତାମାନଙ୍କୁ ବିଚାରାଧୀନ ମାମଲାଗୁଡ଼ିକର ସମାଧାନ ପାଇଁ ପୂରା ଦିନ ତତ୍କାଳ ସହାୟତା ପ୍ରଦାନ କରାଯିବ। ୨୦୨୬ର ଏହା ପ୍ରଥମ ଲୋକ ଅଦାଲତ ହୋଇଥିବାରୁ ଭବିଷ୍ୟତର ଆଇନଗତ କିମ୍ବା ଆର୍ଥିକ ଜଟିଳତାରୁ ବଞ୍ଚିବା ଏବଂ ଏକ ସ୍ୱଚ୍ଛ ତଥା ସମୟବଦ୍ଧ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କର ବିଦ୍ୟୁତ ବ୍ୟବହାରକୁ ନିୟମିତ କରିବା ପାଇଁ ଏହି ପ୍ଲାଟ୍‌ଫର୍ମର ଉପଯୋଗ କରିବାକୁ ଟିପିସିଓଡିଏଲ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରିଛି। ପ୍ରତ୍ୟେକ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ କାର୍ଯ୍ୟାଳୟରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ, ଆଇନଜୀବୀ ଏବଂ ପ୍ରଶିକ୍ଷିତ ସହାୟକ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯିବ। ଏହି ଟିମ୍ ଉପଭୋକ୍ତାମାନଙ୍କୁ ଯୋଗ୍ୟ ମାମଲା ଶ୍ରେଣୀ, ଆବଶ୍ୟକ ଦଲିଲ ଏବଂ ସମାଧାନ ପ୍ରକ୍ରିୟା ସମ୍ପର୍କରେ ମାର୍ଗଦର୍ଶନ କରିବେ। ଟିପିସିଓଡିଏଲ୍ ପକ୍ଷରୁ ଜିଲାସ୍ତରୀୟ ବ୍ୟବସ୍ଥା, ଯୋଗ୍ୟତା ବିବରଣୀ ଏବଂ ପର୍ଯ୍ୟାୟକ୍ରମେ ସମାଧାନ ପାଇଁ ମାର୍ଗଦର୍ଶିକା ସମସ୍ତ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ କାର୍ଯ୍ୟାଳୟରେ ଉପଲବ୍ଧ କରାଯାଇଛି। ଉପଭୋକ୍ତାମାନେ କାର୍ଯ୍ୟକ୍ରମ ପୂର୍ବରୁ କୌଣସି ସ୍ପଷ୍ଟୀକରଣ ପାଇଁ ସେମାନଙ୍କର ନିକଟସ୍ଥ ଗ୍ରାହକ ସେବା କେନ୍ଦ୍ର ଏବଂ ଫ୍ୟୁଜ୍ କଲ୍ ସେଣ୍ଟର (ଏଫ୍‌ସିସି) ସହିତ ଯୋଗାଯୋଗ କରିପାରିବେ।



# ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ। ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ୍ୟ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ପାଣିକୋଇଲିର ଦୋଳ ମେଳଣ ଉତ୍ସବରେ ନାହିଁନଥିବା ଭିଡ଼




କୋରେଇ,୧୧।୩(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କୋରେଇ ନିର୍ବାଚନ ମଣ୍ଡଳୀର ପାଣିକୋଇଲି ଠାରେ ପାଣିକୋଇଲି ମେଳଣ ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଅଛି। ଏହି ମେଳଣରେ ତିନି ଗୋଟି ନିର୍ବାଚନ ମଣ୍ଡଳୀର ଆଖପାଖ ଆଠ,ଦଶ ଗୋଟି ପଂଚାୟତରୁ ହଜାର ହଜାର ସଂଖ୍ୟାର ଜନ ସମାଗମକୁ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଚଉଦ ଗୋଟି ବିମାନକୁ ନିମନ୍ତ୍ରଣ କରାଯାଇଥିବା ଅନୁଷ୍ଠାନର ସଭାପତି କହିଥିଲେ। ପ୍ରତି ବିମାନ ନିଜ ନିଜ ଭକ୍ତଙ୍କ ସହ ବାଜା ବାଣ ରୋଷଣୀ, ମେଲୋଡି ଭଜନ ସଂକୀର୍ତ୍ତନ ଓ ଅଭିର ରଙ୍ଗ ଖେଳି ଆନନ୍ଦ ଉଲ୍ଲାସ ସହ ନାଚି କୁଦି ବିରାଟ ଶୋଭାଯାତ୍ରା ପଟୁଆରରେ ମା' ତାରିଣୀ ମନ୍ଦିରଙ୍କ ନିକଟରେ ପହଂଚିଥିଲେ । ସମସ୍ତ ବିମାନ ଗୋଟେ ଜାଗାରେ ଏକତ୍ରିତ ହୋଇ ପ୍ରଭୁ ରାଧା କୃଷ୍ଣଙ୍କ ନିକଟରେ ଭୋଗ ଲାଗିସାରିବା ପରେ ପୁଣି ନିଜ ନିଜ ଗ୍ରାମକୁ ଫେରିଥିଲେ । ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପାଣିକୋଇଲି ଆଇଆଇସି ଶ୍ରୀ ରଂଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା।ବର୍ଷକରେ ଥରେ ଆସୁଥିବା ଏହି ପାଣିକୋଇଲି ମେଳଣକୁ ଉପଭୋଗ କରିବା ପାଇଁ ଛୋଟ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଚାଇଁ ରହିଥାନ୍ତି। ଏହି ମେଳଣ ଲୋକମାନଙ୍କ ଭିତରେ ଭାଇଚାରାକୁ ବଢ଼ାଇଥାଏ ବୋଲି ବୁଦ୍ଧିଜୀବୀ ମାନେ ପ୍ରକାଶ କରିଥାନ୍ତି।

## କୁଆଁପାଳ ଦୋଳ ମେଳଣ ଉଦ୍‌ଯାପିତ

ମାହାଙ୍ଗା,୧୧।୩ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ବଜାରଠାରେ କୁଆଁପାଳ ବଜାର ଦୋଳ କମିଟି ପକ୍ଷରୁ କୁଆଁପାଳ ଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଜଳେଶ୍ୱରପୁର ନନ୍ଦିବଟ, ପ୍ରଧାନସାହି, ପାଣିସାହି, ପରିଡ଼ାପାଟଣା ଦୋଳ ବିମାନ ବିରାଜମାନ କରିଥିଲେ। ପ୍ରଥମେ ଥାନପତିଭାବେ ଜଳେଶ୍ୱରପୁର ନନ୍ଦିବଟ ବିମାନ ବାଜା, ବାଣ, ଘଣ୍ଟି, ସଂକୀର୍ତ୍ତନ ଓ ରୋଷଣୀ ସହ ମେଳଣ ପଡ଼ିଆକୁ ବିରାଜମାନ କରିବା ପରେ ଅନ୍ୟ ବିମାନଗୁଡ଼ିକ ମେଳଣ ପଡ଼ିଆରେ ପହଞ୍ଚିଥିଲେ। କୁଆଁପାଳ ବଜାର ମେଳଣ କମିଟି ଓ ଜଳେଶ୍ୱରପୁର ଗ୍ରାମବାସୀଙ୍କ ପକ୍ଷରୁ ଏହି ମେଳଣ ଆୟୋଜନ କରାଯାଇଥିଲା।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ଡେରାବିଶ,୧୧।୩ (ସଂଚାର ବ୍ୟୁରୋ): କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ କଲେଜ ଛକ ନିକଟରେ ଓ ଚାନ୍ଦୋଳ ପେଟ୍ରୋଲ ପମ୍ପ ନିକଟରେ ପୃଥକ ପୃଥକ ଦୁଇଟି ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ତିନିଜଣ ବ୍ୟକ୍ତି ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ଆଜି ମଧ୍ୟାହ୍ନରେ ଚାନ୍ଦୋଳ କଲେଜଛକ ନିକଟରେ ଏକ କାର ସହିତ ଦୁଇଟି ବାଇକ୍ ଧକ୍କା ହେବା ଫଳରେ ତିନିଜଣ ବାଇକ୍ ଆରୋହୀ ଗୁରୁତର ଆହାତ ହୋଇ ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତର ଦୁଇଜଣ ହେଲେ ଜଣେ ମହାକାଳପଡ଼ା ବ୍ଲକ କରଞ୍ଜ ଗ୍ରାମର ଅଭିରାମ ସେଠୀ, ଅନ୍ୟଜଣେ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନପୁରର ସର୍ବେଶ୍ୱର ବେହେରା ହୋଇଥିବା ବେଳେ ଅନ୍ୟଜଣେ ଗୁରୁତରଙ୍କର ପରିଚୟ ମିଳିପାରି ନାହିଁ। ସେହିପରି ସନ୍ଧ୍ୟାରେ ଚାନ୍ଦୋଳ ପୁରୁଣା ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡ଼ି ଜନୈକ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ଘଟଣା ସ୍ଥଳରେ ଚାନ୍ଦୋଳ ଫାଣ୍ଡି ପୋଲିସ୍ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ତାଙ୍କୁ ତୁରନ୍ତ ନିଶ୍ଚିନ୍ତକୋଇଲି ମେଡ଼ିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ମୃତଙ୍କ ଘର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହୋଇଥିବା ଜଣାଯାଇଛି।

## କେନ୍ଦ୍ରାପଡ଼ାରେ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ଦାବି ଦୋହରାଇଲା ଜନଶକ୍ତି ପାର୍ଟି

ଡେରାବିଶ,୧୧।୩ (ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ାରେ ଏକ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ଦାବିରେ ବିଭିନ୍ନ ସଂଗଠନ ଦୀର୍ଘଦିନ ଧରି ଦାବି କରି ଆସୁଥିବା ବେଳେ ବର୍ତ୍ତମାନର ସରକାର ଏକ ସରକାରୀ ବିଶ୍ୱବିଦ୍ୟାଳୟ ଖୋଲାଯିବା ଘୋଷଣା କରିବା ପରେ ଜନଶକ୍ତି ପାର୍ଟି ତରଫରୁ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ଦାବିକୁ ଦୋହରାଇଛନ୍ତି। ଦେଶ ସ୍ୱାଧୀନତା ପୂର୍ବରୁ କେନ୍ଦ୍ରାପଡ଼ାକୁ ରାଜ୍ୟର ପ୍ରଥମ ପୌର ପରିଷଦ ଘୋଷଣା କରିବା ସହିତ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଏକ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଥିଲା। ସ୍ୱାଧୀନତା ପରେ ଏହି ମେଡ଼ିକାଲ୍‌ର ଆଖିଦୃଶିଆ ଉନ୍ନତି ହୋଇନଥିବା କାରଣରୁ ଉନ୍ନତ ଚିକିତ୍ସା ପାଇଁ ଅଞ୍ଚଳବାସୀଙ୍କୁ କଟକକୁ ଯିବାକୁ ପଡୁଛି। ଯେଉଁଥିପାଇଁ ଜିଲ୍ଲାର ଉପାନ୍ତ ଅଞ୍ଚଳର ଅଧିବାସୀମାଙ୍କୁ ଚିକିତ୍ସା ନିମନ୍ତେ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ତେବେ କେନ୍ଦ୍ରାପଡ଼ା ଠାରେ ଏକ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ପାଇଁ ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶ, ମହାଦେବ ସେନା ସମ୍ପାଦକ ଗୌତମ ବେହେରା, ସାଧାରଣ ସମ୍ପାଦକ ଇଂ ସମରେନ୍ଦ୍ର ଜେନା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି ଜଣାଇଛନ୍ତି।

## ୧୩ରୁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା

ବାରିପଦା,୧୧।୩ (ସଂଚାର ବ୍ୟୁରୋ):ମୟୁରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତି ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢ଼ା ବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୯ ବର୍ଷ ଧରି ଜିଲ୍ଲାର ଚାରିଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦେଶ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ ରେଲି ) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଚଳିତ ମାର୍ଚ୍ଚ ୧୩ ତାରିଖରୁ ଆରମ୍ଭ ହୋଇ ୧୫ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପରିକ୍ରମା କରିବ. ଏହି ଜାଗରଣ ଯାତ୍ରାରେ ୫୦ରୁ ଉର୍ଦ୍ଧ ସଂସ୍କୃତି ସୈନିକ ଙ୍କ ସହିତ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥ ୩ଦିନ ଧରି ସମଗ୍ର ଜିଲ୍ଲା ପରିକ୍ରମା କରି ମୟୁରଭଞ୍ଜର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ଼ କରିବ. ମାର୍ଚ୍ଚ ୧୩ତାରିଖ ପ୍ରଥମ ଦିନ ସକାଳ ୫ଘଟିକା ସମୟରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏହି ଯାତ୍ରା ଛଉ, ଝୁମର, କଳସିନାଚ, ସଂକୀର୍ତ୍ତନ, ଓଡ଼ିଶୀ ଆଦି କଳାକାର ମାନଙ୍କର ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଆସିବ. ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାଗରଣ ଯାତ୍ରା ଏବଂ ଜ୍ୟୋତିରଥ କୁଳିଅଣା, କଳାବାଡ଼ିଆ, ଝାରପୋଖରୀଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା ହୋଇ ଦୁନ୍ଦୁ ପର୍ଯ୍ୟନ୍ତ ଯିବ. ସେହିପରି ୧୪ ତାରିଖ ଦ୍ୱିତୀୟ ଦିନ ଦୁନ୍ଦୁରୁ ବାହାରି ଜାମଦା, ଗଡ଼ ରାଇରଙ୍ଗପୁର, ଭାଲୁବସା, ଜଶିପୁର, ଖିଚିଂ, କରଞ୍ଜିଆ, କଳାକାଦ, ଠାକୁରମୁଣ୍ଡା, ଚମ୍ପାଝର, ଶରତ, କପ୍ତିପଦା ହୋଇ ଉଦଳାରେ ପହଂଚିବ. ଏବଂ ୧୫ ତାରିଖ ତୃତୀୟ ଦିନ ଉଦଳାରୁ ବାହାରି ଶୋଭାଯାତ୍ରା ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଠା, ଶୁଳିଆପଦା, ଦେଉଳି ହୋଇ ବାରିପଦା ବାଲେଶ୍ୱର ଗୋଲେଇ ରେ ପହଂଚିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଛଉ ପଡିଆ ନିକଟରେ ଜାଗରଣ ଯାତ୍ରା ଉଦଯାପିତ ହେବ ବୋଲି ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ସାଧାରଣ ଜନତାଙ୍କ ଆସ୍ଥା ହରାଉଛି ଅସ୍ତରଙ୍ଗ ଥାନା

# ନ୍ୟାୟ ପାଇଁ ଦୌଡ଼ି ଦୌଡ଼ି ମହିଳା ନୟାନ୍ତ

କାକଟପୁର/ଅସ୍ତରଙ୍ଗ,୧୧।୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ଅସହାୟ ଓ ନିରୀହ ପରିବାର ମହିଳାଙ୍କୁ ସଠିକ ସମୟରେ ନ୍ୟାୟ ମିଳୁନଥିବା ଅଭିଯୋଗ। ପୁଲିସ ତଦନ୍ତରେ ଅବହେଳା ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସପକ୍ଷରେ ପୁଲିସ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ବର୍ଷକୁ ମାମଲା ସଂଖ୍ୟା ୨ ଶହରୁ ଉର୍ଦ୍ଧ୍ୱ ଛୁଉଁଛି। ଅନ୍ୟପଟେ ମାଡ଼ପିଟ ଘଟଣାରେ ଜଣେ ମହିଳା ନ୍ୟାୟ ପାଇବା ପାଇଁ ଗତ ଜାନୁୟାରୀ ୨୬ତାରିଖରୁ ଅସ୍ତରଙ୍ଗ ଥାନାକୁ ଆସୁଥିଲେ ମଧ୍ୟ ମହିଳା ନ୍ୟାୟ ବଦଳରେ ନିରାଶ ହୋଇ ଫେରୁଛନ୍ତି। କିନ୍ତୁ ଥାନା ଅଧିକାରିଣୀ କେବଳ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଉଛନ୍ତି। ନ୍ୟାୟ ପାଇଁ ଧାଇଁ ଧାଇଁ ପୁନର୍ବାର ମହିଳା ଜଣକ ଆକ୍ରମଣର ଶିକାର ହୋଇ ଥାନାରେ ଆତ୍ମହୂତି ଦେବା ପାଇଁ ଚେତାବନୀ ଦେଇଛନ୍ତି।

ଖବର ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡୁକି ପଂଚାୟତ ଜାମୁଗାଁରେ ପୂର୍ବଶତ୍ରୁତାକୁ ନେଇ ଜାନୁୟାରୀ ୨୬ତାରିଖରେ ଜମିଜମା ସମସ୍ୟାକୁ ନେଇ ପରସ୍ପର ମାଧ୍ୟମରେ ବାକଯୁଦ୍ଧ ପରେ ମାରଣାସ୍ତ୍ର ଆକ୍ରମଣରେ ଉଭୟ ପକ୍ଷରୁ ଚାରି ଜଣରୁ ଉର୍ଦ୍ଧ ଗୁରୁତର ଥିବା ଅଭିଯୋଗ ଅସ୍ତରଙ୍ଗ ଥାନାରେ ହୋଇଥିଲା। ପୂର୍ବତନ ଥାନାଅଧିକାରୀ ଦୁର୍ଗା ଚରଣ ମହାପାତ୍ର ଅସ୍ତରଙ୍ଗ ଥାନା କେଶ ନମ୍ବର ୧୪/୨୬, ୧୫/୨୬ରେ ମାମଲା ରୁଜୁ କରି ପୁଲିସ ଚୁପ ବସିଥିବା ବେଳେ ଗୁରୁତର ଆହତ ହୋଇଥିବା ପରିବାରର ସ୍ମରଣୀକା ପ୍ରଧାନ ଦୀର୍ଘ ୧୦ଦିନରୁ ଉର୍ଦ୍ଧ ହେବ ନ୍ୟାୟ ପାଇଁ ଅସ୍ତରଙ୍ଗ ଥାନାକୁ ଦୌଡୁଛନ୍ତି। ଇତି ମଧ୍ୟରେ ଥାନାଅଧିକାରୀ ଦୁର୍ଗା ଚରଣ ମହାପାତ୍ରଙ୍କ ଅନ୍ୟତ୍ର ବଦଳି ପରେ ନୂତନ ଥାନାଅଧିକାରିଣୀ ବିଦିତା ନାୟକ କେବଳ ନ୍ୟାୟ ପାଇଁ ଦେଉଛନ୍ତି ପ୍ରତିଶ୍ରୁତି। ପୁନର୍ବାର ବୁଧବାର ମଧ୍ୟାହ୍ନ ସମୟରେ ଗଛ କଟାକୁ ନେଇ ଗଣ୍ଡଗୋଳ ଶହ ଜୀବନରୁ ମାରିଦେବାକୁ ଧମକ ଦେବା ଶହ ଆକ୍ରମଣ ଶିକାର ହୋଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି ମିକିନା ପ୍ରଧାନ। ଅନ୍ୟ ପଟେ ପୂର୍ବରୁ ଅନ୍ୟ ପକ୍ଷ ଅଭିଯୋଗ କରିଥିବା ମଧ୍ୟ ସୂଚନା ମିଳିଛି।

ଅସ୍ତରଙ୍ଗ ଥାନାରେ ପୁଲିସ ସଠିକ ସମୟରେ ନ୍ୟାୟ ମିଳୁନଥିବାରୁ ପରିବାର ମଧ୍ୟରେ ଗଣ୍ଡଗୋଳ ବୃଦ୍ଧି ପାଉଛି। ସ୍ମରଣୀକା ପ୍ରଧାନ ନ୍ୟାୟ ପାଇଁ ବାରମ୍ବାର ଥାନାକୁ ଦୌଡିବା ସହ ଥାନାଅଧିକାରିଣୀଙ୍କ ପ୍ରତିଶ୍ରୁତି ଭରସା ତୁଟିବାରୁ ବୁଧବାର ମଧ୍ୟାହ୍ନ ଘଟଣା ପରେ ପରିବାର ସହ ଥାନାରେ ପହଂଚି ନ୍ୟାୟ ନ ମିଳିଲେ ଆତ୍ମହୂତି ଦେବେ ବୋଲି ଗଣମାଧ୍ୟମରେ ଚେତାବନୀ ଦେଇଛନ୍ତି। ବିଦିତା ନାୟକ ଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ।



### ପରିବାର ସମୂହଙ୍କ ଆତ୍ମାହୁତି ଚେତାବନୀ

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ମହିଳା ଦିବସ ପାଳିତ

### ୪୫ 'ପରିବର୍ତ୍ତନର ସାରଥି' ସମ୍ମାନିତ




ଯାଜପୁର,୧୧।୩ (ସଂଚାର ବ୍ୟୁରୋ): ଆନ୍ତର୍ଜାତିକ ମହିଳା ଦିବସର ସ୍ମୃତିକୁ ଉଜ୍ଜୀବିତ ରଖି ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ବୁଧବାର ଦିନ ଦାନଗଦୀ ସ୍ଥିତ ମଲ୍ଟି ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗଗତ ସମାନତା ଏବଂ ସାମାଜିକ ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟିଏସଏଫ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ବିକାଶ କ୍ଷେତ୍ରରେ ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସଫଳତାକୁ ସମ୍ମାନ ଜଣାଯାଇଥିଲା। ଦାନଗଦୀ ଏବଂ ସୁକିନ୍ଦା ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଅଧିକ ମହିଳା ଏହି ଉତ୍ସବରେ ଉତ୍ସାହର ସହ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଜେଣ୍ଡର ଷ୍ଟଡିଜ୍ ବିଭାଗର ଅବସରପ୍ରାପ୍ତ ପ୍ରଫେସର ନବନୀତା ରଥ, ଦାନଗଦୀ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଏବଂ ସୁକିନ୍ଦା ବ୍ଲକ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନଙ୍କ ସମେତ ତ୍ରିଜଙ୍ଗା ପଞ୍ଚାୟତର ସରପଞ୍ଚ କାଗଜି ପାତ୍ର ଏବଂ ନଡ଼ିଆ ଭଙ୍ଗା ପଞ୍ଚାୟତର ସରପଞ୍ଚ ରଶ୍ମିତା ସାହୁ, ବିସ୍ଥାପନ ଓ ପୁନର୍ବାସ କଲୋନୀର ସଦସ୍ୟ ଏବଂ ରାଜ୍ୟ ସ୍ତରୀୟ ସମ୍ପଦ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ। ଟିଏସଏଫର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ନୂତନ ପ୍ରୟାସ ଏବଂ ସେମାନଙ୍କ ସଫଳତା ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା।

କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ୪୫ ଜଣ ମହିଳାଙ୍କୁ ସମ୍ବର୍ଦ୍ଧନା। ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ସମାଜରେ ପରିବର୍ତ୍ତନ ଆଣିଥିବାରୁ ସେମାନଙ୍କୁ 'କାଟାଲିଷ୍ଟ ଫର ଚେଞ୍ଜ' ବା 'ପରିବର୍ତ୍ତନର ସାରଥି' ଭାବେ ସମ୍ମାନିତ କରାଯାଇଥିଲା। ଏହା ସହିତ ସ୍ଥାନୀୟ ମହିଳାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପୂର୍ବରୁ ଦାନଗଦୀ ଏବଂ ସୁକିନ୍ଦା ବ୍ଲକର ୨୪ଟି ପଞ୍ଚାୟତ ସମେତ ଗୋବରଘାଟି, ସନସାଇଲୋ ଏବଂ ତ୍ରିଜଙ୍ଗା ପୁନର୍ବାସ କଲୋନୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଚଳିତ ବର୍ଷ ପ୍ରାୟ ୧,୪୫୦ରୁ ଅଧିକ ମହିଳା ଏହି ପ୍ରୟାସରେ ସାମିଲ ହୋଇଥିଲେ, ଯାହା ଅଞ୍ଚଳରେ ବଢୁଥିବା ମହିଳା ସଶକ୍ତିକରଣ ଏବଂ ଉତ୍ସାହ କୁ ପ୍ରଦର୍ଶିତ କରୁଛି ।

### ପ୍ରଶାସନର ଅଜବ ନୀତି

## କାର୍ଯ୍ୟ ଶେଷ ହୋଇନାହିଁ, ବେଆଇନ ନିର୍ମାଣ ଦୋକାନ ଘର ଆରମ୍ଭ




ସୁନ୍ଦରଗଡ଼,୧୧।୩ (ସଂଚାର ବ୍ୟୁରୋ): କଥାରେ ଅଛି "ଚେଇଁ ସୋଇଥିବ ଯିଏ ତାକୁ ଉଠେଇ ପାରିବ କିଏ" ବର୍ତ୍ତମାନ ଏହି ନୀତି ଅବଲମ୍ବନ କରୁଛି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ, ରାସ୍ତା ସମ୍ପ୍ରସାରଣ ସମୟରେ ଗରିବଙ୍କ ଦୋକାନ ଭାଙ୍ଗିଲେ, ବଡ଼ବଡ଼ିଆଙ୍କୁ ଛାଡିଲେ, ମେଡିକାଲ ଛକ ଠାରୁ ଜେଲ ଛକ ସମ୍ପ୍ରସାରଣ ସମୟରେ ସମସ୍ତ ଛୋଟ ବଡ଼ ଦୋକାନକୁ ପ୍ରଶାସନ ଭାଙ୍ଗି ଦେଇଥିଲା ବେଳେ ମୁଖ୍ୟ ଡାକଘର ସମ୍ମୁଖରେ ସରକାରୀ ଜମି ଉପରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଆସିଥିବା ଟଙ୍କାରେ ବେଆଇନ ଭାବେ ତିନୋଟି ଦୋକାନ ଘର ନିର୍ମାଣ କରି ଦିଆଗଲା। ଏହାକୁ ନେଇ ଜଣେ ସଚେତନ ଯୁବକ ତତ୍କାଳୀନ ଜିଲ୍ଲାପାଳଙ୍କୁ ଅବଗତ କରେଇଲା ପରେ ନିର୍ମାଣ କାର୍ଯ୍ୟ କରୁଥିବା ସଦର ବ୍ଲକ ଏହି କାର୍ଯ୍ୟର ତଦନ୍ତ କରେଇବା ସହ ସମସ୍ତ ବିଲ ଅଟକ ରଖିଛନ୍ତି, ଏହି କଲ୍ୟାଣ ମଣ୍ଡପ ଗତ ତିନି ବର୍ଷରୁ ଉର୍ଦ୍ଧ ସମୟ ହେଲା ବନ୍ଦ ହୋଇ ପଡ଼ିରହିଛି, କିନ୍ତୁ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ କରୁଥିବା, ଜଣେ ବ୍ୟକ୍ତି ଅତି ଚତୁରତା ସହ କଲ୍ୟାଣ ମଣ୍ଡପ ସଦର ବ୍ଲକକୁ ହସ୍ତାନ୍ତର କରିବା ପୂର୍ବରୁ ତିନୋଟି ଦୋକାନ ଗୃହକୁ ରଙ୍ଗ ମାରିବା ସହ ସଟର ଲଗାଇ ଭଡା ଲଗେଇ ସାରିଲେଣି। ଏହା ଉପରେ ଜିଲ୍ଲାପାଳ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ସ୍ଥାନୀୟ ଦୋକାନୀ ଓ ବୁଦ୍ଧିଜୀବୀ ଦାବୀ କରିଛନ୍ତି

## ଆନନ୍ଦପୁର ମହାବିଦ୍ୟାଳୟରେ ଗଣିତ ବିଭାଗର ବାର୍ଷିକ ଉତ୍ସବ




ଆନନ୍ଦପୁର,୧୧।୩ (ସଂଚାର ବ୍ୟୁରୋ): ଆନନ୍ଦପୁର ମହାବିଦ୍ୟାଳୟ ର ନୂତନ ସମ୍ମିଳନୀ କକ୍ଷରେ ଗଣିତ ବିଭାଗ ର ମୁଖ୍ୟ ଡକ୍ଟର ମିତା ଶ୍ରୀ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ଯୋଗ ଦେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟ ରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଗଣିତ ବିଭାଗ ର ବାର୍ଷିକ ଉତ୍ସବ କୁ ଉଦଘାଟନ କରିଥିଲେ। ଛାତ୍ରୀ ଆଲିସା ଜେନା ଓ ତ ନିଶା ଖୁଣ୍ଟିଆ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ରୀମନ୍ ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ ସର୍ବ ପ୍ରଥମେ ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଭାରତୀ ସାହୁ,ପ୍ରଫୁଲ୍ଲ କୁମାର ପଣ୍ଡା,ମୁଖ୍ୟ ବକ୍ତା ଭାବେ ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର ଯୋଗ ଦେଇ ଦୈନନ୍ଦିନ ଜୀବନ ରେ ଗଣିତ ର ଅବଦାନ ସମ୍ପର୍କ ରେ ଆଲୋଚନା କରିଥିଲେ। ସତ୍ୟ ବ୍ରତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଡକ୍ଟର ମିତାଶ୍ରି ବେହେରା ଙ୍କୁ ମୁଖ୍ୟ ଅତିଥି ଡକ୍ଟରେଟ ଡିଗ୍ରୀ ହାସଲ କରି ଥି ବାରୁପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ କ୍ରମ ପରିବେଷଣ କରାଯାଇଥିଲା।

### ମଧୁସାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଦର୍ଶକଙ୍କ ମନ ମୋହିଲା ସାନ୍ତାଳୀ ଓ ରାଜସ୍ଥାନୀ ନୃତ୍ୟ

ଡେରାବିଶ,୧୧।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ନବମ ମଧୁସାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ବାଲିଆର ଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ସାନ୍ତାଳୀ ଓ ରାଜସ୍ଥାନୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲ। ଏହି ଉପଲକ୍ଷେ ମହୋତ୍ସବ କମିଟିର ସଭାପତି ଡକ୍ଟର ବିଶ୍ୱପ୍ରକାଶ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ରାଜସ୍ୱ ପର୍ସଦ କମିଶନର ଡକ୍ଟର ଅଲେଖ ଚନ୍ଦ୍ର ପଢ଼ିହାରୀ, ମୁଖ୍ୟବକ୍ତା ଭାବେ ଉତ୍କଳ ସଙ୍ଗୀତ ନାଟକ ଏକାଡେମୀର ସୁପରିଟେଂଣ୍ଡେଂଟ ଭାଗ୍ୟଲିପି ମଲ୍ଲ, ସମ୍ମାନିତ ଅତିଥିଭାବେ ନୃତ୍ୟଶିଳ୍ପୀ ଜୟଶ୍ରୀ ଧଳ, ସୁଦର୍ଶନ ମହାପାତ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ନିରଞ୍ଜନ ସ୍ୱାଇଁ, ପ୍ରମୋଦ କୁମାର ସାହୁ, ପ୍ରାଣକୃଷ୍ଣ ସାମଲଙ୍କ ଉପସ୍ଥିତିରେ ଅତିଥିମାନଙ୍କ ଗହଣରେ ମୁଖ୍ୟ ଅତିଥି ଶ୍ରୀ ପଢ଼ିହାରୀ ଆଜିର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ମଦନ ମୋହନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟ୍ୟଗୁରୁ ଶରତ ଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ମହେଶ୍ୱର ମଣ୍ଡଳ ଓ ଅକ୍ଷୟ କୁମାର ମିଶ୍ରଙ୍କ ବାଦ୍ୟଯନ୍ତ୍ର ସହଯୋଗରେ ବିଣାପାଣୀ ସଦନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାଗବତପୁର ଗ୍ରାମ ପଞ୍ଚାୟତର ସମିତିସଭ୍ୟା ପ୍ରମିଳା ମିଶ୍ର ଓ କାଉପଡ଼ା ସରପଞ୍ଚ ପ୍ରତାପ କୁମାର ବେହେରାଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସମାଜସେବା ପାଇଁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କୁନିକୁନି ପିଲାମାନଙ୍କ ଦ୍ୱାରା ଶସ୍ତ୍ରୀୟ ନୃତ୍ୟ ଏକାଙ୍କିକା 'ପେଟେଂଟ ମେଡ଼ିସିନ୍' ପରିବେଶଣ କରାଯାଇଥିଲା। ଶେଷରେ ଉପସଭାପତି ଡକ୍ଟର ମୁରଲି ଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ପତି, ନାରାୟଣ ସ୍ୱାଇଁ, ବସନ୍ତ କୁମାର ଜେନା, ନଗେନ୍ଦ୍ର ରାଉତ, ପ୍ରଶାନ୍ତ ଦାସ, ଧରଣୀଧର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



### ନାଇସ୍ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ ଦଶମ ବାର୍ଷିକ ଉତ୍ସବ

## କୃଷକ ସଶକ୍ତ ହେଲେ ଶିଳ୍ପ ଅବଶ୍ୟମ୍ଭାବୀ: ଶ୍ରୀକାନ୍ତ




କେନ୍ଦ୍ରାପଡ଼ା,୧୧।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ କୁତରଙ୍ଗ ପଞ୍ଚାୟତରେ ଥିବା ଅଗ୍ରଣୀ ଶିକ୍ଷା ଅନୁଷ୍ଠା ନାଇସ୍ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଟର ଦଶମତମ ବାର୍ଷିକ ଉତ୍ସବ ପାଳନ ହୋଇଛି । ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ରଘୁନାଥ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଆଜିର ସମୟରେ କମ୍ପ୍ୟୁଟର ବିନା ଜୀବନ, ଜୀବିକା ଅସମ୍ଭବ । ସଖାଳ ଠାରୁ ସଞ୍ଜ ଓ ମାର୍କେଟ ଠାରୁ ଘରର ରୋଷଇ ଘର ପର୍ଯ୍ୟନ୍ତ ସବୁଠି କମ୍ପ୍ୟୁଟରର ବ୍ୟବହାର ହେଉଛି। ଏହି କମ୍ପ୍ୟୁଟର ଶିକ୍ଷାକୁ ଯଦି ଆମେ କୃଷି କ୍ଷେତ୍ରରେ ବିନିଯୋଗ କରିବା ଆବଶ୍ୟକ ରହିଛି । କୃଷି କ୍ଷେତ୍ରରେ କୃଷକ ସଶକ୍ତିକରଣ ହେଲେ ଶିଳ୍ପ ପ୍ରତିଷ୍ଠା ହେବ । ଯାହାକି ବିକଶିତ ଭାରତ ଗଠନ ହୋଇପାରିବ।

ଅନ୍ୟମାନଙ୍କ ମଧରେ ପୂର୍ବତନ ବିଧାୟିକା ଡକ୍ଟର ସିପ୍ରା ମଲିକ୍, ଚିନ୍ମୟ ପ୍ରସାଦ ବେହୁରା,ପୂର୍ବତନ ଜିଲାପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀ, କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡ଼ି ସଭାପତି ଶିବ ପ୍ରସାଦ ଭଳ, ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ଜେନା ସମିତି ସଭ୍ୟା ମିନତି ଦାସ ଏବଂ ପ୍ରିୟମ୍ବଦା ଦାସ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।ବୈଷୟିକ ଶିକ୍ଷା କ୍ଷେତ୍ରରେ ନାଇସ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ଭୂମିକା, ଆଭିମୁଖ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ଅନୁଷ୍ଠାନର ନିର୍ଦ୍ଦେଶକ ପରମାନନ୍ଦ ଥଟୋଇ ବକ୍ତବ୍ୟ ରଖିଥିଲେ । ସାହିତ୍ୟକ ଈଶ୍ୱର ଚନ୍ଦ୍ର ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ । ଶୈଳଜା ଶଙ୍କର ସାମଲ,ବେଣୁଧର ନାୟକ,ଅଭିମନ୍ୟୁ ମହାନ୍ତି,ସୁଧାଂଶୁ ଜେନା,ନିରଞ୍ଜନ ବଳ,ରାଜନ୍ ପ୍ରସାଦ ଥାଟୋଇ,କୃପାସିନ୍ଧୁ ସାହୁ,ନରତମ ମଲିକ,ଦିଲ୍ଲୀପ କୁମାର ସାହୁ,ରଞ୍ଜନ କୁମାର ଜେନା,କପିଳ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

## ଏନ୍‌ଟିଏସ୍ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ନିଶ୍ଚିନ୍ତକୋଇଲି,୧୧।୩ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ଖେଳପଡ଼ିଆ ଠାରେ ୧୧ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ନଗେନ୍ ଦାସ, ତରୁଣ ସିହ୍ନା ଓ ସରଣ ମହାନ୍ତି (ଏନ୍‌ଟିଏସ୍) ମେମୋରିଆଲ କ୍ରୀକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୩୨ ଗୋଟି ଟିମ୍ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଫାଇନାଲ ମ୍ୟାଚ୍ ନତକାଇ ଓ ନିଶ୍ଚିନ୍ତକୋଇଲି କ୍ରୀକେଟ୍ ଟିମ୍ ମଧରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୨ ଓଭର ଖେଳରେ ନତକାଇ କ୍ରୀକେଟ୍ ଟିମ୍ ୯ ଓଭରରେ ୧୩୪ ରନ୍ ସଂଗ୍ରହ କରିଥିବା ବେଳେ ନିଶ୍ଚିନ୍ତକୋଇଲି କ୍ରୀକେଟ୍ ଟିମ୍ ଏହାର ଜବାବ୍ ରେ ମାତ୍ର ୫ ଓଭରରେ ୧୩୫ ରନ୍ ସଂଗ୍ରହ କରି ଚମ୍ପିୟନ୍ ଟ୍ରଫି ହାସଲ କରିଥିଲା। ସେହିପରି ଦ୍ୱିତୀୟ ଫାଇନାଲ ମ୍ୟାଚ୍ ଗୋତରା ଓ ମଧୁଶାସନ କ୍ରୀକେଟ୍ ଟିମ୍ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋତରା ଟିମ୍ ନିର୍ଦ୍ଧାରିତ ୧୦ ଓଭର ରେ ୮ ଉଇକେଟ୍ ବିନିମୟରେ ୧୨୭ ରନ୍ ସଂଗ୍ରହ କରିଥିବା ବେଳେ ମଧୁଶାସନ ଟିମ୍ ମାତ୍ର ୭ ଓଭର ରେ ୪ ଉଇକେଟ୍ ବିନିମୟରେ ୧୨୯ ରନ୍ ସଂଗ୍ରହ କରି ଉଇନର ଟ୍ରଫି ହାସଲ କରିଥିଲା। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଅସୁରେଶ୍ୱର ସରପଞ୍ଚ ଗୌତମୀ ଦାସ, ଜିଲ୍ଲାପରିଷଦ ସଭ୍ୟା ଜସ୍ମୀତା ସେଠୀ, ଅନନ୍ତ କୁମାର ଦାସ, କଇମ୍ ଖାଁ, ହରେକୃଷ୍ଣ ସେଠୀ, ଗୋଲଖ ଚନ୍ଦ୍ର ମଲ୍ଲୀକ, ରାମଚନ୍ଦ୍ର ଖୁଣ୍ଟିଆ, ସଞ୍ଜନ କୁମାର ନାୟକ, ଅଚ୍ୟୁତାନନ୍ଦ ସାହୁ, ଜିତେନ୍ ସାହା ଓ ବିବି କନଷ୍ଟ୍ରକ୍‌ସନ୍ ମାଲିକ ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ଯୋଗଦାନ କରି ଉଭୟ ଉଇନର ଓ ରନର୍ସ ଅପ୍ ଟିମ୍ କୁ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପେୟାର ଭାବେ ରତିକାନ୍ତ ବୋସ୍, ପ୍ରମୋଦ ପଲେଇ ଓ କାଦିର ଖାଁ ଖେଳ ପରିଚାଳନା କରିଥିବା ବେଳେ ଦିବ୍ୟରଞ୍ଜନ ସିଂ ଓ ତପନ ବାରିକ ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ପରିଚାଳନା କରିଥିଲେ।



ସଂଚାର SANCHAR ଗୁରୁବାର ୧୨ ମାର୍ଚ୍ଚ ୨୦୨୬

# ସ୍ୱାସ୍ଥ୍ୟ

# ଲିଭର୍ ଓ ଫାଇବ୍ରୋସ୍କାନ୍




ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କୁହାଯାଉଥିବା ଫାଇବ୍ରୋସ୍କାନ୍ ସମ୍ପର୍କରେ ଅନେକ ଜାଣି ନଥାନ୍ତି। ଲିଭର୍‌ର ସ୍ଥିତି, ଏହାର ନିରାପତ୍ତା, ଏହାର କୌଣସି କ୍ଷତି ହୋଇଛି କି ନାହିଁ, ଏସବୁ ଜାଣିବା ପାଇଁ ଫାଇବ୍ରୋସ୍କାନ୍ ପରୀକ୍ଷା କରାଯାଇଥାଏ। ଆଜିକାଲି ଅନେକ ଲୋକ ଏହାକୁ ଅଣଦେଖା କରିବାରୁ ପ୍ରାଥମିକ ଭାବେ ଲିଭର୍ ଖରାପ ହେଉଛି। ପରବର୍ତ୍ତୀ ସମୟରେ ଲିଭର୍ ସିରୋସିସ୍ ଏବଂ ସ୍ଥଳବିଶେଷରେ ଲିଭର୍ ନଷ୍ଟ ମଧ୍ୟ ହୋଇଯାଉଛି। ସେତେବେଳକୁ ଜଣକ ପାଖରେ ଆଉ କୌଣସି ସାଧନ ମଧ୍ୟ ନଥାଏ। ଲିଭର୍ ବା ଯକୃତ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଲିଭର୍ ଆମ ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ୍ ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ୍ ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ପ୍ରୋଥ୍ରୋମ୍ବିନ୍ ଓ ଫିବ୍ରିନୋଜେନ୍ ଭଳି ଯେଉଁସବୁ ଉପାଦାନର ଆବଶ୍ୟକତା ରହିଛି, ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜ୍‌ର ପରିମାଣ ଅଧିକ ହେଲେ ଯକୃତଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜ୍ ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜ୍‌ରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ। ଯକୃତ ବା କଳିଜାରେ ତନ୍ତୁ ଜମିଗଲେ ବା ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ, ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇଦିଏ।

ଅତ୍ୟଧିକ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭର୍‌ରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରି ଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭର୍‌ରୁ ଜୀବନ୍ତ ତନ୍ତୁ ନେଇ ପରୀକ୍ଷା କରାଯାଏ। ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ। କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟ ପାଆନ୍ତି। ତେଣୁ ଏହାକୁ ଫାଇବ୍ରୋସ୍କାନ୍ ଦ୍ୱାରା ପରୀକ୍ଷା କରାଯାଇଥାଏ। ଏହା ଏକ ଅତ୍ୟଧିକ ସ୍ୱୟଂଚାଳିତ ଯନ୍ତ୍ର। ଅଲ୍ଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ, ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଟିପିଲେ କଳିଜାର କଠିନତା ମାପିହୁଏ। ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ। ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ। ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରି। ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ। ଯେଉଁମାନଙ୍କର ହୃତ୍ପିଣ୍ଡରେ ପେସ୍‌ମେକର୍ ବା ଗତିଚାଳକ ଲାଗିଛି ବା ଗର୍ଭବତୀମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ। ଓଡ଼ିଶାରେ ଏ ପର୍ଯ୍ୟନ୍ତ କୌଣସି ସରକାରୀ ଡାକ୍ତରଖାନାରେ ଏହି ବ୍ୟୟବହୁଳ ପରୀକ୍ଷାର ବ୍ୟବସ୍ଥା ନାହିଁ। କେବଳ କିଛି ଘରୋଇ ଡାକ୍ତରଖାନାରେ ଏହାର ପରୀକ୍ଷା ବ୍ୟବସ୍ଥା ରହିଛି।

# ପ୍ରତିଦିନ ଖାଆନ୍ତୁ ମଖାନା ଓ କ୍ଷୀର

ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ। ସୁସ୍ଥ ଶରୀର ଗଠନ ପାଇଁ ଅନେକ ଲୋକ ବହୁତ କିଛି ପଦକ୍ଷେପ ନେଇଥାନ୍ତି। କିଏ ଖାଦ୍ୟକୁ ନେଇ ସଚେତନ ଥାଆନ୍ତି ତ ଆଉ ପୁଣି କିଏ ବ୍ୟାୟାମ କରନ୍ତି ଏବଂ ଜିମରେ ଜଏନ୍ କରିଥାନ୍ତି। ସୁସ୍ଥ ଶରୀର ପାଇଁ ଉପଯୁକ୍ତ ଏବଂ ଉତ୍ତମ ଖାଦ୍ୟର ଆବଶ୍ୟକତା ରହିଛି। ସେହିସବୁ ମଧ୍ୟରୁ ମଖାନା ହେଉଛି ଅନ୍ୟତମ। ମଖାନାରେ ମିଳୁଥିବା ସମସ୍ତ ପୁଷ୍ଟିକର ଉପାଦାନ ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ଅନେକ ସକରାତ୍ମକ ପ୍ରଭାବ ପକାଇଥାଏ। ଯଦି ଆପଣ ପ୍ରତିଦିନ ଏକ କପ୍ ମଖାନା ଖାଇବା ଆରମ୍ଭ କରନ୍ତି, ତେବେ ଆପଣଙ୍କ ସ୍ୱାସ୍ଥ୍ୟ ଅନେକ ଲାଭ ପାଇପାରିବ। ସ୍ୱାସ୍ଥ୍ୟ



ବିଶେଷଜ୍ଞଙ୍କ ଅନୁଯାୟୀ, ଶାରୀରିକ ଦୁର୍ବଳତାକୁ ଦୂର କରିବାରେ ମଖାନା ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ। କ୍ଷୀର ମଧ୍ୟ ଆମ ଶରୀର ପାଇଁ ଖୁବ୍ ଉପଯୋଗୀ ବୋଲି ଆମେ ଜାଣିଛେ। ଯେମିତି ମଖାନାରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫାଇବର, ପୋଟାସିୟମ୍, ଆଇରନ୍ ଏବଂ ଜିଙ୍କର ଏକ ଭଲ ଉତ୍ସ ଥାଏ ଠିକ୍ ସେହିପରି କ୍ଷୀରରେ ମଧ୍ୟ କ୍ୟାଲସିୟମ ଏବଂ ମିନେରାଲ୍ସ ଭଳି ଗୁଣ ରହିଥାଏ, ଯାହା ଶରୀରକୁ ଅନେକ ଲାଭ ଦେଇଥାଏ। କିନ୍ତୁ ଆପଣ କ'ଣ ଜାଣିଛନ୍ତି କି, ମଖାନା ସହିତ କ୍ଷୀର ଖାଇବା ଦ୍ୱାରା କେଉଁ ସବୁ ଲାଭ ମିଳିଥାଏ। ତେବେ ଆସନ୍ତୁ ସେ ସମ୍ପର୍କରେ ଜାଣିବା। ମଖାନା ଶରୀର ପାଇଁ କୌଣସି ବରଦାନ ଠାରୁ କମ୍ ନୁହେଁ। ଏଥିରେ ସୋଡିୟମ୍, କ୍ୟାଲୋରୀ ଏବଂ ଫ୍ୟାଟ ମାତ୍ରା କମ୍ ରହିଥାଏ। ମଖାନାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ପ୍ରୋଟିନ୍ ଭଳି ଗୁଣ ପ୍ରଚୁର ମାତ୍ରାରେ ରହିଥାଏ। କ୍ଷୀରରେ ମଖାନା ଫୁଟାଇ ଖାଇବା ଦ୍ୱାରା ଶରୀରରେ ଏନିମିୟାର ଅଭାବକୁ ଦୂର କରାଯାଇପାରେ। ଯେଉଁମାନଙ୍କ ଶରୀରରେ ରକ୍ତର ଅଭାବ ରହିଛି ସେମାନଙ୍କ ପାଇଁ ଏହା ଖୁବ୍ ଫଳପ୍ରଦ ହୋଇଥାଏ। କେବଳ ଏତିକି ନୁହେଁ ମଖାନା ଓ କ୍ଷୀର ସେବନ କରିବା ଦ୍ୱାରା ଏନର୍ଜିକୁ ମଧ୍ୟ ବୁଷ୍ଟ କରାଯାଇପାରିବ। ତାହେଲେ ଆସନ୍ତୁ ଜାଣିବା କ୍ଷୀର ଓ ମଖାନା ଫୁଟାଇ ଖାଇବା ଦ୍ୱାରା ଶରୀରକୁ କଣ କଣ ସବୁ ଫାଇଦା ମିଳିଥାଏ।

**ହାର୍ଟ:** କ୍ଷୀର ଓ ମଖାନା ଫୁଟାଇ ଖାଇବା ଦ୍ୱାରା ହାର୍ଟ ହେଲ୍ଦି ରହିଥାଏ। ମଖାନାରେ ଆଲ୍କାଲାଇଡ ନାମକ ତତ୍ତ୍ୱ ରହିଥାଏ। ଏଥିରେ କିଛି ଖାସ୍ ପୋଷକ ତତ୍ତ୍ୱ ମିଳିଥାଏ ଯାହା ହୃଦ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ। ଏଥିସହିତ ଅଧିକ ଚିନ୍ତାରେ ରହୁଥିଲେ ମଖାନା ସେବନ କରିବା ଉଚିତ୍। ରାତିରେ ଶୋଇବା ପୂର୍ବରୁ କ୍ଷୀର ଓ ମଖାନା ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ଯାହା ଦ୍ୱାରା ଅଧିକ ଚିନ୍ତାକୁ ଦୂର କରାଯାଇପାରିବ।

**ଗ୍ୟାସ୍ ସମସ୍ୟା:** ମଖାନାରେ ବହୁତ ମାତ୍ରାରେ ଫାଇବର ଗୁଣ ମିଳିଥାଏ। ଏଥିରେ କେବଳ ଫାଇବର ନୁହେଁ ବରଂ କ୍ୟାଲସିୟମ୍‌ର ତତ୍ତ୍ୱ ମଧ୍ୟ ମିଳିଥାଏ। ଯାହା ପେଟ ଗ୍ୟାସ୍ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ।

**ଆଣ୍ଠୁ ଗଣ୍ଠି:** କ୍ଷୀର ଓ ମଖାନାରୁ ପ୍ରଚୁର ମାତ୍ରାର କ୍ୟାଲସିୟମ୍ ମିଳିଥାଏ। ଏହି ଦୁଇଟିକୁ ମିଶାଇ ଖାଇବା ଦ୍ୱାରା ଦୁର୍ବଳ ହୋଇଯାଇଥିବା ଆଣ୍ଠୁ ଗଣ୍ଠିକୁ ମଜବୁତ କରିଥାଏ। ତେଣୁ ଆପଣଙ୍କ ଖାଇବା ଲିଷ୍ଟରେ ମଖାନା ଏବଂ କ୍ଷୀରକୁ ସାମିଲ କରିପାରିବେ।

**ଏନର୍ଜି:** ଯଦି ଆପଣ ଦୁର୍ବଳତା ଏବଂ ଏନର୍ଜିର ଅଭାବ ଅନୁଭବ କରୁଛନ୍ତି, ତେବେ କ୍ଷୀର ଓ ମଖାନା ଖାଇ ପାରିବେ। ମଖାନା ଓ କ୍ଷୀରରେ ପ୍ରୋଟିନ୍ ଏବଂ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଥାଏ। ଯାହା ଶରୀରକୁ ଶକ୍ତି ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

# ସ୍ୱାସ୍ଥ୍ୟ ପାଇଁ ବିପଦଜନକ ହୋଇପାରେ କଖାରୁ



ବର୍ତ୍ତମାନ ସମୟରେ ପନିପରିବାକୁ ଲୋକମାନେ ବହୁତ୍ ପସନ୍ଦ କରୁଛନ୍ତି। କାରଣ ଏଥିରେ ଅନେକ ଭିଟାଭିନ୍ ରହିଛି, ଯାହା କି ମାଛ କିମ୍ବା ମାଂସରେ ନଥାଏ। ଏପରିକି ଲୋକମାନେ ଡାଏଟରେ ବହୁତ କିଛି କଞ୍ଚା ପରିବାକୁ ମଧ୍ୟ ସାମିଲ କରିଥାନ୍ତି। ପନିପରିବା ସ୍ୱାସ୍ଥ୍ୟା ପାଇଁ ବହୁ ଉପଯୋଗୀ ହୋଇଥାଏ। କଖାରୁରେ ଭିଟାମିନ୍ 'ଏ' ଭରପୂର ମାତ୍ରାରେ ଥାଏ। ଏହା ହେଲଦି ସ୍କିନ୍, ହାଡ ଓ ଦାନ୍ତକୁ ବଜାୟ ରଖିବାରେ ମଧ୍ୟ ସାହାଯ୍ୟ କରେ। ଏହା ବ୍ୟତୀତ ଏଥିରେ ଫାଇବର ଭରପୂର ମାତ୍ରାରେ ଥାଏ, ଯାହା ଅନେକ ରୋଗରୁ ରକ୍ଷାକରିଥାଏ। ଏହା ପେଟର ମେଟାବୋଲିକ୍ ହାରକୁ ବଢାଇଥାଏ ଏବଂ ହଜମ ପ୍ରକ୍ରିୟାକୁ ଭଲ କରିଥାଏ। କଖାରୁରେ ଆଣ୍ଟିଅକ୍ସିଡାଣ୍ଟ ଅଛି ଯେପରିକି ଆଲଫା-କ୍ୟାରେଟିନ୍, ବିଟା-କ୍ୟାରେଟିନ୍ ଏବଂ ବିଟା-କ୍ରିପ୍ଟୋକ୍ସାଣ୍ଟିନ୍ ରହିଥାଏ। ଏହି ଆଣ୍ଟିଅକ୍ସିଡାଣ୍ଟଗୁଡିକ ଆପଣଙ୍କ କୋଷଗୁଡ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ। କିନ୍ତୁ ସବୁ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କଖାରୁ ଖାଇବା ଠିକ୍ ହୋଇନଥାଏ। ଏହା ଆପଣଙ୍କୁ ଅନେକ ସମସ୍ୟାରୁ ରକ୍ଷା କରିପାରେ। କିନ୍ତୁ, ସବୁ ପରିସ୍ଥିତିରେ କଖାରୁ ଖାଇବା ଲାଭଦାୟକ ନୁହେଁ। ତାହେଲେ ଆସନ୍ତୁ ଜାଣିବା ଯେଉଁ ଲୋକମାନେ କଖାରୁ ଖାଇବା ଠାରୁ ଦୂରେଇ ରହିବା ଉଚିତ। କଖାରୁ ଖାଇବା ଦ୍ୱାରା ପାକସ୍ଥଳୀରେ ଇନ୍‌ଫେକ୍ସନ୍ ହୋଇପାରେ। ଏହି କାରଣରୁ ଆପଣଙ୍କୁ ଫୁଡ୍ ଆଲର୍ଜି ହୋଇପାରେ। ଏହା ବ୍ୟତୀତ କଖାରୁ ଖାଇବା ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ, ଯାହାକି ପେଟ ସମସ୍ୟାକୁ ଆହୁରି ବଢାଇପାରେ।

କିଛି ଲୋକଙ୍କୁ କଖାରୁ ଖାଇବା ଦ୍ୱାରା ଫୁଡ୍ ପଏଜନିଂ ଏବଂ ଅନ୍ୟାନ୍ୟ ରୋଗ ଇନ୍‌ଫେକ୍ସନ୍ ହୋଇପାରେ, ଯାହା ବିଭିନ୍ନ ରୋଗ ସୃଷ୍ଟି କରିପାରେ। ଯାହା ଫଳରେ ଏହା ଫୁଡ୍ ପଏଜନିଂ କରାଇପାରେ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ତେବେ ଏହାକୁ ଖାଇବା ପରେ ବାନ୍ତି ଏବଂ ଅନ୍ୟାନ୍ୟ ପ୍ରକାରର ସମସ୍ୟା ଦେଖାଦେଇପାରେ ଏବଂ ଏହା ଶରୀରକୁ ଗୁରୁତର ଭାବରେ ପ୍ରଭାବିତ କରିଥାଏ।

ଗର୍ଭବତୀ ମହିଳାମାନେ କଖାରୁ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଏହା ସହ କୌଣସି ଖାଦ୍ୟ ପଦାର୍ଥ ଖାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍। ନଚେତ ଆଗକୁ ଯାଇ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଏହା ବ୍ୟତୀତ କଖାରୁରେ ଥିବା ପୋଷକ ତତ୍ତ୍ୱ ଶରୀରରୁ ଶୀଘ୍ର ଜଳ କମ୍ କରିଥାଏ, ଅର୍ଥାତ୍ ଏହା ଆପଣଙ୍କୁ ଡିହାଇଡ୍ରେଟ୍ କରିପାରେ। ତେଣୁ ଯେଉଁ ଲୋକମାନେ ପ୍ରତିଦିନ କିଛି ନା କିଛି ଔଷଧ ଖାଉଛନ୍ତି, ସେମାନେ କଖାରୁ ଖାଇବା ଠାରୁ ଦୂରେଇ ରହିବା ଉଚିତ।

କଖାରୁ ମଞ୍ଜିରେ ବିଟା କ୍ୟାରେଟିନ୍ ଏବଂ ମ୍ୟାଗ୍ନେସିୟମ୍ ଥାଏ ଯାହା ବ୍ଲଡ ସୁଗାର ଲେବଲକୁ କମ୍ କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ଯଦି ଆପଣଙ୍କର ହାଇ ବ୍ଲଡ ପ୍ରେସର ସମସ୍ୟା ଅଛି, ତାହେଲେ ଆପଣ ଖାଦ୍ୟରେ କଖାରୁ ଅନ୍ତର୍ଭୁକ୍ତ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ତେବେ ଏହି ସବୁ ପରିସ୍ଥିତିରେ କଖାରୁ ଖାଇବା ଠାରୁ ଦୂରେଇ ରୁହନ୍ତୁ। ନଚେତ ଆଗକୁ ଯାଇ ଆପଣ ବହୁତ ବଡ ସମସ୍ୟାର ସାମ୍ନା କରିପାରନ୍ତି।



# ଖରାଦିନେ ଥଣ୍ଡା ରୁହନ୍ତୁ

ତାପମାତ୍ରା ବଢ଼ିବା ସାଙ୍ଗକୁ ଲଗାତାର ଗ୍ରୀଷ୍ମପ୍ରବାହ ବେଳେ ଥଣ୍ଡା ରହିବା କେବଳ ଆରାମ ନୁହେଁ, ବରଂ ଏହା ନିଜର ସୁରକ୍ଷା। କାରଣ ଅତ୍ୟଧିକ ଖରା ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ଆଣିପାରେ। ଏଥିପାଇଁ କେଉଁସବୁ ଦିଗ ଉପରେ ନଜର ଦେଲେ ନିଜକୁ ଥଣ୍ଡା ରଖିହେବ, ଆସନ୍ତୁ ନଜର ପକାଇବା।

**ନିଜକୁ ସୂର୍ଯ୍ୟ ଉପଯୋଗୀ କରନ୍ତୁ:** ଅତ୍ୟଧିକ ଖରାବେଳେ ଘରୁ ବାହାରକୁ ନ ବାହାରିବା ପାଇଁ ଚେଷ୍ଟା କରନ୍ତୁ। ବାହାରକୁ ଗଲେ ସନସ୍କ୍ରିନ୍ ଲୋସନ୍ ବ୍ୟବହାର କରନ୍ତୁ। ମୁଣ୍ଡରେ ଟୋପି ପିନ୍ଧନ୍ତୁ। ଛାଇ ଜାଗାରେ କିଛି କିଛି ସମୟ କାଟନ୍ତୁ। ହାଲୁକା ରଙ୍ଗର ଢିଲା ପୋଷାକ ପିନ୍ଧିବାକୁ ଭୁଲନ୍ତୁ ନାହିଁ। ତ୍ୱଚାକୁ ଓଦା ରଖନ୍ତୁ: ଗାମୁଛା ବା ତଉଲିଆକୁ ଓଦାକରି ସେଥିରେ ଆପଣ ପୋଛାପୋଛି ହୋଇପାରିବେ। ଗାଧୋଇବା ସମୟରେ ଶୀତଳ ପାଣି ବ୍ୟବହାର କରନ୍ତୁ, ତେବେ ଅତି ଥଣ୍ଡାପାଣି ନୁହେଁ। ଥଣ୍ଡା ପାଣିରେ ଆପଣଙ୍କ ଦୁଇ ହାତ ଓ ଗୋଡ଼କୁ ବୁଡ଼ାଇ କିଛି ସମୟ ରଖନ୍ତୁ।

**ପ୍ରଚୁର ପାଣି ପିଅନ୍ତୁ:** ତାପମାତ୍ରା ଅଧିକ ଥିଲେ ଆପଣ ପ୍ରଚୁର ପାଣି ପିଅନ୍ତୁ। ସମ୍ଭବ ହେଲେ ବିଭିନ୍ନ ସ୍ପୋର୍ଟସ୍ ଡ୍ରିଙ୍କସ୍ ପିଇପାରିବେ। ଏହି ସମୟରେ ଚା' ବା କଫିରୁ ବିରତ ରହନ୍ତୁ। ଡିହାଇଡ୍ରେସନ୍‌ରୁ ମୁକୁଳିବାକୁ ବାରମ୍ବାର ଓ ଅଧିକ ପାଣି ପିଅନ୍ତୁ।

**ମଦ୍ୟପାନରୁ ବିରତ ରୁହନ୍ତୁ:** ଅତ୍ୟଧିକ ମଦ୍ୟପାନ ବିପଜ୍ଜନକ ହୋଇପାରେ। ଆପଣଙ୍କୁ ଡିହାଇଡ୍ରେସନ୍‌ର ଶିକାର କରିପାରେ। ସେହିପରି ନିଦକୁ ପ୍ରଭାବିତ କରେ।

**ସନ୍ତୁଳିତ ଖାଦ୍ୟ ବାଛନ୍ତୁ:** ଖରାଦିନେ ସବୁବେଳେ ସନ୍ତୁଳିତ ଖାଦ୍ୟ ହିଁ ବାଛନ୍ତୁ। ନିୟମିତ ଓ ସନ୍ତୁଳିତ ଖାଦ୍ୟ ହିଁ ଭଲ। କାକୁଡ଼ି, ତରଭୁଜ ଓ ଷ୍ଟ୍ରବେରି ଖାଇବା ଉପଯୋଗୀ ହୋଇଥାଏ।

**ଥଣ୍ଡା ସମୟରେ ଶାରୀରିକ କାର୍ଯ୍ୟକଳାପ କରନ୍ତୁ:** ଖରାରେ ବ୍ୟାୟାମ କରିବା ବିପଜ୍ଜନକ। ଏହା ଫଳରେ ଡିହାଇଡ୍ରେସନ୍ ଓ ସନ୍‌ଷ୍ଟ୍ରୋକ୍‌ର ଭୟ ରହିଛି। ବ୍ୟାୟାମ ପାଇଁ ଉଚିତ ସମୟ ସ୍ଥିର କରନ୍ତୁ। ସେହିପରି ବ୍ୟାୟାମର କିଛି ସମୟ ପରେ ପ୍ରଚୁର ପାଣି ପିଅନ୍ତୁ ଓ ଥଣ୍ଡ ପାଣିରେ ଗାାଧୋଇପଡ଼ନ୍ତୁ। ଏହା ଆପଣଙ୍କ ଶରୀରକୁ ଶୀତଳ ରଖିବ।

# କ୍ରୋଧ ହୋଇପାରେ ହୃଦ୍‌ଘାତର କାରଣ



ଯଦି ଆପଣ ଛୋଟ ଛୋଟ କଥାରେ ରାଗି ଯାଉଛନ୍ତି, ତେବେ ଆପଣଙ୍କୁ ସତର୍କ ରହିବାକୁ ପଡ଼ିବ। ଏକ ଅଧ୍ୟୟନରୁ କ୍ରୋଧ ଓ ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟ ମଧ୍ୟରେ ସମ୍ପର୍କ ଉପରେ ଏକ ନୂଆ ତଥ୍ୟ ମିଳିଛି। ଗବେଷଣାରୁ ଜଣାପଡ଼ିଛି ଯେ, ମାତ୍ର ଆଠ ମିନିଟ୍ ଅତ୍ୟଧିକ କ୍ରୋଧ ଶରୀରର ରକ୍ତବାହୀ ନଳୀକୁ ପ୍ରଭାବିତ କରିପାରେ। ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ଖୁବ କମ୍ ସମୟର କ୍ରୋଧ ପରେ ରକ୍ତବାହୀ ନଳୀଗୁଡ଼ିକର ବିସ୍ତାର କ୍ଷମତା ପ୍ରାୟ ଅଧା ହ୍ରାସ ପାଇବା ସହ ଏହି ପ୍ରଭାବ ପ୍ରାୟ ୪୦ ମିନିଟ୍ ପର୍ଯ୍ୟନ୍ତ ରହିଥାଏ। ଏହାର ଅର୍ଥ, କ୍ରୋଧ କେବଳ ଏକ ଭାବପ୍ରବଣ ପ୍ରତିକ୍ରିୟା ନୁହେଁ, ବରଂ ହୃଦୟ ପାଇଁ ବିପଦ ମଧ୍ୟ ସୃଷ୍ଟି କରିପାରେ। ଆମେରିକାର କେତେକ ଅନୁଷ୍ଠାନର ଗବେଷକମାନେ ୨୮୦ ଜଣ ସୁସ୍ଥ ବୟସ୍କଙ୍କ ଉପରେ ଏହି ଅଧ୍ୟୟନ କରିଥିଲେ। ଏଥିରେ ଅଂଶଗ୍ରହଣକାରୀଙ୍କୁ ଚାରିଟି ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା। କିଛି ଲୋକଙ୍କୁ ଏପରି ଏକ ଘଟଣା ମନେ ପକାଇବାକୁ ଆଠ ମିନିଟ୍ ସମୟ ଦେବାକୁ କୁହାଯାଇଥିଲା, ଯାହା ସେମାନଙ୍କୁ ରାଗୀ, ଦୁଃଖିତ କିମ୍ବା ଚିନ୍ତିତ କରିଥିଲା। ଅନ୍ୟ ଏକ ଗୋଷ୍ଠୀକୁ ନିରପେକ୍ଷ ରହିବା ଓ କେବଳ ଗଣନା କରିବାକୁ କୁହାଯାଇଥିଲା। ପରେ ବୈଜ୍ଞାନିକମାନେ ସେମାନଙ୍କ ରକ୍ତବାହୀ ନଳୀଗୁଡ଼ିକର ପରୀକ୍ଷା କରିଥିଲେ। ଏହାର ଫଳାଫଳ ଆଶ୍ଚର୍ଯ୍ୟଜନକ ଥିଲା। ଯେଉଁମାନେ କ୍ରୋଧିତ ହେଲାଭଳି ଘଟଣା ମନେ ପକାଇଥିଲେ, ସେମାନଙ୍କ ରକ୍ତବାହୀ ନଳୀଗୁଡ଼ିକର ପ୍ରସାରଣ କ୍ଷମତାରେ ହ୍ରାସ ଦେଖାଯାଇଥିଲା। ଦୁଃଖ କିମ୍ବା ଚିନ୍ତା ଅନୁଭବ କରୁଥିବା ଗୋଷ୍ଠୀରେ ଏହି ପ୍ରଭାବ ପରିଲକ୍ଷିତ ହୋଇ ନଥିଲା। ଏଥିରୁ ଜଣାପଡୁଛି ଯେ, ଅନ୍ୟ ନକାରାତ୍ମକ ଭାବନା ଅପେକ୍ଷା କ୍ରୋଧ ହିଁ ଭିନ୍ନ ଓ ଅଧିକ ଶକ୍ତିଶାଳୀ ଭାବେ ଆମ ହୃଦୟ ଉପରେ ଚାପ ପକାଇଥାଏ। ଯେତେବେଳେ ଆମେ କ୍ରୋଧିତ ହେଉ, ଶରୀରରେ କର୍ଟିସୋଲ୍ ଓ ଆଡ୍ରେନାଲିନ୍ ଭଳି ଚାପ ହରମୋନ୍ ଦ୍ରୁତ ବୃଦ୍ଧିପାଏ। ଏହି ହରମୋନ୍ ଧମନୀଗୁଡ଼ିକର ଭିତର ଆବରଣକୁ ସଙ୍କୁଚିତ କରିଥାଏ, ଯାହା ରକ୍ତ ପ୍ରବାହକୁ ପ୍ରଭାବିତ କରିବା ସହ ରକ୍ତଚାପ ବୃଦ୍ଧି କରିଥାଏ। ଏହା ଦୀର୍ଘକାଳ ପାଇଁ ରହିଲେ ହୃଦ୍‌ଘାତ କିମ୍ବା ଷ୍ଟ୍ରୋକ୍‌ର ଆଶଙ୍କା ବଢ଼ାଇଥାଏ। ସେଥିପାଇଁ ବିଶେଷଜ୍ଞମାନେ କହନ୍ତି ଯେ କ୍ରୋଧକୁ ହାଲୁକା ଭାବେ ନେବା ଭଲ ନୁହେଁ। ଯଦି ଜଣେ ବ୍ୟକ୍ତି ପ୍ରାୟତଃ ଚିଡ଼ିଚିଡ଼ା ହୁଅନ୍ତି କିମ୍ବା ଛୋଟ ଛୋଟ କଥାରେ କ୍ରୋଧିତ ହୁଅନ୍ତି, ତେବେ ତାଙ୍କୁ ଚାପ ପରିଚାଳନା କୌଶଳ ଶିଖିବା ଉଚିତ। ଗଭୀର ନିଃଶ୍ୱାସ ପ୍ରଶ୍ୱାସ, ନିୟମିତ ବ୍ୟାୟାମ, ଯୋଗ କିମ୍ବା ଧ୍ୟାନ ପରି କୌଶଳ ହୃତ୍‌ପିଣ୍ଡକୁ ସୁରକ୍ଷା ଦେବାରେ ସାହାଯ୍ୟ କରିପାରେ।

## ଭିନ୍ନକ୍ଷମ ଚୁନୁ ପ୍ରଧାନଙ୍କୁ ମିଳୁନି ଭତ୍ତା ଓ ପ୍ରମାଣପତ୍ର



**କନ୍ଧମାଳ,୧୧।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଘୁ ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ପଞ୍ଚାୟତ ବାଉଡିନାଜୁ ଗାଁର ଭିନ୍ନକ୍ଷମ ଚୁନୁ ପ୍ରଧାନ ଦୀର୍ଘ ଦଶ ବର୍ଷ ଧରି ଭିନ୍ନକ୍ଷମ ହୋଇଛନ୍ତି। ହେଲେ ଭିନ୍ନକ୍ଷମ ପ୍ରମାଣ ମଧ୍ୟ ମିଳୁନି ଓ ଭତ୍ତା ମଧ୍ୟ ଆଜି ପର୍ଯ୍ୟନ୍ତ ମିଳି ପାରୁନାହିଁ।କନ୍ଧମାଳ ଜିଲ୍ଲା ଘୁ ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ପଞ୍ଚାୟତ ବାଉଡିନାଜୁ ଗାଁର ଚୁନୁ ପ୍ରଧାନ ଭିନ୍ନକ୍ଷମ ପ୍ରମାଣ ପତ୍ର ଓ ଭତ୍ତା ପାଇବାରେ ବଞ୍ଚିତ ଅଛନ୍ତି ସମ୍ପୃକ୍ତ ଅଧିକାରୀଙ୍କୁ ଅନେକ ଥର ଗୁହାରି କରିଥିଲେ ମଧ୍ୟ ତାଙ୍କ କଥାକୁ ପ୍ରଶାସନ କୌଣସି ଗୁରୁତ୍ୱ ଦେଉନଥିବା ମଗଡ଼ିଙ୍ଗିଆ ଗ୍ରାମର ନିରାକାର ପ୍ରଧାନ ଓ ସନ୍ତୋଷ ପ୍ରଧାନ ଅଭିଯୋଗ କରିଛନ୍ତି ଚୁନୁ ପ୍ରଧାନ କହିବା ଅନୁଯାୟୀ ସରକାରଙ୍କ ଇନ୍ଦିରାଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଦେବା ପାଇଁ ଘର ପରିବାର ଲୋକ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ଓ ଟଙ୍କା ଲୁଟ



**ମୟୂରଭଞ୍ଜ,୧୧।୩(ସଂଚାର ବ୍ୟୁରୋ):** ମନ୍ଦିରରେ ଦୁର୍ବୃତ୍ତ ବୁଲାଇଲେ କଳାକନା। ଲୁଟିନେଲେ ଠାକୁରଙ୍କ ଅଳଙ୍କାର ଏବଂ ନଗଦ ଟଙ୍କା। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଏନଏସି ୨ ନମ୍ବର ୱାର୍ଡରେ ଥିବା ହରି ହରେଶ୍ୱର ମନ୍ଦିରରେ ଗତକାଲି ବିଳମ୍ବିତ ରାତିରେ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଲୁଟେରାମାନେ ମନ୍ଦିର ପଛ ପାଖ ଗେଟ ଦେଇ ମନ୍ଦିର ଭିତରକୁ ପଶିଥିଲେ। ଠାକୁରଙ୍କ ରୂପା ମୁକୁଟ ସହ ଅଳଙ୍କାର, ବଇଁଶୀ ଏବଂ ତମ୍ବା ଥାଳି ଓ ଅନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି । ଆଜି ମନ୍ଦିର ପୂଜକ ମନ୍ଦିରରେ ପହଂଚିବା ପରେ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ । ଲୁଟେରାମାନେ ମନ୍ଦିରରେ ଥିବା ୩ ହଜାର ଦାନ ଟଙ୍କା ମଧ୍ୟ ଲୁଟି ନେଇଛନ୍ତି । ଖବର ପାଇ ଉଦଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ଉଦଳା ସପ୍ତେଶ୍ୱର ମନ୍ଦିରରେ ବିଳମ୍ବିତ ରାତିରେ ପଶି ଠାକୁରଙ୍କ ସୁନା ଆଖି ତାଡିନେଲେ । ଲୁଟେରାମାନେ ମନ୍ଦିର ଗେଟ ତାଲା ଭାଙ୍ଗି ମନ୍ଦିର ଭିତରକୁ ପଶି ମା ଦୁର୍ଗାଙ୍କ ଓ ଶ୍ରୀ ଗଣେଶଙ୍କ ଆଖି, ଚିତ୍ତା ସମେତ ବିଭିନ୍ନ ପୂଜା ସାମଗ୍ରୀ ଲୁଟି ନେଇଥିଲେ । ପ୍ରାୟ ୧୫ ହଜାରରୁ ଅଧିକ ଟଙ୍କାର ସୁନା ଗହଣା ଲୁଟି ନେଇଥିବା ଜଣାପଡିଥିଲା । କମିଟି ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ଲୁଟ ହୋଇଥିବା ଜାଣି ଉଦଳା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ।

## ବହୁଭାଷୀ ଶିକ୍ଷଣ ପ୍ରକ୍ରିୟାରେ ଭୂମିଜ ସମାଜକୁ ଅବହେଳାର ପ୍ରତିବାଦ

**ବୈଶିଙ୍ଗା,୧୧।୩(ସଂଚାର ବ୍ୟୁରୋ):** ବହୁଭାଷି ଶିକ୍ଷଣ ପ୍ରକ୍ରିୟାରେ ସରକାର ଗୁରୁତ୍ୱ ନ ଦେବା କାରଣରୁ ଭୂମିଜ ସମାଜ ତରଫରୁ ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ସାଂସଦ ଶ୍ରୀଯୁକ୍ତ ନବ୍ଵ ଚରଣ ମାଝୀ ଙ୍କୁ ବହୁଭାଷୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରେ ଭୂମିଜ ଭାଷା କୁ ଉପେକ୍ଷା କରିବା ପ୍ରତିବାଦ ରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପକାଶ ଥାଉକି ଭୂମିଜ ଏକ ସ୍ୱତନ୍ତ୍ର ଜନଜାତି ଅଟେ।ଏହାର ନିଜସ୍ୱ ଲିପି "ଅଲ ଅନଲ " ଅଟେ।ଭୂମିଜ ଭାଷା ର ନିଜସ୍ୱ ଡିକ୍ସନାରି ମଧ୍ୟ ଉପଲବ୍ଧ ଅଛି।ଭୂମିଜ ଭାଷା ର ୟୁନିକୋଡ ମଧ ରହିଛି। ତଥାପି ନିକଟ ଅତୀତରେ ବହୁଭାଷୀ ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶିତ ହେଇ ୨୧ଟି ଜନଜାତି ରେ ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା। କିନ୍ତୁ ଭୂମିଜ ଭାଷାକୁ କୁ ଜାଣି ଶୁଣି ଅବହେଳିତ କରା ଯାଇଛି। ଏଥି ନିମନ୍ତେ ସମଗ୍ର ଭୂମିଜ ସମାଜରେ ଅସନ୍ତୋଷ ଦେଖାଦେଇଛି।ବିଗତ ଦିନ ରେ ଭୂମିଜ ଭାଷା ରେ ପ୍ରାଥମିକ ଶିକ୍ଷା ଗ୍ରହଣ ପାଇଁ,ଭୂମିଜ ଶିକ୍ଷକ ନିଯୁକ୍ତି ନିମନ୍ତେ ଅନେକେ ଥର ବିକ୍ଷୋଭ।ଧାରଣା ,ଆନ୍ଦୋଳନ କରାଯାଇଥିଲା। ସରକାରୀ ଅଧିକାରୀ ମଧ୍ୟ ଆଶ୍ୱାସନା ଦେଇଥିଲେ କିନ୍ତୁ କିଛି ଫଳପ୍ରଦ ହେଲା ନାହିଁ।ଏଥର ମଧ୍ୟ OSSC ର ବିଜ୍ଞାପନ ରେ ଭୂମିଜ ଭାଷା କୁ ସ୍ଥାନ ମିଳି ପାରିନାହିଁ। ଏ ଅବହେଳା ର ପ୍ରତିବାଦରେ ଆଗାମୀ ଦିନ ରେ ଭୂମିଜ ସମାଜ ରାଜ ରାସ୍ତା କୁ ଓହ୍ଲେଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦେଇଛି।ଭୂମିଜ ସମାଜ ତରଫରୁ ଭାରତୀୟ ଆଦିବାସୀ ଭୂମିଜ ସମାଜ ର ସଭାପତି ଶ୍ରୀ ଗମ୍ଭା ସିଂ, ଜିଲ୍ଲା ସଭାପତି ଶ୍ରୀ ରାଜକୁମାର ସିଂ, ଭାରତୀୟ ଆଦିବାସୀ ଭୂମିଜ ସମାଜ ର କେନ୍ଦ୍ରୀୟ କମିଟି ର ସଦସ୍ୟା ଗୀତାମଣି ସିଂ,ଓଡିଶା କମିଟି ସଦସ୍ୟା ଦେବକୀ ସିଂ, ଅଭିମନ୍ୟୁ ସି ସର୍ଦାର,ରଞ୍ଜନ କୁମାର ସିଂ, ଖଗେଶ୍ୱର ସିଂ, ମହେଶ୍ୱର ସିଂ ପ୍ରମୁଖ ଏହି ଦାବୀ କୁ ସମର୍ଥନ ଜଣାଇଛନ୍ତି ।

## ବରିଷ୍ଠ ନାଗରିକମାନଙ୍କ ପୁରୀ ଅଭିମୁଖେ ତୀର୍ଥଯାତ୍ରା

କେନ୍ଦୁଝର, ୧୧ ମାର୍ଚ୍ଚ (ହି.ସ.) - କେନ୍ଦୁଝର ଜିଲ୍ଲାରୁ ୨୨୨ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନାରେ ସାମିଲ ହୋଇ ବୁଧବାର ଦିନ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲ୍ଲା ସଦର ମହକୁମାସ୍ଥିତ ଟାଉନ ହଲଠାରୁ ଓ.ଏସ.ଆର.ଟି.ସିର ୫ ଗୋଟି ଭୋଲଭୋ ବସ୍ ଯୋଗେ ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା।ଏହି ଅବସରରେ ସ୍ଥାନୀୟ ବିଧାୟକ, ଜିଲ୍ଲାପାଳଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ଯାତ୍ରୀମାନଙ୍କୁ ଆଧ୍ୟାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀମାନେ ମଧ୍ୟ ଗସ୍ତ କରିଛନ୍ତି।ଯାତ୍ରା ପୂର୍ବରୁ ସକାଳେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସମସ୍ତ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦାରଧର ମହାଲିକ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ଶ୍ରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ, ଜିଲ୍ଲା ପରିବହନ ପରିଚାଳକ ଗୌରବ ଜେନା ଓ ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ମିନତୀ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ୬୩୧ କଇଁଛ ଜବତ, ଧରାପଡ଼ିଲେ ୭ ବ୍ୟବସାୟୀ



**ଏମ୍‌ଭି,୧୧।୩(ସଂଚାର ବ୍ୟୁରୋ):** ଆନ୍ଧ୍ରରୁ ମାଲକାନଗିରିକୁ ଏକ ବୋଲେରୋ ପିକ୍‌ଅପ୍ ଯୋଗେ କଇଁଛ ଚୋରା ଚାଲାଣ ବେଳେ ମୋଟୁ ବନ ବିଭାଗ ବୁଧବାର ଗାଡ଼ିକୁ ଅଟକାଇ ୬୩୧ କଇଁଛ ଜବତ କରିଛି। ସେଥିମଧ୍ୟରୁ ୭୦ଟି କଇଁଛ ମୃତ ଥିବା ଜଣାପଡ଼ିଛି। ଚୋରାଚାଲାଣରେ ସମ୍ପୃକ୍ତ ଥିବା ୭ ଜଣ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲାର ଅଶ୍ୱିନୀ କୁମାର, ଆଦିତ୍ୟ କୁମାର, ବୀରା କାବାସୀ, ସୁକୁମାର ତରଫଦାର, ଲକ୍ଷ୍ମନ ମାଡକାମୀଙ୍କ ସହ ପଡିଆ ଅଞ୍ଚଳର ଯୁଗଳ ଚନ୍ଦ୍ର ଦେ, ଏମ୍‌ଭି ୧୨୯ର ଗୋପାଳ ରାୟ । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇ ଥିବା ବନ ବିଭାଗ ସୂଚନା ଦିଆଯାଇଛି। ଆନ୍ଧ୍ରରୁ ମାଲକାନଗିରି କଇଁଛ ଚାଲାଣ ହେଉଥିବା କୌଣସି ସୂତ୍ରରୁ ମୋଟୁ ବନ ବିଭାଗ ଖବର ପାଇଥିଲା। ରେଞ୍ଜର ତନୁଜା କାର୍ତ୍ତିକଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ମୁରଲିଧର ଅନୁଗୁଳିଆ, ଫରେଷ୍ଟ ଗାର୍ଡ ବାପି ମାଝୀ, ବନିତା ଦଳେଇ, ବାସୁଦେବ ବାସ୍କର ଏବଂ ଜଗା ମାଡିଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଟିମ୍ ଜିଲାର ସୀମାନ୍ତ ମୋଟୁସ୍ଥିତ କାଲେରୁ ବ୍ରିଜ୍ ନିକଟରେ ଜଗି ରହିଥିଲେ। ଏହି ସମୟରେ ଆନ୍ଧ୍ର ଆଡୁ ଏକ ବୋଲେରୋ ପିକ୍‌ଅପ୍ ଦ୍ରୁତ ଗତିରେ ଆସୁଥିବାବେଳେ ସେମାନେ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ କଇଁଛ ଥିବା ଜଣାପଡ଼ିଥିଲା। ବୋଲେରୋ ପିକ୍‌ଅପ୍ ସହ ୨ଟି ମୋଟରସାଇକେଲ ଜବତ କରିବା ସହ ୭ ଅଭିଯୁକ୍ତଙ୍କୁ ଗିରଫକରି ଏମ୍‌ଭି ୭୯ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ।

### କେନ୍ଦୁଝରରେ କାମଚଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ୨୧ ଆବଶ୍ୟକ, ଅଛନ୍ତି ମାତ୍ର ୬ ଡାକ୍ତର

**କେନ୍ଦୁଝର,୧୧।୩(ସଂଚାର ବ୍ୟୁରୋ):** ଜିଲ୍ଲା ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ନାନା ସମସ୍ୟା ଦେଇ ଗତି କରୁଥିବା ବେଳେ ଡାକ୍ତର, ଫାର୍ମାସିଷ୍ଟ ଅଭାବରୁ ରୋଗୀସେବା ବିପର୍ଯ୍ୟନ୍ତ ହୋଇପଡିଛି। ମୋହନ ଚରଣ ମାଝୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାପରେ କେନ୍ଦୁଝର ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଧୁରିବ ବୋଲି ଆଶା କରାଯାଉଥିଲା। ମାତ୍ର ସେପରି କିଛି ହେଲାନି। ଓଡ଼ିଶାର ସର୍ବାଧିକ ରାଜସ୍ୱ ଦେଉଥିବା ଜିଲ୍ଲା ଆଜି ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ। ମାସେ କି ଦୁଇ ମାସ ନୁହେଁ, ଦୀର୍ଘ ବର୍ଷ ହେଲା କାମ ଚଳେଇବାକୁ ଚାଲିଛି କେନ୍ଦୁଝରର ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏହା ଉପରେ ହାଟଡିହି



ବ୍ଲକର ୮ ରୁ ୧୦ଟି ପଞ୍ଚାୟତର ଲୋକ ନିର୍ଭରଶୀଳ। କିନ୍ତୁ ଡାକ୍ତର ଓ କର୍ମଚାରୀ ଅଭାବ ପାଇଁ ଏଠାରେ ବିପର୍ଯ୍ୟସ୍ତ ଅବସ୍ଥାରେ ରୋଗୀ ସେବା। ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ପଦ ଖାଲି। ୨୧ ଜଣଙ୍କ ସ୍ଥାନରେ ଅଛନ୍ତି

**୮ ନର୍ସ ପଦରୁ ୭ ଖାଲି**

ମାତ୍ର ୬ ଜଣ ଡାକ୍ତର। ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଥିବାରୁ ଅଧିକାଂଶ ସମୟ ଅଫିସ ଓ ସରକାରୀ କାମରେ ବ୍ୟସ୍ତ ରହୁଛନ୍ତି। ୨୪ ଘଣ୍ଟିଆ ସେବା ପାଇଁ ୨ ଜଣ ଫାର୍ମାସିଷ୍ଟଙ୍କ ଆବଶ୍ୟକତା ଥିବା ବେଳେ ମାତ୍ର ଜଣେ ଫାର୍ମାସିଷ୍ଟ ଅଛନ୍ତି। ୮ଟି ଷ୍ଟାଫନର୍ସ ପଦରୁ ୭ଟି ଖାଲି। ଜଣେ ଷ୍ଟାଫ ନର୍ସରେ କାମ ଚାଲିଛି। ଫଳରେ ରୋଗୀ ଉପଯୁକ୍ତ ଚିକିତ୍ସା ପାଇପାରୁନାହାନ୍ତି। ୧୦ ବର୍ଷ ହେଲା ଜନସ୍ୱାସ୍ଥ୍ୟ ଅଧିକାରୀ, ପରିସଂଖ୍ୟାନ ସହାୟକ, ମହିଳା ପରିଦର୍ଶିକା ପଦ ଖାଲି ପଡ଼ିଥିବାରୁ ପିଲାଙ୍କୁ ଟିକା ଦିଆଯାଇପାରୁନି। ୨ ଜଣ ଏଲଟିଙ୍କ ସ୍ଥାନରେ ଜଣେ ଏଲଟି ଥିବାରୁ ରୋଗର ପରୀକ୍ଷା ଠିକ୍ ଭାବେ ହୋଇପାରୁନି। ସ୍ୱାସ୍ଥ୍ୟକେନ୍ଦ୍ରର ଏପରି ଅବ୍ୟବସ୍ଥା ପାଇଁ ଧୀରେଧୀରେ ଲୋକମାନେ ଏହା ଉପରୁ ଆସ୍ଥା ହରାଇବାରେ ଲାଗିଛନ୍ତି। ଖର୍ଚ୍ଚାନ୍ତ ହୋଇ ଦୂର ଦୁରାନ୍ତର ଡାକ୍ତରଖାନାକୁ ଯିବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## 'ଛାତ୍ରୀମାନେ ଶାରୀରିକ-ମାନସିକ ସ୍ତରରେ ସୁଦୃଢ଼ ହେବାକୁ ପଡିବ'




**ଭଞ୍ଜନଗର,୧୧।୩(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ୮ ଦିନ ବ୍ୟାପି ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ଏଥିରେ ଭଞ୍ଜନଗର ବିଡିଓ ଭାରତୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏଥିସହ ସେ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଉଭୟ ସ୍ତରରେ ସୁଦୃଢ଼ ହେବାକୁ ପଡିବ ବୋଲି କହିଥିଲେ। ଅଧ୍ୟକ୍ଷ ବିଭାସ ଦାସ ସଭାରେ ଅଧ୍ୟକ୍ଷତା କରିବା ସହ ସଭାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଡ ରବିନ୍ଦ୍ର କୁମାର ମିଶ୍ର, ଫିଜିକ୍ସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ରଥ, ଅଧ୍ୟାପିକା ସସ୍ମିତା କୁମାରୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବାଳିକା ଆତ୍ମରକ୍ଷା ତାଲିମ ଶିବିର ସଂଯୋଜିକା ସ୍ମରଣିକା ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍ମୃତିମୟୀ ପାତ୍ର, ପୂଜାରାଣି ସାଇଁ ତାଲିମଦାତା ଭାବେ ଯୋଗ ଦେଇଥିଲେ।

### ସବୁ କ୍ଷେତ୍ରରେ ବଲାଙ୍ଗିରକୁ ଅବହେଳା କରୁଛନ୍ତି ରାଜ୍ୟ ସରକାର- ନରସିଂହ

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସାଇନବୋର୍ଡ ପାଲଟିଛି

- ମହିଳା କଲେଜର ଯୁକ୍ତ ଦୁଇ ବିଜ୍ଞାନରେ ଜଣେ ବି ଶିକ୍ଷକ ନାହାନ୍ତି
- ସଂସ୍କୃତ ମହାବିଦ୍ୟାଳୟରେ ମାତ୍ର ଦୁଇ ଜଣ ଅଧ୍ୟାପକ ଅଛନ୍ତି

**ବଲାଙ୍ଗିର,୧୧।୩(ସଂଚାର ବ୍ୟୁରୋ):** ସରକାର ବଦଳିଛି ସତ କିନ୍ତୁ ବଲାଙ୍ଗିର ର ଭାଗ୍ୟ ଯେମିତିକୁ ସେମିତି। ଯଦି ଶିକ୍ଷା କ୍ଷେତ୍ରରେ ଦେଖାଯାଏ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ୧୨୬ ପଦବୀରୁ ୧୦୦ ପଦବୀ ଖାଲି ପଡ଼ିଛି। ଅଣଶିକ୍ଷକ ପଦବୀ ରେ ଜଣେ ବି ନାହାନ୍ତି। ମହିଳା ମହାବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ର ଅବସ୍ଥା ନ କହିଲେ ସରେ। ବିନା ଶିକ୍ଷକରେ ଏଠି ଅଧ୍ୟାପନା ଚାଲିଛି। ସଂସ୍କୃତି ମହାବିଦ୍ୟାଳୟ ଚାଲିଛି କେବଳ ଦୁଇ ଜଣ ଶିକ୍ଷକରେ। ଏଥିରୁ ବଲାଙ୍ଗିରବାସୀ ଅନୁମାନ କରନ୍ତୁ ଯେ ବଲାଙ୍ଗିର କୁ ରାଜ୍ୟ ସରକାର କେଉ ନଜରରେ ଦେଖୁଛନ୍ତି। ପୂର୍ବ ସରକାର ସମୟରେ ମଧ୍ୟ ଅବସ୍ଥା ଏପରି ଥିଲା। ବହୁତ ପ୍ରତିଶ୍ରୁତି ଦେଇ ବର୍ତ୍ତମାନର ସରକାର ଶାସନକୁ ଆସିଲା ପରେ ମଧ୍ୟ ବଲାଙ୍ଗିର ର ଅବସ୍ଥା ଯେମିତି ଅଛି। ତେଣୁ ମୁଁ



ତ କହିବି ପୂର୍ବ ବିଜେଡି ସରକାର ପରି ବର୍ତ୍ତମାନର ବିଜେପି ସରକାର ମଧ୍ୟ ବଲାଙ୍ଗିର ଜିଲ୍ଲାକୁ ସବୁ କ୍ଷେତ୍ରରେ ଅବହେଳା କରିବା ଜାରି ରଖିଛନ୍ତି ବୋଲି ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀ କରି କ୍ଷୋଭ ପ୍ରକାଶ କରିଛନ୍ତି। ସେ ସାମ୍ବାଦିକ ସମ୍ମିଳନୀରେ ଏହା ମଧ୍ୟ କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ ସାରା ରାଜ୍ୟରେ ଶିକ୍ଷକ, ଅଧ୍ୟାପକ ଅଭାବ ଜାରି ରହିଛି କିନ୍ତୁ ବଲାଙ୍ଗିର ମହିଳା ମହାବିଦ୍ୟାଳୟ ଏ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିଛି କାରଣ ଏଠିକାର ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ଆଜି ପର୍ଯ୍ୟନ୍ତ ଜଣେ ବି ଅଧ୍ୟାପକ ନାହାନ୍ତି ତଥାପି ଅଧ୍ୟାପନା ଚାଲିଛି ସେଥିରୁ ବଲାଙ୍ଗିରବାସୀ ବୁଝନ୍ତୁ ଯେ ସରକାରମାନେ ବର୍ତ୍ତମାନର ଜନପ୍ରତିନିଧିମାନେ ବଲାଙ୍ଗିରବାସୀଙ୍କୁ କିଭଳି ବ୍ୟବହାର କରୁଛନ୍ତି। ବିଶ୍ୱ ବିଦ୍ୟାଳୟରେ ମୁଖ୍ୟତଃ ଗବେଷଣା କାର୍ଯ୍ୟ କରାଯାଇଥାଏ କିନ୍ତୁ ଶିକ୍ଷକ ଅଣଶିକ୍ଷକ ପଦବୀ ଦେଖିଲେ ଜଣାଯାଏ ଯେ ଏଠି ଗବେଷଣା ତ ଦୂରର କଥା ଛାତ୍ରମାନଙ୍କ ପାଇଁ ଶିକ୍ଷାଗ୍ରହଣ କରିବା ବି ଆଗାମୀ ଦିନରେ ସ୍ୱପ୍ନ ହୋଇଯିବ। ବର୍ତ୍ତମାନର ସରକାର ନିର୍ବାଚନ ସମୟରେ ଅନେକ ପ୍ରତିଶ୍ରୁତି ଦେଇଥିଲେ। ଦେଓଗାଁ ଚିନି କଳ ଖୋଲାଯିବା ପାଇଁ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା କିନ୍ତୁ ସରକାର ଗଠନ ହେବା ଦୁଇ ବର୍ଷ ପାଖାପାଖି ହେବ ଏହି ଚିନିକଳ ପୁନଃ ପ୍ରଚଳନ ପାଇଁ କୌଣସି ସୁଖବର ଆସୁନାହିଁ। ପଚାରିଲେ ଉତ୍ତର ଆସୁଛି ପ୍ରକ୍ରିୟା ଚାଲିଛି। ଯଦି ଏଭଳି ପ୍ରକ୍ରିୟା ଚାଲୁ ରହେ ତେବେ ସରକାରର ସମୟ ସରିଯିବ କିନ୍ତୁ ଲୋକଙ୍କ ଆଶା ଦେଓଗାଁ ଚିନିକଳ ଆଶାରେ ହିଁ ରହିଯିବ ବୋଲି ସେ କହିଥିଲେ।

## ଚିତ୍ତରଞ୍ଜନଙ୍କୁ ଦିବ୍ୟାଙ୍ଗ ମିତ୍ର ପୁରସ୍କାର

**ନୂଆପଡ଼ା,୧୧।୩(ସଂଚାର ବ୍ୟୁରୋ):** ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମାସିକ ସମୀକ୍ଷା ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ବିଭାଗର ସମସ୍ତ ଯୋଜନା ଉପରେ ଆଲୋଚନା ପରେ ଜଣାପଡିଥିଲା ଯେ, ବର୍ତ୍ତମାନ ଜିଲାରେ ୧୧୦୯୪୯ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ, ବିଧବା ତଥା



ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ଚଳିତ ଆର୍ଥିକ ବର୍ଷରେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୬୧୪ ଜଣ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ଯୋଜନାରେ ୬୮ ଜଣ, ଭିନ୍ନକ୍ଷମ ଛାତ୍ରବୃତ୍ତି ଯୋଜନାରେ ୪୧ ଓ ବାଣୀଶ୍ରୀ ଛାତ୍ର ବୃତ୍ତି ଯୋଜନାରେ ୪୦୦ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବୈଠକରେ ଦିବ୍ୟାଙ୍ଗ ସହାୟତା ଅଭିଯାନ, ମଧୁବାବୁ ପେନସନ ଯୋଜନା, ଦିବ୍ୟାଙ୍ଗ ପେନ୍‌ସନ, ଜାତୀୟ ପରିବାର କଲ୍ୟାଣ ଯୋଜନା ଏବଂ ତୃତୀୟ ଲିଙ୍ଗୀଙ୍କ ପାଇଁ ସ୍ୱୀକୃତି ଯୋଜନାର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ଚିତ୍ତରଞ୍ଜନ ଦାଶଙ୍କୁ ଫେବୃଆରୀ ମାସ ପାଇଁ 'ଦିବ୍ୟାଙ୍ଗ ମିତ୍ର' ପୁରସ୍କାର ପ୍ରଦାନ କରାଯାଇଥିଲା। ଚିତ୍ତରଞ୍ଜନ ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ଅନେକ ଦିବ୍ୟାଙ୍ଗଙ୍କୁ ସେମାନଙ୍କ ଅଧିକାର ପ୍ରାପ୍ତ କରିବାରେ ସହାୟତା ଯୋଗାଇ ଦେଉଛନ୍ତି। ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାଛ ଧରିବା ନେଇ ଉପୁଜିଥିବା ବିବାଦ ଥମିଲା

**ପୁରୁଷୋତ୍ତମପୁର,୧୧।୩(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ରାଣୀଗାଁ କାନକାଟି ପୋଖରୀରୁ ମାଛ ଧରିବାକୁ କେନ୍ଦ୍ର କରି ଲାଗି ରହିଥିବା ବିବାଦର ଏକପ୍ରକାରର ଅନ୍ତ ଘଟିଛି। ଶେଷରେ ପୋଖରୀରେ ଜାଲପଡ଼ିଥିବା ବେଳେ ମାତ୍ର ୬୨୦ ଟଙ୍କା ଲାଭ ମିଳିଥିବା ଜାଣିବାକୁ ମିଳିଛି। ସୂଚନାଯୋଗ୍ୟ, ରାଣୀଗାଁରେ ପୋଖରୀ ନିଲାମ ଓ ମାଛ ଧରିବାକୁ ନେଇ ଗୁଣେଶ୍ୱର ମହିଳା ସଂଘ(ଏସ୍‌ଏଚ୍‌ଜି) ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଯାହାକି ଏହି ଘଟଣା ହାଇକୋର୍ଟଙ୍କ ପର୍ଯ୍ୟନ୍ତ ଯାଇଥିଲା। ଗତ ୬ ତାରିଖରେ ଏହାକୁ ନେଇ ଗ୍ରାମରେ ବିବାଦ ଉଗ୍ରରୂପ ନେଇଥିଲା। ଫଳରେ ତହସିଲଦାର ବିନୋଦ କୁମାର ବେହେରା, ଏସ୍‌ଡିପିଓ ସୁଜିତ କୁମାର ନାୟକ, ଆଇଆଇସି କୁଳମଣି ସେଠୀ ପୋଲିସ ଫୋର୍ସ ଗ୍ରାମରେ ପହଞ୍ଚି ସରପଞ୍ଚ ଏନ୍ ଭାସ୍କର ଦୋରା, ପଞ୍ଚାୟତ ନିର୍ବାହୀଅଧିକାରୀ ଏଲ ବାଡ଼ତ୍ୟାଙ୍କ ସମେତ ଉଭୟ ପକ୍ଷଙ୍କୁ ନେଇ ବୁଝାଶୁଝା କରି



ଶାନ୍ତିକମିଟି ଗଠନ କରିଥିଲେ। ଏଥିରେ ମହିଳା ସଂଘର ଖର୍ଚ୍ଚ ଓ ତଦାରଖର ୬୦ ହଜାର ଟଙ୍କା ସମେତ ଲାଭାଂଶର ୬୦ ପ୍ରତିଶତ ଦିଆଯିବା ସହ ୪୦ ପ୍ରତିଶତ ଗ୍ରାମରେ ଥିବା ମୁକ୍ତେଶ୍ୱର ମନ୍ଦିର ଉନ୍ନୟନ ଲାଗି ଦିଆଯିବା ନେଇ ସ୍ଥିର କରାଯାଇ ବୁଧବାର ମାଛ ଧରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହି ନିଷ୍ପତ୍ତି ଅନୁଯାୟୀ ପୋଲିସ, ପ୍ରଶାସନ ସହ ଉଭୟପକ୍ଷଙ୍କ ଉପସ୍ଥିତିରେ ପୋଖରୀରେ ଜାଲ ପକାଯାଇ ମାଛ ଧରାଯାଇଥିବା ବେଳେ ମାତ୍ର ୩୪୦ କେଜି ବଡ଼ ମାଛ ଯାହାର ମୂଲ୍ୟ ୫୭,୮୦୦ ଟଙ୍କା ଓ ୪୭ କେଜି ଛୋଟମାଛ ଯାହାର ମୂଲ୍ୟ ୨୮୨୦ ଟଙ୍କା ଯାହାକି ସମୁଦାୟ ୬୦,୬୨୦ ଟଙ୍କା।

## କୃଷି ଯୋଜନାର ସମୀକ୍ଷା ବୈଠକ

**ନୂଆପଡ଼ା,୧୧।୩(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରବି ଋତୁ ଫସଲ କାର୍ଯ୍ୟକ୍ରମ ଅନ୍ତର୍ଗତ ୧୨୨୩୦ ହେକ୍ଟର ଧାନ ଚାଷ ଲକ୍ଷ୍ୟ ଥିଲା ବେଳେ ୧୬୬୫୩ ହେକ୍ଟର ହାସଲ ହୋଇଛି। ଡିଜିଟାଲ କ୍ରପ ସର୍ଭେ ରେ ୭୨ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି। ବିଭିନ୍ନ ପ୍ରୋତ୍ସାହନ ବିତରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ପାଞ୍ଚଜଣ ପ୍ରଗତିଶୀଳ ଓ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ମୋହନପଦର ଗ୍ରାମର ଟିକେସୁନ୍ଦର ମାଝୀ, କଇନ୍ତପଦର ର ଉଗ୍ରସେନ ହେରଣା, ଡୁମେରଝରର ନିରଞ୍ଜନ ନିଆଲ, ବିଶ୍ୱନାଥପୁର ର ମାୟାଧର ପ୍ରଧାନ ଓ କୋଦୋମେରି ର ମଣୁଲାଲ ରାଉତ। ବୈଠକରେ ଜିଲ୍ଲା କୃଷି ଅଧିକାରୀ ସୋମନାଥ ମହାପାତ୍ର, ନୂଆପଡ଼ା ବ୍ଲକ କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ, ନୂଆପଡ଼ା ସହକାରୀ କୃଷି ଅଧିକାରୀ ବର୍ଷା ଆଜାଦ ଓ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅସ୍ଥାୟୀ ବସଷ୍ଟାଣ୍ଡ ବୁଲି ଦେଖିଲେ ଜିଲ୍ଲାପାଳ

## ସମସ୍ୟାର ସମାଧାନ ନେଇ ଅଧିକାରୀଙ୍କ ଉପରେ ବିରକ୍ତ

**ସୁବର୍ଣ୍ଣପୁର,୧୧।୩(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଡ଼. ନୃପାରାଜ୍ ସାହୁ ସକାଳ ୧୧ ଘଟିକା ସମୟରେ ରେ ଅସ୍ଥାୟୀ ବସଷ୍ଟାଣ୍ଡ ଅଚାନକ ପରିଦର୍ଶନ କରିଥିଲେ। ପି.ଏଚ.ଡି ଦେଇଥିବା ପାଣି ଟାଙ୍କିଟି ଦୁଇ ଦିନ ଧରି ଉଭାନ ହୋଇଯିବା ପରେ ଜନ ସାଧାରଣ ଓ ଯାତ୍ରୀଙ୍କ ପିଇବା ପାଣି ଅସୁବିଧା କଥା ଜିଲ୍ଲାପାଳଙ୍କ ନଜରକୁ ପହଞ୍ଚିଥିଲା। ଅସ୍ଥାୟୀ ବସଷ୍ଟାଣ୍ଡ ପରିଦର୍ଶନ ସମୟରେ



ଲୋକଙ୍କ ରହଣି ସ୍ଥାନ ନ ଥିବା ରୁ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖି ଜିଲ୍ଲାପାଳ ଶୀଘ୍ର ଏକ ରହଣି ସ୍ଥାନ ତିଆରି ପାଇଁ ସୋନପୁର ପୌର ନିର୍ବାହୀ ଅଧିକାରୀ ଋଷି ମାଝି ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁରୁଷ ଓ ମହିଳା ଶୌଚାଳୟ ତିଆରି ହୋଇ ସାରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଶୀଘ୍ର ଲୋକଙ୍କ ବ୍ୟବହାର ରେ କିପରି ଆସିବ ସେ ନେଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତ ରୁ ରକ୍ଷା ପାଇବା ପାଇଁ ଥଣ୍ଡା ପାଣିର ସୁବିଧା କିପରି ଶୀଘ୍ର ହୋଇପାରିବ ସେ ନେଇ ସୋନପୁର ଘରୋଇ ବସ ମାଲିକ ସଂଘ ସଭାପତି ଦୀପକ କୁମାର ମହାପାତ୍ର ଓ ସମ୍ପାଦକ ସୁଦର୍ଶନ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ଅସ୍ଥାୟୀ ବସଷ୍ଟାଣ୍ଡ ରେ ଥିବା ଉଠା ଦୋକାନୀ କେବଳ ୫ ଫୁଟ ଜାଗା ରଖି ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବାକି ଜାଗା ଖାଲି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୌର ପରିଷଦ ପକ୍ଷରୁ ଦିଆ ଯାଇଥିବା ଅଚଳ ପାଣି ଟେପ୍ କୁ ଦେଖି ଆହୁରି ବିରକ୍ତି ପ୍ରକାଶ କରିଥିଲେ ଓ ବିକାଶ କାର୍ଯ୍ୟ ରେ ସାଧାରଣ ଲୋକଙ୍କ ମୌଳିକ ସୁବିଧା ବା ଅଧିକାର ରେ ସେ ଯିଏ ବି ବ୍ୟାଘାତ ସୃଷ୍ଟି କରିବ ସେ ଜିଲ୍ଲା ପ୍ରଶାସନ, ସରକାର ଓ ଲୋକଙ୍କ ଶତ୍ରୁ ବୋଲି ଧରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଜନସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ କର୍ମଚାରୀ, ରାଜସ୍ୱ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ଗର୍ଭାଶୟ କ୍ୟାନ୍ସର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ବାରିପଦା,୧୧।୩(ସଂଚାର ବ୍ୟୁରୋ):** ଗର୍ଭାଶୟ କ୍ୟାନ୍ସର ସମ୍ପର୍କରେ ସଚେତନତାର ବାର୍ତ୍ତା ସାଇକଲିଂ ଯାତ୍ରା କରି ପ୍ରଚାର କରୁଛନ୍ତି ସମୀରା ଖାନ । ଏଥିପାଇଁ ଆନ୍ଧ୍ରପ୍ରଦେଶରୁ ସାଇକଲିଂ ଯାତ୍ରା ଆରମ୍ଭ କରି ବିଭିନ୍ନ ରାଜ୍ୟ ଅତିକ୍ରମ କରି ଆଜି ବାରିପଦାରେ ପହଞ୍ଚି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ସମ୍ମୁଖରେ ଏ ସମ୍ପର୍କିତ ବୈଠକରେ ଯୋଗଦାନ କରିଛନ୍ତି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମୀରା ଖାନ୍ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଏଭଳି ପ୍ରଚାର ଯାତ୍ରା ଜିଲ୍ଲାରେ ତଥା ବିଶେଷ ଭାବରେ ଗ୍ରାମାଞ୍ଚଳରେ ଗର୍ଭାଶୟ କ୍ୟାନ୍ସର ବିଷୟରେ ସଚେତନତା ବଢ଼ାଇବାରେ ସହାୟକ ହେବ ଏବଂ ମହିଳାମାନଙ୍କୁ ନିୟମିତ ସ୍କ୍ରିନିଂ ପାଇଁ ପ୍ରେରିତ କରିବ ବୋଲି ନିଜ ଅଭିଭାଷଣରେ ମତପ୍ରକାଶ କରିଛନ୍ତି । ସେହିପରି ଏଡିପିଏଚଓ (ଭିବିଡି) ଡ଼ ବିଜୟ କୁମାର ଦାସ ସଠିକ୍ ସମୟରେ ସ୍କ୍ରିନିଂ ଓ ସଚେତନତା ମାଧ୍ୟମରେ ଗର୍ଭାଶୟ କ୍ୟାନ୍ସରକୁ ପ୍ରତିରୋଧ କରିବା ସମ୍ଭବ ବୋଲି ପ୍ରକାଶ କରିଛନ୍ତି । ଏହା ସହ ବର୍ତ୍ତମାନ ୧୪ ବର୍ଷରୁ କମ୍ ସମସ୍ତ ବାଳିକାମାନଙ୍କ ପାଇଁ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ମାଗଣାରେ ଉପଲବ୍ଧ ହେଉଥିବା ସମ୍ପର୍କରେ ସୂଚାଇଥିଲେ । ସମୀରା ଖାନଙ୍କ ଏହି ସାଇକଲିଂ ଯାତ୍ରା ମହିଳା ସ୍ୱାସ୍ଥ୍ୟ ସୁରକ୍ଷା ଓ ଗର୍ଭାଶୟ କ୍ୟାନ୍ସର ବିରୋଧରେ ସଚେତନତା ବୃଦ୍ଧି ପାଇଁ ଏକ ପ୍ରେରଣାଦାୟୀ ପଦକ୍ଷେପ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମହିଳା ଦିବସ

**ସୁବର୍ଣ୍ଣପୁର,୧୧।୩(ସଂଚାର ବ୍ୟୁରୋ):** ସ୍ଥାନୀୟ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ



ସୁବର୍ଣ୍ଣପୁର ର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଧନୁର୍ଦ୍ଧର ସେନାପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ମହିଳା କୋର୍ଟ ବିଚାରପତି ବବିତା ପାତ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ଭାରପ୍ରାପ୍ତ ସଚିବ ପ୍ରଜ୍ଞା ପାରମିତା ପ୍ରତିହାରୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମିସ୍ ପ୍ରଣତି ରଥ, ସଦର ଉପ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା, କିଶୋର ନ୍ୟାୟ ବୋର୍ଡ଼ ର ସଦସ୍ୟ ରଂଜିତା ସାହୁ, ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ର ଉପ ସଭାପତି ପୁଷ୍ପାଞ୍ଜଳି ମେହେର ପ୍ରମୁଖ ଯୋଗ ଦେଇ ବିଶ୍ୱ ମହିଳା ଦିବସ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସଭାକୁ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ର ଶ୍ରଦ୍ଧାଞ୍ଜଳି ମିଶ୍ର ପରିଚାଳନା କରିଥିଲେ ।